# ଧରିତ୍ରୀ
DHARITRI

51 Years

ଭୁବନେଶ୍ୱର, ସୋମବାର, ଅକ୍ଟୋବର ୬/୨୦୨୫ (୧୪ ପୃଷ୍ଠା) | Bhubaneswar, Monday, October 6/2025 | Page 14 | ₹ 7.00

୫୧ଶ ଭାଗ ୩୧୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 310 | ମୂଲ୍ୟ ₹୭/-



DADLS-54



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ





ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ବିକଶିତ ନୂଆପଡ଼ା, ବିକଶିତ ଓଡ଼ିଶା

# ମୁଖ୍ୟମନ୍ତ୍ରୀ
# ଶ୍ରୀ ମୋହନ ଚରଣ ମାଝୀଙ୍କ
## କରକମଳରେ
# ନୂଆପଡ଼ା ଜିଲ୍ଲାରେ

## ₹ ୧୧୦୦ କୋଟିରୁ ଊର୍ଦ୍ଧ୍ୱ ୯୫୭ଟି ନୂତନ ପ୍ରକଳ୍ପର ଘୋଷଣା, ଭିତ୍ତିପ୍ରସ୍ତର ସ୍ଥାପନ ଓ ଶୁଭ ଉଦ୍‌ଘାଟନ

### ଗରିମାମୟ ଉପସ୍ଥିତି

**ଶ୍ରୀ ରବି ନାରାୟଣ ନାଏକ**
ମନ୍ତ୍ରୀ, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ
ପାନୀୟ ଜଳ

**ଡ. ମୁକେଶ ମହାଲିଙ୍ଗ**
ମନ୍ତ୍ରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ଏବଂ
ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା

**ଶ୍ରୀମତୀ ମାଳବିକା ଦେବୀ**
ସାଂସଦ, କଳାହାଣ୍ଡି

**ଶ୍ରୀ ସୁଜିତ କୁମାର**
ସାଂସଦ (ରାଜ୍ୟସଭା)

**ଶ୍ରୀ ଅଧିରାଜ ମୋହନ ପାଣିଗ୍ରାହୀ**
ବିଧାୟକ, ଖରିଆର

**ସ୍ଥାନ-ମିନି ଷ୍ଟାଡିୟମ୍, ନୂଆପଡ଼ା | ୦୬ ଅକ୍ଟୋବର ୨୦୨୫**

OIPR-15001/13/1212/2526

ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର



ବ୍ରିଟେନ୍‌ର ମାଞ୍ଚେଷ୍ଟରରେ ଗୁରୁବାର ଆତଙ୍କବାଦୀଙ୍କ ଛୁରାମାଡ଼ ଓ କାର୍ ଆକ୍ରମଣରେ ୨ ଜଣଙ୍କ ମୃତ୍ୟୁ ଘଟିଥିଲା। ମୃତକଙ୍କ ପରିବାର ପକ୍ଷରୁ ରବିବାର ସେମାନଙ୍କ ମରଶରୀରରେ ପୁଷ୍ପ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଦିଆଯାଉଛି।

# ନଭେମ୍ବର ୨୨ ପୂର୍ବରୁ ବିହାର ନିର୍ବାଚନ: ସିଇସି

## ୧୭ ନୂଆ ପଦକ୍ଷେପ ଲାଗୁ ହେବ

ପାଟନା,୫।୧୦

ନଭେମ୍ବର ୨୨ରେ ବିହାର ବିଧାନସଭା କାର୍ଯ୍ୟକାଳ ଶେଷ ହେବାକୁ ଥିବାବେଳେ ଏହା ପୂର୍ବରୁ ନିର୍ବାଚନ ଅନୁଷ୍ଠିତ ହେବ ବୋଲି ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଜ୍ଞାନେଶ କୁମାର ରବିବାର ସ୍ପଷ୍ଟ କରିଛନ୍ତି। ନିର୍ବାଚନ କମିଶନଙ୍କ ଦୁଇଦିନିଆ ବିହାର ଗସ୍ତ ପରେ ପାଟନାରେ ଏକ ଖବରଦାତା ସମ୍ମିଳନୀକୁ ଉଦ୍‌ବୋଧନ ଦେଇ ଜ୍ଞାନେଶ କହିଛନ୍ତି, ଆଗାମୀ ନିର୍ବାଚନରେ ଅନେକଗୁଡ଼ିକ ସଂସ୍କାର ଓ ଲଜିଷ୍ଟିକ୍ ପରିବର୍ତ୍ତନ କାର୍ଯ୍ୟକାରୀ ହେବାକୁ ଯାଉଛି। ବିହାରରେ ମୁକ୍ତ, ଅବାଧ ଓ ଠିକ୍ ସମୟରେ ନିର୍ବାଚନ ପାଇଁ ପ୍ରସ୍ତୁତିର ସବୁ ଦିଗକୁ ସମୀକ୍ଷା କରିବା ପରେ ନଭେମ୍ବର ୨୨ ପୂର୍ବରୁ ନିର୍ବାଚନ ଶେଷ ହେବ ବୋଲି ସିଇସି କହିଛନ୍ତି। ବିହାର ନିର୍ବାଚନରୁ ୧୭ଟି ନୂଆ ପଦକ୍ଷେପ କାର୍ଯ୍ୟକାରୀ ହେବାକୁ ଥିବାବେଳେ ପରେ ଏହା ସାରା ଦେଶରେ ଲାଗୁ କରାଯିବ।

ନୂଆ ପଦକ୍ଷେପ ମଧ୍ୟରେ ରହିଛି ପ୍ରତି ବୁଥ୍‌ରେ ଭୋଟର ସଂଖ୍ୟା ସୀମା ୧,୫୦୦ ରହିଥିବାବେଳେ ତାହାକୁ ୧,୨୦୦କୁ ହ୍ରାସ କରାଯିବ। ପୂର୍ବରୁ ମତଦାନର ଅନ୍ତିମ ସମୟରେ ବୁଥ୍ ନିକଟରେ ଲମ୍ବା ଧାଡ଼ି ଦେଖିବାକୁ ମିଳୁଥିଲା। ଭିଡ଼ କମାଇବା



ଜ୍ଞାନେଶ କୁମାର

ଏବଂ ପ୍ରତୀକ୍ଷା ସମୟ ହ୍ରାସ ପାଇଁ ବୁଥ୍ ପ୍ରତି ଭୋଟର ସଂଖ୍ୟା କମାଇବାକୁ ନିଷ୍ପତ୍ତି ନିଆଯାଇଥିବା ଜ୍ଞାନେଶ କହିଛନ୍ତି। ବିହାର ନିର୍ବାଚନରେ ମୋବାଇଲ୍ ଫୋନ୍ ଜମା କରିବା ସୁବିଧା ଆରମ୍ଭ ହେବ। ଭୋଟରମାନେ ବୁଥ୍‌ରେ ପ୍ରବେଶ ପୂର୍ବରୁ ବାହାରେ ସେମାନଙ୍କ ଫୋନ୍ ଜମା କରିବେ ଏବଂ ଭୋଟ ଦେଇସାରିବା ପରେ ତାହା ନେଇଯିବେ। ଭୋଟର ସୂଚନା ସ୍ଲିପ୍ (ଭିଆଇଏସ୍)ର ଡିଜାଇନରେ ପରିବର୍ତ୍ତନ କରାଯାଇଛି। କ୍ରମିକ ଓ ପାର୍ଟ ନମ୍ବର ଅକ୍ଷରକୁ ବଡ଼ କରାଯିବା ଫଳରେ ଭୋଟର ସହଜରେ ତାହା ପଢ଼ିପାରିବେ ଓ ପ୍ରୋସେସିଂ ସମୟ ହ୍ରାସ ପାଇବ।

# ହିମାଳୟ ପାଦଦେଶରେ ବିପର୍ଯ୍ୟୟ

**ପ୍ରକୃତି ସହ ଖେଳ ମଣିଷକୁ ମହଙ୍ଗା ପଡୁଛି। ଶିଳ୍ପାୟନ ଓ ସହରୀକରଣ ନାମରେ ଅବିଚାରିତ ଭାବେ ଜଙ୍ଗଲ ନଷ୍ଟ ସହ ସବୁଜଗୃହ ଉତ୍ସର୍ଜନଜନିତ ତାପମାତ୍ରା ବୃଦ୍ଧି ଅଦିନିଆ ବର୍ଷା, ଭୂସ୍ଖଳନ ଓ ବନ୍ୟା ଭଳି ବିପର୍ଯ୍ୟୟକୁ ନିମନ୍ତ୍ରଣ କରୁଛି। ଏଥିରେ ବହୁ ଧନଜୀବନ ହାନି ଘଟୁଛି। ଏହି କ୍ରମରେ ରବିବାର ମାଉଣ୍ଟ ଏଭରେଷ୍ଟର ତିବ୍ବତୀୟ କ୍ଷେତ୍ରରୁ ନେଇ ନେପାଳର ସହରାଞ୍ଚଳ ଓ ଭାରତର ଦାର୍ଜିଲିଂ ପର୍ଯ୍ୟନ୍ତ ପ୍ରକୃତିର କୋପ ଦେଖିବାକୁ ମିଳିଛି। ଏଭରେଷ୍ଟ ଗିରିଶୃଙ୍ଗର ତିବ୍ବତ ପାର୍ବତ୍ୟାଞ୍ଚଳରେ ହିମପାତ ଯୋଗୁ ରାସ୍ତାଘାଟ ଉପରେ ବରଫ ଜମି ରହିଥିବାରୁ ୧,୦୦୦ରୁ ଊର୍ଦ୍ଧ୍ୱ ଲୋକ ଫସିରହିଛନ୍ତି। ନେପାଳ ପୂର୍ବାଞ୍ଚଳରେ ବର୍ଷାବିପ୍ଳାତ ଓ ଭୂସ୍ଖଳନରେ ୬୩ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ପଶ୍ଚିମବଙ୍ଗର ଦାର୍ଜିଲିଂରେ ଲଗାଣବର୍ଷା ଯୋଗୁ ନଦୀଗୁଡ଼ିକ ଫୁଲିଉଠିଛି। ଦାର୍ଜିଲିଂରେ ଅନ୍ୟୂନ ୧୮ ଜଣଙ୍କ ମୃତ୍ୟୁ ଘଟିବା ସହ ହିମାଳୟ କ୍ଷେତ୍ରର ସିକିମ୍‌ଠାରୁ ଉତ୍ତର-ପଶ୍ଚିମବଙ୍ଗ ବିଚ୍ଛିନ୍ନ ହୋଇଯାଇଛି। ଭୁଟାନରେ ମଧ୍ୟ ଅନୁରୂପ ସ୍ଥିତି ଉପୁଜିବା ପରେ ଭାରତୀୟ ସେନାକୁ ସେଠାରେ ଉଦ୍ଧାର କାର୍ଯ୍ୟରେ ନିୟୋଜିତ କରାଯାଇଛି। ଏଭଳି ବିପତ୍ତି ପାଇଁ ପରିବେଶବିତ୍‌ମାନେ ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ଦାୟୀ କରିଛନ୍ତି। ଇତିମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦାର୍ଜିଲିଂ ମୃତ୍ୟୁକୁ ନେଇ ଶୋକବ୍ୟକ୍ତ କରିବା ସହ ପଡ଼ୋଶୀ ନେପାଳକୁ ସବୁ ପ୍ରକାର ମାନବୀୟ ସହାୟତା ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଜରୁରୀ ବୈଠକ ପରେ ଦାର୍ଜିଲିଂ ପାଇଁ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। ମମତା ସୋମବାର ସ୍ଥିତି ଅନୁଧ୍ୟାନ ପାଇଁ ଦାର୍ଜିଲିଂ କ୍ଷେତ୍ର ପରିଦର୍ଶନ କରିବେ ବୋଲି କହିଛନ୍ତି।**

## ବର୍ଷାବିପ୍ଳାତ, ଭୂସ୍ଖଳନ: ନେପାଳରେ ୬୩, ଦାର୍ଜିଲିଂରେ ୧୮ ମୃତ

ନୂଆଦିଲ୍ଲୀ/କାଠମାଣ୍ଡୁ/ସାଂଘାଇ/ଦାର୍ଜିଲିଂ,୫।୧୦(ପି.ଟି./ରଏଟର୍ସ)

ଦକ୍ଷିଣ ଏସିଆରେ ସାଧାରଣତଃ ଜୁନ୍‌ରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ମୌସୁମୀଜନିତ ବର୍ଷା ହୋଇଥାଏ। କିନ୍ତୁ ଜଳବାୟୁ ପରିବର୍ତ୍ତନ ଯୋଗୁ ଗତ କିଛିବର୍ଷ ହେଲା ମୌସୁମୀ ପରେ ମଧ୍ୟ ଲଗାତର ବର୍ଷା ହେଉଥିବାରୁ ବନ୍ୟା ଓ ଭୂସ୍ଖଳନ ଘଟି ବହୁ ଧନଜୀବନ ହାନି ହେଉଛି। ପଶ୍ଚିମବଙ୍ଗର ଉତ୍ତରଭାଗରେ ଥିବା ଦାର୍ଜିଲିଂରେ ବର୍ଷା ଓ ଭୂସ୍ଖଳନରେ ୨୦ ଜଣଙ୍କ ମୃତ୍ୟୁ ଘଟିଛି। ବିଶେଷକରି ମିରିକ୍ ଓ ସୁଖିଆ ପୋଖରୀରେ ବଡ଼ଧରଣର ଭୂସ୍ଖଳନ ଘଟିଛି। ବର୍ଷା ଲାଗିରହିଥିବାରୁ ସିକିମ୍ ସମେତ ଅନ୍ୟ ରୁଟ୍‌ଗୁଡ଼ିକୁ ଏହି ଅଞ୍ଚଳର ସଡ଼କପଥ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ଦାର୍ଜିଲିଂ ଓ ସିଲିଗୁଡ଼ିକୁ ସଂଯୋଗ କରୁଥିବା ରାସ୍ତା ଅବରୋଧ ହୋଇଯାଇଛି। ଦୁର୍ଗାପୂଜା ପରେ କୋଲକାତା ଓ ବିଭିନ୍ନ ଭାଗରୁ ଦାର୍ଜିଲିଂକୁ ଯାଇଥିବା ପର୍ଯ୍ୟଟକମାନେ ଫସିରହିଛନ୍ତି। ପୋଲିସ ଓ ସ୍ଥାନୀୟ ପ୍ରଶାସନ ଉଦ୍ଧାର କାର୍ଯ୍ୟ ଚଳାଇଛନ୍ତି। ସେହିପରି ଗୋର୍ଖାଲ୍ୟାଣ୍ଡ ଟେରିଟୋରିଆଲ ଆଡ୍‌ମିନିଷ୍ଟ୍ରେଶନ୍ ଦାର୍ଜିଲିଂର ଟାଇଗର ହିଲ୍ ଓ ରକ୍ ଗାର୍ଡେନ୍ ସମେତ ପର୍ଯ୍ୟଟନସ୍ଥଳଗୁଡ଼ିକୁ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛି। ଟୟ ଟ୍ରେନ୍ ସେବାକୁ ମଧ୍ୟ ବନ୍ଦ କରାଯାଇଛି। ସ୍ଥାନୀୟ ଲୋକ ଓ ପର୍ଯ୍ୟଟକମାନଙ୍କୁ ସତର୍କ ରହିବା ପାଇଁ ପ୍ରଶାସନ ପରାମର୍ଶ ଦେଇଛି। ଫସିରହିଥିବା ଲୋକଙ୍କୁ ସହାୟତା ପାଇଁ ଦାର୍ଜିଲିଂ ପୋଲିସ କଣ୍ଟ୍ରୋଲ ରୁମ୍‌ରେ ହଟ୍‌ଲାଇନ ନମ୍ବର ୯୧୪୭୮୮୯୦୭୮ ଖୋଲିଛି। ୧୨ ଘଣ୍ଟା ଭିତରେ ୩୦୦ ମି.ମି. ବର୍ଷା ରେକର୍ଡ କରାଯାଇଛି। ୭ ତାରିଖ ପର୍ଯ୍ୟନ୍ତ ଘଡ଼ଘଡ଼ି ସହ ବର୍ଷା ଲାଗିରହିବ ଏବଂ ପବନର ବେଗ ବଢ଼ିବ ବୋଲି ପାଣିପାଗ ବିଭାଗ ସତର୍କ କରାଇଛି। ଅନେକ ସ୍ଥାନରେ ବନ୍ୟାଜଳରେ ବ୍ରିଜ୍‌ଗୁଡ଼ିକ ଧୋଇହୋଇଯାଇଛି। ସ୍ଥିତି ସମୀକ୍ଷା ପାଇଁ ସୋମବାର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଦାର୍ଜିଲିଂ ପରିଦର୍ଶନରେ ଯିବେ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ଆହତଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦାର୍ଜିଲିଂରେ ୨୦ ଜଣଙ୍କ ମୃତ୍ୟୁକୁ ନେଇ ଶୋକବ୍ୟକ୍ତ କରିବା ସହ କେନ୍ଦ୍ର ସରକାର ପ୍ରଭାବିତ ଲୋକଙ୍କୁ ଯଥାସମ୍ଭବ ସହାୟତା ଯୋଗାଇଦେବାକୁ ପ୍ରତିଶ୍ରୁତିବଦ୍ଧ ବୋଲି କହିଛନ୍ତି। କେନ୍ଦ୍ର ସରକାର ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆର୍‌ଏଫ୍) ଯବାନଙ୍କୁ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟରେ ନିୟୋଜିତ କରିଛନ୍ତି। ଆବଶ୍ୟକ ହେଲେ ଅଧିକ ଟିମ୍ ପଠାଯିବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା Xରେ ସୂଚନା ଦେଇଛନ୍ତି।

ପ୍ରକୃତିର କରାଳ ରୂପ ପଡ଼ୋଶୀ ନେପାଳରେ ମଧ୍ୟ ଦେଖିବାକୁ ମିଳିଛି। ଦେଶର ପୂର୍ବଭାଗରେ ଶନିବାର ରାତିରୁ ଲାଗିରହିଥିବା ବର୍ଷା ଯୋଗୁ ଅନେକ ସ୍ଥାନରେ ଭୂସ୍ଖଳନ ଘଟିଛି। ଏଥିରେ ୬୩ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଥିବା ସଶସ୍ତ୍ର ପୋଲିସ ବଳ (ଏପିଏଫ୍) ମୁଖପାତ୍ର କାଳିଦାସ ଧଉବାଜୀ ସୂଚନା ଦେଇଛନ୍ତି। ଦେଉମାଲୀ ଓ ମାଇଜୋଗମାଇ ପୌରପାଳିକା ଏବଂ ସଣ୍ଡାକପୁର ରୁରାଲରେ ଅଧିକ ପ୍ରାଣହାନି ଘଟିଥିବା ମ୍ୟୁନିସିପାଲିଟିରେ ନ୍ୟାଶନାଲ ଡିଜାଷ୍ଟର ରିସ୍କ୍ ରିଡକ୍ସନ ଅଥରିଟି (ଏନ୍‌ଡିଆର୍‌ଆର୍‌ଏମ୍‌ଏ) ପକ୍ଷରୁ କୁହାଯାଇଛି। ପଞ୍ଚଥାର ଜିଲାରେ ବ୍ରିଜ୍ ଭୁଶୁଡ଼ିପଡ଼ିବାରୁ ଦୁର୍ଘଟଣାରେ ୬ ଜଣଙ୍କ ମୃତ୍ୟୁ ଘଟିଛି। ବାଗ୍‌ମତି ଓ ପୂର୍ବ ରାପ୍ତି ନଦୀ ଅବବାହିକାରେ ବସବାସ କରୁଥିବା ଲୋକଙ୍କ ପାଇଁ ରେଡ୍ ଆଲର୍ଟ ଜାରି କରାଯାଇଛି। ବନ୍ୟାରେ ଅନେକ ଲୋକ ନିଖୋଜ ହୋଇଯାଇଛନ୍ତି। ଉଦ୍ଧାର କାର୍ଯ୍ୟରେ ନେପାଳୀ ସେନା, ନେପାଳ ପୋଲିସ ଏବଂ ଏପିଏଫ୍ ଯବାନଙ୍କୁ ନିୟୋଜିତ କରାଯାଇଛି। ନେପାଳକୁ ଯାହା ସହାୟତା ଆବଶ୍ୟକ ଭାରତ ଯୋଗାଇଦେବ ବୋଲି ପ୍ରଧାନମନ୍ତ୍ରୀ ମୋଦି ପ୍ରତିଶ୍ରୁତି ଦେଇଛନ୍ତି।



ଦାର୍ଜିଲିଂର ଦୁଧିଆ ବ୍ରିଜ୍ ବନ୍ୟା ପାଣିରେ ଧୋଇ ହୋଇଯାଇଛି।

### ଏଭରେଷ୍ଟରେ ଫସିଛନ୍ତି ୧,୦୦୦ ପର୍ଯ୍ୟଟକ

**ସାଂଘାଇ, ୫।୧୦(ରଏଟର୍ସ):** ମାଉଣ୍ଟ ଏଭରେଷ୍ଟର ତିବ୍ବତୀୟ କ୍ଷେତ୍ରରେ ଶୁକ୍ରବାର ରାତିରୁ ବରଫଝଡ଼ ଲାଗି ରହିଥିବାରୁ ୪,୯୦୦ କି.ମି. ଉଚ୍ଚରେ ୧,୦୦୦ରୁ ଊର୍ଦ୍ଧ୍ୱ ପର୍ଯ୍ୟଟକ ଫସିରହିଛନ୍ତି। ସମ୍ପୃକ୍ତ ଅଞ୍ଚଳକୁ ଯିବା ପାଇଁ ଉଦ୍ଦିଷ୍ଟ ଟିକେଟ ବିକ୍ରିକୁ ଶନିବାର ରାତିରୁ ବନ୍ଦ କରାଯାଇଥିବା ଟିଙ୍ଗରି କାଉଣ୍ଟି ଟୁରିଜମ୍ କମ୍ପାନୀ ସୂଚନା ଦେଇଛି। ଚାଇନାରେ ମମ୍‌ତୋ ଝଡ଼ ଲ୍ୟାଣ୍ଡଫଲ କରିବା ପୂର୍ବରୁ ଗୁଆଙ୍ଗଡୋଙ୍ଗ୍ ଓ ହନିଆନ୍ ପ୍ରଦେଶରୁ ୩,୪୭,୦୦୦ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ରବିବାର ସକାଳେ ଏହି ଟାଇଫୁନ୍ ପ୍ରଭାବରେ ୧୫୧ କି.ମି. ବେଗରେ ପବନ ବହିଥିବା ଚାଇନାର ଜାତୀୟ ପାଣିପାଗ କେନ୍ଦ୍ର ସୂଚନା ଦେଇଛି। ଅପରାହ୍ନରେ ଏହା ଗୁଆଙ୍ଗଡୋଙ୍ଗ୍‌ର ଝାଞ୍ଜିଆଙ୍ଗ୍‌ରେ ସ୍ଥଳଭାଗ ଛୁଇଁଥିଲା। ଏହାର ପ୍ରଭାବରେ ୨୫୦ ମି.ମି. ବର୍ଷା ରେକର୍ଡ କରାଯାଇଛି।

# ମଧ୍ୟପ୍ରଦେଶରେ କଫ୍ ସିରପ୍ ମୃତ୍ୟୁସଂଖ୍ୟା ୧୪

## ଡାକ୍ତର ଗିରଫ, ଉତ୍ପାଦନକାରୀ କମ୍ପାନୀ ବିରୋଧରେ ମାମଲା

ଭୋପାଳ/ଛିନ୍ଦୱାଡ଼ା,୫।୧୦

ମଧ୍ୟପ୍ରଦେଶର ଛିନ୍ଦୱାଡ଼ାରେ ବିଷାକ୍ତ କଫ୍ ସିରପ୍ ସେବନଜନିତ ଶିଶୁ ମୃତ୍ୟୁସଂଖ୍ୟା ରବିବାର ୧୪ରେ ପହଞ୍ଚିଥିବାବେଳେ ପୋଲିସ ଇତିମଧ୍ୟରେ ଜଣେ ଡାକ୍ତରଙ୍କୁ ଗିରଫ କରିଛି। ଏଥିସହିତ କଫ ସିରପ୍ ଉତ୍ପାଦନକାରୀ କମ୍ପାନୀ ବିରୋଧରେ ମାମଲା ରୁଜୁ କରାଯାଇଛି। ମଧ୍ୟପ୍ରଦେଶ ସରକାର କୋଲ୍ଡ୍ରିଫ୍ କଫ୍ ସିରପ୍ ବିକ୍ରି ଉପରେ ନିଷେଧାଦେଶ ଲଗାଇଛନ୍ତି। ସିରପ୍ ନମୁନାରେ ଅତ୍ୟଧିକ ବିଷାକ୍ତ ଉପାଦାନ ରହିଥିବା ପରୀକ୍ଷାରୁ ଜଣାପଡ଼ିଛି। ମୃତ ଶିଶୁଙ୍କ ମଧ୍ୟରୁ ୧୧ ଜଣ ପାରାସିଆ ସବ୍‌ଡିଭିଜନର ହୋଇଥିବାବେଳେ ୨ ଜଣ ଛିନ୍ଦୱାଡ଼ା ସହରରୁ ଏବଂ ଜଣେ ଚୌରାଇ ତହସିଲ୍‌ରୁ ଅଛନ୍ତି। ସେମାନଙ୍କ ମୃତ୍ୟୁ ପାଇଁ କୋଲ୍ଡ୍ରିଫ୍ ଉତ୍ପାଦନକାରୀ ତାମିଲନାଡୁ କାଞ୍ଚିପୁରମ୍‌ର ସ୍ରେସନ ଫାର୍ମାସ୍ୟୁଟିକାଲ୍‌କୁ ଦାୟୀ କରାଯାଇଛି। କମ୍ପାନୀ ସମେତ ଡ. ପ୍ରବୀଣ ସୋନିଙ୍କ ନାମରେ ପାରାସିଆ ଥାନାରେ ମାମଲା ରୁଜୁ ହୋଇଛି। ସରକାରୀ ଡାକ୍ତର ସୋନି ଘରୋଇ କ୍ଲିନିକ୍‌ରେ ରୋଗୀ ଦେଖିବା ସହ କୋଲ୍ଡ୍ରିଫ୍ ସିରପ୍ ଲେଖିଥିଲେ।

# ଯୌତୁକ ପାଇଁ ଗର୍ଭବତୀ ମହିଳାଙ୍କୁ ପିଟି ହତ୍ୟା

ମୈନପୁରୀ, ୫।୧୦

ଉତ୍ତରପ୍ରଦେଶର ମୈନପୁରୀ ଜିଲା ଗୋପାଳପୁର ଗ୍ରାମରେ ୫ ଲକ୍ଷ ଟଙ୍କାର ଯୌତୁକ ପାଇଁ ୨୧ ବର୍ଷୀୟା ଗର୍ଭବତୀ ରଜନୀ କୁମାରୀଙ୍କୁ ତାଙ୍କ ସ୍ୱାମୀ ସଚିନ ଓ ଶ୍ୱଶୁର ଘର ଲୋକେ ପିଟି ହତ୍ୟା କରିଛନ୍ତି। ଗତ ଏପ୍ରିଲରେ ରଜନୀଙ୍କ ବିବାହ ସଚିନଙ୍କ ସହ ହୋଇଥିଲା। ସଚିନ ତାଙ୍କ ଭାଇ ପ୍ରାଂଶୁ, ସହବାଗ ଏବଂ ତାଙ୍କ ସମ୍ପର୍କୀୟ ଅତିରିକ୍ତ ଯୌତୁକ ପାଇଁ ରଜନୀଙ୍କ ଉପରେ ଚାପ ପକାଇବା ସହ ତାଙ୍କୁ ନିର୍ଯାତନା ଦେଇ ଆସୁଥିଲେ।

# 'ଆଧାର କେବଳ ପରିଚୟ ପ୍ରମାଣ'

ପାଟନା,୫।୧୦

ବିହାରରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ପରେ ଆଗାମୀ ଦିନରେ ସାରା ଦେଶରେ ଏଭଳି ସଂଶୋଧନ ହେବାକୁ ଯାଉଛି। ଏଥିପାଇଁ ଆଧାର କାର୍ଡକୁ ବିଚାରକୁ ନିଆଯିବ କି ବୋଲି ଏକ ପ୍ରଶ୍ନର ଉତ୍ତରରେ ମୁଖ୍ୟ ନିର୍ବାଚନ କମିଶନ (ସିଇସି) ଜ୍ଞାନେଶ କୁମାର କହିଛନ୍ତି, ଜନପ୍ରତିନିଧି ଆଇନ, ୧୯୫୦ ଏବଂ ଆଧାର ଅଧିନିୟମ ଅନୁଯାୟୀ ଆଧାରକୁ ନାଗରିକତ୍ୱ ପ୍ରମାଣ ଭାବେ ବିବେଚନା କରାଯାଇପାରିବ ନାହିଁ। ପାଟନାରେ ଖବରଦାତା ସମ୍ମିଳନୀରେ ଜ୍ଞାନେଶ କହିଛନ୍ତି, ସୁପ୍ରିମକୋର୍ଟଙ୍କ ରାୟ ଏବଂ ଆଧାର ଅଧିନିୟମ ଅନୁଯାୟୀ,ଉକ୍ତ ଦସ୍ତାବିଜ୍‌କୁ ଜନ୍ମପ୍ରମାଣ, ବାସସ୍ଥାନ ପ୍ରମାଣ କିମ୍ବା ନାଗରିକତ୍ୱ ପ୍ରମାଣ ଭାବେ ଗ୍ରହଣ କରାଯାଇପାରିବ ନାହିଁ। ଜନପ୍ରତିନିଧି ଆଇନର ଧାରା ୨୬ ଏବଂ ଆଧାର ଆକ୍ଟ ଅନୁଯାୟୀ, ଆଧାର ନମ୍ବର ପ୍ରଦାନ କରିବା ବାଧ୍ୟତାମୂଳକ ନୁହେଁ, ଏହା ଇଚ୍ଛାଧୀନ। ଏହା ଆଧାର ନମ୍ବରଧାରୀଙ୍କ ଉପରେ ନିର୍ଭର କରେ ବୋଲି ସିଇସି ସ୍ପଷ୍ଟ କରିଦେଇଛନ୍ତି।

# ପହଲଗାମ୍ ଆତଙ୍କବାଦୀଙ୍କୁ ସାହାଯ୍ୟ କରିଥିବା ବ୍ୟକ୍ତି ଗିରଫ

ଶ୍ରୀନଗର, ୫।୧୦ (ପି.ଟି.)

ପହଲଗାମ୍ ଆକ୍ରମଣ ମାମଲାରେ ଜମ୍ମୁ-କଶ୍ମୀର ପୋଲିସ ରବିବାର ଓଭର ଗ୍ରାଉଣ୍ଡ ୱାର୍କର ମହମ୍ମଦ ୟୁସୁଫ କଟାରୀ (୨୬)ଙ୍କୁ ଗିରଫ କରିଛି। ଆକ୍ରମଣ ଭିଆଇଥିବା ୩ ଆତଙ୍କବାଦୀ ସୁଲିଏମାନ ଓରଫ୍ ଆସିଫ୍, ଜିବରାନ୍ ଏବଂ ହମଜା ଆଫଗାନିଙ୍କୁ କଟାରୀ ବିଭିନ୍ନ ଅତ୍ୟାବଶ୍ୟକ ଏବଂ ପରିବହନ ସହାୟତା ଯୋଗାଇଥିଲେ। ଶ୍ରୀନଗର ନିକଟ ଜବରୱାନ ପାହାଡ଼ରେ ଉକ୍ତ ୩ ଆତଙ୍କବାଦୀଙ୍କୁ କଟାରୀ ୪ ଥର ଭେଟିଥିଲେ। ସେ ଆତଙ୍କବାଦୀମାନଙ୍କୁ ଏକ ଆଣ୍ଡ୍ରୋଏଡ୍ ଫୋନ୍ ଚାର୍ଜର ଦେଇଥିଲେ।

# ବର୍ମିଂହାମ୍ ଯାଉଥିବା ଏୟାର ଇଣ୍ଡିଆ ବିମାନରେ ଆର୍‌ଏଟି ବ୍ୟବହାର

## ସବୁ ବୋଇଂ ୭୮୭ ବିଦ୍ୟୁତ୍ ବ୍ୟବସ୍ଥାର ତଦନ୍ତ ପାଇଁ ପାଇଲଟ୍ ସଂଘର ନିବେଦନ

ମୁମ୍ବାଇ,୫।୧୦(ପି.ଟି.)

ଅମୃତସରରୁ ଶନିବାର ବର୍ମିଂହାମ୍ ଯାଉଥିବା ଏୟାର ଇଣ୍ଡିଆର ବୋଇଂ ୭୮୭ ବିମାନ ଉଡ଼ାଣର ଶେଷ ପର୍ଯ୍ୟାୟରେ ରାମ୍ ଏୟାର ଟର୍ବାଇନ୍ (ଆର୍‌ଏଟି) ବ୍ୟବହାର କରିବାକୁ ପଡ଼ିଥିଲା। ଯେତେବେଳେ ବିମାନର ଦ୍ୱୈତ ଇଞ୍ଜିନ୍ ଅକାମୀ ହୋଇଯାଏ କିମ୍ବା ସମ୍ପୂର୍ଣ୍ଣ ଇଲେକ୍ଟ୍ରୋନିକ୍ କିମ୍ବା ହାଇଡ୍ରାଉଲିକ୍ ବିଫଳ ହୁଏ ଆର୍‌ଏଟି ସ୍ୱତଃ ବ୍ୟବହୃତ ହୋଇଥାଏ। ଏହା ବାୟୁ ବେଗରୁ ଜରୁରୀ ବିଦ୍ୟୁତ୍ ଉତ୍ପାଦନ କରିଥାଏ। ବିମାନ ବର୍ମିଂହାମ୍ ଏୟାରପୋର୍ଟରେ ଅବତରଣ କରିବା ପରେ ଅନୁଧ୍ୟାନ ପାଇଁ ରଖାଯାଇଥିବାରୁ ବର୍ମିଂହାମ୍‌ରୁ ଦିଲ୍ଲୀ ବିମାନକୁ ବାତିଲ କରାଯାଇଛି। ଏହି ଘଟଣା ପରେ ଦେଶରେ ଚଳାଚଳ କରୁଥିବା ସମସ୍ତ ବୋଇଂ ୭୮୭ ବିମାନର ବିଦ୍ୟୁତ୍ ବ୍ୟବସ୍ଥାର ଉପଯୁକ୍ତ ଯାଞ୍ଚ ଓ ତଦନ୍ତ କରାଯିବାକୁ ଭାରତୀୟ ପାଇଲଟ୍ ମହାସଂଘ (ଏଫ୍‌ଆଇପି) ରବିବାର ଡିଜିସିଏକୁ ନିବେଦନ କରିଛି।

ଟାଟା ଗ୍ରୁପ୍ ମାଲିକାନାରେ ଥିବା ଏୟାର ଇଣ୍ଡିଆ ପକ୍ଷରୁ ଏକ ବିବୃତିରେ କୁହାଯାଇଛି, ଅମୃତସରରୁ ବର୍ମିଂହାମ୍ ଯାଉଥିବା ଏଆଇ୧୧୭ ବିମାନର କ୍ରିଉ ସଦସ୍ୟମାନେ ଉଡ଼ାଣର ଶେଷ ପର୍ଯ୍ୟାୟରେ ଆର୍‌ଏଟି ବ୍ୟବହାର ହୋଇଥିବା ଦେଖିବାକୁ ପାଇଥିଲେ। ତେବେ ସମସ୍ତ ବୈଦ୍ୟୁତିକ ଏବଂ ହାଇଡ୍ରାଉଲିକ୍ ପାରାମିଟର ସ୍ୱାଭାବିକ ଥିଲା ଏବଂ ବିମାନଟି ବର୍ମିଂହାମ୍‌ରେ ନିରାପଦରେ ଅବତରଣ କରିଛି। ଯାତ୍ରୀମାନଙ୍କ ରହିବା ପାଇଁ ବିକଳ୍ପ ବ୍ୟବସ୍ଥା କରାଯାଇଥିବା ଏୟାର ଇଣ୍ଡିଆ କହିଛି।

# ଇସ୍ରାଏଲ୍‌ରେ ଗ୍ରେଟା ଥନ୍‌ବର୍ଗ ଗିରଫ

## ଚୁଟି ଧରି ଘୋଷାଡ଼ିଲେ, ସଂକ୍ରମିତ ସେଲ୍‌ରେ ରଖିଲେ

ଜେରୁଜେଲମ୍,୫।୧୦

ସୁଇଡେନ୍‌ର ଜଳବାୟୁ କର୍ମୀ ଗ୍ରେଟା ଥନ୍‌ବର୍ଗଙ୍କୁ ଇସ୍ରାଏଲ୍‌ରେ ଗିରଫ କରାଯିବା ସହ ତାଙ୍କୁ ନିର୍ଯାତନା ଦିଆଯାଇଥିବା ଅଭିଯୋଗ ହୋଇଛି। ଗ୍ରେଟା ଓ ତାଙ୍କ ସହଯୋଗୀମାନେ ଏକ ବୋଟ୍‌ରେ ସହାୟତା ସାମଗ୍ରୀ ନେଇ ଗାଜା ଯାଇଥିଲେ। ସେମାନେ ସେଠାରୁ ତୁର୍କୀ ଅଭିମୁଖେ ବାହାରୁଥିବାବେଳେ ଇସ୍ରାଏଲ ସୈନ୍ୟ ଗ୍ରେଟା ଓ ଅନ୍ୟମାନଙ୍କୁ ଅଟକ ରଖିଥିଲେ। ଇସ୍ରାଏଲୀ ସୈନ୍ୟ ବୋଟ୍‌ଗୁଡ଼ିକୁ ଯାଞ୍ଚ କରିବା ସହ ୪୩୭ ଜଣ ଆକ୍ଟିଭିଷ୍ଟ, ସାଂସଦ ଓ ଆଇନଜୀବୀଙ୍କୁ ଗିରଫ କରିଛନ୍ତି। ସେମାନେ ଗ୍ରେଟାଙ୍କୁ ସଂକ୍ରମିତ ସେଲ୍‌ରେ ରଖିବା ସହ ଚୁଟିଧରି ଘୋଷାଡ଼ିଥିଲେ ଓ ଇସ୍ରାଏଲୀ ପତାକା ପିନ୍ଧିବାକୁ ବାଧ କରିଥିଲେ। ସେମାନଙ୍କ ଖାଦ୍ୟ ଏବଂ ଔଷଧକୁ ସୈନ୍ୟମାନେ ଜବତ କରିଛନ୍ତି। ମାଲେସିଆର ୨ ଜଣ ଆକ୍ଟିଭିଷ୍ଟ କହିଛନ୍ତି, ଇସ୍ରାଏଲ୍ ସୈନ୍ୟମାନେ ସେମାନଙ୍କୁ ପଶୁ ଭଳି ବ୍ୟବହାର କରିଥିଲେ। ଗ୍ରେଟାଙ୍କୁ ସୈନ୍ୟମାନେ ଠେଲାପେଲା କରିବା ସହ ଇସ୍ରାଏଲୀ ପତାକା ପିନ୍ଧିବାକୁ ବାଧ କରିଥିଲେ। ଅଟକ କର୍ମୀମାନଙ୍କୁ ସ୍ୱଚ୍ଛ ଖାଦ୍ୟ ଓ ପାଣି ଦିଆଯାଇ ନ ଥିଲା ବୋଲି ଅଭିଯୋଗ ହୋଇଛି।



ଧରିତ୍ରୀ 51 Years
DHARITRI
ଭୁବନେଶ୍ୱର, ସୋମବାର, ଅକ୍ଟୋବର ୬/୨୦୨୫ | Bhubaneswar, Monday, October 6/2025 | ପୃଷ୍ଠା-୧



## ବାପା ହେଲେ ଅର୍‌ବାଜ୍

ଅଭିନେତା ତଥା ଫିଲ୍ମ ନିର୍ମାତା ଅର୍‌ବାଜ୍ ଖାନ୍ ରବିବାର ବାପା ହୋଇଛନ୍ତି। ତାଙ୍କ ସ୍ତ୍ରୀ ଶୁରା ଖାନ୍ ମୁମ୍ବାଇର ହିନ୍ଦୁଜା ହସ୍ପିଟାଲରେ ଜଣେ ଶିଶୁ କନ୍ୟାକୁ ଜନ୍ମ ଦେଇଛନ୍ତି। ୦୨

୧୦

## ରସେଲ ଜିତିଲେ ସିଙ୍ଗାପୁର ଗ୍ରାଁ ପ୍ରି

ସିଙ୍ଗାପୁର ଫର୍ମୁଲା ୱାନ ଗ୍ରାଁ ପ୍ରି ମୋଟର ରେସ୍‌ରେ ବିଜୟୀ ହୋଇଛନ୍ତି ମର୍ସିଡିଜ୍‌ର ୟୁନାଇଟେଡ କିଙ୍ଗଡମ୍ ଡ୍ରାଇଭର ଜର୍ଜ ରସେଲ ।



# କଟକରେ ପୋଡ଼ାଜଳା, ଭଙ୍ଗାରୁଜା, କର୍ଫ୍ୟୁ

## ସହରରେ ୨୪ ଘଣ୍ଟା ଇଣ୍ଟରନେଟ୍ ସେବା ବାତିଲ, ସୋସିଆଲ ମିଡିଆ କଟକଣା

କଟକ ସହରର ଦରଘାବଜାର ଦେଇ ଶୁକ୍ରବାର ରାତିରେ ଦୁର୍ଗାମେଢ଼ ଭସାଣି ଶୋଭାଯାତ୍ରା ଯାଉଥିବା ସମୟରେ ଜୟ ଶ୍ରୀରାମ ଧ୍ୱନିକୁ ନେଇ ଏକ ନିର୍ଦ୍ଦିଷ୍ଟ ଦିଗରୁ ପଥର, କାଚବୋତଲ ମାଡ଼ ହୋଇଥିଲା। ଏଥିରେ ଅନେକ ଆହତ ହୋଇଥିବାବେଳେ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀର ଲୋକେ ଶୋଭାଯାତ୍ରାରେ ଶ୍ରୀରାମଙ୍କ ସଙ୍ଗୀତକୁ ବିରୋଧ କରିଥିଲେ। ଏହାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟି ଉତ୍ତେଜନା ଦେଖାଦେଇଛି। ଘଟଣାର ପ୍ରତିବାଦରେ ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ସୋମବାର କଟକ ବନ୍ଦ ଡାକରା ଦିଆଯାଇଥିବାବେଳେ ରବିବାର ବିଭିନ୍ନ ସଙ୍ଗଠନ ପକ୍ଷରୁ ଶୋଭାଯାତ୍ରା କରାଯାଇଛି। ଏହି ସମୟରେ ଦରଘାବଜାର ଓ ନିକଟସ୍ଥ ଅଞ୍ଚଳର କେତେକ ସ୍ଥାନରେ ଜଳାପୋଡ଼ା ଏବଂ ଭଙ୍ଗାରୁଜା ହୋଇଛି। ଏପରିକି ଗାଡ଼ିମୋଟର, ଦୋକାନ ଭଙ୍ଗାରୁଜା ହେବାସହ ପୋଲିସ ଉପରକୁ ଢେଲାମାଡ଼ କରାଯାଇଛି। ଉତ୍ତେଜନାକୁ ଦୃଷ୍ଟିରେ ରଖି ସରକାର ଦରଘା ବଜାର ସମେତ ସହରର ୧୩ଟି ଥାନା ଅଞ୍ଚଳରେ ରବିବାର ରାତି ୧୦ରୁ ୩୬ ଘଣ୍ଟା ଯାଏ କର୍ଫ୍ୟୁ ଲଗାଯାଇଛି। ସେହିପରି ସହର ଓ ଉପକଣ୍ଠରେ ସୋସିଆଲ ମିଡିଆ ଉପରେ କଟକଣା ଲଗାଇଛନ୍ତି। ରବିବାର ସନ୍ଧ୍ୟା ୭ଟାରୁ ସୋମବାର ସନ୍ଧ୍ୟା ୭ଟା ଯାଏ ଏହି କଟକଣା ବଳବତ୍ତର ରହିବ। ଏହି ସମୟରେ ହ୍ୱାଟ୍ସଆପ୍, ଫେସ୍‌ବୁକ୍, ଏକ୍ସ, ଇନ୍‌ଷ୍ଟାଗ୍ରାମ୍, ସ୍ନାପ୍‌ଚାଟ୍ ଆଦି ଇଣ୍ଟରନେଟ୍ ସେବା ବନ୍ଦ ରହିବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମସ୍ତଙ୍କୁ ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ନିବେଦନ କରିଛନ୍ତି। ଏହାସହ କଟକରେ କ୍ୟାମ୍ପ କରି ରହିବାକୁ ଡିଜିପିଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। କୌଣସି ପ୍ରକାର ଅପ୍ରୀତିକର ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିବାକୁ ଡିଜିପିଙ୍କୁ କୁହାଯାଇଛି। ସ୍ଥିତି ନିୟନ୍ତ୍ରଣ ପାଇଁ ପୋଲିସ କମିଶନର ୩ଟି ସ୍ପେଶାଲ ଟିମ୍ ଗଠନ କରିଛନ୍ତି।



### ଭସାଣିବେଳେ ପଥର ମାଡ଼ରୁ ଉତ୍ତେଜନା

ଦରଘାବଜାରସ୍ଥିତ ଗୌରୀଶଙ୍କର ପାର୍କ ନିକଟରେ ଥିବା ଠେଲାଗାଡ଼ିଗୁଡ଼ିକରେ ବିକ୍ଷୋଭକାରୀମାନେ ନିଆଁ ଲଗାଇ ଦେଇଛନ୍ତି।

- ଆଜି ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ କଟକ ବନ୍ଦ ଡାକରା
- ବିଶୃଙ୍ଖଳାକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ
- କ୍ୟାମ୍ପ କରି ରହିବେ ଡିଜିପି, ସ୍ଥିତି ଉପରେ ରଖିବେ ନଜର

କଟକ,୫।୧୦ (କାର୍ତ୍ତିକ ସାହୁ)

ଦଶହରା ଭସାଣି ସମୟରେ ଶୁକ୍ରବାର ରାତିରେ ଘଟିଥିବା ଗଣ୍ଡଗୋଳରୁ କଟକ ସହର ଅଶାନ୍ତ ହୋଇପଡ଼ିଛି। ଏହାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ସୃଷ୍ଟି ହୋଇଥିବା ଉତ୍ତେଜନା ଥମିବାର ନାଁ ଧରୁନାହିଁ। ଗଣ୍ଡଗୋଳରେ ସାମିଲ ଉଭୟ ଗୋଷ୍ଠୀ ମଧ୍ୟରେ ଚାପା ଉତ୍ତେଜନା ଲାଗି ରହିଛି। ଲୋକମାନେ ପୋଲିସ ପ୍ରଶାସନ ଉପରେ ବିଦ୍ରୋହୀ ହୋଇଉଠିଛନ୍ତି। ସେମାନଙ୍କ ଅସନ୍ତୋଷର ପ୍ରତିଫଳନ ରବିବାର ଦରଘାବଜାର ଥାନା ଅଞ୍ଚଳରେ ଦେଖିବାକୁ ମିଳିଛି। ସେମାନେ ପୋଲିସ ଉପସ୍ଥିତିରେ କେତେକ ଦୋକାନ ଓ ଗାଡ଼ି ଭଙ୍ଗାରୁଜା କରିବା ସହ ରାସ୍ତାରେ ଜଳାପୋଡ଼ା କରିଛନ୍ତି। ଏହି ସମୟରେ ପୋଲିସ୍ ଓ ଲୋକଙ୍କ ମଧ୍ୟରେ ଧସ୍ତାଧସ୍ତି ଦେଖିବାକୁ ମିଳିଛି। ଏଥିରେ ୨୫ ପୋଲିସ କର୍ମଚାରୀ ଆହତ ହୋଇଥିବା ଜଣାପଡ଼ିଛି। ସ୍ଥିତି ନିୟନ୍ତ୍ରଣ ପାଇଁ ଦରଘାବଜାର ଅଞ୍ଚଳକୁ ପୋଲିସ ସିଲ୍ କରିଦେଇଛି। ଅପରପକ୍ଷରେ ସୋମବାର ବିଶ୍ୱ ହିନ୍ଦୁ ପରିଷଦ କଟକ ବନ୍ଦ ଡାକରା ଦେଇଛି। ରିପୋର୍ଟ ପ୍ରସ୍ତୁତି ବେଳକୁ ଅର୍ଥାତ୍ ରବିବାର ରାତି ୯ଟା ସମୟରେ ସହରରେ ସ୍ଥିତି ନିୟନ୍ତ୍ରଣାଧୀନ ଥିବାବେଳେ କୌଣସି ମୁହୂର୍ତ୍ତରେ କିଛି ବି ଅଘଟଣ ଘଟିପାରେ ବୋଲି ପୋଲିସ ଆଶଙ୍କା କରୁଛି। ତେଣୁ ଦରଘାବଜାର, ମଙ୍ଗଳାବାଗ, ଲାଲବାଗ, ବିଡ଼ାନାସୀ, କ୍ୟାଣ୍ଟନମେଣ୍ଟ, ପୁରୀଘାଟ, ମାଲଗୋଦାମ, ବାଦାମବାଡ଼ି, ସିଡିଏ ଫେଜ୍୨, ଜଗତପୁର, ବୟାଳିଶୀ ମୌଜା, ମର୍କତନଗର ଏବଂ ସଦର ଥାନା ଅଞ୍ଚଳରେ ମଙ୍ଗଳବାର ସକାଳ ୧୦ଟା ପର୍ଯ୍ୟନ୍ତ କର୍ଫ୍ୟୁ ଲାଗୁ ହୋଇଛି। ଏହି ସମୟରେ ସରକାରୀ କାର୍ଯ୍ୟାଳୟ, ଅତ୍ୟାବଶ୍ୟକ ଜରୁରୀସେବା ଚାଲୁ ରହିବ। ଉପଦ୍ରବକାରୀଙ୍କୁ ବରଦାସ୍ତ କରାଯିବନାହିଁ। ଉପଦ୍ରବ କରିବାମାତ୍ରେ ବଳପ୍ରୟୋଗ କରାଯିବ। ଆବଶ୍ୟକସ୍ଥଳେ କର୍ଫ୍ୟୁ ସମୟକୁ ବୃଦ୍ଧି କରାଯାଇପାରେ ବୋଲି କମିଶନର ଏସ୍.ଦେବଦତ୍ତ ସିଂ କହିଛନ୍ତି। ଗଣ୍ଡଗୋଳ ଅଞ୍ଚଳ ଦରଘାବଜାର ସମେତ ଅନ୍ୟାନ୍ୟ ଅଞ୍ଚଳରେ ବ୍ୟାପକ ☞ପୃଷ୍ଠା-୨

## ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିବେଦନ

ଭୁବନେଶ୍ୱର,୫।୧୦ (ରବିନାରାୟଣ ଜେନା)

କଟକ ଦୁର୍ଗାପୂଜା ଭସାଣି ବେଳେ ସୃଷ୍ଟ ବିବାଦ ଏବଂ ଏହାକୁ ନେଇ ଗତ ଦୁଇଦିନ ଧରି ସହରରେ ଲାଗି ରହିଥିବା ଉତ୍ତେଜନା ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିବା ସହିତ ସମସ୍ତଙ୍କୁ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ପାଇଁ ନିବେଦନ କରିଛନ୍ତି। ରବିବାର ମୁଖ୍ୟମନ୍ତ୍ରୀ କହିଛନ୍ତି,କଟକ ସହର ହେଉଛି ହଜାର ବର୍ଷର ସହର। ଭାଇଚାରାର ଅନନ୍ୟ ନିଦର୍ଶନ ହେଉଛି କଟକ ସହର। କିନ୍ତୁ ଗତ କିଛିଦିନ ଧରି କେତେକ ବିଶୃଙ୍ଖଳାକାରୀଙ୍କ ଯୋଗୁ ସହରରେ ଶାନ୍ତି ଭଙ୍ଗ ହୋଇଛି ଏବଂ ସାଧାରଣ ଲୋକଙ୍କ ଜୀବନଯାତ୍ରାରେ ବ୍ୟାଘାତ ସୃଷ୍ଟି ହେଉଛି। ଏହିଭଳି ବିଶୃଙ୍ଖଳାକାରୀଙ୍କ ଉପରେ ସରକାରଙ୍କ ନଜର ରହିଛି ଏବଂ ସେମାନଙ୍କ ଉପରେ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ମୁଖ୍ୟମନ୍ତ୍ରୀ କହିଛନ୍ତି, ସହରର ଐତିହ୍ୟକୁ ଆହୁରି ଆଗକୁ ନେବା ପାଇଁ ସମସ୍ତେ ମିଳିମିଶି ଶାନ୍ତି ଶୃଙ୍ଖଳାର ସହିତ ଆଗକୁ ବଢ଼ନ୍ତୁ । ସହରର ଗୌରବକୁ ଅକ୍ଷୁଣ୍ଣ ରଖିବା ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।



ମୋହନ ଚରଣ ମାଝୀ

# ଆଜି ପାଳନ ହେବ କୁମାର ପୂର୍ଣ୍ଣିମା

### ଦ୍ୱନ୍ଦ୍ୱ ଦୂର କଲେ ଜ୍ୟୋତିର୍ବିଦ୍

ଭୁବନେଶ୍ୱର, ୫।୧୦ (ବନ୍ଦନା ସେଠୀ)

ଚଳିତବର୍ଷ କୁମାର ପୂର୍ଣ୍ଣିମା କେଉଁଦିନ ପାଳନ ହେବ ତାହାକୁ ନେଇ ପାଞ୍ଜି ଓ କ୍ୟାଲେଣ୍ଡରରେ ଭିନ୍ନ ତାରିଖ ଥିବାରୁ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ସାଧାରଣତଃ କୁମାରପୂର୍ଣ୍ଣମୀ ଓ ଗଜଲକ୍ଷ୍ମୀ ପୂଜା ଗୋଟିଏ ଦିନରେ ପଡ଼ିଥାଏ। ମାତ୍ର ଏବର୍ଷ ପାଞ୍ଜିରେ କୁମାର ପୂର୍ଣ୍ଣମୀ ବା ଆଶ୍ୱିନ ପୂର୍ଣ୍ଣମୀ ତିଥି ୬ ତାରିଖ ଅର୍ଥାତ୍ ସୋମବାର ମଧ୍ୟାହ୍ନ ୧୨ଟା ୨୪ ମିନିଟ୍‌ରୁ ଆରମ୍ଭ ହୋଇ ମଙ୍ଗଳବାର ସକାଳ ୯ଟା ୨୪ ପର୍ଯ୍ୟନ୍ତ ରହୁଛି। ମାତ୍ର କ୍ୟାଲେଣ୍ଡରରେ ୭ ତାରିଖକୁ ପୂର୍ଣ୍ଣମୀ ଭାବେ ଦର୍ଶାଯାଇଛି ଏବଂ ସେହିଦିନ ସରକାରୀ ଛୁଟି ଘୋଷଣା ମଧ୍ୟ ହୋଇଛି। ତେବେ ଏହି ଦ୍ୱନ୍ଦ୍ୱ ଭିତରେ ସୋମବାର କୁମାର ପୂର୍ଣ୍ଣିମା ପାଳନ ଉପରେ ଜ୍ୟୋତିର୍ବିଦ୍‌ମାନେ ଗୁରୁତ୍ୱ ଦେଇଛନ୍ତି। ଜ୍ୟୋତିର୍ବିଦ୍ ହରିଶଙ୍କର ମିଶ୍ର କହିଛନ୍ତି, ସାମନ୍ତ ଚନ୍ଦ୍ରଶେଖର ପଞ୍ଜିକା, ଅସଲି ଖଡ଼ିରତ୍ନ ପଞ୍ଜିକା, ଭାଗ୍ୟଜ୍ୟୋତି ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ** ବିଷାକ୍ତ ଔଷଧ

# ଆଇଆଇଟି ଭୁବନେଶ୍ୱରରେ ନମୋ ସେମିକଣ୍ଡକ୍ଟର ଲାବ୍‌କୁ କେନ୍ଦ୍ରର ମଞ୍ଜୁରୀ

ଭୁବନେଶ୍ୱର,୫।୧୦

ଆଇଆଇଟି ଭୁବନେଶ୍ୱରରେ ନମୋ ସେମିକଣ୍ଡକ୍ଟର ଲାବୋରେଟୋରିକୁ କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଏହି ପ୍ରକଳ୍ପରେ ୪.୯୫ କୋଟି ଟଙ୍କା ବ୍ୟୟ ହେବାକୁ ଥିବାବେଳେ ଏମ୍‌ପିଲାଡ୍ ଯୋଜନାରେ ଏହି ପାଣ୍ଠି ଯୋଗାଇ ଦିଆଯିବ। ଶିଳ୍ପପ୍ରସ୍ତୁତି ଦକ୍ଷତା ଥିବା ଯୁବବର୍ଗ ଓ ଯୋଗ୍ୟ ପ୍ରାର୍ଥୀମାନଙ୍କ ଡାଟାବେସ୍‌କୁ ଏହି ଲାବୋରେଟୋରିର ଅବଦାନ ରହିବ। ଲାବ୍ ସ୍ଥାପନ ଫଳରେ ଆଇଆଇଟି ଭୁବନେଶ୍ୱର ସେମିକଣ୍ଡକ୍ଟର ଗବେଷଣା ଏବଂ ଦକ୍ଷତା ବିକାଶର ହବ୍‌ରେ ପରିଣତ ହେବ। ଦେଶରେ ଚିପ୍ ଉତ୍ପାଦନ ଏବଂ ପ୍ୟାକେଜିଂ ୟୁନିଟ୍ ସ୍ଥାପନ ପାଇଁ ଏହି ଲାବ୍ ଦକ୍ଷତା ବିକାଶ କରିବ। ମେକ୍ ଇନ୍ ଇଣ୍ଡିଆ ଏବଂ ଡିଜାଇନ୍ ଇନ୍ ଇଣ୍ଡିଆ ଇନିସିଏଟିଭ୍‌କୁ ଏହା ଆହୁରି ଆଗେଇ ନେବ। ଦେଶର ଦ୍ରୁତ ଅଭିବୃଦ୍ଧି କରୁଥିବା ସେମିକଣ୍ଡକ୍ଟର ଇକୋସିଷ୍ଟମ୍ ପାଇଁ ଏହା ଉତ୍ପ୍ରେରକ ଭାବେ କାର୍ଯ୍ୟ କରିବ। ବିଶ୍ୱର ଚିପ୍ ଡିଜାଇନ୍ ଟ୍ୟାଲେଣ୍ଟର ୨୦ ପ୍ରତିଶତ ଭାରତରେ ରହିଛନ୍ତି। ଇଣ୍ଡିଆ ସେମିକଣ୍ଡକ୍ଟର ମିଶନ (ଆଇଏସ୍‌ଏମ୍) ଅଧୀନରେ ଓଡ଼ିଶାରେ ୨ଟି ସେମିକଣ୍ଡକ୍ଟର ପ୍ରକଳ୍ପକୁ ନିକଟରେ ଅନୁମୋଦନ ମିଳିଛି। ସେଥିରୁ ଗୋଟିଏ ସିଲିକନ୍ କାର୍ବାଇଡ୍ ଆଧାରିତ କମ୍ପାଉଣ୍ଡ ସେମିକଣ୍ଡକ୍ଟର କାରଖାନା ହୋଇଥିବାବେଳେ ଦ୍ୱିତୀୟଟି ଅତ୍ୟାଧୁନିକ ☞ପୃଷ୍ଠା-୨





# ହଣ୍ଡାରେ ନଦୀ ପାର ହେଲେ ଛାତ୍ରୀଛାତ୍ର

## ଡୁମ୍ବୁରିଗାଟାକୁ ରାସ୍ତା, ପୋଲ ନାହିଁ

ଫୁଲବାଣୀ, ୫।୧୦ (ରାକେଶ କୁମାର ରାଉତ)

କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ ସଲାଗୁଡା ପଞ୍ଚାୟତ ଡୁମ୍ବୁରିଗାଟା ଗ୍ରାମ ଏବେ ବି ବିଚ୍ଛିନ୍ନାଞ୍ଚଳ ଭଳି ରହିଛି । ଗ୍ରାମକୁ ରାସ୍ତା ନାହିଁ। ଲୋକେ ନଦୀ ପାର ହୋଇ ଯା'ଆସ କରୁଛନ୍ତି। ଦୀର୍ଘବର୍ଷ ହେଲା ଗ୍ରାମବାସୀ ବାଘ ନଦୀ ଉପରେ ପୋଲ ନିର୍ମାଣ ପାଇଁ ଦାବି କରିଆସୁଥିଲେ ମଧ୍ୟ କେହି ସେମାନଙ୍କ କଥା ଶୁଣୁନାହାନ୍ତି। ତେଣୁ ବର୍ଷାଦିନ ଆସିଲେ ବହୁ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଗ୍ରାମର ପିଲାମାନେ ସଲାଗୁଡା ସେବାଶ୍ରମରେ ପଢ଼ୁଛନ୍ତି। ଦଶହରା ଛୁଟି ସରିବା ପରେ ସ୍କୁଲ ଖୋଲିବା ପୂର୍ବରୁ ରବିବାର ୭ ଜଣ ଛାତ୍ରୀଛାତ୍ର ବିପଦପୂର୍ଣ୍ଣ ଭାବେ ହଣ୍ଡା (ଡିସ୍)ରେ ବସି ନଦୀ ପାର ହେଉଥିବା ଦେଖାଯାଇଛି।

ସଲାଗୁଡା ପଞ୍ଚାୟତର ଦୁର୍ଗମ ଗ୍ରାମ ହେଉଛି ଡୁମ୍ବୁରିଗାଟା। ଏଠାରେ ୧୭ଟି ପରିବାର ବସବାସ କରୁଛନ୍ତି। ଗ୍ରାମରୁ ଜଙ୍ଗଲ ପାହାଡ ଦେଇ ୧୦ କିମି ଚାଲିକି ଗଲେ ଲୁଇସିଂ ଗ୍ରାମ ପଡ଼େ। ସେଠାରୁ ପଞ୍ଚାୟତ କାର୍ଯ୍ୟାଳୟ ଯିବାକୁ ହୁଏ। ଜଙ୍ଗଲ ମଧ୍ୟରେ ସବୁବେଳେ ଯିବା ସମ୍ଭବ ହେଉ ନ ଥିବାରୁ ଲୋକେ ବାଘ ନଦୀ ପାର ହୋଇ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇଥାନ୍ତି। ସେହିପରି ଗ୍ରାମକୁ ପାନୀୟ ଜଳର ସୁବିଧା ହୋଇପାରିନି। ବିଦ୍ୟୁତ୍ ନାହିଁ। ଗ୍ରାମର ଲୋକେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଓ ପଞ୍ଚାୟତ କାର୍ଯ୍ୟାଳୟକୁ ଚାଉଳ ଏବଂ ଭତ୍ତା ନେବା ପାଇଁ ବାଘ ନଦୀ ପାରି ହୋଇ ଆସୁଛନ୍ତି। ବୃଦ୍ଧାବୃଦ୍ଧ ବର୍ଷାଦିନରେ ଆସି ପାରୁନାହାନ୍ତି। ବହୁ ଦାବି ପରେ ବି ପୋଲ ନିର୍ମାଣ ପାଇଁ କେହି ଶୁଣୁ ନ ଥିବାରୁ ଗ୍ରାମବାସୀ ଦୁଃଖ ପ୍ରକାଶ କରିଛନ୍ତି। ☞ପୃଷ୍ଠା-୨



ଜଣେ ଛାତ୍ରୀ ବିପଦପୂର୍ଣ୍ଣ ଭାବେ ନଦୀ ପାର ହେଉଛନ୍ତି।

# ଆଜି କ’ଣ କେଉଁଠି

## ଭୁବନେଶ୍ୱର
- ସିଆଇଟିୟୁ ଖୋର୍ଦ୍ଧା ଜିଲା କମିଟି ପକ୍ଷରୁ ଧାରଣା, ସ୍ଥାନ: ମାଷ୍ଟର କ୍ୟାଣ୍ଟିନ୍ ଛକ, ସମୟ: ପୂର୍ବାହ୍ନ ୧୦ଟା ୩୦।
- କେନ୍ଦ୍ରିୟ ଶ୍ରମିକ ସଂଗଠନ ପକ୍ଷରୁ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ଘେରାଉ, ସ୍ଥାନ: ଶ୍ରମ ଆୟୁକ୍ତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଉତ୍କଳ ଡ୍ୟାନ୍ସ ଆଣ୍ଡ ରିସର୍ଚ୍ଚ ଏକାଡ଼େମୀ ପକ୍ଷରୁ ୨୨ତମ କୁମାର ଉତ୍ସବ ୨୦୨୫ କାର୍ଯ୍ୟକ୍ରମ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ଅପରାହ୍ନ ୫ଟା।
- ଚାନ୍ଦମାମା ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ୯ମ ବାର୍ଷିକ କୁମାର ଉତ୍ସବ ୨୦୨୫, ସ୍ଥାନ: ଗାନ୍ଧୀ ଚଉତରା, ଗଡ଼ ପାତ୍ରପଡ଼ା, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର,ସ୍ଥାନ:ଅଭିଯୋଗ ଶୁଣାଣି ପ୍ରକୋଷ୍ଠ, ଜିଲାପାଳଙ୍କ କାର୍ଯ୍ୟାଳୟ, ବାଲେଶ୍ୱର,ସମୟ:ପୂର୍ବାହ୍ନ ୧୦ଟା।
- ବିଜୟା ଦଶମୀ ପଥ ସଞ୍ଚଳନ,ସ୍ଥାନ:ମାନସିଂବଜାର ରାଧାକୃଷ୍ଣ ମନ୍ଦିର, ବାଲେଶ୍ୱର, ସମୟ:ଅପରାହ୍ନ ୫ଟା ୪୫।

## ଭଦ୍ରକ
- ନଣ୍ଡା ବାବାଙ୍କ ୧୨୨ତମ ଜନ୍ମ ଉତ୍ସବ ଓ ଅଖଣ୍ଡ ନାମ ଯଜ୍ଞର ୪୭ବର୍ଷ ପୂର୍ତ୍ତି ଉତ୍ସବ, ସ୍ଥାନ: ପଞ୍ଚୁଟିକ୍ରି ମହାନନ୍ଦ ସେବାଶ୍ରମ, ଚାନ୍ଦବାଲି, ସମୟ: ସକାଳ ୮ଟା।
- ଭଦ୍ରକ ଟିପ୍ପର ଓ ଟ୍ରକ୍ ମାଲିକ ସଂଘର ଧାରଣା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସାମ୍ନା, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ବୈତରଣୀ ମହୋତ୍ସବ ଉପଲକ୍ଷେ ପ୍ରସ୍ତୁତି ବୈଠକ, ସ୍ଥାନ: ନୂଆ ବସ୍‌ଷ୍ଟାଣ୍ଡ ସାମ୍ନା ଅନନ୍ୟା ସାଂସ୍କୃତିକ ପ୍ରତିଷ୍ଠାନ, ଚାନ୍ଦବାଲି, ସମୟ: ଅପରାହ୍ନ ୪ଟା।

## କେନ୍ଦୁଝର
- ଶରତ ପୂର୍ଣ୍ଣିମା ଅବସରରେ ଦାଣ୍ଡିଆ ନୃତ୍ୟ, ସ୍ଥାନ: ଗୁଜୁରାଟି ସନାତନ ସମାଜ, ବଡ଼ବିଲ, ସମୟ : ରାତି ୯ଟା।
- କୁମାର ଉତ୍ସବ କମିଟି ତରଫରୁ ୫୬ତମ ଗଜଲକ୍ଷ୍ମୀ ପୂଜା, ସ୍ଥାନ: ଆନନ୍ଦେଶ୍ୱର୍ ଶିବ ମନ୍ଦିର ପ୍ରାଙ୍ଗଣ ଲକ୍ଷ୍ମୀ ମଣ୍ଡପ, ପାଟଣା, ସମୟ: ଅପରାହ୍ନ ୪ ଟା।

## ମୟୂରଭଞ୍ଜ
- ପ୍ରିମିୟର ଲିଗ କ୍ରିକେଟ ଟୁର୍ନାମେଣ୍ଟ ପ୍ରସ୍ତୁତି ବୈଠକ,ସ୍ଥାନ: ବୈରାଟପୁର-କିରିକିଚିଆ ଯୁବକ ସଂଘ ସଭାଗୃହ, ଉଦଳା,ସମୟ:ଅପରାହ୍ନ ୪ଟା।
- ଫୁଲ ବଉଳବେଣୀ ସାଂସ୍କୃତିକ କାର୍ଯ୍ୟକ୍ରମ,ସ୍ଥାନ:ଡିହିରାକୁଳ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ଉଦଳା,ସମୟ:ସନ୍ଧ୍ୟା ୬ଟା ୩୦।

## ବ୍ରହ୍ମପୁର
- ଗଜଲକ୍ଷ୍ମୀ ପୂଜା, ସ୍ଥାନ: ବିବେକାନନ୍ଦ ବିହାର, ରାମନଗର ୭ମ ଲାଇନ, ସମୟ: ସକାଳ: ୯ଟା।
- କାଲୁଆ ଯାତ୍ରା, ସ୍ଥାନ: ଗୋଷାଣିନୂଆଗାଁ, ସମୟ: ରାତି ୧୨ଟା।

## ଗଞ୍ଜାମ
- ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ କଳସ ଯାତ୍ରା, ସ୍ଥାନ: ଗୋବରା ମୁଖ୍ୟ ସଡ଼କ, ବେଲଗୁଣ୍ଠା,ସମୟ: ସକାଳ ୭ଟା ୩୦।
- ଗଜଲକ୍ଷ୍ମୀ ପୂଜା ଉତ୍ସବ, ସ୍ଥାନ: ଆସିକା ତାଲୁକା ଛକ କଲ୍ୟାଣ ମଣ୍ଡପ, ସମୟ: ସକାଳ ୮ଟା୩୦।
- ଗ୍ରାମ ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ଦିଗପହଣ୍ଡି ବ୍ଲକ ବମକେଇ ପଞ୍ଚାୟତ କାର୍ଯ୍ୟାଳୟ,ସମୟ: ପୂର୍ବାହ୍ନ ୧୦ଟା।

## ଢେଙ୍କାନାଳ
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଢେଙ୍କାନାଳ ଉପଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଆଇଆଇଏମ୍‌ସି ଓ ଢେଙ୍କାନାଳ ବନଖଣ୍ଡ ପକ୍ଷରୁ ଫଟୋଗ୍ରାଫି ପ୍ରଦର୍ଶନୀ, ସ୍ଥାନ: ପୁରୁଣା ଜିଲା ପରିଷଦ ହଲ, ଢେଙ୍କାନାଳ, ସମୟ: ଅପରାହ୍ନ ୪ଟା।
- ୪୦ତମ ନଟରାଜ କୁମାରୋତ୍ସବ ଉଦଘାଟନ, ସ୍ଥାନ: ଆର୍ଟ ଆଣ୍ଡ କ୍ରାଫ୍ଟ ସେଣ୍ଟର ପ୍ରେକ୍ଷାଳୟ, ସମୟ: ସନ୍ଧ୍ୟା ୭ଟା।
- ଶ୍ରୀଶ୍ରୀ ସୌଭାଗ୍ୟଲକ୍ଷ୍ମୀ ପୂଜା ପ୍ରତିଷ୍ଠାନ ପକ୍ଷରୁ ଲକ୍ଷ୍ମୀପୂଜା, ସ୍ଥାନ: ଗଣେଶ ବଜାର ପୂଜା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା ୫୧ମିନିଟ।
- ମିନାବଜାର ପୂଜା ପ୍ରତିଷ୍ଠାନରେ ଲକ୍ଷ୍ମୀପୂଜା, ସ୍ଥାନ: ପୂଜା ମଣ୍ଡପ ମୀନାବଜାର, ସମୟ: ସନ୍ଧ୍ୟା ୭ଟା ୫୯ମିନିଟ୍।

## ଅନୁଗୋଳ
- ମିଳିତ ଜନ ଶୁଣାଣି, ସ୍ଥାନ: କୋଣିଆ ବ୍ଲକ ପରିସର, ଅନୁଗୋଳ, ସମୟ: ପୂର୍ବାହ୍ନ ୧୦ଟା।
- ୭୧ ତମ ବନ୍ୟପ୍ରାଣୀ ସପ୍ତାହ ପାଳନ, ସ୍ଥାନ : ରେଞ୍ଜର୍ସ କଲେଜ ସମ୍ମିଳନୀ କକ୍ଷ, ଅନୁଗୋଳ, ସମୟ: ପୂର୍ବାହ୍ନ ୧୦ଟା ୩୦ ମିନିଟ ।
- ପୁରାତନ ଛାତ୍ରୀ ଛାତ୍ରଙ୍କ ଏକତ୍ରୀକରଣ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର , ଆଠମଲ୍ଲିକ, ସମୟ: ପୂର୍ବାହ୍ନ ୧୦ ଟା ୩୦ ମିନିଟ।
- ଅଧିଷ୍ଠାତ୍ରୀ ଦେବୀ ମା’ ମାହେଶ୍ୱରୀଙ୍କ ନିକଟରେ କୁମାର ପୂର୍ଣ୍ଣମୀର ସ୍ୱତନ୍ତ୍ର ପୂଜା, ସ୍ଥାନ: ଆଠମଲ୍ଲିକ, ମା ମାହେଶ୍ୱରୀ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ଜଗତ୍‌ସିଂହପୁର
- ପାରାଦୀପ ମେରାଇନ ବାଣିଜ୍ୟିକ ସମିତି ପକ୍ଷରୁ ଗଜଲକ୍ଷ୍ମୀ ପୂଜା ଆରମ୍ଭ, ସ୍ଥାନ: ନେହେରୁ ବଙ୍ଗଳା, ପାରାଦୀପ, ସମୟ: ସକାଳ ୬ଟା।
- ନୂଆବଜାର କମିଟି ପକ୍ଷରୁ ଗଜଲକ୍ଷ୍ମୀ ପୂଜା, ସ୍ଥାନ: ନୂଆବଜାର, ପାରାଦୀପ, ସମୟ: ସକାଳ ୬ଟା।
- ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବାଲିକୁଦା ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ସାଗରିକା କଳା ନିକେତନ ଅନୁଷ୍ଠାନ ପକ୍ଷରୁ କୁମାର ଉତ୍ସବ କାର୍ଯ୍ୟକ୍ରମ, ସ୍ଥାନ: ଜୟଦେବ ଭବନ, ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।
- କୁମାର ଉତ୍ସବ ସମିତିର ୫୨ତମ ବାର୍ଷିକୋତ୍ସବ, ପାଣି ଜୟନ୍ତୀ ଓ ସାଂସ୍କୃତିକ ସଭା, ସ୍ଥାନ: ଜୟପ୍ରକାଶ ମଇଦାନ, ତିର୍ତ୍ତୋଲ, ସମୟ: ସନ୍ଧ୍ୟା ୭ଟା।

## କେନ୍ଦ୍ରାପଡ଼ା
- ମା’ ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ:ଜଣ୍ଟିଲୋ, କେନ୍ଦ୍ରାପଡା, ସମୟ:ପୂର୍ବାହ୍ନ ୧୦ଟା ।
- ପ୍ରଶାସନର ମିଳିତ ଜନଶୁଣାଣି ଶିବିର, ସ୍ଥାନ:ଟାଉନ ହଲ, କେନ୍ଦ୍ରାପଡା ସହର, ସମୟ:ପୂର୍ବାହ୍ନ ୧୦ଟା ।
- ଗଣପର୍ବ ଗଜଲକ୍ଷ୍ମୀ ପୂଜା, ସ୍ଥାନ:ଖଡିଅଙ୍ଗ, କେନ୍ଦ୍ରାପଡା ସହର, ସମୟ:ସଂନ୍ଧ୍ୟା ୫ଟା ।

## ଯାଜପୁର
- ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ଯାଜପୁର ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଆର୍ଯ୍ୟନ କ୍ଲବ ଓ ଷ୍ଟିଲ ସିଟି କ୍ଲବର କୁମାର ପୂର୍ଣ୍ଣିମା ଅବସରରେ ମା’ କାଳୀଙ୍କ ମୂର୍ତ୍ତି ନିର୍ମାଣ ପାଇଁ ମାଟି ଉଠାଣ, ସ୍ଥାନ: ବୈତରଣୀ ନଦୀ ବ୍ରଜନଗର ଲିଙ୍ଗେଶ୍ୱର ଘାଟ, ସମୟ: ପୂର୍ବାହ୍ନ ୧୧ଟା।
- ରାଧାନାଥ ମାର୍ଗ କାଳୀପୂଜା ମୂର୍ତ୍ତି ନିର୍ମାଣ ମାଟି ଉଠାଣ, ସ୍ଥାନ: ଉମାପଦା ରତ୍ନା ପୁଷ୍କରିଣୀ, ସମୟ: ପୂର୍ବାହ୍ନ ୧୧ଟା।
- ଚଣ୍ଡିକ୍ଲବ, ଚୋରଦା କାଳୀପୂଜା କମିଟି ମୂର୍ତ୍ତି ନିର୍ମାଣ ମାଟି ଉଠାଣ, ସ୍ଥାନ: କହେଁଇପୁର ଦୁର୍ଗା ମନ୍ଦିର ନିକଟ ପଡ଼ିଆ, ସମୟ: ଅପରାହ୍ନ ୪ଟା।

## ନୟାଗଡ଼
- ଗଜଲକ୍ଷ୍ମୀଙ୍କ ପୂଜା, ହୋମଯଜ୍ଞ, ସ୍ଥାନ:ଓଡଗାଁ ଲକ୍ଷ୍ମୀ ବଜାର ଲକ୍ଷ୍ମୀ ମନ୍ଦିର, ସମୟ:ଭୋର ୫ଟା ।
- ଗଜଲକ୍ଷ୍ମୀଙ୍କ ପୂଜା, ସ୍ଥାନ:ଓଡଗାଁ ବିଜୟ ମଣ୍ଡପ ସାହି, ସମୟ:ଭୋର ୬ ଟା ।
- ସତ୍ୟସାଇ ବାବାଙ୍କ ଦିବ୍ୟ ପାଦୁକା ଯାତ୍ରା, ସ୍ଥାନ: ନୟାଗଡ ବ୍ଲକ ଧବଳେଇ, ଜାମୁସାହି, ବ୍ରଜବଲ୍ଲଭପୁର, ରାଜପାଟଣା, ମାନ୍ଧତାପୁର, ନୂଆ ଘଡୁଆଳ ଓ ଆଖ ପାଖ ଗାଁ, ସମୟ: ସକାଳ ୮ଟା ରୁ ରାତି ୯.୩୦ ।
- ଗଜଲକ୍ଷ୍ମୀ ପୂଜା, ସ୍ଥାନ: ଖଣ୍ଡପଡା ବ୍ଲକ ବେଣାଗାଡିଆ, ସମୟ: ପୂର୍ବାହ୍ନ ୧୦ଟା ।
- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର, ସ୍ଥାନ:ନୟାଗଡ ଜିଲାପାଳଙ୍କ ସଦ୍‌ଭାବନା କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ।
- ନୀଳମାଧବ ଦର୍ଶନ ଧାରା ପୁସ୍ତକ ଉନ୍ମୋଚନ, ସ୍ଥାନ:କଣ୍ଟିଲୋ କଂସାରି ସାହି ପାଟଣା, ସମୟ:ପୂର୍ବାହ୍ନ ୧୧ଟା।
- ରଘୁନାଥ ଜୀଉ କୋଠଘର ଉନ୍ମୋଚନ ଉତ୍ସବ, ସ୍ଥାନ:କଣ୍ଟିଲୋ କଂସାରି ସାହି ପାଟଣା, ସମୟ:ପୂର୍ବାହ୍ନ ସାଢ଼େ ୧୧ଟା ।
- ଗଜଲକ୍ଷ୍ମୀଙ୍କର ପୂଜନୋତ୍ସବ, ସ୍ଥାନ:ନୟାଗଡ ସହରର ବିଭିନ୍ନ ପୂଜା ମଣ୍ଡପ, ନୟାଗଡ ବ୍ଲକ ଷଠିଆପଲ୍ଲୀ ଓ ରାଜପାଟଣା, ଓଡଗାଁ ବ୍ଲକ ଗୋଡିପଡା, ସମୟ:ମଧ୍ୟାହ୍ନ ୧୨ଟା ।
- ଗଜଲକ୍ଷ୍ମୀଙ୍କ ପୂଜନୋତ୍ସବ, ସ୍ଥାନ:ଦଶପଲ୍ଲା ମହାବୀରକ୍ଷେତ୍ର ପୂଜା ମଣ୍ଡପ, ସମୟ:ମଧ୍ୟାହ୍ନ ୧୨ଟା ।
- ଚାନ୍ଦ ପୂଜା, ସ୍ଥାନ: ଖଣ୍ଡପଡା ଓ କଣ୍ଟିଲୋ ଆଖପାଖ ଅଞ୍ଚଳ, ସମୟ: ସଂନ୍ଧ୍ୟା ୬ଟା ।
- ମା’ ମଙ୍ଗଳାଙ୍କ କୁମାର ଉତ୍ସବ ପର୍ବ, ସ୍ଥାନ:ନୂଆଗାଁ ବ୍ଲକ ଗୁଡୁପାଙ୍ଗି ଗାଁ, ସମୟ:ସଂନ୍ଧ୍ୟା ୭ଟା ।


## ରାୟଗଡ଼ା
- ଗଜଲକ୍ଷ୍ମୀ ପୂଜା ଅବସରରେ ଜଳଯାତ୍ରା, ଆବାହନ ଓ ପ୍ରାଣ ପ୍ରତିଷ୍ଠା, ସ୍ଥାନ: ନ୍ୟୁ କଲୋନୀ, ରାୟଗଡ଼ା, ସମୟ: ସନ୍ଧ୍ୟା ୬ଟା ୩୦ରୁ ଆରମ୍ଭ ।

## ନବରଙ୍ଗପୁର
- ମାଁ ଗଜଲକ୍ଷ୍ମୀଙ୍କ ପୂଜା ଆରମ୍ଭ, ସ୍ଥାନ: ଡାବୁଗାଁ ବ୍ଲକ ରେଲିସାହି ଲକ୍ଷ୍ମୀପୂଜା ମଣ୍ଡପ, ସମୟ: ସକାଳ ୬ଟା।
- ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ଜିଲାପରିଷଦ ବୈଠକ ଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶତାବ୍ଦୀ ମହୋତ୍ସବ, ସ୍ଥାନ: ଜାମରୁଣ୍ଡା ହାଇସ୍କୁଲ ପଡ଼ିଆ, ସମୟ ଅପରାହ୍ନ: ୪ଟା।

## କୋରାପୁଟ
- ଜିଲାପାଳଙ୍କ ମିଳିତ ଜନଶୁଣାଣି, ସ୍ଥାନ: ନନ୍ଦପୁର ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ଦେବୀଘାଟ ପଞ୍ଚାୟତ କାର୍ଯ୍ୟାଳୟ, କୋରାପୁଟ ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ପଞ୍ଚାୟତ କାର୍ଯ୍ୟାଳୟ ଚାରାଙ୍ଗୁଲ,ସେମିଳିଗୁଡ଼ା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର, ସ୍ଥାନ: ଏକମ୍ବା, ଜୟପୁର, ସମୟ: ପୂର୍ବାହ୍ନ ୧୧ଟା।

## ମାଲକାନଗିରି
- ବିଶ୍ୱ ବନ୍ୟପ୍ରାଣୀ ସପ୍ତାହ ଉପଲକ୍ଷେ ବନ ବିଭାଗ ତରଫରୁ କଇଁଛ ସୁରକ୍ଷା ସମ୍ବନ୍ଧୀୟ କର୍ମଶାଳା, ସ୍ଥାନ: ମୋଟୁ ବନାଞ୍ଚଳ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦ ।

# ବାପା ହେଲେ ଅର୍‌ବାଜ୍


ଅର୍‌ବାଜ୍ ଖାନ୍

ମୁମ୍ବାଇ: ଅଭିନେତା ସଲମାନ ଖାନ୍‌ଙ୍କ ଭାଇ ତଥା ଫିଲ୍ମ ନିର୍ମାତା ଅର୍‌ବାଜ୍ ଖାନ୍ ରବିବାର ବାପା ହୋଇଛନ୍ତି। ତାଙ୍କ ସ୍ତ୍ରୀ ତଥା ମେକ୍-ଅପ୍ ଆର୍ଟିଷ୍ଟ ଶୁରା ଖାନ୍ ଜଣେ ଶିଶୁ କନ୍ୟାକୁ ଜନ୍ମ ଦେଇଛନ୍ତି। ଏନେଇ ବିଭିନ୍ନ ଜାତୀୟ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି। ଶୁରା ଶନିବାର ମୁମ୍ବାଇର ହିନ୍ଦୁଜା ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ରିପୋର୍ଟ ଅନୁଯାୟୀ, ରବିବାର ହିନ୍ଦୁଜା ହସ୍ପିଟାଲରେ ଅର୍‌ବାଜ୍‌ଙ୍କ ସହ ତାଙ୍କ ପୁଅ ଅର୍‌ହାନ ଓ ଭାଇ ତଥା ଫିଲ୍ମ ନିର୍ମାତା ସୋହେଲ ଖାନ୍‌ଙ୍କୁ ଦେଖିବାକୁ ମିଳିଛି। ଶିଶୁ କନ୍ୟା ଜନ୍ମ ହେବା ପରେ ଅର୍‌ବାଜଙ୍କ ପରିବାରରେ ଖୁସି ଖେଳିଯାଇଛି। ଅର୍‌ବାଜ ଏବଂ ଶୁରା ୨୦୨୩ରେ ବିବାହ କରିଥିଲେ। କିଛି ସମୟ ଧରି ପରସ୍ପରକୁ ଡେଟିଂ କରିବା ପରେ ପରିବାର ଲୋକ ଏବଂ ନିକଟ ବନ୍ଧୁ ଓ ସମ୍ପର୍କୀୟଙ୍କ ଉପସ୍ଥିତିରେ ଉଭୟେ ବିବାହ କରିଥିଲେ। ଏହା ଅର୍‌ବାଜଙ୍କ ଦ୍ୱିତୀୟ ବିବାହ ଥିଲା। ୧୯୯୮ରେ ସେ ଅଭିନେତ୍ରୀ ମଲାଇକା ଅରୋରାଙ୍କୁ ବିବାହ କରିଥିଲେ। ଉଭୟଙ୍କର ଅର୍‌ହାନ ନାମକ ଏକ ପୁଅ ମଧ୍ୟ ରହିଛନ୍ତି। ତେବେ ଦାମ୍ପତ୍ୟ ଜୀବନରେ ଫାଟ ଯୋଗୁ ୨୦୧୭ ମେ’ରେ ମଲାଇକା ଓ ଅର୍‌ବାଜ୍ ପରସ୍ପରକୁ ଛାଡ଼ପତ୍ର ଦେଇଥିଲେ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଅନା ପତରକୁ ବନା ପତର,**
**ମୂଳ ଲାଗୁଥାଏ ପର କ୍ଷେତର**
**ପିଠି ଖାଉଥାଏ ଖରା**
**ଅଣ୍ଟୁ ନ ଥିଲା ତ କୁଣ୍ଡା ଚକୁଳି,**
**ଏବେ ରୁଚୁନାହିଁ ବରା ।**

ମନୁଷ୍ୟ ନିଜର ପୂର୍ବାବସ୍ଥା ବା ଅତୀତକୁ ଭୁଲିଯିବା ଅନୁଚିତ। ବହୁ କ୍ଷେତ୍ରରେ ଅତି ଦରିଦ୍ର ଭାବେ ଜୀବନଯାପନ କରିଥିବା ମନୁଷ୍ୟଟି ସମୟକ୍ରମେ ବିତ୍ତଶାଳୀ ଓ ଯଶସ୍ୱୀ ହୋଇଯିବା ପରେ ଉକ୍ତ ମନୁଷ୍ୟଟି ନିଜ ଅତୀତରେ କଟାଇଥିବା ଦୁଃସ୍ଥ ଜୀବନଯାପନକୁ ଭୁଲିଯିବା ସହ ବର୍ତ୍ତମାନ ଅବସ୍ଥାରେ ଅହଙ୍କାରୀ ହୋଇଯାଉଥିବାର ଦେଖିବାକୁ ମିଳୁଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଅଳସୁଆ ବଳଦକୁ ମେଘ ଆଶରା,**
**ମେଘ ବରଷୁଛି ଅସରା ଅସରା ।**

ଅଳସୁଆ ବଳଦ ପାଇଁ ମେଘ ଆଶୀର୍ବାଦ ସ୍ୱରୂପ। କାରଣ ସେ କ୍ଷେତରେ ବେଶି ସମୟ ଖଟଣିରେ ନିଯୁକ୍ତ ହୁଏ ନାହିଁ। ସେମିତି ଅଳସୁଆ ବ୍ୟକ୍ତି କିଛି କାମ ନ ଥିଲେ ବା କଠିନ କାମ ନ ଥିଲେ ସିଏ ବିଶ୍ରାମକୁ ଧନ୍ୟ ମନେ କରିଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରାଃଲିଃ


ରବିବାର ଅପରାହ୍ନ ୪ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### କଟକରେ ପୋଡ଼ାଜଳା, ...
ଫୋର୍ସ ମୁତୟନ ହେବା ସହ ପୋଲିସର ଫ୍ଲାଗମାର୍ଚ୍ଚ ଜାରି ରହିଛି। ସୋସିଆଲ ମିଡିଆରେ ଯେପରି କୌଣସି ଉତ୍ତେଜନାମୂଳକ ବାର୍ତ୍ତା ପ୍ରସାରିତ ନ ହୁଏ ସେଥିପ୍ରତି ତୀକ୍ଷ୍ଣ ଦୃଷ୍ଟି ରଖାଯାଇଛି।

ସୂଚନାନୁସାରେ, ଦରଘାବଜାର ଥାନା ଅଞ୍ଚଳରେ ଶୁକ୍ରବାର ରାତିରେ ଭସାଣି ଶୋଭାଯାତ୍ରା ଯାଉଥିବା ବେଳେ ଜୟଶ୍ରୀ ରାମ ଧ୍ୱନି ଦିଆଯାଇଥିଲା। ଏହାକୁ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ପକ୍ଷରୁ ବିରୋଧ କରାଯାଇ ଢେଲାପଥର, କାଚବୋତଲ ମାଡ଼ କରାଯାଇଥିଲା। ଏଥିରେ ଝାଞ୍ଜିରୀମଙ୍ଗଳା ଭାଗବତ ପୂଜା କମିଟି ଓ ରାଉସାପାଟଣା ପୂଜା କମିଟି ସଦସ୍ୟଙ୍କ ସମେତ ଅନେକ ଲୋକ ଆହତ ହୋଇଥିଲେ। ସେଥିମଧ୍ୟରୁ ୧୫ ଜଣ ଗୁରୁତର ଆହତ ହୋଇଛନ୍ତି। ଏହାକୁ ନେଇ ଉତ୍ତେଜନା ଲାଗି ରହିଛି। ପରିସ୍ଥିତି ନିୟନ୍ତ୍ରଣ କରିବାକୁ ଯାଇ କଟକ ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ ମଧ୍ୟ ଆହତ ହୋଇଥିଲେ। ସ୍ଥିତି ଅଣାୟତ୍ତ ହେବାରୁ କମିଶନରେଟ ପୋଲିସ ପକ୍ଷରୁ ବିଏନ୍‌ଏସ୍‌ଏସ୍‌ର ୧୬୩ ଧାରା ଜାରି କରାଯିବା ସହ ଲାଠିଚାର୍ଜ କରାଯାଇଥିଲା। ଉତ୍ତେଜନା ଯୋଗୁ ପ୍ରାୟ ୩ଘଣ୍ଟାରୁ ଅଧିକ ସମୟ ଧରି ଭସାଣି ଯାତ୍ରା ବନ୍ଦ କରାଯାଇଥିଲା। ରାଉସାପାଟଣା ପୂଜା କମିଟିର ସଦସ୍ୟମାନେ ଧାରଣାରେ ବସିଥିଲେ ଏବଂ ପ୍ରାୟ ୩ ଘଣ୍ଟାରୁ ଅଧିକ ସମୟ ଧରି ସମସ୍ତ ମେଢ଼ ରାସ୍ତାରେ ଅଟକି ରହିଥିଲା। ପରେ ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ, ଅତିରିକ୍ତ ସିପି ନରସିଂହ ଭୋଳ, କଟକ ଡିସିପି ଖିଲାରୀ, ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ, କଟକ ମହାନଗର ଶାନ୍ତି କମିଟି ସଭାପତି ଓ ସମ୍ପାଦକ ପହଞ୍ଚି ବୁଝାଶୁଝା କରିବାରୁ ଶନିବାର ସକାଳ ପ୍ରାୟ ୫ଟା ୩୦ରେ ମେଢ଼ ଦେବୀଗଡ଼ା ଅଭିମୁଖେ ଯାଇଥିଲା। ଏହି ଘଟଣାରେ ସାମିଲ ଥିବା ୬ ଜଣକୁ ପୋଲିସ ଗିରଫ କରିଥିଲା। ତେବେ ଏହି ଘଟଣାକୁ ନେଇ କଟକ ଭାଇଚାରା ବଜାୟ ରଖିବା ପାଇଁ ଭାଜପା, ବିଜେଡି, କଂଗ୍ରେସ ସ୍ୱର ଏକତ୍ର କରିଛନ୍ତି। ସେହିପରି ପ୍ରଶାସନଠାରୁ ଆରମ୍ଭ କରି ବିଭିନ୍ନ ସଂଗଠନ ମଧ୍ୟ ଶାନ୍ତି ବଜାୟ ରଖିବା ଉପରେ ଜୋର ଦେଇଛନ୍ତି।

#### ୨୪ ଘଣ୍ଟା ଇଣ୍ଟରନେଟ୍ ସେବା ବନ୍ଦ
କଟକ ସହରରେ ଶାନ୍ତିଶୃଙ୍ଖଳା ନିୟନ୍ତ୍ରଣରେ ରଖିବା ପାଇଁ ରାଜ୍ୟ ସରକାର ହସ୍ତକ୍ଷେପ କରିଛନ୍ତି। ସହରର ଇଣ୍ଟରନେଟ୍ ସେବା ୨୪ ଘଣ୍ଟା ବନ୍ଦ କରିବାକୁ ସରକାରଙ୍କ ଗୃହ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

#### ବନ୍ଦ ସଫଳ କରିବାକୁ ଶୋଭାଯାତ୍ରା
ବିଶ୍ୱ ହିନ୍ଦୁ ପରିଷଦ କଟକ ମହାନଗର ଓ ବିଭିନ୍ନ ହିନ୍ଦୁ ସଂଗଠନ ତରଫରୁ ରବିବାର ଅପରାହ୍ନରେ ଏକ ମୋଟରସାଇକେଲ ରାଲି ହୋଇଯାଇଛି। ଏହି ରାଲି ବିଦ୍ୟାଧରପୁରରୁ ବାହାରି ନୂଆବଜାର, ପୋତାପୋଖରୀ, ଚାଉଳିଆଗଞ୍ଜ, ଓଏମ୍‌ପି, କଲେଜ ଛକ, ରାଣୀହାଟ, ବଜ୍ରକବାଟି, ଦୋଳମୁଣ୍ଡାଇ, ବାଦାମବାଡ଼ି ଟ୍ରାଫିକ ଛକ, ହରିପୁର, ହାତୀପୋଖରୀ, ଦରଘା ବଜାର, ଚୌଧୁରୀ ବଜାର, ନୟାସଡ଼କ, ନିମଚୌଡ଼ି, ଚାନ୍ଦିନୀଚୌକ ଆଦି ଅଞ୍ଚଳ ପରିକ୍ରମା କରିଛି।

#### ବନ୍ଦ ରହିବ ମାଲଗୋଦାମ
ସୋମବାର କଟକ ବନ୍ଦ ଡାକରାରେ ବ୍ୟବସାୟୀ ଓ ଲୋକମାନଙ୍କୁ ହଇରାଣ ହେବାରୁ ରକ୍ଷା କରିବା ପାଇଁ ମାଲଗୋଦାମ ବନ୍ଦ ରଖିବାକୁ ବ୍ୟବସାୟୀ ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ସଂଘର ସାଧାରଣ ସମ୍ପାଦକ ପ୍ରଫୁଲ୍ଲ ଛାଟୋଇ ଏନେଇ ରବିବାର ପ୍ରେସ୍ ବିବୃତିରେ ଜଣାଇଛନ୍ତି।

### କଟକରେ ଶାନ୍ତି ରକ୍ଷା ପାଇଁ ନବୀନଙ୍କ ଅନୁରୋଧ
ଭୁବନେଶ୍ୱର, ୫।୧୦ (ରବିନାରାୟଣ ଜେନା)

ଭାଇଚାରାର ସହର କଟକରେ ସୃଷ୍ଟି ହୋଇଥିବା ଆଇନ ଶୃଙ୍ଖଳା ପରିସ୍ଥିତିକୁ ନେଇ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ନବୀନ କହିଛନ୍ତି, ଏକ ଶାନ୍ତିପ୍ରିୟ ରାଜ୍ୟ ଭାବରେ ଓଡ଼ିଶାର ସୁନାମ ରହିଛି। ଓଡ଼ିଶାବାସୀ, କଟକବାସୀ ଶାନ୍ତି ଓ ସଦ୍‌ଭାବ ଚାହାନ୍ତି। ତେଣୁ କଟକ ସହରରେ ଶାନ୍ତି ବଜାୟ ରଖିବା ପାଇଁ ନବୀନ ସମସ୍ତଙ୍କୁ ଅନୁରୋଧ କରିଛନ୍ତି।

### ଆଇଆଇଟି ...
୩ଡିଗ୍ଲାସ୍ ପ୍ୟାକେଜିଂ ଫାସିଲିଟି। ପ୍ରସ୍ତାବିତ ଲାବ୍‌ରେ ସେମିକଣ୍ଡକ୍ଟର ତାଲିମ୍, ଡିଜାଇନ୍ ଓ ଫାବ୍ରିକେଶନ ପାଇଁ ଆବଶ୍ୟକ ଉପକରଣ ଓ ସଫ୍ଟୱେର ରହିବ। ଉପକରଣ ପାଇଁ ୪.୬ କୋଟି ଖର୍ଚ୍ଚ ହେବାକୁ ଥିବାବେଳେ ସଫ୍ଟୱେର ବାବଦରେ ୩୫ ଲକ୍ଷ ଟଙ୍କା ବ୍ୟୟ କରାଯିବ। ରାଜ୍ୟରେ ନମୋ ସେମିକଣ୍ଡକ୍ଟର ଲାବୋରେଟୋରି ସ୍ଥାପନକୁ ମଞ୍ଜୁରୀ ପ୍ରଦାନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କୃତଜ୍ଞତା ଜଣାଇଛନ୍ତି। ରାଜ୍ୟ ସେମିକଣ୍ଡକ୍ଟର ନୀତିକୁ କ୍ୟାବିନେଟ୍ ନିକଟରେ ମଞ୍ଜୁରୀ ଦେବା ସହ ବୃହତ୍ ସେମିକଣ୍ଡକ୍ଟର କମ୍ପାନୀଗୁଡ଼ିକ ସହ ସ୍ୱାକ୍ଷର ହୋଇଥିବା ଏକାଧିକ ବୁଝାମଣାପତ୍ରକୁ ଅନୁମୋଦନ କରିଥିଲା। ଏହି ପଦକ୍ଷେପ ସେମିକଣ୍ଡକ୍ଟର ଗବେଷଣା, ଡିଜାଇନ୍ ଓ ଉତ୍ପାଦନର ହବ୍ ଭାବେ ଓଡ଼ିଶାକୁ ସୁଦୃଢ଼ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ନମୋ ସେମିକଣ୍ଡକ୍ଟର ଲାବୋରେଟୋରି ଆମ ଯୁବବର୍ଗଙ୍କୁ ଅନୁପ୍ରାଣିତ କରିବା ସହ ଗବେଷଣାକୁ ତ୍ୱରାନ୍ୱିତ କରିବ। ଜାତୀୟ ଓ ବୈଶ୍ୱିକ ସେମିକଣ୍ଡକ୍ଟର ମାନଚିତ୍ରରେ ଓଡ଼ିଶାର ସ୍ଥିତିକୁ ଆହୁରି ମଜଭୁତ କରିବା ସହ ମେକ୍ ଇନ୍ ଇଣ୍ଡିଆ ଓ ଡିଜାଇନ୍ ଇନ୍ ଇଣ୍ଡିଆ ଇନିସିଏଟିଭ୍‌କୁ ଆଗେଇ ନେବ ବୋଲି ମୁଖ୍ୟମନ୍ତ୍ରୀ Xରେ ପୋଷ୍ଟ କରିଛନ୍ତି।

### ଆଜି ପାଳନ ...
ପଞ୍ଜିକା, ପରମେଶ୍ୱରୀ ପଞ୍ଜିକା, ଶ୍ରୀକ୍ଷେତ୍ର ଖଡିରତ୍ନ ପଞ୍ଜିକା, ରାଧରମଣ ପ୍ରେସ୍ ପଞ୍ଜିକା, କୋହିନୂର ପଞ୍ଜିକା ଆଦିରେ ୬ ତାରିଖରେ ପୂର୍ଣ୍ଣମା ପାଳନ ନେଇ ଉଲ୍ଲେଖ ରହିଛି। ତେଣୁ କୁମାରୀମାନେ ଚନ୍ଦ୍ରପୂଜା, ଆଞ୍ଜୁଳି ଟେକା, ଜହ୍ନିଓଷା ସମାପ୍ତି ସୋମବାର ସନ୍ଧ୍ୟାରେ ହିଁ ପାଳନ କରିବେ। ସୋମବାର ଉତ୍କଳବାସୀଙ୍କ ପାଇଁ କୁମାରପୂର୍ଣ୍ଣମୀ ପାଳନ ହେଉଥିବାବେଳେ କେବଳ ଶ୍ରୀମନ୍ଦିରରେ ମଙ୍ଗଳବାର ପୂର୍ଣ୍ଣମୀ ପାଳନ କରାଯିବ। କାରଣ ଶ୍ରୀମନ୍ଦିରରେ ଉଦୟ ପର୍ବକୁ ଧରି ନୀତିକାନ୍ତି ସମ୍ପନ୍ନ ହୋଇଥାଏ। ସେହିପରି ମଙ୍ଗଳବାର ଶ୍ରୀମନ୍ଦିରରେ କାର୍ତ୍ତିକ ବ୍ରତର ପ୍ରଥମ ସଂକଳନ କରାଯିବ। ସେ କହିଛନ୍ତି, କୁମାର ପୂର୍ଣ୍ଣମୀ ବା ଗଜଲକ୍ଷ୍ମୀ ପୂଜା ଦ୍ୱନ୍ଦ୍ୱମୁକ୍ତ ଥିବାବେଳେ ବହୁ ଆଗରୁ ଛପାଯାଉଥିବା କ୍ୟାଲେଣ୍ଡର ୭ ତାରିଖରେ କୁମାର ପୂର୍ଣ୍ଣମୀ ଲେଖି ଏହାକୁ ଦ୍ୱନ୍ଦ୍ୱଯୁକ୍ତ କରାଇଛି। ସେହିପରି କ୍ୟାଲେଣ୍ଡର ଛପା ହେବାର ପ୍ରାୟ ୪ ମାସ ପରେ ପଞ୍ଜିକା ଛପା ହୋଇଥାଏ। ମାତ୍ର ପଞ୍ଜିକା ଅପେକ୍ଷା କ୍ୟାଲେଣ୍ଡର ବହୁଳ ଭାବେ ବିକ୍ରି ହେଉଥିବାରୁ ଏହାକୁ ନେଇ ଅଧିକାଂଶ ଲୋକ ଦ୍ୱନ୍ଦ୍ୱରେ ପଡିଛନ୍ତି ବୋଲି ଜ୍ୟୋତିର୍ବିଦ୍ ମିଶ୍ର କହିଛନ୍ତି।

### ହଣ୍ଡାରେ ନଦୀ ପାର ...
ଡୁମୁରିଗାଟାର ବିଷ୍ଣୁ ମଲ୍ଲିକ, ଦିବାନା ମଲ୍ଲିକ ପ୍ରମୁଖ କହିଛନ୍ତି, ଆମ ଗ୍ରାମକୁ ରାସ୍ତା ନାହିଁ। ସବୁବେଳେ ଜଙ୍ଗଲ ମଧ୍ୟରେ ଚାଲିକି ଯିବା ସମ୍ଭବ ହେଉ ନ ଥିବାରୁ ବାଘ ନଦୀ ପାର ହୋଇ ପଞ୍ଚାୟତ କାର୍ଯ୍ୟାଳୟକୁ ଯିବାକୁ ହୁଏ। ମାସକୁ ଥରେ ନ ହେଲେ ଦୁଇଥର ବାହାରକୁ ଯାଇ ଚଳିବା ପାଇଁ ସାମଗ୍ରୀ ଆଣିବାକୁ ପଡ଼େ। ପିଲାମାନେ ସଲାଗୁଡା ସେବାଶ୍ରମରେ ପଢୁଛନ୍ତି। ବର୍ଷା ହେଉଥିବାରୁ ନଦୀରେ ବହୁତ ପାଣି। ତେଣୁ ପିଲାମାନଙ୍କୁ ହଣ୍ଡାରେ ବସାଇ ନଦୀ ପାର କରି ସ୍କୁଲ ପଠାଉଛୁ। ସରକାର ଏଠାରେ ପୋଲ କିମ୍ବା ଗ୍ରାମକୁ ରାସ୍ତା ନିର୍ମାଣ କଲେ ଉପକୃତ ହେବୁ ବୋଲି ସେମାନେ ପ୍ରକାଶ କରିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଚନ୍ଦ୍ରଙ୍କ କେନ୍ଦ୍ରରେ ବୃହସ୍ପତି ଥିବାରୁ ଗଜକେଶରୀ ଯୋଗ ପ୍ରଭାବରେ ଯାହା ଆଶା କରୁଛନ୍ତି ତାହା ନିଶ୍ଚିତ ପାଇବେ। କୌଣସି ଅଭିସନ୍ଧି ରଖି ବନ୍ଧୁ ସାହାଯ୍ୟର ହାତ ବଢ଼ାଇବେ। ଆଜି ମନ ବୁଝିଲା ଭଳି କଥା କହି ପରିବାରର ଅବୁଝା ବ୍ୟକ୍ତିଙ୍କୁ ଆପଣେଇ ନେବେ। କର୍ମକ୍ଷେତ୍ରରେ ବହୁ ଲୋକଙ୍କ ମେଳରେ ଅଧିକାଂଶ ସମୟ ଅତିବାହିତ ହେବ।

**ବୃଷ** ପରିବାର ସ୍ଥାନରେ ଚନ୍ଦ୍ର ଥିବାରୁ କର୍ମକ୍ଷେତ୍ରରେ ଅଭିଳଷିତ କାମ ହାସଲରେ ସମର୍ଥ ହେବେ। ବାଣିଜ୍ୟ କ୍ଷେତ୍ରରେ ଅଥବା ପ୍ରତିଦ୍ୱନ୍ଦ୍ୱିତା କାରଣରୁ କିମ୍ବା ଜମିଜମା ସମ୍ବନ୍ଧୀୟ ମାନସିକ ଦ୍ୱନ୍ଦ୍ୱର ସମ୍ମୁଖୀନ ହେବାକୁ ପଡିପାରେ। ସାହିତ୍ୟ, ସଙ୍ଗୀତାଦି କାର୍ଯ୍ୟକ୍ରମରେ ଶୁକ୍ରଙ୍କ ପ୍ରଭାବରୁ ଅର୍ଥଗତ ଓ ଭାବଗତ ସମ୍ପର୍କକୁ ଦୃଢୀଭୂତ କରିବ।

**ମିଥୁନ** ଚନ୍ଦ୍ରଙ୍କ ସୁପ୍ରଭାବରୁ ଆର୍ଥିକ ଉନ୍ନତି ସହ ବନ୍ଧୁ ଗହଣରେ ହସଖୁସିରେ ନିଜକୁ ହଜାଇ ଦେବେ। ପାରିବାରିକ କ୍ଷେତ୍ରରେ ସାଧାରଣ କଥାରୁ ମତାନ୍ତର ସୂଚନା ରହିଛି। ଶୁକ୍ରଙ୍କ ଶୁଭ ସଂସ୍ଥାନରୁ ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସୁନାମ ଅର୍ଜନ କରିବେ। କ୍ରନିକ୍ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବ ଓ ଧୀରେ ସୁସ୍ଥେ କାମ କରିପାରନ୍ତି।

**କର୍କଟ** ମୁଖଭାଗରେ ଚନ୍ଦ୍ର ଆପଣଙ୍କ କଥାର ମଧୁରତାରେ ନିକଟସ୍ଥ ବ୍ୟକ୍ତିବିଶେଷଙ୍କୁ ପ୍ରଭାବିତ କରିବ। ଯାହାକି ଆନୁଷ୍ଠାନିକ କାମରେ କାର୍ଯ୍ୟହାସଲ ପାଇଁ ଖୋରାକ ଯୋଗାଇପାରେ। ପାରିବାରିକ ଜୀବନରେ ସୁଖଦ ଅନୁଭୂତିର ସୌଭାଗ୍ୟ ଅର୍ଜନ କରିବେ। ଯାନବାହନ, ସାହିତ୍ୟ, ରଚନାତ୍ମକ କାର୍ଯ୍ୟରେ ଅଭିରୁଚି ବଳିବ ଓ ପ୍ରଶଂସିତ ମଧ୍ୟ ହେବେ।

**ସିଂହ** ଚନ୍ଦ୍ରଙ୍କ ରାଶ୍ୟାବସ୍ଥାନ ପ୍ରଭାବରେ ଦୂରଯାତ୍ରା, ବ୍ୟୟବୃଦ୍ଧି, ଶତ୍ରୁତାଜନିତ କାର୍ଯ୍ୟହାନି ସମ୍ବନ୍ଧରେ ଆଲୋଚନା କରିପାରନ୍ତି। ପୂର୍ବାଫାଲଗୁନୀର ବିବାଦରେ ବିଜୟ, ପ୍ରତିଯୋଗିତାରେ ସଫଳତା ପାଇଲେ ମଧ୍ୟ ସାମୟିକ ବିଭିନ୍ନ ପ୍ରକାରର ଅସ୍ୱାଭାବିକ ପରିସ୍ଥିତିକୁ ସାମନା କରି ମନ ଚିନ୍ତା ସାଗରରେ ଭାସିବୁଲିବ।

**କନ୍ୟା** ରବିଙ୍କ ଦୁର୍ବଳତାରୁ ଯାତ୍ରା ସ୍ଥଗିତ ରହିବା ସହ ପଦସ୍ଥ ବ୍ୟକ୍ତିଙ୍କ ସହ ବିରୋଧଭାବ ସୃଷ୍ଟି କରିବ। ଭଲ କିମ୍ବା ମନ୍ଦ ବିଚାର ନ କରି କାମକୁ ବଢ଼ାଇ ନେଲେ ସମସ୍ୟା ଆସିପାରେ। ପ୍ରତ୍ୟେକ କ୍ଷେତ୍ରରେ ସାମାନ୍ୟ ବିଳମ୍ବ ଓ ଖର୍ଚ୍ଚାନ୍ତ ଭିତରେ କାମ ହାସଲ କରିହେବ। ଚିତ୍ରା ନକ୍ଷତ୍ର ଯେ କୌଣସି ପରିସ୍ଥିତି ମଧ୍ୟରେ ନିଜକୁ ନିୟନ୍ତ୍ରଣରେ ରଖିପାରିବେ।

**ତୁଳା** ଆଜିର ଦିନଟି ଆପଣଙ୍କ ପାଇଁ ବହୁତ ଭଲ କିନ୍ତୁ ବିଶାଖା ନକ୍ଷତ୍ର ସକାଶେ ଚାଲି ନ ଜାଣି ବାଟର ଦୋଷ ଭଳି ପରିସ୍ଥିତି ସୃଷ୍ଟି ହେବ। ସବୁ ସୁବିଧା ଥାଇ ମଧ୍ୟ ସାମାଜିକ ସ୍ତରରେ ନିଜକୁ ଆଗରେ ରଖି ପାରିବେ ନାହିଁ। ଆନୁଷ୍ଠାନିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିବେ। ବନ୍ଧୁଙ୍କ ମାଧ୍ୟମରେ ଅର୍ଥଲାଭର ସୂଚନା ରହିଛି।

**ବିଛା** ଚତୁର୍ଥସ୍ଥାନ ପ୍ରତି ଚନ୍ଦ୍ରଙ୍କ ଦୃଷ୍ଟି କାରଣରୁ ନିଜ ବାସସ୍ଥାନ ନିକଟରେ ରହୁଥିବା ପାଖ ଲୋକଟି ଆପଣା ସ୍ୱାର୍ଥ ରକ୍ଷା କରିବାକୁ ଆପଣଙ୍କୁ ମିଛ କଥା କହିପାରେ। ତଥାପି କର୍ମକ୍ଷେତ୍ର ଓ ପାରିବାରିକ ସ୍ଥିତି କେତେକାଂଶରେ ଭଲ ଦିଗକୁ ଗତି କରିବ। ଅଫିସ କାମରେ ସହକର୍ମୀମାନଙ୍କ ସହ ଭୁଲ୍ ବୁଝାମଣା ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି।

**ଧନୁ** କେତୁ ନକ୍ଷତ୍ରସ୍ଥ ଚନ୍ଦ୍ର କେତୁଙ୍କ ସହ ଷଡ଼ାଷ୍ଟକ ସ୍ଥିତିରେ ଥିବାରୁ ପାରିବାରିକ ଶାନ୍ତି ଭାରାକ୍ରାନ୍ତ ମନକୁ ସାମୟିକ ଲାଘବ କରିବାର ସୂଚନା ରହିଛି। ତଥାପି ବ୍ୟକ୍ତିକେନ୍ଦ୍ରିକ ଚିନ୍ତାଧାରା ସାମାଜିକ ଜୀବନରେ ଅଶାନ୍ତିର କାରଣ ହୋଇପାରେ। ଅବଶ୍ୟ ଆଜିର ଆଲୋଚନା, ସନ୍ତାନ, ଶିକ୍ଷା ଓ ମାଲିମକଦ୍ଦମା କ୍ଷେତ୍ରରେ ସଫଳତା ପାଇବେ।

**ମକର** ଅଷ୍ଟମସ୍ଥ ଚନ୍ଦ୍ର ଯାତ୍ରାକାଳୀନ ସମୟ, ସ୍ତ୍ରୀ କିମ୍ବା ପ୍ରତିଦ୍ୱନ୍ଦ୍ୱୀ ହେତୁକ ଅଶାନ୍ତି ସୃଷ୍ଟି କରିପାରେ। ଧନିଷ୍ଠା ନକ୍ଷତ୍ରର ସ୍ୱଗୃହାଭିମୁଖୀ ଶନି ହେତୁ ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣରେ ରହିବ। ପିଲାଙ୍କ କଥା ନେଇ ଆଲୋଚନା କରିବେ। ଶ୍ରବଣା କିନ୍ତୁ ଭୁଲ୍‌ବଶତଃ ଅନ୍ୟଦ୍ୱାରା ପ୍ରଭାବିତ ହୋଇ ସମାଲୋଚିତ ହୋଇପାରନ୍ତି।

**କୁମ୍ଭ** କର୍ମକ୍ଷେତ୍ରରେ ଶତ୍ରୁତା କାରଣରୁ ଅଶାନ୍ତ ବାତାବରଣ ସୃଷ୍ଟି ହେବ। ଅନ୍ୟର ପ୍ରରୋଚନାରେ ଜଣେ ଆତ୍ମୀୟ ସମସ୍ୟା ସୃଷ୍ଟି କରିପାରନ୍ତି। ପିଲାଙ୍କ ସମସ୍ୟା ନେଇ ବିବାଦ ବଢ଼ିପାରେ। ଅନଟନ ଦୂରେଇବା ସକାଶେ କରଜ କରିପାରନ୍ତି। ଶିଳ୍ପ, ବାଣିଜ୍ୟ, ପ୍ରଶାସନ, ଆଇନ ଅଦାଲତ କ୍ଷେତ୍ରରେ ସଫଳତା ହାସଲ କରିବେ।

**ମୀନ** ବନ୍ଧୁଙ୍କ ପ୍ରେରଣାରେ ଆରମ୍ଭ କରିବାକୁ ଯାଉଥିବା କାମକୁ ମନ୍ଥର କରିପାରନ୍ତି। ନୂତନ ଗାଡି, ମୋଟର, ଯାନ୍ତ୍ରିକ ଜିନିଷ କିଣିବାକୁ ପ୍ରସ୍ତୁତ ହେବେ। କର୍ମକ୍ଷେତ୍ରରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବାକୁ ପଡିପାରେ। ଅର୍ଥ, ସଭାସମିତି, ଆଲୋଚନା ଓ ପ୍ରଶାସନିକ ସ୍ତରରେ ସୁନାମ ଅର୍ଜନ କରିବେ।

ଆଜି କୁମାରପୂର୍ଣ୍ଣିମା ସୋମବାର, ଗଜଲକ୍ଷ୍ମୀପୂଜା, ଇନ୍ଦ୍ରଐରାବତପୂଜା, ଅକ୍ଷକ୍ରୀଡ଼ା, ଜହ୍ନିଓଷା ସମାପ୍ତ, ପୂର୍ଣ୍ଣିମା ବିହିତ ଚନ୍ଦ୍ରୋପବାସ, ଅକ୍ଟୋବର ୬ ତାରିଖ, ବିଶ୍ୱ ପର୍ଯ୍ୟାବାସ ଦିବସ, (ଅକ୍ଟୋବର ପ୍ରଥମ ସୋମବାର), ରାଶିନକ୍ଷତ୍ର-ଉତ୍ତରଭାଦ୍ରପଦ/ମୀନ, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଏବଂ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫.୪୨ ଗତେ ଘ. ୦୭.୧୦ ମଧ୍ୟେ, ଘ.୦୮.୫୦ ଗତେ ଘ. ୧୧.୧୧ ମଧ୍ୟେ ଶୁଦ୍ଧ ଶୁଭ ବେଳା। ସକାଳ ଘ.୦୭.୧୦ ଗତେ ଘ.୦୮.୪୮ ମଧ୍ୟେ ରାହୁ କାଳ ।

# ବାଜି ରାଉତଙ୍କ ତ୍ୟାଗ, ସାହସ ଯୁବପିଢ଼ିଙ୍କ ପାଇଁ ଆଦର୍ଶ: ମୁଖ୍ୟମନ୍ତ୍ରୀ



ନୀଳକଣ୍ଠପୁରଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶହୀଦ ବାଜି ରାଉତଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରୁଛନ୍ତି।




ଶହୀଦ ବାଜି ରାଉତଙ୍କ ଦାୟାଦମାନଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମ୍ବର୍ଦ୍ଧିତ କରୁଛନ୍ତି।

## ଶହୀଦ ବାଜି ରାଉତଙ୍କ ଶତବାର୍ଷିକୀ ଜୟନ୍ତୀ ସମାରୋହ

### ଭୁବନେଶ୍ୱରରେ ବାଜି ରାଉତଙ୍କ ନାମରେ ଏକ ରାସ୍ତା ନାମିତ ହେବ

**ଢେଙ୍କାନାଳ,୫।୧୦(ରତନ ନାୟାର)**

ଢେଙ୍କାନାଳ ଜିଲା ଭୁବନ ବ୍ଲକ ଶହୀଦ ବାଜି ରାଉତଙ୍କ ଗ୍ରାମ ନୀଳକଣ୍ଠପୁରଠାରେ ରବିବାର ବାଜି ରାଉତଙ୍କ ଶତବାର୍ଷିକୀ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ କହିଛନ୍ତି, ଭାରତର ଗୌରବ, ଓଡ଼ିଶାର ଗର୍ବ ଶହୀଦ ବାଜି ରାଉତଙ୍କ ସାହସ ଓ ତ୍ୟାଗ ଓଡ଼ିଆ ଜାତିର ବୀରତ୍ୱ ବଖାଣେ। ମାତ୍ର ୧୨ବର୍ଷ ବୟସରେ ସେ ବ୍ରିଟିଶ ଗୁଳି ଆଗରେ ଛାତି ପତେଇ ଦେଇଥିଲେ। ବାଜି ରାଉତଙ୍କ ସାହସ ଓ ତ୍ୟାଗ ଯୁବବର୍ଗଙ୍କ ପାଇଁ ଆଦର୍ଶ। ତାଙ୍କ ଆଦର୍ଶକୁ ଉଜ୍ଜୀବିତ ରଖିବାକୁ ଭୁବନେଶ୍ୱରରେ ଏକ ରାସ୍ତା ତାଙ୍କ ନାମରେ ନାମିତ କରାଯିବା ସହ ତାଙ୍କ ନାମରେ କଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରାଯିବ।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ବାଜି ରାଉତଙ୍କ ଗାଁକୁ ବରପୁତ୍ର ଆଦର୍ଶ ଗ୍ରାମ ଭାବେ ଘୋଷଣା କରାଯାଇ ଉନ୍ନତି କାର୍ଯ୍ୟ କରାଯାଉଛି। ତାଙ୍କ ସ୍ମୃତିରେ ଢେଙ୍କାନାଳଠାରେ ୧୨୦ କୋଟି ଟଙ୍କା ବ୍ୟୟରେ ବାଜି ରାଉତ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି, ଯାହା ଯୁବପିଢ଼ିଙ୍କ କ୍ରୀଡ଼ା ପ୍ରତି ଥିବା ଉଚ୍ଚ ଆଶାକୁ ଆହୁରି ଆଗକୁ ନେଇଯିବ। ଢେଙ୍କାନାଳ ଜିଲାରେ ୫୦ ହଜାର କୋଟି ଟଙ୍କାରୁ ଊର୍ଦ୍ଧ୍ୱ ବ୍ୟୟରେ ହେବାକୁ ଥିବା ଶିଳ୍ପ ପ୍ରକଳ୍ପର ଶୁଭାରମ୍ଭ ହୋଇଛି। ଏଥିରେ ୩୦ ହଜାର କୋଟି ଟଙ୍କାର ବ୍ୟୟ କେବଳ ସୋଲାର ଶକ୍ତି ଶିଳ୍ପ ସମ୍ବଳିତ ପ୍ରକଳ୍ପ। ଏଣୁ ଢେଙ୍କାନାଳ ଜିଲାକୁ ଓଡ଼ିଶାର ସୌରଶକ୍ତି ସମୃଦ୍ଧ ଜିଲା ଓ ରାଜ୍ୟର ଅଗ୍ରଣୀ ଜିଲା ଭାବେ ପରିଗଣିତ କରିବା ହେଉଛି ଆମ ସରକାରର ଲକ୍ଷ୍ୟ। ଏହିସବୁ ପ୍ରକଳ୍ପ ଯୋଗୁ ୨୬ ହଜାର ୪୦୦ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ନିଯୁକ୍ତି ସୁଯୋଗର ସମ୍ଭାବନା ରହିଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବାଜି ରାଉତଙ୍କ ଦାୟାଦ ଓ ପ୍ରଜାମଣ୍ଡଳ ଆନ୍ଦୋଳନର ସଂଗ୍ରାମୀଙ୍କ ପରିବାରବର୍ଗଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସାହିତ୍ୟ ଏକାଡେମୀ ଦ୍ୱାରା ପ୍ରକାଶିତ ପୁସ୍ତକ 'ଢେଙ୍କାନାଳ ଗଣସଂଗ୍ରାମର ଅମର ଶହୀଦ ବାଜି ରାଉତ' ଓ ବାଜି ରାଉତଙ୍କ ଫଟୋ ଉନ୍ମୋଚନ କରିଥିଲେ, ଯାହା ଜିଲାର ସମସ୍ତ ବିଦ୍ୟାଳୟରେ ବଣ୍ଟନ କରାଯିବ। ସମାରୋହରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଏବଂ ବିଜ୍ଞାନ ଓ କାରିଗରି ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସମ୍ମାନିତ ଅତିଥି ଭାବେ ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣି, ପରଜଙ୍ଗ ବିଧାୟକ ବିଭୂତି ପ୍ରଧାନ, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ ପ୍ରମୁଖ ଶହୀଦଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ସଚିବ ତଥା ନିର୍ଦ୍ଦେଶକ ଡ. ବିଜୟ କେତନ ଉପାଧ୍ୟାୟ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଢେଙ୍କାନାଳ ଜିଲାପାଳ ଆଶିଷ ଈଶ୍ୱର ପାଟିଲ ଧନ୍ୟବାଦ ଦେଇଥିଲେ। ଉତ୍ତର କେନ୍ଦ୍ରାଞ୍ଚଳ ଆଇଜି ସତ୍ୟବ୍ରତ ଭୋଇ ଓ ଏସ୍‌ପି ଅଭିନବ ସୋନକର ଆଇନଶୃଙ୍ଖଳା ଦାୟିତ୍ୱରେ ଥିଲେ।

# ଗୁଣ୍ଡିଚାଘାଗିରେ ଭାସିଗଲେ ଯୁବକ

**କେନ୍ଦୁଝର/ଘଟଗାଁ/ଢେଙ୍କିକୋଟ,୫।୧୦ (ନରେଶ ଚନ୍ଦ୍ର ପଟ୍ଟନାୟକ/ରାଜେନ୍ଦ୍ର ପଟ୍ଟନାୟକ/ ନୀଳମଣି ମଣ୍ଡଳ)**

### ମାସକ ମଧ୍ୟରେ ୨ ନିଖୋଜ



ସତ୍ୟପ୍ରକାଶ ମହାନ୍ତ

କେନ୍ଦୁଝର ଜିଲା ଘଟଗାଁ ଥାନା ଅନ୍ତର୍ଗତ ଗୁଣ୍ଡିଚାଘାଗି ଜଳପ୍ରପାତରେ ପୁଣି ଏକ ଅଘଟଣ ଘଟିଛି। ସେପ୍ଟେମ୍ବର ୮ରେ ଜଳପ୍ରପାତରେ ଜଣେ ପର୍ଯ୍ୟଟକ ଭାସି ଯାଇଥିଲେ। ତାଙ୍କର ଅଦ୍ୟାବଧି ପତ୍ତା ମିଳି ନ ଥିବା ବେଳେ ରବିବାର ପୁଣି ଜଣେ ଯୁବକ ଗାଧୋଉଥିବା ବେଳେ ଭାସି ଯାଇ ନିଖୋଜ ହୋଇଛନ୍ତି। ନିଖୋଜ ଯୁବକ ହେଲେ ହରିଚନ୍ଦନପୁର ଥାନା ବଡଶିଆଡ଼ିମାଳ ଗ୍ରାମର ସତ୍ୟପ୍ରକାଶ ମହାନ୍ତ (୨୬)। ସତ୍ୟପ୍ରକାଶ ଆମ୍ବୁଲାନ୍ସ ଡ୍ରାଇଭର ଭାବେ ପାରାଦୀପରେ କାର୍ଯ୍ୟ କରୁଥିଲେ।

ପ୍ରକାଶ ଯେ, ସତ୍ୟପ୍ରକାଶ ଶନିବାର ରାତିରେ ପାରାଦୀପର କେତେଜଣ ବନ୍ଧୁଙ୍କ ସହ ଘଟଗାଁ ମା' ତାରିଣୀଙ୍କ ଦର୍ଶନ ପାଇଁ ଆସିଥିଲେ। ରବିବାର ଭୋର ୫ ଟାରେ ଘଟଗାଁରେ ପହଞ୍ଚି ଗୁଣ୍ଡିଚାଘାଗି ଜଳପ୍ରପାତକୁ ଗାଧୋଇବାକୁ ଯାଇଥିଲେ। ସେଠାରେ ମୁଖ୍ୟ କୁଣ୍ଡରେ ଗାଧୋଇବା ବେଳେ ଅସାବଧାନତାବଶତଃ ସତ୍ୟପ୍ରକାଶ ଖସିଯାଇଥିଲେ। ବର୍ଷା ଯୋଗୁ ଜଳପ୍ରପାତରେ ଜଳ ପ୍ରବାହ ଅଧିକ ଥିବାରୁ ତଳକୁ ଭାସିଯାଇଥିଲେ। ସାଙ୍ଗମାନେ ଚେଷ୍ଟା କରି ମଧ୍ୟ ଅଟକାଇ ପାରି ନ ଥିଲେ। ଖବର ପାଇ ଘଟଗାଁ ଥାନା ଅଧିକାରୀ ଶୁଭ୍ରାନ୍ତ କୁମାର ଜେନା ଓ ଅଗ୍ନିଶମ କର୍ମଚାରୀ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଆଖପାଖ ଅଞ୍ଚଳର ଲୋକେ ମଧ୍ୟ ପହଞ୍ଚି ଉଦ୍ଧାର କାର୍ଯ୍ୟରେ ସହଯୋଗ କରିଥିଲେ। ଖବର ଲେଖାହେବା ପର୍ଯ୍ୟନ୍ତ ଖୋଜାଖୋଜି ଚାଲିଥିଲେ ହେଁ ଯୁବକଙ୍କ କୌଣସି ପତ୍ତା ମିଳିନି। ସ୍ଥାନୀୟ ପ୍ରଶାସନ ପକ୍ଷରୁ ସତର୍କତା ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ଏଭଳି ଅଘଟଣ ଘଟୁଥିବା ସ୍ଥାନୀୟ ଲୋକେ କହିଛନ୍ତି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି ହେଉଛି।

ପ୍ରକାଶଯୋଗ୍ୟ, ସେପ୍ଟେମ୍ବର ୮ରେ ବାଲେଶ୍ୱର ଜିଲା ସୋର ଥାନା ଅନ୍ତର୍ଗତ ବର୍ତ୍ତନା ଗ୍ରାମର ଦେବେଶ କୁମାର ବେହେରା (୨୨) ଗୁଣ୍ଡିଚାଘାଗି ଜଳପ୍ରପାତ ବୁଲିବାକୁ ଯାଇ ସେଲ୍ଫି ନେବା ବେଳେ ଗୋଡ଼ ଖସିଯିବାରୁ ଜଳ ସ୍ରୋତରେ ପଡ଼ି ଭାସିଯାଇଥିଲେ।




# ନିର୍ମାଣାଧୀନ ଓଭରବ୍ରିଜ୍‌ରୁ ସ୍ଲାବ୍ ଖସି ନାବାଳିକା ମୃତ

**ଭଦ୍ରକ,୫।୧୦(ସନାତନ ରାଉତ)**

- ଜେସିବି ଜାଳିଦେଲେ ଉତ୍ତ୍ୟକ୍ତ ଲୋକେ
- ଜାତୀୟ ରାଜପଥ ଅବରୋଧ



ଘଟଣାସ୍ଥଳରେ ଲୋକେ ଜେସିବି ଜାଳି ଦେଇଛନ୍ତି।

ଭଦ୍ରକ ଜିଲା ୧୬ ନଂ. ଜାତୀୟ ରାଜପଥର ଧାମନଗର ଥାନା ବିଷ୍ଣୁପୁର ଛକ ନିକଟରେ ରବିବାର ସନ୍ଧ୍ୟାରେ ନିର୍ମାଣାଧୀନ ଓଭରବ୍ରିଜ୍‌ରୁ ପ୍ରୋଟେକ୍ସନ ସ୍ଲାବ୍ ଖସି ଜଣେ ନାବାଳିକାଙ୍କ ମୃତ୍ୟୁ ଘଟିଛି। ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିବା ବେଳେ ସ୍ଥାନୀୟ ଲୋକେ ଜାତୀୟ ରାଜପଥ ଅବରୋଧ କରିଥିଲେ। ସେଠାରେ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଏକ ଜେସିବିକୁ ଉତ୍ତ୍ୟକ୍ତ ଲୋକେ ଜାଳି ଦେଇଛନ୍ତି। ଘଟଣାସ୍ଥଳରେ ଧାମନଗର ପୋଲିସ ମୁତୟନ ରହିଛି।

ସୂଚନା ଅନୁଯାୟୀ, ବିଷ୍ଣୁପୁର ଛକ ନିକଟରେ ଜାତୀୟ ରାଜପଥର ଓଭରବ୍ରିଜ୍ କାମ ଚାଲିଛି। ସନ୍ଧ୍ୟା ପ୍ରାୟ ୬ଟା ବେଳେ ଭଦ୍ରକ ବ୍ଲକ ଅଧୀନ ବହୁଦରଡ଼ା ପଞ୍ଚାୟତ ବେନ୍ତାଳିଆ ଗ୍ରାମର ଭଜଗୋବିନ୍ଦ ମଲ୍ଲିକଙ୍କ ୮ ବର୍ଷର ଝିଅ କବିତା ଦୋକାନକୁ ଆସି ସେହି ରାସ୍ତା ପାର୍ଶ୍ୱରେ ଚାଲି ଚାଲି ଫେରୁଥିବା ବେଳେ ନିର୍ମାଣାଧୀନ ଓଭରବ୍ରିଜ୍‌ରୁ ଏକ ପ୍ରୋଟେକ୍ସନ ସ୍ଲାବ୍ ତାଙ୍କ ଉପରେ ଖସି ପଡ଼ିଥିଲା। ସ୍ଲାବ୍‌ରେ ଚାପିହୋଇ ତାଙ୍କ ମୃତ୍ୟୁ ଘଟିଛି। ଏହି ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ କ୍ଷତିପୂରଣ ଦାବିରେ ରାଜପଥ ଅବରୋଧ କରିଥିଲେ। ଫଳରେ ରାସ୍ତାର ଉଭୟପାର୍ଶ୍ୱରେ ବହୁ ଗାଡ଼ି ଅଟକି ରହିଥିଲା।

ପ୍ରକାଶଥାଉ କି, ଉକ୍ତ ସ୍ଥାନରେ ପ୍ରାୟ ୩ ବର୍ଷରୁ ଊର୍ଦ୍ଧ୍ୱ ହେଲା ନିର୍ମାଣ କାର୍ଯ୍ୟ ଚାଲିଥିଲେ ମଧ୍ୟ ଜାତୀୟ ରାଜପଥ ପ୍ରାଧିକରଣ ବିଭାଗର ଖିଆଲି ନୀତି ଯୋଗୁ କାମ ସମ୍ପୂର୍ଣ୍ଣ ହୋଇପାରୁ ନାହିଁ। ଫଳରେ ସେହି ସ୍ଥାନରେ ବିଭିନ୍ନ ସମୟରେ ଦୁର୍ଘଟଣା ଘଟି ଧନଜୀବନ ନଷ୍ଟ ହେଉଛି। ଏହାକୁ ନେଇ ବିଭିନ୍ନ ସମୟରେ ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରାଯାଉଥିଲେ ମଧ୍ୟ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାରେ ବିଳମ୍ବ ଘଟିଛି। ଏହି ଦୁର୍ଘଟଣା ପାଇଁ ସ୍ଥାନୀୟ ଲୋକେ ନିର୍ମାଣ କାର୍ଯ୍ୟ କରୁଥିବା କମ୍ପାନୀର ଅବହେଳାକୁ ଦାୟୀ କରିଛନ୍ତି। ନିର୍ମାଣ ସମୟରେ ଯାତ୍ରୀଙ୍କ ସୁରକ୍ଷାକୁ ଗୁରୁତ୍ୱ ଦିଆଯାଉ ନାହିଁ। କାମ କରୁଥିବା ଠିକା କମ୍ପାନୀର ଲାଇସେନ୍ସ ରଦ୍ଦ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ନିର୍ମାଣ କାର୍ଯ୍ୟ ଚାଲୁଥିବା ବେଳେ ସେହି ରାସ୍ତା ପାର୍ଶ୍ୱକୁ କେହି ପ୍ରବେଶ ନ କରିବା ପାଇଁ ଅବରୋଧ କରାଯାଇ ନ ଥିଲା। ଜଣେ ନାବାଳିକା ସେହି ରାସ୍ତାରେ ଚାଲି ଚାଲି ଆସୁଥିବା ବେଳେ କାର୍ଯ୍ୟ କରୁଥିବା କୌଣସି ଅଧିକାରୀ କିମ୍ବା କର୍ମଚାରୀ ତାଙ୍କୁ ଅଟକାଇ ନ ଥିବାରୁ ଏକ ନିରୀହ ଜୀବନ ଅକାଳରେ ଚାଲିଗଲା ବୋଲି କୁହାଯାଉଛି। ଖବର ଲେଖାହେବା ସୁଦ୍ଧା ରାସ୍ତା ଅବରୋଧ ଜାରି ରହିଛି। ଧାମନଗର ଥାନାଧିକାରୀ ରଞ୍ଜନ ସେଠୀଙ୍କ ନେତୃତ୍ୱରେ ପୋଲିସ ଫୋର୍ସ ମୁତୟନ ହୋଇଛି।

# ଦୁର୍ଘଟଣାରେ ମୃତ ସୁଜିତଙ୍କ ଚକ୍ଷୁଦାନ କଲେ ମା', ବାପା

**ପାଟକୁରା,୫।୧୦(ରବୀନ୍ଦ୍ର ନାଥ ବାରିକ)**

ଗରଦପୁର ବ୍ଲକ ବଡବେତେରା ପଞ୍ଚାୟତ ମନ୍ମଥପୁର ଭାରିଗୋଳ ଗ୍ରାମର ସୀତାକାନ୍ତ ତ୍ରିପାଠୀ ଏବଂ ପ୍ରଭାତୀ ତ୍ରିପାଠୀଙ୍କ ବଡ଼ପୁଅ ସୁଜିତ କୁମାର ତ୍ରିପାଠୀ(୨୪)ଶନିବାର କେନ୍ଦ୍ରାପଡ଼ା କଜଳା ଛକ ନିକଟରେ ଏକ ଅଜଣା ଗାଡ଼ି ଧକ୍କାରେ ଗୁରୁତର ହୋଇଥିଲେ। ତାଙ୍କୁ ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ଯୋଗେ ପ୍ରଥମେ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଏହି ଦୁର୍ଘଟଣାରେ ସୁଜିତଙ୍କ ଆଖି ଦୁଇଟି ସମ୍ପୂର୍ଣ୍ଣ ଭଲ ଥିଲା। ଏହାକୁ ଦାନ କରିବାକୁ ଡାକ୍ତର ସୁଜିତଙ୍କ ମାତା, ପିତା ଓ ସମ୍ପର୍କୀୟମାନଙ୍କୁ ପରାମର୍ଶ ଦେଇଥିଲେ। ଏଥିରେ ବାପା ସୀତାକାନ୍ତ ଓ ମା' ପ୍ରଭାତୀ, ମାମୁ ମାନସ ରଞ୍ଜନ ପଣ୍ଡା, ଅନ୍ତର୍ଜାତୀୟ ମାନବ ଅଧିକାର କମିଶନ ଗରଦପୁର ବ୍ଲକ ପ୍ରେସିଡେଣ୍ଟ ଜ୍ୟୋତିରଞ୍ଜନ ପରିଡା, ୱାର୍ଡମେମ୍ବର ବିଶ୍ୱରଞ୍ଜନ ତ୍ରିପାଠୀ ପ୍ରମୁଖ ରାଜିହୋଇ ସୁଜିତଙ୍କ ଚକ୍ଷୁ ଭୁବନେଶରର ଏଲ୍‌ଭି ପ୍ରସାଦ ଚକ୍ଷୁ ହସ୍ପିଟାଲକୁ ଦାନ କରିଥିଲେ।



ସୁଜିତ କୁମାର ତ୍ରିପାଠୀ

ସୁଜିତଙ୍କ ମୃତ୍ୟୁ ଖବରପାଇ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ଗଭୀର ଶୋକ ବ୍ୟକ୍ତକରି ତାଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ଏଭଳି ଦୁଃଖ ସମୟରେ ଚକ୍ଷୁଦାନ ଭଳି ମହତ କାର୍ଯ୍ୟ କରିଥିବାରୁ ପରିବାରକୁ ପ୍ରଶଂସା କରି ଧୈର୍ଯ୍ୟ ଦେବାକୁ ଠାକୁରଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି। ବ୍ଲକ ଅଧ୍ୟକ୍ଷ ଅଭୟ ମହାରାଜ, ପୂର୍ବତନ ଅଧ୍ୟକ୍ଷ ବାସୁଦେବ ବେହେରା, ବିଧାୟକଙ୍କ ପ୍ରତିନିଧି କ୍ଷିତୀଶ ଚନ୍ଦ୍ର ଦାଶ,ସରପଞ୍ଚ ସଂଯୁକ୍ତା ମହାପାତ୍ର, ସରପଞ୍ଚ ଅନସୂୟା ବେହେରାଙ୍କ ସମେତ ବ୍ଲକର ଅନେକ ନେତୃମଣ୍ଡଳୀ ସୁଜିତଙ୍କ ମୃତ୍ୟୁରେ ଶୋକ ପ୍ରକାଶ କରିଛନ୍ତି।




| MODEL | S-PRESSO | ALTO K10 | CELERIO | WAGONR | SWIFT | DZIRE | BREZZA | ERTIGA | EECO |
|---|---|---|---|---|---|---|---|---|---|
| REDUCTION IN PRICE^ (₹) UP TO | 129 600 | 107 600 | 94 100 | 79 600 | 84 600 | 87 700 | 112 700 | 46 400 | 68 000 |
| NOW STARTING AT^ (₹) | 349 900 | 369 900 | 469 900 | 498 900 | 578 900 | 625 600 | 825 900 | 880 000 | 518 100 |
| ADDITIONAL FESTIVE OFFERS* (₹) UP TO | 65 500 | 75 500 | 65 500 | 70 500 | 90 500 | - | 48 000 | - | 40 500 |

ଯିଶୁଖ୍ରୀଷ୍ଟଙ୍କର କ୍ରୁସ ଚିହ୍ନ ହେଲା– ଯୋଗ ସାଧନାରେ ପୁରୁଷ ଓ ପ୍ରକୃତିର ଦୃଢ଼ ଓ ପୂର୍ଣ୍ଣ ମିଳନର ପ୍ରତୀକ। କିନ୍ତୁ ଅଜ୍ଞାନର ସର୍ବବିଧ ଆବର୍ଜନା ମଧ୍ୟରେ ଆମର ପତନ ହେବା ହେତୁ– ସେହି ଚିହ୍ନଟି ହେଲା ଦୁଃଖକଷ୍ଟ ଓ ଚିତ୍ତଶୁଦ୍ଧିର ପ୍ରତୀକ। –ଶ୍ରୀଅରବିନ୍ଦ

-କୁମାରୋତ୍ସବ, ଗଜଲକ୍ଷ୍ମୀ ପୂଜା ଓ ଚନ୍ଦ୍ର ପୂଜା



# ବିଷାକ୍ତ ଔଷଧ

ମଧ୍ୟପ୍ରଦେଶ ଓ ରାଜସ୍ଥାନରେ ବିଷାକ୍ତ କଫ୍ ସିରପ୍ ପିଇ ଗତ କିଛି ଦିନ ହେବ ୧୬ ଜଣ ଶିଶୁଙ୍କ ମୃତ୍ୟୁ ଘଟିଥିବା ଖବର ଏବେ ରାଷ୍ଟ୍ରବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଛି। ମଧ୍ୟପ୍ରଦେଶର ଛିନ୍ଦୱାଡା ଜିଲାରେ ୧୪ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ରାଜସ୍ଥାନରେ ୨ ଜଣ ପିଲାଙ୍କ ପ୍ରାଣହାନି ଘଟିଛି। ତାମିଲନାଡୁର ସ୍ରିସାନ୍ ଫାର୍ମାସ୍ୟୁଟିକାଲ ପକ୍ଷରୁ ପ୍ରସ୍ତୁତ 'କୋଲ୍ଡ୍ରିଫ୍' କଫ୍ ସିରପ୍‌ରେ ଡାଇଥାଇଲିନ୍ ଗ୍ଲାଇକୋଲ୍ (ଡିଇଜି) ମାତ୍ରା ଅତ୍ୟଧିକ ରହିଥିବାରୁ ତାହା ପିଲାଙ୍କ ପାଇଁ ପ୍ରାଣଘାତୀ ସାଜିଛି। ଯାଞ୍ଚ ବେଳେ ଜଣାପଡ଼ିଛି ଯେ ଏହି ସିରପ୍‌ରେ ୪୮.୬ ପ୍ରତିଶତ ଡିଇଜି ରହିଥିବାରୁ ତାହା ଶିଶୁମାନଙ୍କ ବୃକ୍କକୁ ନଷ୍ଟ କରିଦେଇଛି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଆଡ୍‌ଭାଇଜରି ଜାରି କରିବା ପରେ ୬ ରାଜ୍ୟର ୧୯ କଫ୍ ସିରପ୍ ମାନୁଫାକଚରିଂ ୟୁନିଟ୍ ଉପରେ ଯାଞ୍ଚ କରିଥିବା ସେଣ୍ଟ୍ରାଲ ଡ୍ରଗ୍ସ ଷ୍ଟାଣ୍ଡାର୍ଡ କଣ୍ଟ୍ରୋଲ ଅର୍ଗାନାଇଜେଶନ (ସିଡିଏସ୍‌ସିଓ) ପକ୍ଷରୁ କୁହାଯାଇଛି। ନମୁନା ପରୀକ୍ଷା ବେଳେ ସେଥିରେ ବିପଜ୍ଜନକ ମାତ୍ରାରେ ଡିଇଜି ଥିବା ଜଣାପଡ଼ିଛି। ସଦ୍ୟ ଘଟଣା ହେଲା ଛିନ୍ଦୱାଡାରେ ଜଣେ ଡାକ୍ତରଙ୍କୁ ଇତିମଧ୍ୟରେ ଗିରଫ କରାଯାଇଛି।

କଫ୍ ସିରପ୍ ଭଳି କୌଣସି ଔଷଧ ରୋଗୀଙ୍କୁ ସୁସ୍ଥ କରିବା ପରିବର୍ତ୍ତେ ପ୍ରାଣଘାତୀ ସାଜିବା ନିଶ୍ଚିତ ଭାବେ ଏକ ଗମ୍ଭୀର ଦିଗକୁ ଦର୍ଶାଉଛି। ଏଥିରେ କଫ୍ ସିରପ୍ ପ୍ରସ୍ତୁତକାରୀ କମ୍ପାନୀକୁ ଦାୟୀ କରାଯିବା ସହ ଔଷଧର ମାନ ଠିକ୍ ଭାବେ ଯାଞ୍ଚ ହେଉ ନ ଥିବା ଅଭିଯୋଗ ହୋଇଛି। ନକଲି ବା ଅପମିଶ୍ରିତ ଔଷଧ ପ୍ରସ୍ତୁତି ଓ ବିତରଣ ବିଷୟ ନୂଆ ନୁହେଁ। ଭାରତୀୟ କଫ୍ ସିରପ୍ ଏହା ପୂର୍ବରୁ ବିଦେଶ ମାଟିରେ ସନ୍ଦେହ ଘେରକୁ ଆସିଥିଲା। ୨୦୨୨ରେ ଅଫ୍ରିକୀୟ ରାଷ୍ଟ୍ର ଗାମ୍ବିଆରେ ଡିଇଜି ମାତ୍ରା ଅଧିକ ଥିବା ଭାରତୀୟ କଫ୍ ସିରପ୍‌କୁ ସେବନ କରି ୭୦ ପିଲାଙ୍କ ମୃତ୍ୟୁ ଘଟିଥିବା ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ(ଡବ୍ଲ୍ୟୁଏଚ୍‌ଓ) ସ୍ପଷ୍ଟ କରିଥିଲା। ତା' ପରେ ସମ୍ପୃକ୍ତ ରାଷ୍ଟ୍ର ଭାରତୀୟ ଔଷଧ ଉପରେ ନିଷେଧାଜ୍ଞା ଜାରି କରିଥିଲା। କିନ୍ତୁ ଭାରତ ସରକାର ସେହି ଘଟଣା ପରେ ପ୍ରସ୍ତୁତକର୍ତ୍ତାଙ୍କୁ ଯାଞ୍ଚ କରିବା ପରିବର୍ତ୍ତେ ଅଭିଯୋଗକୁ ସମ୍ପୂର୍ଣ୍ଣ ଭାବେ ଅସ୍ୱୀକାର କରିଥିଲେ। ଔଷଧର ଉପଯୁକ୍ତ ଯାଞ୍ଚ ହେଉ ନ ଥିବାରୁ ଏଭଳି ସ୍ଥିତି ଉପୁଜୁଛି ବୋଲି ଅନେକେ କହିଥାଆନ୍ତି। କିନ୍ତୁ ବାସ୍ତବତା ହେଲା ଏତେ ଫାର୍ମାସ୍ୟୁଟିକାଲ୍ ୟୁନିଟ୍‌କୁ ଯାଞ୍ଚ କରିବା ଲାଗି ସରକାରଙ୍କ ପାଖରେ ସେତିକି ଲୋକବଳ ବା ସାଧନ ନାହିଁ। କୁହାଯାଇପାରେ ଯେ, ମାଲିକ ଚାହାନ୍ତି ବେଶି ବିକ୍ରି ହେଲେ ସେ ଅଧିକ ଅର୍ଥ ରୋଜଗାର କରିବେ। ସେ କଦାପି ଚାହାନ୍ତି ନାହିଁ କମ୍ପାନୀ ଭୁଲ୍ ବାଟରେ ଯାଇ ନିନ୍ଦିତ ହେଉ। ବରଂ କର୍ମଚାରୀମାନଙ୍କ ଦକ୍ଷତାର ଅଭାବ କିମ୍ବା ଔଷଧ ପାଇଁ ଆବଶ୍ୟକ ଉପାଦାନ କ୍ରୟ ବେଳେ କିଛି ହେରଫେର୍ ହେଲେ ତାହା ସମସ୍ୟା ସୃଷ୍ଟି କରିଥାଏ। ଯେଉଁ କମ୍ପାନୀ ସମ୍ପୂର୍ଣ୍ଣ ଔଷଧ ପ୍ରସ୍ତୁତି ବ୍ୟବସ୍ଥାକୁ ଅଟୋମେଶନ କରି ନ ଥାଏ, ତାହା ମଣିଷ ଦ୍ୱାରା ଭାଗମାପ କରି ମିଶା ଯାଇଥାଏ। ସେଥିରେ ବହୁ ପରିମାଣରେ ଗଡ଼ବଡ଼ ହେଲେ ଔଷଧ ବିଷାକ୍ତ ପାଲଟିଯାଇଥାଏ। ହୁଏତ କେହି କହିପାରନ୍ତି ଯେ, ଔଷଧ କମ୍ପାନୀଗୁଡ଼ିକ ସେମାନଙ୍କ ପ୍ରସ୍ତୁତି ପ୍ରଣାଳୀକୁ ପୂରା ଅଟୋମେଶନ କରିଦେଲେ ଏ ସମସ୍ୟା ଉପୁଜନ୍ତା ନାହିଁ। ମନେରଖିବାକୁ ହେବ ଯେ, ଶତପ୍ରତିଶତ ଗୁଣବତ୍ତା ବଜାୟ ରଖିବା ଲାଗି ଛୋଟ କମ୍ପାନୀଗୁଡ଼ିକ ପୁଞ୍ଜି ନିବେଶ କରିପାରି ନ ଥାଆନ୍ତି। ଏଭଳି ସ୍ଥଳେ ସରକାର କଡ଼ା ନିୟମ ଆଣି ତାହାକୁ କାର୍ଯ୍ୟକାରୀ କରିବା ଦରକାର। ବିଷାକ୍ତ ବା ନକଲି ଔଷଧ ସେବନ କରି ମୃତ୍ୟୁମୁଖରେ ପଡୁଥିବା ରୋଗୀଙ୍କ ପରିବାରକୁ ନ୍ୟାୟ ମିଳିବା ସହ ଦୋଷୀ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଗଲେ କିଛି ପରିମାଣରେ ଚେତା ପଶନ୍ତା। ଏହା ମଧ୍ୟ ଦେଖାଯାଉଛି, ଶସ୍ତାରେ ଔଷଧ ଯୋଗାଇ ଦେବା ଲାଗି କିଛି ଔଷଧ ନିର୍ମାତା ଗୁଣବତ୍ତାକୁ ପ୍ରାଧାନ୍ୟ ଦେଉନାହାନ୍ତି। ତାହା ଦ୍ୱାରା ସମ୍ପୃକ୍ତ କମ୍ପାନୀ ସହ ସମଗ୍ର ବ୍ୟବସ୍ଥା ବିଶ୍ୱସନୀୟତା ହରାଉଛି।

ଔଷଧ ଅପମିଶ୍ରଣ ବିଷୟରେ ଉଲ୍ଲେଖ କଲା ବେଳକୁ ସେହି ବ୍ୟବସାୟର ମୂଳମନ୍ତ୍ର ସାଜୁଥିବା ଡାକ୍ତରଙ୍କ ସମ୍ପର୍କରେ କିଛି କୁହାଯାଇପାରେ। ବିପୁଳ ଅର୍ଥ ବ୍ୟୟ କରି ଅଭିଭାବକମାନେ ସେମାନଙ୍କ ପିଲାଙ୍କୁ ସର୍ବନିମ୍ନ ୬ରୁ ୭ ବର୍ଷ ପଢ଼ାଇ ଡାକ୍ତର କରାନ୍ତି। ଘରୋଇ ଶିକ୍ଷାନୁଷ୍ଠାନଗୁଡ଼ିକ ପାଇଁ ଏହା ଏକ ବିରାଟକାୟ ନଗଦ କାରଖାନା ପାଲଟିଯିବା ସହିତ ସେଠାରୁ ଉତ୍ପାଦନ ହେଉଥିବା ଅଧିକାଂଶ ଡାକ୍ତର କିଭଳି ଅର୍ଥ ଗୋଟାଇବେ ସେଥିରେ ମସଗୁଲ ରହିଥାଆନ୍ତି। ଔଷଧ ନିର୍ମାତାଙ୍କଠାରୁ ମିଳୁଥିବା କମିଶନ ମୋଟା ଅଙ୍କରେ ଆସେ ବୋଲି ପ୍ରେସ୍କ୍ରିପ୍‌ଶନରେ ସେହି କମ୍ପାନୀର ଔଷଧ ଲେଖାଇବାକୁ ପଛଘୁଞ୍ଚା ଦିଅନ୍ତି ନାହିଁ। ଏହାର ଅର୍ଥ ନୁହେଁ ଭଲ ଡାକ୍ତର ନାହାନ୍ତି। କିନ୍ତୁ ଭଲ ଡାକ୍ତରଙ୍କ ସଂଖ୍ୟା ଅତ୍ୟନ୍ତ ନଗଣ୍ୟ। ପ୍ରଭାବିତ ହୋଇ ଔଷଧ ଲେଖୁଥିବା ଡାକ୍ତର ଏବଂ ଅତ୍ୟଧିକ ଲାଭ ଖୋଜୁଥିବା ଔଷଧ ନିର୍ମାତାଙ୍କ ମଧ୍ୟରେ ଅଲିଖିତ ବୁଝାମଣା ଆଜି ଭାରତରେ ସାଧାରଣ ରୋଗୀର ଜୀବନକୁ ବିପଦରେ ପକାଉଛି।

**ଔଷଧ ନିର୍ମାତାଙ୍କଠାରୁ ମିଳୁଥିବା କମିଶନ ମୋଟା ଅଙ୍କରେ ଆସେ ବୋଲି ପ୍ରେସ୍କ୍ରିପ୍‌ଶନରେ ସେହି କମ୍ପାନୀର ଔଷଧ ଲେଖାଇବାକୁ କେତେକ ଡାକ୍ତର ପଛଘୁଞ୍ଚା ଦିଅନ୍ତି ନାହିଁ। ଏହାର ଅର୍ଥ ନୁହେଁ ଭଲ ଡାକ୍ତର ନାହାନ୍ତି। କିନ୍ତୁ ଭଲ ଡାକ୍ତରଙ୍କ ସଂଖ୍ୟା ଅତ୍ୟନ୍ତ ନଗଣ୍ୟ। ପ୍ରଭାବିତ ହୋଇ ଔଷଧ ଲେଖୁଥିବା ଡାକ୍ତର ଏବଂ ଅତ୍ୟଧିକ ଲାଭ ଖୋଜୁଥିବା ଔଷଧ ନିର୍ମାତାଙ୍କ ମଧ୍ୟରେ ଅଲିଖିତ ବୁଝାମଣା ଆଜି ଭାରତରେ ସାଧାରଣ ରୋଗୀର ଜୀବନକୁ ବିପଦରେ ପକାଉଛି।**

# ଗଣଜୀବନର ବିଶ୍ୱକୋଷ



ଡ. ପ୍ରଫୁଲ୍ଲ କୁମାର ସାହୁ


ଗଣନାଟ୍ୟ ଜଗତରେ ଗଣକବି ବୈଷ୍ଣବ ପାଣି ଥିଲେ ଆଦ୍ୟ ମୋସୁମୀର ଜଳକଣାସିକ୍ତ ଏକ ପ୍ରଚଣ୍ଡ ଝଡ଼, ଯାହାର ଆଘାତରେ ଆଜିସୁଦ୍ଧା ଶିହରିତ ହେଉଛି ଗଣଚେତନାର ରସକଦମ୍ବ। ଦରିଦ୍ରତା ପଙ୍କରେ ସାରା ଜୀବନ ଡହଳ ବିକଳ ହୋଇ ବୁଡ଼ି ରହିଥିଲେ ବି ପ୍ରଚଣ୍ଡ ପ୍ରତିଭା ବଳରେ ଓଡ଼ିଶାର ମାଟି-ମଟାଳକୁ, ପାଣି-ପବନକୁ ଓ ଜନ-ଜୀବନକୁ ସେ ଶୁଣେଇଛନ୍ତି ଏକ ନୂତନ କ୍ରାନ୍ତି ଓ ସଂକ୍ରାନ୍ତିର ଆବାହନୀ। ବିଶେଷକରି ଗୀତିନାଟ୍ୟରେ ବିଭିନ୍ନ ଚରିତ୍ରର ପ୍ରବର୍ତ୍ତନ କରାଇ ଏହାକୁ ଅଧିକ ନାଟକୀୟ କରିଥିଲେ, ଯାହା ଥିଲା ଓଡ଼ିଆ ଯାତ୍ରାରେ ଅଭିବ୍ୟକ୍ତିର ନୂତନ ମଙ୍ଗମୋଡ଼।

ଓଡ଼ିଶାରେ ଗଣନାଟ୍ୟ ଶୈଳୀର ସର୍ବଶ୍ରେଷ୍ଠ ଅଭିବ୍ୟକ୍ତି ହେଉଛି ଯାତ୍ରା। ଏହା ଗଣନାଟକର ଭିନ୍ନ ଭିନ୍ନ ଶୈଳୀର ଏକ ଚମତ୍କାର ସମନ୍ୱୟ। ଗଣ ଜୀବନର ହସ-କାନ୍ଦ, ଆଶା-ଆକାଂକ୍ଷା, ଅଭାବ-ଅନଟନ, ନ୍ୟାୟ -ଅନ୍ୟାୟ ଆଦି ଗଣନାଟକର ରସମୟ ରୂପ। ନଗର ଜୀବନ ନୁହେଁ, ପଲ୍ଲୀ ମାଟିର ଅଗଣିତ ଜନତା ହିଁ ଗଣ। ସେହିମାନଙ୍କ କଳା ବିନୋଦନ ଓ ଜୀବନଚର୍ଯ୍ୟା ହିଁ ଗଣନାଟ୍ୟର ପ୍ରାଣ। ପଲ୍ଲୀ ଜୀବନର ରସଚର୍ଯ୍ୟା ପାଇଁ ପାଣିକବି ଗଣନାଟ୍ୟକୁ ବାଛିନେଲେ ଏବଂ ନାଟ୍ୟ ବିନୋଦନ ମାଧ୍ୟମରେ ଗଣଜୀବନକୁ ଦେଲେ ଦିଗ୍‌ଦର୍ଶନ। ଆନୁଷ୍ଠାନିକ ପାଠପଢ଼ା ଥିଲା ପଞ୍ଚମ ଶ୍ରେଣୀ। କିନ୍ତୁ ଗଣବିଦ୍ୟାଳୟ ଥିଲା ତାଙ୍କର ଅସଲ ପଢ଼ାକ୍ଷେତ୍ର। ଗଣ ହିଁ ଥିଲେ ତାଙ୍କ ଶ୍ରୋତା, ଦର୍ଶକ ଓ ପ୍ରଶଂସକ। ଅଭିନୟ, ଓସ୍ତାଦି, ଗୀତ ରଚନା, ନାଟ୍ୟ ରଚନା ଓ ସଙ୍ଗୀତ ସଂଯୋଜନା ଆଦି ନାଟ୍ୟକଳାର ପ୍ରତ୍ୟେକ କ୍ଷେତ୍ରରେ ଥିଲା ତାଙ୍କର ଅସାଧାରଣ ପାରଦର୍ଶିତା। ଏହି ସଫଳତା ସେ ପାଇଥିଲେ ଏକଲବ୍ୟ ପରି, ବିନା ଗୁରୁରେ ଜଣେ ମୌଳିକ ଯାତ୍ରାକାର ଭାବରେ।

ବୈଷ୍ଣବ ପାଣି ଥିଲେ ମୁଖ୍ୟତଃ କବି। କସରତିଆ କବି ନୁହନ୍ତି, ଆଶୁକବି। ପାଲା ଗାୟକ ଭାବରେ ସେ ଆରମ୍ଭ କରିଥିଲେ ତାଙ୍କ କଳାକାର ଜୀବନ। ତତ୍କାଳ ଗୀତ ସଂଯୋଜନା କରି ଗାଇବାକୁ ପଡୁଥିଲା ବରାଦ ଆସିବା ମାତ୍ରେ। ସେତେବେଳ ଓଡ଼ିଶାରେ ନୂଆ ନୂଆ ଚାଲିଥିଲା ରେଳଗାଡ଼ି। ବରାଦ ଆସିଲା (ଧାନମଣ୍ଡଳ ପାଖରେ) ରେଳଗାଡ଼ି ଉପରେ କବିତା ବୋଲିବା ପାଇଁ। କବି ଚାମର ବୁଲାଇ ତତ୍‌କ୍ଷଣାତ ଗାଇଲେ-''ଧନ୍ୟ ଧନ୍ୟ ଫିରିଙ୍ଗି ଯୋଡି ଶୂନ୍ୟେ ଚଳାଇଛି ରେଳଗାଡ଼ି, ପବନ ହୁଁ ଖରେ ଯାଉଛି ଉଡ଼ି''। ଏହାର ଭାଷା ଥିଲା ସରଳ ଓ ସାବଲୀଳ। ବିଶେଷକରି ଏଥିରେ ଅୟାସଲବ୍ଧ କବିତ୍ୱ ଅପେକ୍ଷା ଅନୁଭୂତି ଲବ୍ଧ ଆବେଗ ଓ ସ୍ପନ୍ଦନର ସ୍ପର୍ଶ ବେଶି, ଯାହା ଶୁଣି ମୁଗ୍ଧ ଓ ସ୍ତବ୍ଧ ହୋଇଥିଲେ ଶ୍ରୋତା ମଣ୍ଡଳୀ। ପାଲା ଗାୟକ ଭାବରେ ରାମାୟଣ, ମହାଭାରତ, ଭାଗବତ ଓ ନୃସିଂହ ପୁରାଣ ଆଦି ଗ୍ରନ୍ଥ ଅଧ୍ୟୟନ କରି ସେଥିରୁ ସେ ଅନେକ ଉପାଖ୍ୟାନ ଗ୍ରହଣ କରିଛନ୍ତି ଏବଂ ତା'ର ନାନ୍ଦନିକ ନିର୍ଯାସକୁ ପ୍ରୟୋଗ କରିଛନ୍ତି ନାଟକୀୟ କଳା ପାଟବତାରେ।

ରାଧାନାଥ ଯୁଗର ପ୍ରଚଣ୍ଡ ମଧ୍ୟାହ୍ନରେ ବୈଷ୍ଣବ ପାଣିଙ୍କର ଆବିର୍ଭାବ। ଓଡ଼ିଆ କାବ୍ୟ ଧାରାରେ ପରିବର୍ତ୍ତନ ଆଣିଥିବା ରାଧାନାଥୀ କାବ୍ୟର ବୌଦ୍ଧିକ ରସକଦମ୍ବ ଶିକ୍ଷିତ ସମାଜର କାବ୍ୟତୃଷ୍ଣା ନିବାରଣ କରିଥିଲା ସତ, କିନ୍ତୁ ସେଥିରେ ନ ଥିଲା ଗ୍ରାମ୍ୟ ଜୀବନବୋଧର ଚିତ୍ର ଓ ଚଟୁଳ ରସିକତା। ପାଣିକବି ଏହି ଅଭାବକୁ ପୂରଣ କରି ଜିଣିଲେ ଗଣହୃଦୟ। ଜଣେ ଓସ୍ତାଦି ଅଭିନେତା ଭାବରେ ଗୋବର୍ଦ୍ଧନ ନାୟକଙ୍କ ଯାତ୍ରାଦଳ ସହିତ ବାଦିଯାତ୍ରାରେ ପରାଜୟର ଗ୍ଲାନି ହିଁ ତାଙ୍କ ଭିତରେ ଭରିଥିଲା ନାଟକ ଲେଖିବାର ଦୁର୍ବାର ପ୍ରେରଣା। ନିଜ ଜନ୍ମସ୍ଥାନ କୋଠପଦା (ମାହାଙ୍ଗା) ନିକଟସ୍ଥ କଅଁରପୁର ଗ୍ରାମର ପ୍ରତିଷ୍ଠିତ ଦେବତା ବିନୋଦବିହାରୀଙ୍କ ଆଶୀର୍ବାଦରୁ ୨୨ ବର୍ଷ ବୟସରେ ସେ ରଚନା କଲେ (୧୯୦୩) ଜୀବନର ପ୍ରଥମ ଗୀତାଭିନୟ 'ମେଘନାଦ ବଧ'। ଏହାର କବିତ୍ୱରେ ରାଧାନାଥୀୟ ସାମ୍ରାଜ୍ୟ ନ ଥିଲା ସତ, ନାଟକୀୟ ଉତ୍କଣ୍ଠା ସାଙ୍ଗକୁ କାରୁଣ୍ୟର ମର୍ମସ୍ପର୍ଶୀ ସ୍ପନ୍ଦନ ତାଙ୍କ ଆଦ୍ୟ ସୃଷ୍ଟିକୁ ଦେଇଥିଲା ଏକ ଅବିଶ୍ୱସନୀୟ ସଫଳତା। ପରବର୍ତ୍ତୀ ରଚନା ଥିଲା 'ରଙ୍ଗସଭା' ଓ 'ବ୍ରଜଲୀଳା'। ସେତେବେଳ ଏଇ ସାମାନ୍ୟ ପୁଞ୍ଜିରେ ଗ୍ରାମେଗ୍ରାମେ ବଚ୍ଛୁରିତ ହୋଇପଡିଲା କବିଙ୍କ ଯଶ ଓ ଲୋକପ୍ରିୟତା। ଅଗଣିତ ଗଣଜୀବନର ସମର୍ଥନକୁ ପାଥେୟ କରି ସେ ଲେଖିଚାଲିଲେ ରଙ୍ଗସଭା, ମହୀରାବଣ ବଧ, ନଳ ଦମୟନ୍ତୀ, ଖୁଲଣା ସୁନ୍ଦରୀ, କୀଚକ ବଧ, ଦକ୍ଷଯଜ୍ଞ, କପଟପାଶା, ଶ୍ରୀୟା ଚାଣ୍ଡାଲୁଣୀ, ଭକ୍ତ ସୁଦାମା ଓ ବସନ୍ତ ରାସ ଆଦି ଶତାଧିକ ଗୀତିନାଟ୍ୟ। କେବଳ ଓଡ଼ିଶା ନୁହେଁ, ତାଙ୍କ ନାଟ୍ୟ ପରିବେଷଣ କଳା କଲିକତା ଓ ତା'ର ଆଖପାଖ ଅଞ୍ଚଳରେ ସୃଷ୍ଟିକଲା ଅପୂର୍ବ ଆଲୋଡ଼ନ ଓ ଉନ୍ମାଦନା। ଜଣେ ଆଲୋଚକଙ୍କ ମତରେ କଲିକତାର ନାଟ୍ୟପ୍ରେମୀଙ୍କ ନିକଟରେ ବୈଷ୍ଣବ ପାଣି ଥିଲେ କିମ୍ବଦନ୍ତୀ ପୁରୁଷ। ଗଣକବିଙ୍କୁ ଜଣାଥିଲା ଓଡ଼ିଆ ଭାଷାର କଳାକୁଶଳତା ବ୍ୟବହାରିକ ଚମତ୍କାରିତା ବଳରେ ଜନଅରଣ୍ୟକୁ ସମ୍ମୋହିତ କରି ରଖିବାର କଳା। କବିତାର ମର୍ମ ବୁଝନ୍ତୁ କି ନାହିଁ, ବଙ୍ଗୀୟ ଦର୍ଶକମଣ୍ଡଳୀକୁ ବାନ୍ଧି ରଖୁଥିଲା ତାଙ୍କ ଯମକ ଓ ଅନୁପ୍ରାସ ପ୍ରୟୋଗର ଚମତ୍କାରିତା ବା 'ଆଲୋ ବୁଲା ମା' ! କୁଲାଟାକୁ ଛାଡିଲୁକି, ଝୁଲାମାଳି ଆଣୁଆଣୁ ହୁଡିଲୁକି' ଭଳି କବିତାର ଯାଦୁକରୀ ଶକ୍ତି। ଅନ୍ୟପକ୍ଷରେ ସେତେବେଳେ ବଙ୍ଗଳା ଗୀତାଭିନୟ ଓ ଯାତ୍ରା ନାଟକକୁ ନକଲ କରି ସୁନାମ ଅର୍ଜନ କରିବାକୁ ପ୍ରୟାସ କରୁଥିଲେ କତିପୟ ଓଡ଼ିଆ ନାଟ୍ୟକାର। ଏଥିରେ ଭାଷାପ୍ରେମୀ ପାଣିକବି ଖୁବ୍ ମର୍ମାହତ ହୋଇଥିଲେ ଏବଂ ନକଲ ଓ ଅନୁକରଣ ପ୍ରିୟମାନଙ୍କୁ ବଙ୍ଗଳା ଅଇଣ୍ଠାଚଟା ବୋଲି ଆକ୍ଷେପ କରି 'ବିଦ୍ୟାସୁନ୍ଦର' ଗୀତିନାଟ୍ୟରେ ଅତି କ୍ଷୋଭର ସହିତ ଲେଖିଥିଲେ ''ଦେଶ ଦଶା ଦେଖି ଉଡ଼ି ଯାଉଅଛି ହଂସା,ଦିନକୁଦିନ ହୀନ ଭଜୁଛି ସାହିତ୍ୟ ଭାଷା''।

ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଓଡ଼ିଶା ଆଗମନ, ଅସହଯୋଗ ଆନ୍ଦୋଳନ, ଲବଣ ସତ୍ୟାଗ୍ରହ, ହରିଜନ ପଦଯାତ୍ରା ଓ ଭାରତଛାଡ଼ ଆନ୍ଦୋଳନ-ଏକ ବିରାଟ ବିଶାଳ ସଂଘର୍ଷ, ବିପ୍ଳବ ଓ ସାଧନାମୟ ଅର୍ଦ୍ଧଶତାବ୍ଦୀର ପୃଷ୍ଠଭୂମି ଉପରେ ପରିପୁଷ୍ଟ ହୋଇଛି ଗଣକବିଙ୍କ ଜାତୀୟବାଦୀ ଭାବନା। ସେ କେବଳ ନାଟ୍ୟକାର ନୁହନ୍ତି, ବରଂ ଜଣେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଓ ଅଗ୍ନିବର୍ଷୀ ବିପ୍ଳବୀ କବି। ଜଣେ ବୃହତ୍ତର କର୍ତ୍ତବ୍ୟବୋଧର ନିର୍ମାତା ତଥା ସାମାଜିକ ଦାୟବଦ୍ଧତାର ମାନ୍ତ୍ରିକ। ନିଶାସେବନ ଓ ଛୁଆଁ ଅଛୁଆଁ ଭଳି ସାମାଜିକ କୁସଂସ୍କାର ବିରୋଧରେ ସ୍ୱର ଉତ୍ତୋଳନ କରିବା ସହିତ ଓଡ଼ିଆଙ୍କ କୁଳିଗିରି ଓ ଗରିବଙ୍କ ଅସହାୟତା ସମ୍ପର୍କରେ ଉପସ୍ଥାପନ କରି ତତ୍କାଳୀନ ଓଡ଼ିଶାରେ ଆଣିଥିଲେ ସାଂସ୍କୃତିକ ଜାଗରଣ। କେବଳ ସାହିତ୍ୟରେ ନୁହେଁ, ବ୍ୟକ୍ତିଗତ ଜୀବନରେ ଜାତିପ୍ରଥାକୁ ଅସ୍ୱୀକାର କରି ରଜକିନୀ ହାରାମଣିକୁ ଦେଇଥିଲେ ପତ୍ନୀର ମର୍ଯ୍ୟାଦା।



ପରକୀୟା ନାରୀ କିପରି ଓ କାହିଁକି ଯେ ଶିଳ୍ପୀର ସୃଷ୍ଟି ଚେତନାକୁ ଅନୁପ୍ରେରିତ କରେ, ତାହା ଏକ ମନସ୍ତାତ୍ତ୍ୱିକ ଅନୁସନ୍ଧାନର ବିଷୟ। କିନ୍ତୁ ପରକୀୟା ଓ କବିତା, ଜୀବନ ଓ ଆବେଗ, ସ୍ପନ୍ଦନ ଓ ସଙ୍ଗୀତ – ଏହା ଥିଲା ପାଣିକବିଙ୍କ ଜୀବନର ଏକୀଭୂତ ସତ୍ତା। ପରକୀୟା ନାରୀ ସହିତ କବିର ସମ୍ପର୍କ ନୈତିକତା ମାପକାଠିରେ ଗ୍ରହଣୀୟ ନୁହେଁ ଏହା ସତ୍ୟ, ମାତ୍ର ରସ ସୃଷ୍ଟିରେ ସେ ସମ୍ପର୍କ ଯେପରି ନିଷ୍ପାପ, ସେପରି ବୈଚିତ୍ର୍ୟମୟ। ଶାରଦା ବେଶ୍ୟା ହୋଇପାରେ, ନୀଳା ହୋଇପାରେ ରୂପଜୀବ୍ୟା, ମାତ୍ର ପାଣିକବିଙ୍କ ଦୃଷ୍ଟିରେ ସେମାନେ ଅନନ୍ତ ଯୁଗର ଚିରନ୍ତନୀ କାବ୍ୟନାୟିକା। ସେମାନଙ୍କ ପ୍ରେରଣାରେ କବିଙ୍କ ଲେଖନୀରେ ଫୁଟିଛି କବିତାର ଶତଦଳ। କବି କୋଣସି କଥା ଲୋକଚକ୍ଷୁ ଅନ୍ତରାଳରେ ଲୁଚାଇ ରଖିବାକୁ ଚାହିଁ ନାହାନ୍ତି, ଯାହା ଫଳରେ ତାଙ୍କର ଜୀବନ କାବ୍ୟଠାରୁ ଆହୁରି ଶୁଦ୍ଧ। ପଙ୍କରୁ ପଙ୍କଜର ଜନ୍ମ ପରି ଜୀବନର ପାପ ପଙ୍କ ଭିତରୁ ସେ ଫୁଟେଇଛନ୍ତି ସାହିତ୍ୟର ଲାବଣ୍ୟମୟ ଓ ବାସ୍ନାଯୁକ୍ତ ପଙ୍କଜ।

ଅଶ୍ଳୀଳତା ଦୋଷଦୃଷ୍ଟ ଯାତ୍ରା ସାହିତ୍ୟ ପ୍ରତି ବୈଷ୍ଣବ ପାଣିଙ୍କ ନାଟ୍ୟ ରଚନା ଏକ ତୀବ୍ର ପ୍ରତିବାଦ। ତାଙ୍କ ଗୀତିନାଟ୍ୟରେ ରହିଛି ଭାଷାରେ ତାରଲ୍ୟ,ସାରଲ୍ୟ ଓ ପ୍ରାସଙ୍ଗିକତା ମଧ୍ୟରେ ଶୃଙ୍ଗାର ରସର ମାର୍ଜିତ ଓ ମନୋଜ୍ଞ ପରିବେଷଣ। ସଙ୍ଗୀତ ମାଧ୍ୟମରେ ଚଟୁଳ ହାସ୍ୟରସ ପରିବେଷଣ ହିଁ ତାଙ୍କ ସାହିତ୍ୟର ଚମତ୍କାରିତା। କଳାକୁ ଜୀବନ ସହିତ ମିଶାଇ ଦେଇଥିବା ପାଣିକବି ଅଜସ୍ର ଭଜନ ଜଣାଣ ରଚନା କରି ଜଗନ୍ନାଥଙ୍କ ନିକଟରେ ନିବେଦନ କରିଛନ୍ତି ଜୀବନର ବ୍ୟଥା ଓ ବେଦନା।

ପାଣି ସାହିତ୍ୟ ଗଣଜୀବନର ବିଶ୍ୱକୋଷ। ସେ ନିଃସ୍ୱ ହୋଇ ମଧ୍ୟ ବିଶ୍ୱ ଜୀବନର ଶିଳ୍ପୀ। ଗଣ ହୃଦୟର ମୁକୁଟ ବିହୀନ ସମ୍ରାଟ। ତାଙ୍କର ମୃତ୍ୟୁକାଳ ଯେତିକି ଅତୀତ ହେଉଛି, ସେତିକି ଉଜ୍ଜ୍ୱଳ ହେଉଛି ତାଙ୍କ ସାହିତ୍ୟର କାଳଜୟୀ କଳା-ମୂଲ୍ୟ।

**ଅବସରପ୍ରାପ୍ତ ଅଧ୍ୟକ୍ଷ, ବିଜୁପଟ୍ଟନାୟକ ନଗର ଭଦ୍ରକ**
**ମୋ: ୬୩୭୧୬୪୨୪୬୪**

# ଅଧିକାରୀ ଓ ହିତାଧିକାରୀ



ଯଦୁମଣି ପାଣିଗ୍ରାହୀ

ଏକ ଜନମଙ୍ଗଳକାରୀ ରାଷ୍ଟ୍ରରେ ଲୋକଙ୍କ ହିତ ଲାଗି ସରକାର ଅନେକ ଯୋଜନା ପ୍ରଣୟନ କରିଥାନ୍ତି। ଏହି ଯୋଜନାଗୁଡ଼ିକ ମଧ୍ୟରୁ କେତେକ ପ୍ରାୟ ସବୁ ଲୋକଙ୍କର କାମରେ ଆସୁଥିବା ବେଳେ କେତେକ ଯୋଜନା ଛାତ୍ରୀଛାତ୍ର, କୃଷକ, ଶ୍ରମିକ, ବୃଦ୍ଧାବୃଦ୍ଧ, ଆର୍ଥିକ ଅନଗ୍ରସର, ମହିଳା, ଶିଶୁ ଓ ଭିନ୍ନକ୍ଷମ ଆଦିଙ୍କ ଉପକାରରେ ଆସିଥାଏ। ସରକାର ଏମାନଙ୍କ ଆର୍ଥିକ ଅବସ୍ଥାର ପରିବର୍ତ୍ତନ କରିବା ଲାଗି କଲ୍ୟାଣକାରୀ ଯୋଜନା ମାନ ପ୍ରଣୟନ କରାଇଥାନ୍ତି। ଏହିସବୁ ଯୋଜନା ଲୋକଙ୍କର ହିତରେ ଆସୁଥିବାରୁ ଏମାନେ ହେଲେ ହିତାଧିକାରୀ ବା ଲାଭାର୍ଥୀ। ସେହିପରି ସରକାରୀ ଯୋଜନାଗୁଡିକୁ କାର୍ଯ୍ୟକାରୀ କରାଇବାର ଦାୟିତ୍ୱ ଯେଉଁମାନଙ୍କ ହାତରେ ରହିଥାଏ ସେମାନେ ହେଉଛନ୍ତି ଅଧିକାରୀ। ଏମାନେ ହିତାଧିକାରୀଙ୍କୁ ଯୋଜନା ସମ୍ପର୍କରେ ସବିଶେଷ ସୂଚନା ଦେବା ସହିତ ଆବଶ୍ୟକ ସ୍ଥଳେ ସଚେତନତା ସୃଷ୍ଟି କରାଇବେ, ଆବେଦନ କରିବାର ବାଟ ବତାଇ ଦେବେ, ଆବେଦନକାରୀଙ୍କ ମଧ୍ୟରୁ ଯୋଗ୍ୟ ହିତାଧିକାରୀ ଚୟନ କରିବେ ଏବଂ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସେମାନେ ଯେଭଳି ଯୋଜନାର ସୁଫଳ ପ୍ରାପ୍ତ ହେବେ ସେଥିନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ। ଅଧିକାରୀମାନେ ଏହିସବୁ କାର୍ଯ୍ୟ ଅତ୍ୟନ୍ତ ନିଷ୍ଠା ଓ ଆନ୍ତରିକତାର ସହିତ ଏବଂ ସରକାରୀ ନୀତିନିୟମ ଆଧାରରେ ସମ୍ପାଦନ କରିବେ। ଏଥିରେ କୌଣସି ପାତରଅନ୍ତର ଅବା ପ୍ରିୟାପ୍ରୀତି ତୋଷଣ ନୀତି ଅନୁସରଣ କରିପାରିବେ ନାହିଁ କିମ୍ବା ହିତାଧିକାରୀଙ୍କଠାରୁ ଏଥିନେଇ କୌଣସି ଉତ୍କୋଚ ଦାବି କରିପାରିବେ ନାହିଁ। ଯାହାଦ୍ୱାରା ଯୋଗ୍ୟ ହିତାଧିକାରୀଟିଏ ଯେକୌଣସି ସରକାରୀ ଯୋଜନାରେ ସାମିଲ ହେବାର ସୁଯୋଗ ଲାଭ କରିପାରିବ ଏବଂ ଏଥିରୁ ଉପକୃତ ହୋଇପାରିବ। ଏଭଳି ହୋଇପାରିଲେ ସରକାରୀ ଯୋଜନାରୁ କେହିଜଣେ ବି ହିତାଧିକାରୀ ବଞ୍ଚିତ ହେବେ ନାହିଁ ଆଉ ସରକାରୀ ଯୋଜନାଗୁଡ଼ିକର କାର୍ଯ୍ୟକାରିତା ନେଇ କୌଣସି ପ୍ରଶ୍ନବାଚୀ ଦେଖାଦେବ ନାହିଁ। ସମାଜର ସବୁ ବର୍ଗର ଲୋକେ ଉପକୃତ ହେଲେ ଶାସକ ଓ ଶାସନକୁ ନେଇ କେହି ଆପତ୍ତି ଉଠାଇବେ ନାହିଁ। ତେବେ ବଡ଼କଥା ହେଉଛି ସରକାରୀ ଯୋଜନାଗୁଡ଼ିକୁ ଠିକ୍ ଭାବେ କାର୍ଯ୍ୟକାରୀ କରାଇବା ନେଇ ଉଭୟ ଅଧିକାରୀ ଓ ହିତାଧିକାରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏମାନଙ୍କ ସାଧୁତା ଓ ନିରପେକ୍ଷ ବିଚାରଧାରା ଯେକୌଣସି ଯୋଜନାର ସଫଳ ରୂପାୟନର ମାର୍ଗ ପ୍ରସ୍ତୁତ କରିଥାଏ। କାରଣ, କୌଣସି ଯୋଜନାରେ ସାମିଲ ହେବା ଲକ୍ଷ୍ୟରେ ହିତାଧିକାରୀଟି ନିଜକୁ ଯୋଗ୍ୟ ବୋଲି ସାବ୍ୟସ୍ତ କରିବା ଯେତିକି ସାମାଜିକ ମୂଲ୍ୟବୋଧ ବହନ କରିଥାଏ, ପ୍ରକୃତ ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରିବାରେ ଅଧିକାରୀଙ୍କ ନିଷ୍ଠା ଓ କାର୍ଯ୍ୟଦକ୍ଷତା ସାଧାରଣରେ ସେତିକି ଗୁରୁତ୍ୱ ବହନ କରିଥାଏ। ଏ କ୍ଷେତ୍ରରେ ଉଭୟ ସ୍ୱଚ୍ଛତାର ପଥ ଅନୁସରଣ କରିପାରିଲେ ଜଣେ ହେଲେ କେହି ଅଯୋଗ୍ୟ ହିତାଧିକାରୀ ଯୋଜନାରେ ଅନ୍ତର୍ଭୁକ୍ତ ହେବାର ସୁଯୋଗ ପାଇ ପାରନ୍ତା ନାହିଁ କି କେହି ଜଣେ ହେଲେ ବି ଏଥିରୁ ବଞ୍ଚିତ ହେବାର ଆଶଙ୍କା ସୃଷ୍ଟି ହୁଅନ୍ତା ନାହିଁ।



ଦେଶ ସ୍ୱାଧୀନତାଠାରୁ ଏକାଧିକ ସରକାର ଦେଶ/ରାଜ୍ୟକୁ ଶାସନ କଲେଣି। ସେମାନଙ୍କ ଶାସନ କାଳରେ ଅନେକ ଯୋଜନା ପ୍ରଣୟନ କରିଛନ୍ତି। ବିଶେଷକରି ସମାଜରେ ଗରିବ ଓ ଅବହେଳିତ ବର୍ଗଙ୍କ ଲାଗି ପ୍ରଣୀତ ଯୋଜନାରୁ ହିତାଧିକାରୀମାନେ ଆଂଶିକ ଭାବେ ଉପକୃତ ହୋଇଥିବା ବେଳେ ଅଧିକାଂଶ ଯୋଜନାରୁ ସେମାନଙ୍କୁ କୌଣସି ସୁଫଳ ମିଳିପାରିନି। ଯେଉଁ ଉଦ୍ଦେଶ୍ୟ ନେଇ ସରକାର ଯୋଜନା ପ୍ରଣୟନ କରିଥାଆନ୍ତି ତାହା ଫଳପ୍ରସୂ ନ ହୋଇପାରିଲେ ଉଦ୍ଦେଶ୍ୟ ସାଧିତ ହୋଇପାରେ ନାହିଁ। ଉଦାହରଣସ୍ୱରୂପ ଦାରିଦ୍ର୍ୟ ଦୂରୀକରଣ ଯୋଜନାରେ କେନ୍ଦ୍ର ଓ ରାଜ୍ୟ ସରକାରମାନେ ଯେତେ ଅର୍ଥ ବ୍ୟୟ କରିଆସୁଛନ୍ତି ତାହାଦ୍ୱାରା ଆଜିଯାଏ ଦାରିଦ୍ର୍ୟ ଦୂର ହୋଇ ପାରିନାହିଁ। ଆଜି ବି କିଛି କିଛି ନୂଆ ଯୋଜନା ପ୍ରଣୟନ କରାଯାଉଛି। ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ମଧ୍ୟାହ୍ନଭୋଜନ, ପୋଷାକ, ସାଇକେଲ, ପାଠ୍ୟପୁସ୍ତକ ଓ ଆର୍ଥିକ ପ୍ରୋତ୍ସାହନ, ଆବାସ ଯୋଜନାରେ ପକ୍କାଗୃହ ଯୋଗାଇବା, ଖାଦ୍ୟ ସୁରକ୍ଷା ଯୋଜନାରେ ମାଗଣାରେ ରାଶନ ପ୍ରଦାନ, ବୃଦ୍ଧାବୃଦ୍ଧ, ବିଧବା ଓ ଭିନ୍ନକ୍ଷମଙ୍କୁ ଭତ୍ତା, କୃଷକଙ୍କୁ ଆର୍ଥିକ ପ୍ରୋତ୍ସାହନ, ଆତ୍ମନିର୍ଭରଶୀଳ ହେବାକୁ ବେକାର ଯୁବକ ଓ ମହିଳାଙ୍କୁ କମ୍ ସୁଧ ହାରରେ ଦୀର୍ଘମିଆଦୀ ଋଣ ଯୋଗାଇବା ସର୍ବୋପରି ରୋଗୀର ଚିକିତ୍ସା ଲାଗି ସହାୟତା ଆଦି ଅନେକ ଯୋଜନା ପ୍ରଣୟନ କରାଯାଇଛି। ଏହାବ୍ୟତୀତ ସାମଗ୍ରିକ ଭାବେ କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ବିଜୁଳି ଓ ପାନୀୟ ଜଳ ଯୋଗାଣ ଓ ଗମନାଗମନର ସୁବ୍ୟବସ୍ଥା କରାଯିବାକୁ ଅନେକ ଯୋଜନା ପ୍ରଣୟନ କରାଯାଇଛି। ହେଲେ ଉପାନ୍ତ ଅଞ୍ଚଳରେ ବସବାସ କରୁଥିବା ଲୋକେ ଆଜି ବିଭିନ୍ନ ସମସ୍ୟାରେ ଛନ୍ଦି ହୋଇ ଦୁଃଖକଷ୍ଟ ଭୋଗ କରୁଛନ୍ତି। ସେମାନଙ୍କୁ ସର୍ବନିମ୍ନ ମୌଳିକ ସୁବିଧା ସୁଯୋଗ ମିଳିପାରୁନି। ଏ କ୍ଷେତ୍ରରେ ଅବଶ୍ୟ ସରକାରଙ୍କର କିଛି ଦୋଷ ଦୁର୍ବଳତା ରହିଛି। ତେବେ ଦାୟିତ୍ୱରେ ଥିବା ଅଧିକାରୀମାନେ ଏଥିପାଇଁ ଅନେକ ମାତ୍ରାରେ ଦାୟୀ। ସେମାନଙ୍କ ଅବହେଳା ଓ ଦାୟିତ୍ୱହୀନତାରୁ ସରକାରୀ ଯୋଜନା ହିତାଧିକାରୀଙ୍କ ପାଖରେ ପହଞ୍ଚି ପାରୁନି। ସେସବୁ ଅଞ୍ଚଳରେ ଅଧିକାରୀ ଓ ହିତାଧିକାରୀଙ୍କ ମଧ୍ୟରେ ନିବିଡ଼ତା ବଦଳରେ ଦୂରତା ବଢ଼ିବାରେ ଲାଗିଛି।

ଅନ୍ୟପକ୍ଷେ ଅଧିକାରୀମାନେ ସେମାନଙ୍କ ଚାକିରି ବଞ୍ଚାଇବା ଲକ୍ଷ୍ୟରେ ସରକାରୀ କାର୍ଯ୍ୟକୁ କେବଳ ବିଧିରକ୍ଷା ଭିତରେ ସୀମିତ ରଖୁଥିବା ବେଳେ ଯୋଜନାର ସଫଳ ରୂପାୟନ ନେଇ ସେମାନେ ଆଦୌ ବିବ୍ରତ ହୁଅନ୍ତି ନାହିଁ। ରାଜନୈତିକ ଚାପରେ ପଡ଼ି ଅଧିକାରୀମାନେ ନିଷ୍ପତ୍ତି ଗ୍ରହଣ କରୁଥିବାରୁ ପ୍ରକୃତ ଯୋଗ୍ୟ ହିତାଧିକାରୀମାନେ ଯୋଜନାରୁ ବାଦ ପଡୁଥିବା ବେଳେ ଅଯୋଗ୍ୟମାନେ ଯୋଜନାରୁ ଲାଭ ଉଠାଉଛନ୍ତି। ଏପରି କ୍ଷେତ୍ରରେ ଅଧିକାରୀମାନେ ସେମାନଙ୍କ ମନୋଭାବର ପରିବର୍ତ୍ତନ କରିବା ସହିତ ହିତାଧିକାରୀଙ୍କ ହିତରେ ଆପଣାର ବିବେକାନୁମୋଦିତ କାର୍ଯ୍ୟ ଜାରି ରଖିପାରିଲେ ହିତାଧିକାରୀମାନେ ଯୋଜନାରୁ ବହୁଳ ମାତ୍ରାରେ ଉପକୃତ ହୋଇପାରନ୍ତେ।

**ଶଙ୍ଖଡ଼ା, ତିହିଡ଼ି, ଭଦ୍ରକ**
**ମୋ: ୯୯୩୭୫୬୫୫୨୭**

## ଏଇ ଭାରତରେ

ସୁନାର ଦାମ୍ ଏବେ ଯେଉଁଭଳି ବଢ଼ିଚାଲିଛି ତାହା ସମସ୍ତଙ୍କୁ ଚିନ୍ତାରେ ପକାଇଛି। ଏଭଳି ଏକ ସମୟରେ ମ୍ୟାଗି ପ୍ୟାକେଟ୍ ବଦଳରେ ସୁନା ମୁଦିଟିଏ ଦେବା କଥା କେହି କେବେ ଚିନ୍ତା ବି କରିପାରିବେ ନାହିଁ। ହେଲେ ଏମିତି ଏକ ଘଟଣା ଘଟିଛି ଉତ୍ତରପ୍ରଦେଶ କାନପୁରର ଶାସ୍ତ୍ରୀ ନଗରରେ। ଏଠାରେ ୧୩ ବର୍ଷର ବାଳକଟିଏ ମ୍ୟାଗି ଖାଇବ ବୋଲି ଘରୁ ସୁନା ମୁଦି ନେଇ ବିକ୍ରି କରିବାକୁ ଯାଇଥିଲା। ଗୋଟିଏ ମ୍ୟାଗି ପ୍ୟାକେଟର ଦାମ୍ ତୁଳନାରେ ସୁନା ମୁଦିର ଦାମ୍ ଯେ କେତେ ଗୁଣ ଅଧିକ ସେ ନେଇ ପିଲାଟିର ଆଦୌ ଧାରଣା ନ ଥିଲା। ନିଜର ପ୍ରିୟ ଖାଦ୍ୟ ଖାଇବା ତୁଳନାରେ ପିଲାଙ୍କ ପାଇଁ ସୁନା, ରୁପା କି ଅନ୍ୟ କୌଣସି ଦାମୀ ଜିନିଷର କିଛି ମୂଲ୍ୟ ନ ଥାଏ। ସେଥିପାଇଁ ତ ମ୍ୟାଗି ପ୍ୟାକେଟ କିଣିବା ପାଇଁ ସେ ଏଭଳି କାମ କରିବାକୁ ଆଦୌ ସଙ୍କୋଚ କରି ନ ଥିଲା। ଶାସ୍ତ୍ରୀନଗରର ସରାଫା ବଜାରରେ ସେ ଦୋକାନୀ ମାଲିକ ପୁଷ୍ପେନ୍ଦ୍ର ଜୟସ୍ୱାଲଙ୍କୁ ମୁଦି ଦେଇ ମ୍ୟାଗି ନିମନ୍ତେ ପଇସା ମାଗିଥିଲା। ଦୋକାନୀ ମୁଦିଟି ସୁନା କି ନାହିଁ ଯାଞ୍ଚ କରିଥିଲେ। ମୁଦିଟି ସୁନାର ବୋଲି ଜଣିବା ପରେ ଦୋକାନୀ ବାଳକକୁ କିଛି ପଇସା ଦେଇ ତାଙ୍କ ଘର ଲୋକଙ୍କୁ ଡକାଇ ମୁଦି ଫେରାଇ ଦେଇଥିଲେ।

## ୫୦ ବର୍ଷ ତଳର ଧରିତ୍ରୀ

୬ ଅକ୍ଟୋବର ୧୯୭୬

- ରେଲ୍‌ୱେ କର୍ମଚାରୀ ଓ ସେମାନଙ୍କ ପରିବାରବର୍ଗଙ୍କ ସୁଖସ୍ୱାଚ୍ଛନ୍ଦ୍ୟ ପାଇଁ ୬୬୫ ନିୟୁତ ଟଙ୍କାର ବ୍ୟୟ ବ୍ୟବସ୍ଥା।
- ଧାନବାଦଠାରୁ ୧୫ କିଲୋମିଟର ଦୂରରେ ଅବସ୍ଥିତ ସୁଦାମଡିଲ କୋଇଲା ଖଣିରେ ବିସ୍ଫୋରଣ ଘଟି ୩୬ ଜଣ ନିହତ।

## ଚିରନ୍ତନୀ

ଜମିଅଛି ଯେତେ ବ୍ୟର୍ଥ ସାଧନା
ଅଭିଶାପ ସମ ଅସୀମ ଭାବନା
ତୁମରି ପରଶେ ନବ ରୂପ ଧରି
ଜୀଇଁଉଠୁ ତାହା ମରି
ଚମ୍ପକ ଚାରୁ ହାସ ହସିଯାଅ
ଆଗୋ ଗୋରଚନା-ଗୋରି !
-(ରୂପର ସ୍ତବ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku

Puzzles by Srikant Ghosh

ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| 1 | | 2 | | | 7 | | | |
| | 9 | | | | | | 8 | |
| | | | | 3 | | 1 | | |
| 9 | 3 | | 5 | | | | | |
| | 5 | 7 | | | 6 | | | 3 |
| 6 | | | | | | 8 | | |
| 2 | | | | 1 | | | 4 | |
| | | 9 | | | | 6 | | |
| | | | | | 5 | 7 | 3 | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 4 | 8 | 9 | 5 | 7 | 6 | 2 | 1 |
| 7 | 9 | 2 | 6 | 1 | 8 | 5 | 4 | 3 |
| 6 | 5 | 1 | 4 | 2 | 3 | 8 | 7 | 9 |
| 9 | 3 | 4 | 2 | 7 | 6 | 1 | 5 | 8 |
| 1 | 7 | 5 | 8 | 4 | 9 | 3 | 6 | 2 |
| 2 | 8 | 6 | 1 | 3 | 5 | 4 | 9 | 7 |
| 5 | 6 | 7 | 3 | 9 | 1 | 2 | 8 | 4 |
| 4 | 1 | 9 | 5 | 8 | 2 | 7 | 3 | 6 |
| 8 | 2 | 3 | 7 | 6 | 4 | 9 | 1 | 5 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସାରର ବିକଳ୍ପ ବ୍ୟବସ୍ଥା କରାଯାଉ

ମହାଶୟ,

ଚାଷୀମାନଙ୍କୁ ଠିକ୍ ସମୟରେ ସାର ଯୋଗାଇ ଦେବା ସରକାରଙ୍କ କାମ। ନିର୍ଦ୍ଦିଷ୍ଟ ସମୟ ପୂର୍ବରୁ କେଉଁ ଅଞ୍ଚଳରେ କେତେ ସାର ଦରକାର, ସରକାର ତାହା ନିର୍ଦ୍ଧାରଣ କରି ଡିଲରମାନଙ୍କ ପାଖରେ ପହଞ୍ଚାଇ ଦେବା ଉଚିତ୍। ଡିଲରଙ୍କ ପାଖରେ ଯଦି ସାର ନାହିଁ, କଳାବଜାରକାରୀଙ୍କ ପାଖକୁ କେମିତି ଆସୁଛି। ସରକାର ମୁକ୍ତକଣ୍ଠରେ କହୁଛନ୍ତି ପ୍ରଚୁର ସାର ମହଜୁଦ ରହିଛି। ତେବେ ଚାଷୀଙ୍କୁ ଯୋଗାଇ ଦିଆଯାଉନି କାହିଁକି? ଚାଷ କରିବାକୁ ସରକାର ଯେଉଁ ଅର୍ଥ ଯୋଗାଇ ଦେଉଛନ୍ତି, ତାହା କ'ଣ ଏହି କଳାବଜାରରୁ ସାର କିଣିବାକୁ ଦେଉଛନ୍ତି। ଠିକ୍ ସମୟରେ ଯଦି ଚାଷୀଙ୍କୁ ସାର ଯୋଗାଇ ଦିଆ ନ ଯାଉଛି ତେବେ ସରକାର ଦାୟୀ। ଯେଉଁ ଡିଲରମାନେ ସାର ମହଜୁଦ ରଖି କଳାବଜାରରେ ବିକୁଛନ୍ତି, ସେମାନଙ୍କର ଡିଲରଶିପ୍ ବ୍ୟାନ କରାଯାଉ ଓ ଯୋଗାଣ ଅଫିସରଙ୍କୁ ତାଗିଦ କରାଯାଉ। ଶୀଘ୍ର ସରକାର ଏଥିପାଇଁ କିଛି ବିକଳ୍ପ ବ୍ୟବସ୍ଥା କରନ୍ତୁ।

**–ଅକ୍ଷୟ ମହାନ୍ତି, କଳିଙ୍ଗ ବିହାର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଶହୀଦ ବାଜି ରାଉତଙ୍କ ଶତବାର୍ଷିକୀ ଜୟନ୍ତୀ ଅବସରରେ ରବିବାର ବିଧାନସଭା ସମ୍ମୁଖରେ ଥିବା ପ୍ରତିମୂର୍ତ୍ତିରେ ବାଚସ୍ପତି ସୁରମା ପାଢ଼ୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିଧାୟକ ବାବୁ ସିଂ ଓ ଅନନ୍ତ ନାରାୟଣ ଜେନା ପ୍ରମୁଖ ଶ୍ରଦ୍ଧାସୁମନ ଅର୍ପଣ କରିବା ଅବସରରେ ।

# ଆଜି ମୁଖ୍ୟମନ୍ତ୍ରୀଙ୍କ ନୂଆପଡ଼ା ଜିଲା ଗସ୍ତ

ନୂଆପଡା,୫।୧୦(ମକାରୁ ବେମାଲ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସୋମବାର ଦିନିକିଆ ନୂଆପଡା ଗସ୍ତ କାର୍ଯ୍ୟକ୍ରମ ରହିଛି। ଏହାକୁ ନେଇ ପ୍ରସ୍ତୁତି ଚୂଡ଼ାନ୍ତ ହୋଇ ସାରିଛି। ଶାନ୍ତି ଶୃଙ୍ଖଳା ବଜାୟ ରଖିବା ପାଇଁ ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନ ପ୍ରସ୍ତୁତ ହୋଇ ରହିଛନ୍ତି। ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରରୁ ସ୍ୱତନ୍ତ୍ର ଉଡ଼ାଜାହାଜରେ ଆସି ଖରିଆରରୋଡ ଗୋତମାସ୍ଥିତ ଉଡାଜାହାଜ ପଡିଆରେ ଅବତରଣ କରି ସଡ଼କ ପଥରେ ନୂଆପଡ଼ା ଆସି ମିନି ଷ୍ଟାଡିୟମଠାରେ ଆୟୋଜିତ ସଭାରେ ସାମିଲ ହୋଇ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ମନ୍ତ୍ରୀଙ୍କ ସହିତ ନିର୍ବାଚିତ ଜନ ପ୍ରତିନିଧି ସାମିଲ ହେବାର କାର୍ଯ୍ୟକ୍ରମ ରହିଛି। ଆଗାମୀ ନୂଆପଡ଼ା ଉପନିର୍ବାଚନ ପାଇଁ ରାଜ୍ୟର ୩ ପ୍ରମୁଖ ଦଳ ମଧ୍ୟରୁ ୨ ଦଳର ପ୍ରାର୍ଥୀ ଏକ ପ୍ରକାର ସ୍ପଷ୍ଟ ହୋଇଥିବା ବେଳେ ମୁଖ୍ୟମନ୍ତ୍ରୀ ଭାଜପାର ପ୍ରାର୍ଥୀ ଘୋଷଣା କରିବେ କି ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଜୋର ଧରିଛି। ନୂଆପଡ଼ା ଜିଲାବାସୀଙ୍କୁ ସଭାରେ ଉଦ୍‌ବୋଧନ ଦେଇ ପୁଣି ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବେ।

# ଛିଡ଼ା ହୋଇଥିବା ଟ୍ରକ୍ ସହ ପିଟି ହୋଇ ୨ ବାଇକ୍ ଆରୋହୀ ମୃତ

## କ୍ଷତିପୂରଣ ଦାବିରେ ଜାତୀୟ ରାଜପଥ ଅବରୋଧ

ପାଣ୍ଡ୍ରିପାଣି,୫।୧୦(ରାମମୂର୍ତ୍ତି କିର୍ସାନୀ)



ମାଲକାନଗିରି ବ୍ଲକ୍ କଟାମେଟା ଗ୍ରାମ ନିକଟ ୩୨୬ନଂ ଜାତୀୟ ରାଜପଥ କଡ଼ରେ ଛିଡ଼ା ହୋଇଥିବା ଗୋଟିଏ ଟ୍ରକ୍‌କୁ ୨ଟି ବାଇକ୍ ଧକ୍କା ଦେବାରୁ ଦୁଇ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ଦ୍ୱୟ ହେଲେ ମାଲକାନଗିରି ବ୍ଲକ୍ ସିନ୍ଧ୍ରିମାଳ ପଞ୍ଚାୟତ କଙ୍କଡି ଗ୍ରାମର ସୁକୁ ଖିଲ ଓ ଭୀମ ଖିଲ । ଦୁର୍ଘଟଣାରେ ଅନ୍ୟ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଗ୍ରାମବାସୀ ଓ ପରିବାର ବର୍ଗ ରବିବାର ସକାଳ ୬ରୁ ୧୦ଟା ପର୍ଯ୍ୟନ୍ତ ୩୨୬ନଂ ଜାତୀୟ ରାଜପଥ ଅବରୋଧ କରିଥିଲେ। ଦୀର୍ଘ ୪ଘଣ୍ଟା ଧରି ଜାତୀୟ ରାଜପଥ ବନ୍ଦ ଯୋଗୁ ବହୁ ଯାନବାହନ ଅଟକି ରହିଥିଲା। ଘଟଣାସ୍ଥଳରେ ମାଲକାନଗିରି ଏସ୍‌ଡିପିଓ ଦିବ୍ୟରଞ୍ଜନ ଦଳେଇ, ମାଲକାନଗିରି ଥାନା ଅଧିକାରୀ ରିଗାନ କିଣ୍ଡୋ ଓ ମାଥିଲି ତହସିଲଦାର ମାନସୀ ଭୋଇ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

ସୂଚନା ଅନୁଯାୟୀ, ଶନିବାର ସକାଳେ ଦୁଇଜଣ ବ୍ୟକ୍ତି ବାଇକ ଯୋଗେ ଜୟପୁର ଅଭିମୁଖେ ଯାଉଥିବା ସମୟରେ କଟାମେଟା ଗ୍ରାମ ନିକଟରେ ଗତ ୨ ଦିନ ହେଲା ବ୍ରେକ୍‌ଡାଉନ୍ ହୋଇ ଛିଡ଼ା ହୋଇଥିବା ଟ୍ରକ୍‌କୁ ପଛରୁ ଧକ୍କା ଦେଇଥିଲେ। ଫଳରେ ୨ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପରବର୍ତ୍ତୀ ସମୟରେ ସେମାନଙ୍କୁ କୋରାପୁଟ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ତେବେ ଆହତ ଯୁବକ ଦ୍ୱୟଙ୍କ ପରିଚୟ ମିଳି ପାରିନାହିଁ । ସେହିପରି ଶନିବାର ରାତିରେ ସିନ୍ଧ୍ରିମାଳ ପଞ୍ଚାୟତର ସୁକୁ ଓ ଭୀମ ବାଇକ୍ ଯୋଗେ ଗୋବିନ୍ଦପାଲ୍ଲୀରେ ହେଉଥିବା ସପ୍ତଧାରା ଯାତ୍ରା ଦେଖିବାକୁ ଯାଉଥିବା ସମୟରେ ଉକ୍ତ ଟ୍ରକକୁ ପଛପଟୁ ଧକ୍କା ଦେଇଥିଲେ। ଫଳରେ ଘଟଣାସ୍ଥଳରେ ଦୁଇଜଣଙ୍କ ମୃତ୍ୟୁ ଘଟିଛି। ପୋଲିସ ଦୁଇ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇ ଘଟଣାର ତଦନ୍ତ ଜାରି ରଖିଥିବା ମାଲକାନଗିରି ଥାନା ଅଧିକାରୀ କିଣ୍ଡୋ ସୂଚନା ଦେଇଛନ୍ତି।

# ଖସିଯିବ ୩୫୦କୋଟି

## ଡିସେମ୍ବର ୩୧ କଣ୍ଟ

ଭୁବନେଶ୍ୱର,୫।୧୦ (ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ହାତରେ ଆଉ ମାତ୍ର ୮୬ଦିନ ରହିଛି। ଯଦି ଡିସେମ୍ବର ୩୧ ସୁଦ୍ଧା ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ସମସ୍ତ କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା (ସିଏସ୍‌ଏସ୍)ଅର୍ଥ ଅର୍ଥମନ୍ତ୍ରଣାଳୟର ମାର୍ଗଦର୍ଶିକା ଅନୁଯାୟୀ ଖର୍ଚ୍ଚ ହେବା ସହିତ ହିସାବ ଦିଆଯାଏ, ତେବେ ଓଡ଼ିଶା ୩୫୦କୋଟି ଟଙ୍କାର ପ୍ରୋତ୍ସାହନ ରାଶି ପାଇବାକୁ ଯୋଗ୍ୟ ହେବ। ଅନ୍ୟଥା ଏହି କେନ୍ଦ୍ରୀୟ ପ୍ରୋତ୍ସାହନ ଅର୍ଥ ରାଜ୍ୟକୁ ମିଳିବ ନାହିଁ ବୋଲି ଶନିବାର ସିଙ୍ଗଲ ନୋଡାଲ ଏଜେନ୍ସି(ଏସ୍‌ଏନ୍‌ଏ) ଏବଂ ସ୍ପର୍ଶ ସମୀକ୍ଷା ବୈଠକରୁ ଜଣାଯାଇଛି।

ଅର୍ଥ ବିଭାଗର ତଥ୍ୟ ଅନୁଯାୟୀ, କେନ୍ଦ୍ର ସରକାରଙ୍କ ଅର୍ଥ ମନ୍ତ୍ରଣାଳୟର ମାର୍ଗଦର୍ଶିକା ଅନୁସାରେ ରାଜ୍ୟ ସରକାରଙ୍କ ୨୨ବିଭାଗ ଏସ୍‌ଏନ୍‌ଏ ଆକାଉଣ୍ଟ ଖାତା ସ୍ପର୍ଶ ମାଧ୍ୟମରେ ଖୋଲି ସାରିଥିବାବେଳେ ଅବଶିଷ୍ଟ ବିଭାଗର ପ୍ରାୟ ୨୫ଟି ବ୍ୟାଙ୍କ ଖାତା ଖୋଲିବା ଦିଗରେ ତତ୍ପରତା ଦେଖାଇ ନାହାନ୍ତି। ଏହାକୁ ନେଇ ଅର୍ଥ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ଚଳିତ ଆର୍ଥିକବର୍ଷ ରାଜ୍ୟ ସରକାର ୬ହଜାର କୋଟି ଟଙ୍କା ପାଇବାକୁ ବଜେଟରେ ବ୍ୟବସ୍ଥା କରିଛନ୍ତି। ଏହି ରାଶି ପାଇବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ କେତେକ ସର୍ତ୍ତାବଳୀ ରହିଛି। ଯଦି ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ ଉକ୍ତ ରାଶି ପାଇପାରିବେ ତେବେ ପ୍ରୋତ୍ସାହନ ବାବଦକୁ ଅଧିକ ୩୫୦ କୋଟି ଟଙ୍କା ମିଳିବ। ହେଲେ ସେପ୍ଟେମ୍ବର ସୁଦ୍ଧା ଯେଉଁ ତଥ୍ୟ ଆସିଛି ରାଜ୍ୟ ପ୍ରୋତ୍ସାହନ ରାଶି ପାଇବାଠାରୁ ବହୁ ଦୂରରେ ରହିଛି। କେବଳ କେତେକ ବିଭାଗ ସିଙ୍ଗଲ ନୋଡାଲ ଏଜେନ୍ସି ଆକାଉଣ୍ଟ ଖୋଲିବାରେ ସମର୍ଥ ହୋଇଥିଲେ ମଧ୍ୟ ଏହା ଯେପରି ଭାବେ ସ୍ପର୍ଶ ପଦ୍ଧତି ଦେଇ ଖର୍ଚ୍ଚ ହେବାର ଆବଶ୍ୟକତା ରହିଛି ସେଥିପ୍ରତି ଗୁରୁତ୍ୱ ଦେଉ ନ ଥିବା ସମୀକ୍ଷାରୁ ଜଣାଯାଇଛି।

ବିଭାଗୀୟ ତଥ୍ୟ ଅନୁଯାୟୀ, ରାଜ୍ୟ ସରକାରଙ୍କ ପକ୍ଷରୁ ଏପର୍ଯ୍ୟନ୍ତ ୨୫ଟି ଏସ୍‌ଏନ୍‌ଏ-ସ୍ପର୍ଶ ରାଜ୍ୟ ଅନୁଦାନ ପ୍ରସ୍ତୁତ ହୋଇପାରିନାହିଁ। ସେଥିମଧ୍ୟରେ କୃଷି ବିଭାଗର କୃଷି ଉନ୍ନତି ଯୋଜନା ରହିଥିବାବେଳେ ସମବାୟ ବିଭାଗର ପାକ୍ସର ଡିଜିଟାଇଜେସନ, ମତ୍ସ୍ୟ ଓ ପଶୁସମ୍ପଦ ବିଭାଗର ପ୍ରାଣୀସମ୍ପଦ ବିଭାଗ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଯୋଜନା, ଜଙ୍ଗଲ ଓ ପରିବେଶ ବିଭାଗର ୩ଟି, ନଗର ଉନ୍ନୟନ ବିଭାଗର ୩ଟି, ସ୍ୱାସ୍ଥ୍ୟବିଭାଗର ଜାତୀୟ ଆୟୁଷ ମିଶନ, ଗୃହ ବିଭାଗର ନ୍ୟାୟିକ ଭିତ୍ତିଭୂମି ବ୍ୟବସ୍ଥା ଭଳି ପଞ୍ଚାୟତିରାଜ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ, ଅନୁସୂଚିତ ଜାତି ଓ ଜନଜାତି ଏବଂ ମହିଳା ଓ ଶିଶୁ କଲ୍ୟାଣ ବିଭାଗକୁ ମିଶାଇ ୨୭ଟି ଯୋଜନା ରହିଛି। ସେହିପରି ୧୭ଟି ଯୋଜନାରେ ଏପର୍ଯ୍ୟନ୍ତ ଦାବି ହୋଇ ନ ଥିବାବେଳେ ୧୮ଟି ଯୋଜନାରେ ଖାତା(ଏସ୍‌ଜି) ଖୋଲାଯାଇନାହିଁ। ଅନ୍ୟପକ୍ଷରେ ପ୍ରୋତ୍ସାହନ ରାଶି ପାଇବାକୁ ହେଲେ ୫ଟି ସର୍ତ୍ତାବଳୀ ପୂରଣ କରିବାକୁ ହେବ। ସେଥିମଧ୍ୟରେ ରାଜ୍ୟ ସରକାର ୨୦୨୫ ଜୁନ୍ ମଧ୍ୟରେ ସମସ୍ତ ସିଏସ୍‌ଏସ୍ ପାଣ୍ଠିକୁ ସ୍ପର୍ଶ ପ୍ଲାଟଫର୍ମ ମାଧ୍ୟମରେ କାର୍ଯ୍ୟକାରୀ କରିବା ପାଇଁ ସହବନ୍ଧିତ ହେବା ଉଚିତ। ଯେତେବେଳେ ରାଜ୍ୟ ସରକାରଙ୍କ ଅଂଶଧନ(ଏସ୍‌ଏଲ୍‌ଏସ୍) ଓ କେନ୍ଦ୍ର ସରକାରଙ୍କ ଅଂଶଧନ(ସିଏସ୍‌ଏସ୍) ସ୍ପର୍ଶ ମାଧ୍ୟମରେ ଅତି କମ୍‌ରେ ଗୋଟିଏ ପେମେଣ୍ଟ କରିବାକୁ ହେବ। ଉକ୍ତ ଦେୟ ପ୍ରତ୍ୟକ୍ଷ ସୁବିଧା ହସ୍ତାନ୍ତର (ଡିବିଟି) ମାଧ୍ୟମରେ ହେବା ଆବଶ୍ୟକ। ଏହାସହିତ ସମ୍ପୃକ୍ତ ରାଜ୍ୟ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ) ଏବଂ ଏନ୍‌ପିସିଆଇ ସହ ଆଧାର ଲିଙ୍କ୍ ହୋଇଥିବା ଆବଶ୍ୟକ।

ସେହିପରି ଅର୍ଥ ମନ୍ତ୍ରଣାଳୟ ୨୦୨୩ ଜୁଲାଇ ୧୩ ନିର୍ଦ୍ଦେଶନାମା ଅନୁସାରେ, ରାଜ୍ୟ ସରକାର ନିଜର ଇଣ୍ଟିଗ୍ରେଟେଡ୍ ଫାଇନାନ୍‌ସିଆଲ ମ୍ୟାନେଜ୍‌ମେଣ୍ଟ ଆଣ୍ଡ ଇନ୍‌ଫରମେଶନ ସିଷ୍ଟମ (ଆଇଏଫ୍‌ଏମ୍‌ଆଇଏସ୍)ରେ ଏକ ରାଜକୋଷ ଏବଂ ଇ-ଅଭିଯୋଗ, ଇ-ଭାଉଚର ମଡ୍ୟୁଲ ପ୍ରସ୍ତୁତ କରିବାକୁ ପଡ଼ିବ; ଯାହା ମାଧ୍ୟମରେ ସମସ୍ତ ପ୍ରକାର ଆର୍ଥିକ ନେଣଦେଣ ଏବଂ ଇ-ଅଭିଯୋଗ ହୋଇପାରୁଥିବ। ଏହି ଯୋଜନା ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରିଲେ ରାଜ୍ୟ ସରକାର ୨୦୨୫ ଡିସେମ୍ବର ୩୧ରେ ତାଙ୍କର ପ୍ରୋତ୍ସାହନ ରାଶି ପାଇବାକୁ ଦାବି କରିପାରିବେ।

# ସିବିଆଇ ତଦନ୍ତ ଦାବି କଲା ବିଜେଡି

## ପୋଲିସ ଏସଆଇ ନିଯୁକ୍ତିରେ ଦୁର୍ନୀତି ପ୍ରସଙ୍ଗ

ଭୁବନେଶ୍ୱର,୫।୧୦ (ରବିନାରାୟଣ ଜେନା)

ପୋଲିସ ଏସ୍‌ଆଇ ପରୀକ୍ଷାରେ ହୋଇଥିବା ମହାଦୁର୍ନୀତି ଘଟଣାରେ କ୍ରାଇମବ୍ରାଞ୍ଚ ତଦନ୍ତ ଆଳରେ ସମ୍ପୃକ୍ତ ବଡ଼ବଡ଼ିଆଙ୍କୁ ଖସାଇ ଦେବାକୁ ଉଦ୍ୟମ କରାଯାଉଛି ବୋଲି ବିଜୁ ଜନତା ଦଳ(ବିଜେଡି) କହିଛି। ରବିବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜେଡି ନେତା ପ୍ରୀତିରଞ୍ଜନ ଘଡ଼ାଇ କହିଛନ୍ତି, କ୍ରାଇମବ୍ରାଞ୍ଚ ଏହି ଘଟଣାରେ ସମ୍ପୃକ୍ତ କେବଳ ଦଲାଲମାନଙ୍କୁ ଧରୁଛି ଓ ବଡ଼ ମୁଣ୍ଡକୁ ଛାଡ଼ି ଦେଉଛି। ରାଜ୍ୟର ଯୁବ ସମାଜ ରାଜ୍ୟ ସରକାରଙ୍କ ଉପରୁ ଆସ୍ଥା ହରାଇଲେଣି। ମୁଖ୍ୟମନ୍ତ୍ରୀ ଗୃହ ବିଭାଗର ଦାୟିତ୍ୱରେ ଅଛନ୍ତି। ଏହି ଘଟଣାର ତଦନ୍ତ କ୍ରାଇମବ୍ରାଞ୍ଚ ହାତରେ ଦେଇଛନ୍ତି। ଏହି ନିଯୁକ୍ତି ପାଇଁ ପ୍ରଥମ ଥର ମାର୍ଚ୍ଚ ୭ ଓ ୮ରେ ହେବାକୁ ଥିବା ପରୀକ୍ଷାକୁ ଶେଷ ମୁହୂର୍ତ୍ତରେ ବାତିଲ କରାଯାଇଥିଲା। ପରୀକ୍ଷା ବାତିଲର ନିର୍ଦ୍ଦିଷ୍ଟ କାରଣ ଜଣାପଡ଼ି ନ ଥିଲା ବେଳେ ଓପିଆରବିର ଅଧ୍ୟକ୍ଷଙ୍କୁ ବିଦା କରି ନୂତନ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଏହାପରେ, ଆଇଟିଆଇର ସହଯୋଗୀ ସଂସ୍ଥା ଭାବେ ପୂର୍ବରୁ ଥିବା ରିଚ୍ ମାଇଣ୍ଡକୁ ହଟାଯାଇ ସିଲିକନ୍ ଟେକ୍‌କୁ ଦାୟିତ୍ୱ ଦିଆଯାଇଥିଲା। ଆଉଟ୍‌ସୋର୍ସିଂ ମାଧ୍ୟମରେ ରାଜ୍ୟ ସରକାରଙ୍କ ପ୍ରୋତ୍ସାହନରେ ପୋଲିସ ଏସ୍‌ଆଇ ଚାକିରି ବିକ୍ରି ପାଇଁ ଏକ ସୁଚିନ୍ତିତ ଯୋଜନା କରାଯାଇଥିଲା ବୋଲି ଘଡ଼ାଇ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସମେତ ରାଜ୍ୟର ଗୃହ ସଚିବ, ଡିଜି ପୋଲିସ ଓ ଓପିଆର୍‌ବିର ଅଧ୍ୟକ୍ଷ ଏହି ଚାକିରି ଚୋରି ସମ୍ପର୍କରେ ସ୍ପଷ୍ଟୀକରଣ ରଖନ୍ତୁ ଓ ସିବିଆଇ ତଦନ୍ତର ନିର୍ଦ୍ଦେଶ ଦିଅନ୍ତୁ ବୋଲି ଘଡ଼ାଇ ଦାବି କରିଛନ୍ତି।





ଯାହା ଆପଣଙ୍କର ତାହାକୁ ପ୍ରାପ୍ତ କରିବାରେ ଆର୍‌ବିଆଇ ଆପଣଙ୍କୁ ସାହାଯ୍ୟ କରିବ ।


ଆପଣଙ୍କ ବ୍ୟାଙ୍କରେ ଅଚଳ ଖାତା (2 ବର୍ଷରୁ ଅଧିକ ଓ 10 ବର୍ଷ ପର୍ଯ୍ୟନ୍ତ ସମୟ ଧରି ନିଷ୍କ୍ରିୟ ଥିବା)ରେ ପଡ଼ିରହିଥିବା ଟଙ୍କା / ଦାବିହୀନ ଜମା (10 ବର୍ଷରୁ ଅଧିକ ସମୟ ଧରି)ଗୁଡ଼ିକୁ ଆର୍‌ବିଆଇର ଡିଇଏ ପାଣ୍ଠିକୁ ସ୍ଥାନାନ୍ତର କରିଦିଆଯାଇଥାଏ । ଆପଣ କିମ୍ବା ଆପଣଙ୍କର ଆଇନଗତ ଉତ୍ତରାଧିକାରୀ ତାହାକୁ ଯେକୌଣସି ସମୟରେ ଦାବି କରିପାରିବେ ।

ନିଜ ଟଙ୍କାକୁ ଦାବି କରିବାର 3ଟି ସହଜ ସୋପାନ

1. ଯେକୌଣସି ବ୍ୟାଙ୍କ ଶାଖାକୁ ଯାଆନ୍ତୁ, ତାହା ଆପଣଙ୍କର ନିୟମିତ ଶାଖା ହୋଇନଥିଲେ ମଧ୍ୟ କିଛି ଅସୁବିଧା ନାହିଁ
2. କେୱାଇସି ଦସ୍ତାବିଜ (ଆଧାର, ପାସ୍‌ପୋର୍ଟ, ମତଦାତା ପରିଚୟପତ୍ର କିମ୍ବା ଡ୍ରାଇଭିଂ ଲାଇସେନ୍ସ) ସହ ଏକ ଫର୍ମ ଦାଖଲ କରନ୍ତୁ
3. ଯାଞ୍ଚ ପରେ, ଯଦି ଆପଣଙ୍କର କୌଣସି ଅର୍ଥରାଶି ପ୍ରାପ୍ୟ ହୋଇଥାଏ ତେବେ ତାହାକୁ ସୁଧ ସହ ପ୍ରାପ୍ତ କରନ୍ତୁ

ଆପଣଙ୍କର ଦାବିହୀନ ଜମାକୁ ଠାବ କରିବା ପାଇଁ

ଆପଣଙ୍କ ବ୍ୟାଙ୍କର ୱେବ୍‌ସାଇଟ୍‌ରେ ସନ୍ଧାନ କରନ୍ତୁ କିମ୍ବା ସମ୍ପ୍ରତି 30ଟି ବ୍ୟାଙ୍କକୁ ଅନ୍ତର୍ଭୁକ୍ତ କରୁଥିବା ଆର୍‌ବିଆଇର ଉଦ୍‌ଗମ ପୋର୍ଟାଲ (https://udgam.rbi.org.in) ଯାଞ୍ଚ କରନ୍ତୁ ।




କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ
ଅଧିକ ବିବରଣୀ ପାଇଁ, ପରିଦର୍ଶନ କରନ୍ତୁ: https://rbikehtahai.rbi.org.in
ମତାମତ ପାଇଁ, rbikehtahai@rbi.org.in କୁ ଲେଖନ୍ତୁ
ଆନୁଷ୍ଠାନିକ ହ୍ୱାଟ୍ସଆପ୍ ନମ୍ବର 99990 41935
ଜନହିତରେ ଜାରି କରିଛନ୍ତି
भारतीय रिज़र्व बैंक
RESERVE BANK OF INDIA
www.rbi.org.in


# ଅନାସ୍ଥାରେ ପଦ ହରାଇଲେ ରାଇକିଆ ବ୍ଲକ ଅଧ୍ୟକ୍ଷ

ରାଇକିଆ,୫।୧୦ (ପ୍ରଦୀପ ବେହେରା)

କନ୍ଧମାଳ ଜିଲା ରାଇକିଆ ବ୍ଲକ ଅଧ୍ୟକ୍ଷ ପ୍ରୀତମ ପ୍ରଧାନ ତାଙ୍କ ପଦବୀ ହରାଇଛନ୍ତି। ତାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆସିଥିଲା। ଏହା ଉପରେ ଗତ ୨୬ ତାରିଖରେ ଓଡ଼ିଶା ପଞ୍ଚାୟତ ସମିତି ଆଇନ ୧୯୫୯ର ଧାରା ୪୬- ବି ପ୍ରକାରେ ହୋଇଥିବା ସ୍ୱତନ୍ତ୍ର ବୈଠକରେ ଅନୁଷ୍ଠିତ ଭୋଟରେ ଫଳାଫଳ ଅନାସ୍ଥା ପ୍ରସ୍ତାବ ସପକ୍ଷରେ ଯାଇଥିଲା। ଦୁଇ ତୃତୀୟାଂଶରୁ ଉର୍ଦ୍ଧ୍ୱ ସମର୍ଥନ ଭୋଟରେ ପ୍ରସ୍ତାବ ଗୃହୀତ ହୋଇଥିଲା। ଭୋଟିଂରେ ୧୨ଟି ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ମୋଟ ୨୪ ଜଣଙ୍କ ମଧ୍ୟରୁ ୨୨ ଜଣ ଉପସ୍ଥିତ ଥିଲେ। କନ୍ଧମାଳ ଏମ୍‌ପି ସୁକାନ୍ତ ପାଣିଗ୍ରାହୀ ମଧ୍ୟ ଯୋଗ ଦେଇ ଭୋଟ ଦେଇଥିଲେ। ଏପରି ମୋଟ ୨୩ଜଣ ମତଦାନ କରିଥିଲେ। ଫଳାଫଳ ପ୍ରୀତମଙ୍କ ବିପକ୍ଷରେ ଯାଇଥିଲା। ଜିଲାପାଳଙ୍କ ଆଦେଶ ପତ୍ର ସଂଖ୍ୟା ୧୪୨୫/୨୦୨୫ ମାଧ୍ୟମରେ ଶନିବାର ତାଙ୍କୁ ପଦଚ୍ୟୁତ କରାଯାଇଥିବା ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ଏଥିସହ ଅଧ୍ୟକ୍ଷଙ୍କ ସମସ୍ତ ଦାୟିତ୍ୱ ଉପାଧ୍ୟକ୍ଷ ରିନା ପ୍ରଧାନଙ୍କୁ ହସ୍ତାନ୍ତର ପାଇଁ ନିର୍ଦ୍ଦେଶ ରହିଛି।

# ଭୁବନେଶ୍ୱର ଆସି ଫସିଲେ ହରିୟାଣାର ଦୁଇ ଠକ

## କମିଶନ ଅଧ୍ୟକ୍ଷଙ୍କ ପରିଚୟ ଦେଇ ବଡ଼ ଠକେଇ ଯୋଜନା



ଗିରଫ ଅଭିଯୁକ୍ତ ମନିନ୍ଦର, ରିଙ୍କୁ।

ଭୁବନେଶ୍ୱର,୫।୧୦(ସତ୍ୟଜିତ ରାଉତ)

- ସରକାରୀ ପ୍ରୋଟୋକଲ ଯୋଗାଇଦେବାକୁ ମେଲ୍ ପଠାଇଥିଲେ
- ଠକେଇର ଶିକାର ହୋଇଥିଲେ ଥାନାରେ ଜଣାଅ: ଡିସିପି

ଠକେଇ କରିବାକୁ ଆପଣାଇଥିଲେ ନୂଆ ଯୋଜନା। କେନ୍ଦ୍ର ସରକାରଙ୍କ ସୋସିଆଲ ଜଷ୍ଟିସ୍ ଆଣ୍ଡ୍ ୱିମେନ ଏମ୍ପାୱାରମେଣ୍ଟ କମିଶନ ନାଁରେ ବଡ଼ ଠକେଇ ପାଇଁ ଜାଲ ବିଛାଇଥିଲେ। କମିଶନ ଅଧ୍ୟକ୍ଷ ପରିଚୟ ଦେଇ ପ୍ରୋଟୋକଲ ଯୋଗାଇଦେବାକୁ ଓଡ଼ିଶା ସରକାରଙ୍କ ସମେତ ପୋଲିସ ଓ ବିଭିନ୍ନ ବିଭାଗକୁ ଫେକ୍ ମେଲ୍ ବି ପଠାଇଥିଲେ। ଉଦ୍ଦେଶ୍ୟଥିଲା ସରକାରୀ ପୋଟୋକଲ୍‌ରେ ଆସି ବଡ଼ ଠକେଇ କରିଥାନ୍ତେ। ତେବେ ଭୁବନେଶ୍ୱର ଆସିଥିବାବେଳେ କମିଶନରେଟ୍ ପୋଲିସ ହାତରେ ଧରାପଡିଗଲେ ହରିଆଣାର ଦୁଇ ଠକ। ମୈତ୍ରୀ ବିହାର ଥାନା ପୋଲିସ ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରିଛି। ସେମାନେ ହେଲେ ହରିୟାଣା କର୍ନଲ ଜିଲାର ଚୌଧୁରୀ ରିଙ୍କୁ ସାଇନି (୩୬) ଓ ସୋନିପଟ୍ ଜିଲାର ମନିନ୍ଦର ସିଂହ (୩୯)। ରିଙ୍କୁ ନିଜକୁ ସୋସିଆଲ ଜଷ୍ଟିସ୍ ଆଣ୍ଡ୍ ୱମେନ ଏମ୍ପାୱାରମେଣ୍ଟ କମିଶନ ଅଧ୍ୟକ୍ଷ ଓ ମନିନ୍ଦର ତାଙ୍କ ବ୍ୟକ୍ତିଗତ ସହାୟକ (ପିଏ) ବୋଲି ପରିଚୟ ଦେଉଥିଲେ। ରବିବାର ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟଚାଲାଣ ପରେ ଜେଲକୁ ପଠାଇ ଦିଆଯାଇଛି। ପୋଲିସ ଏନେଇ ଏକ ମାମଲା (ନଂ.୪୦୪/୨୦୨୫) ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ଅଭିଯୁକ୍ତଦ୍ୱୟଙ୍କ ଜାଲରେ କିଛି ଲୋକ ଠକାମୀର ଶିକାର ହୋଇଥିବା ପୋଲିସ ସନ୍ଦେହ କରୁଛି। ଯଦି କେହି ଅଭିଯୁକ୍ତଦ୍ୱୟଙ୍କ ଦ୍ୱାରା ଠକାମୀର ଶିକାର ହୋଇଥାନ୍ତି, ତେବେ ସେମାନେ ନିକଟସ୍ଥ ଥାନା କିମ୍ବା ମୈତ୍ରୀ ବିହାର ଥାନା ଅଧିକାରୀଙ୍କ ମୋବାଇଲ ନମ୍ବର (୯୪୩୭୧୨୩୪୯୬)କୁ କଲ୍ କରି ଜଣାଇବାକୁ କୁହାଯାଇଛି।

ଚୌଧୁରୀ ରିଙ୍କୁ ସାଇନଙ୍କ ଗସ୍ତ ନେଇ ଗୁରୁବାର ଏକ ଫେକ୍ ମେଲ୍ ଆସିଥିଲା। ଫେକ୍ ଲେଟର ପ୍ୟାଡ୍ ବ୍ୟବହାର କରାଯାଇ ଓଡ଼ିଶା ସରକାର, ମୁଖ୍ୟ ଶାସନ ସଚିବ, ପୋଲିସ କମିଶନର, ଭୁବନେଶ୍ୱର ଏୟାରପୋର୍ଟ, ପୋଲିସ ଡିଜି, ଜିଲାପାଳ ଆଦିଙ୍କୁ ଏହି ମେଲ୍ ପଠାଯାଇଥିଲା। ଗୃହ ମନ୍ତ୍ରଣାଳୟ ଅଧୀନରେ ଥିବା ଏହି କମିଶନଙ୍କ ଅଧ୍ୟକ୍ଷ ରିଙ୍କୁଙ୍କୁ ପ୍ରୋଟୋକଲ୍ ସୁବିଧା ଯୋଗାଇଦେବାକୁ ଚିଠିରେ ଉଲ୍ଲେଖ ରହିଥିଲା। ତେବେ ଏହି ମେଲ୍‌ରେ ଏକାଧିକ ତ୍ରୁଟି ଥିବାରୁ ପୋଲିସ ସନ୍ଦେହ କରିଥିଲା। ଫେକ୍ ମେଲ୍ ଅନୁଯାୟୀ, ଅକ୍ଟୋବର ୩ରେ ରିଙ୍କୁଙ୍କ ଗସ୍ତ ବିବରଣୀ ଥିଲା। ଶୁକ୍ରବାର ସକାଳ ୯ଟା ୫ରେ ନୂଆଦିଲ୍ଲୀ ଏୟାରପୋର୍ଟରୁ ଭୁବନେଶ୍ୱର ଅଭିମୁଖେ ଯାତ୍ରା। ୧୧ଟା ୩୦ରେ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚି ଲିଙ୍ଗରାଜ ମନ୍ଦିର ସମେତ ଅନ୍ୟାନ୍ୟ ମନ୍ଦିର ପରିଦର୍ଶନ ପରେ ରାତିରେ ଜୟଦେବବିହାରସ୍ଥିତ ପଞ୍ଚତାରକା ହୋଟେଲରେ ରାତ୍ରିଯାପନ। ପରେ ଅକ୍ଟୋବର ୪ ଅପରାହ୍ନ ୧ଟା ୨୦ରେ ଭୁବନେଶ୍ୱର ଏୟାରପୋର୍ଟରୁ ଦିଲ୍ଲୀ ଅଭିମୁଖେ ଯାତ୍ରା ନେଇ ରୁଟ୍ ବିବରଣୀ ଦିଆଯାଇଥିଲା। ସୁରକ୍ଷା ପାଇଁ ଏସ୍କର୍ଟ ଓ ପାଇଲଟିଂ ଯୋଗାଇଦେବାକୁ ନେଇ କୁହାଯାଇଥିଲା। ତେବେ ଅଧିକ ଯାଞ୍ଚ ପରେ 'ସୋସିଆଲ ଜଷ୍ଟିସ୍ ଆଣ୍ଡ୍ ୱମେନ ଏମ୍ପାୱାରମେଣ୍ଟ କମିଶନ' ନାଁରେ କୌଣସି କମିଶନ ନ ଥିବା ଜଣାପଡିଥିଲା। ଏପରିକି ହରିୟାଣା ପୋଲିସ ସହ ଯୋଗାଯୋଗ ପରେ ଅଭିଯୁକ୍ତଦ୍ୱୟଙ୍କ ଗତିବିଧି ସନ୍ଦେହଜନକ ବୋଲି କୁହାଯାଇଥିଲା। ଶେଷରେ ରିଙ୍କୁ ଓ ତାଙ୍କ ସହଯୋଗୀ ଉକ୍ତ ହୋଟେଲରେ ଥିବା ବେଳେ ମୈତ୍ରୀ ବିହାର ଥାନା ଟିମ୍ ଶନିବାର ଚଢ଼ାଉ କରି ଗିରଫ କରିଥିଲା। ତେବେ ମାମଲାରେ ଅଧିକ ତଦନ୍ତ ଚାଲିଥିବାବେଳେ ଅଭିଯୁକ୍ତଦ୍ୱୟଙ୍କ ଜାଲରେ ପଡିଥିଲେ ଜଣାଇବାକୁ ଡିସିପି ଜଗମୋହନ ମୀନା ଅପିଲ୍ କରିଛନ୍ତି। ଏପରିକି ଉଭୟଙ୍କୁ ଚିହ୍ନଟ ପାଇଁ ଅଭିଯୁକ୍ତଦ୍ୱୟଙ୍କ ଫଟୋ ଜାରି କରାଯିବ ବୋଲି ଡିସିପି କହିଛନ୍ତି।

# ମଉଳିଯାଉଛି ସ୍ୱଚ୍ଛ ପାଣି ଆଶା

## ମେଗା ପାନୀୟଜଳ ପ୍ରକଳ୍ପ

ଯାଜପୁର, ୫।୧୦ (ହର୍ଷବର୍ଦ୍ଧନ ବେହେରା)

ମେଗା ପାଇପ୍ ଜଳଯୋଗାଣ ନିର୍ମାଣ କାର୍ଯ୍ୟରେ ଅଣଓଡ଼ିଆ ଠିକାଦାରଙ୍କ ମନମାନି ଯୋଗୁ ଯାଜପୁର ଜିଲାର ସୁକିନ୍ଦା ଖଣି ପ୍ରଭାବିତ ଅଧିକାଂଶ ଅଞ୍ଚଳବାସୀ ସ୍ୱଚ୍ଛ ପାଣି ଟୋପେ ପାଇବାରୁ ବଞ୍ଚିତ ରହୁଛନ୍ତି। ପ୍ରାୟତଃ ନିମ୍ନମାନର ନିର୍ମାଣ ସାମଗ୍ରୀ ଓ ପାଇପ୍ ବ୍ୟବହାର ଯୋଗୁ ତାହା ବିଭିନ୍ନ ସ୍ଥାନରେ ଫାଟି ତଳମୁଣ୍ଡ ପର୍ଯ୍ୟନ୍ତ ପାଣି ପହଞ୍ଚିପାରୁ ନ ଥିବା ଅଭିଯୋଗ ହେଉଛି। ଏହି ଅଞ୍ଚଳରେ ଭୂତଳ ଜଳରେ ବି ଜହର ରହିଛି। ତେଣୁ ନଦୀଜଳ ବିଶୋଧନ କରି ପାନୀୟ ଜଳ ଯୋଗାଇଦେବାକୁ ଓଡ଼ିଶା ମିନେରାଲ ବିଅରିଂ ଏରିଆ ଡେଭଲପମେଣ୍ଟ କର୍ପୋରେଶନ (ଓଏମ୍‌ବିଏଡିସି) ପାଣ୍ଠିରେ ୨୩୩.୦୪ କୋଟି ଟଙ୍କାର ୩ଟି ମେଗା ଜଳଯୋଗାଣ ପ୍ରକଳ୍ପ ୨୦୧୮-୧୯ରୁ କାର୍ଯ୍ୟକାରୀ ହୋଇଛି। ଅନ୍ୟପକ୍ଷରେ ବଡ଼ଚଣା, ଧର୍ମଶାଳା, ବିଞ୍ଝାରପୁର ଓ ଦଶରଥପୁର ବ୍ଲକ ଅଞ୍ଚଳବାସୀଙ୍କ ପାଇଁ ୨୦୧୯-୨୦ ବର୍ଷରୁ ପ୍ରାୟ ୫୧୭.୫ କୋଟି ଟଙ୍କାର ୩ଟି ମେଗା ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟ ମଧ୍ୟ ଏଯାଏ ଶେଷ ହୋଇପାରିନି। ଏହିସବୁ ମେଗା ପ୍ରକଳ୍ପରେ ସମ୍ପୃକ୍ତ ଅଣଓଡ଼ିଆ ଠିକାସଂସ୍ଥା କର୍ତ୍ତୃପକ୍ଷ କାହାରି କଥାକୁ ଶୁଣୁ ନ ଥିବାରୁ ପ୍ରକଳ୍ପର ଅଗ୍ରଗତି ଅତି ନୈରାଶ୍ୟଜନକ ସହ ନିମ୍ନମାନର କାମ ହେଉଥିବା ଅଭିଯୋଗ ହେଉଛି।

ଯାଜପୁର ଜିଲାରେ କେବଳ ନଦୀଜଳ କିମ୍ବା ଭୂପୃଷ୍ଠ ଜଳ ନୁହେଁ, ଭୂତଳ ଜଳ ମଧ୍ୟ ବିଷାକ୍ତ ହେବାରେ ଲାଗିଛି। ଭୂତଳ ଜଳରେ ଆଇରନ ଏବଂ କ୍ରୋମିୟମ ଅଂଶ ଆବଶ୍ୟକଠାରୁ ବହୁ ଅଧିକ ରହିଥିବା ସେଣ୍ଟ୍ରାଲ ଗ୍ରାଉଣ୍ଡ ୱାଟର ବୋର୍ଡ (ସିଜିଡବ୍ଲୁବି) ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି) ରିପୋର୍ଟରୁ ସ୍ପଷ୍ଟ ଜଣାପଡ଼ିଛି, ଯାହାକି ପାନୀୟ ଉପଯୋଗୀ ନୁହେଁ। ପ୍ରଥମେ ଏସ୍‌ପିସିବି ପକ୍ଷରୁ ୨୦୧୮ ଏପ୍ରିଲ ଓ ଅକ୍ଟୋବରରେ ଜିଲାର ଖଣି ଅଞ୍ଚଳ କାଳିଆପାଣି, ଟିସ୍କୋ, ସାରୁଆବିଲ ଓ କମର୍ଦ୍ଦା ନିକଟରୁ ସଂଗୃହୀତ ଭୂତଳ ଜଳ ପରୀକ୍ଷାରୁ ଏହା ସ୍ପଷ୍ଟ ହୋଇଥିଲା। ଏହାପରେ ଏସ୍‌ପିସିବିର ସଦସ୍ୟ ସଚିବ ଏହି ମର୍ମରେ ରାଜ୍ୟ ଜନସ୍ୱାସ୍ଥ୍ୟ ବିଭାଗର ଇଞ୍ଜିନିୟର-ଇନ୍-ଚିଫ୍‌ଙ୍କୁ ଜଣାଇଲା ପରେ ସେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀମାନଙ୍କୁ ସୂଚିତ କରିଥିଲେ। ଭୂତଳ ଜଳ ନମୁନା ସଂଗ୍ରହ କରି ପରୀକ୍ଷାଗାରରେ ଯାଞ୍ଚ କରିବା ପରେ ପାନୀୟ ଜଳ ଯୋଗାଣ କରିବାକୁ ନିର୍ବାହୀ ଯନ୍ତ୍ରୀମାନଙ୍କୁ ଜନସ୍ୱାସ୍ଥ୍ୟ ବିଭାଗର ଇଞ୍ଜିନିୟର-ଇନ୍-ଚିଫ୍ ପରାମର୍ଶ ଦେଇଥିଲେ। ଉଲ୍ଲେଖଯୋଗ୍ୟ ଯେ, ଶିଳ୍ପ ଓ ଖଣି ଅଞ୍ଚଳ ସମେତ ଏହାର ଆଖପାଖ ବ୍ଲକ ଅଞ୍ଚଳରେ ଶତାଧିକ ଲୋକ ଦୂଷିତ ଭୂତଳ ଜଳ ବ୍ୟବହାର କରି କିଡ୍‌ନୀ ରୋଗରେ ପ୍ରାଣ ହରାଉଛନ୍ତି। ଏବେ ବି ହଜାରେରୁ ଉର୍ଦ୍ଧ୍ୱ ଲୋକ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ଏଭଳି ସ୍ଥିତିରେ ୩୭ଟି ଖଣି ପ୍ରଭାବିତ ଗ୍ରାମବାସୀଙ୍କ ପାଇଁ ୭୯.୮୫ କୋଟି ଟଙ୍କା ଖର୍ଚ୍ଚ କରି ପ୍ରଥମ ମେଗା ଜଳଯୋଗାଣ ପ୍ରକଳ୍ପ ଆରମ୍ଭ ହୋଇଥିଲା। ଏହାସହ ଅନ୍ୟ ୧୯ଟି ଖଣି ପ୍ରଭାବିତ ଗ୍ରାମବାସୀଙ୍କ ପାଇଁ ୪୬.୧୯ କୋଟି ଟଙ୍କାର ଦ୍ୱିତୀୟ ପ୍ରକଳ୍ପ ଏବଂ ୫୨ଖଣି ପ୍ରଭାବିତ ଗ୍ରାମବାସୀଙ୍କ ପାଇଁ ୧୦୭ କୋଟି ଟଙ୍କାର ତୃତୀୟ ପ୍ରକଳ୍ପ କାମ ହୋଇଛି। ସେହିପରି ବଡ଼ଚଣା ଓ ଧର୍ମଶାଳା ବ୍ଲକର ୭୨ଟି ପଞ୍ଚାୟତବାସୀଙ୍କ ପାଇଁ ୩୩୫.୭ କୋଟି ଟଙ୍କା ଏବଂ ବିଞ୍ଝାରପୁର ଓ ଦଶରଥପୁର ବ୍ଲକର ୩୫ ପଞ୍ଚାୟତବାସୀଙ୍କ ପାଇଁ ୧୮୧.୭୮ କୋଟି ଟଙ୍କାର ୨ଟି ମେଗା ପ୍ରକଳ୍ପ ନିର୍ମାଣ ହେଉଛି। ପରବର୍ତ୍ତୀ ସମୟରେ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ (ଆର୍‌ଡବ୍ଲୁଏସ୍‌ଏସ୍) ପକ୍ଷରୁ ଉପରୋକ୍ତ ବ୍ୟୟ ଅଟକଳ ବୃଦ୍ଧି ହୋଇସାରିଛି। ହେଲେ ପୂର୍ବରୁ ସେଣ୍ଟ୍ରାଲ ଇନଷ୍ଟିଚ୍ୟୁଟ୍ ଅଫ୍ ପ୍ଲାଷ୍ଟିକ ଇଞ୍ଜିନିୟରିଂ ଆଣ୍ଡ୍ ଟେକ୍ନୋଲୋଜି (ସିପେଟ୍) ଦ୍ୱାରା ବ୍ୟବହୃତ ପାଇପ୍‌ଗୁଡ଼ିକର ମାନ ଉପରେ ହୋଇଥିବା ପରୀକ୍ଷାରେ ଆଇଏସ୍-୪୯୮୪ : ୨୦୧୬ ଆଇନର ମାନଦଣ୍ଡ ପୂରଣ ହୋଇ ନ ଥିଲା। ତେଣୁ ସିପେଟ୍‌ର ପରୀକ୍ଷା ପ୍ରମାଣପତ୍ର ଅନୁସାରେ ଖାରଜ ହୋଇଥିବା ପାଇପ୍‌ଗୁଡ଼ିକୁ ତୁରନ୍ତ ହଟାଇ ସମପରିମାଣର ନୂତନ ପାଇପ୍ ଯୋଗାଇବାକୁ ଭୁବନେଶ୍ୱର ଆର୍‌ଡବ୍ଲୁଏସ୍‌ଏସ୍ ସର୍କଲର ଆଡିଶନାଲ ଚିଫ୍ ଇଞ୍ଜିନିୟର ତାଙ୍କ ପତ୍ରସଂଖ୍ୟା ୨୧୩୬/୨୨।୬।୨୦୨୩ରେ ଠିକାସଂସ୍ଥା ନାଗାର୍ଜ୍ଜୁନ କନଷ୍ଟ୍ରକ୍ସନ କମ୍ପାନୀ (ଏନସିସି)କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଏହାକୁ କେତେକାଂଶରେ ମାନି ନ ଥିବାରୁ ସୁକିନ୍ଦା ଖଣି ଅଞ୍ଚଳର ଏକାଧିକ ସ୍ଥାନରେ ପାଇପ୍ ଫାଟିଯାଇଥିବା ଅଞ୍ଚଳବାସୀ ଅଭିଯୋଗ କରୁଛନ୍ତି। ଜୁଲାଇ ୨୦୧୯ରେ ବିଭାଗୀୟ ଇଞ୍ଜିନିୟର୍ସ ଅଥରିଟି ପକ୍ଷରୁ ସୁକିନ୍ଦା ମେଗା ପାଇପ୍ ଜଳଯୋଗାଣ ପ୍ରକଳ୍ପରେ ବ୍ୟବହୃତ ଷ୍ଟିଲ୍ ସାମଗ୍ରୀର ଗୁଣବତ୍ତା ଉପରେ ବିଭାଗୀୟ ଇଞ୍ଜିନିୟର୍ସ ଅଥରିଟି ପ୍ରଶ୍ନ କରିଥିଲା। କିନ୍ତୁ ପରେ ଯେନତେନ ପ୍ରକାରେ ପୁଣି ପରୀକ୍ଷା ରିପୋର୍ଟ ପ୍ରସ୍ତୁତ କରାଯାଇ ସେସବୁକୁ ବ୍ୟବହାର କରାଯାଇଥିଲା। ଏହିକ୍ରମରେ ସମସ୍ତ ମେଗା ଜଳଯୋଗାଣ ପ୍ରକଳ୍ପରେ ବ୍ୟାପକ ଅନିୟମିତତା କାରଣରୁ ଧାର୍ଯ୍ୟସଂଖ୍ୟକ ଗ୍ରାମବାସୀଙ୍କ ଆଶା ମଉଳିଯାଇଛି ବୋଲି ମତପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ଯାଜପୁର ଆର୍‌ଡବ୍ଲୁଏସ୍‌ଏସ୍‌ର ଅଧୀକ୍ଷଣ ଯନ୍ତ୍ରୀ ରଶ୍ମିରଞ୍ଜନ ମାର୍ଥାଙ୍କ ମତାମତ ନେବାକୁ ରବିବାର ମଧ୍ୟାହ୍ନରେ ତାଙ୍କ ମୋବାଇଲ ଫୋନ୍‌କୁ ଯୋଗାଯୋଗ କରାଯାଇଥିଲେ ହେଁ ସେ କଲ୍ ଗ୍ରହଣ କରି ନ ଥିଲେ।

# ଭାରସାମ୍ୟ ହରାଇ ଓଲଟିଲା ହାଇୱା



ଯାଜପୁର ଟାଉନ, ୫।୧୦
(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)

## ଭାଙ୍ଗିଲା ୨ ଦୋକାନ

ଯାଜପୁର ସଦର ଥାନା ଅଞ୍ଚଳରେ ଭାରସାମ୍ୟ ହରାଇ କ୍ରଶର ଡଷ୍ଟ ବୋଝେଇ ଏକ ହାଇୱା ଓଲଟି ପଡିଛି। ସୂଚନା ଅନୁଯାୟୀ, କୁଆଖିଆରୁ ଚାନ୍ଦବାଲିକୁ ନୂତନ ଜାତୀୟ ରାଜପଥ ନିର୍ମାଣ ନିମନ୍ତେ ଏକ ହାଇୱା କ୍ରଶର ଡଷ୍ଟ ନେଇ ଆସୁଥିବାବେଳେ ବୁଢ଼ାଘାଟ ନିକଟରେ ଶନିବାର ବିଳମ୍ବିତ ରାତିରେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ହାଇୱାଟି ଓଲଟି ପଡ଼ିବା ଫଳରେ ରାସ୍ତା କଡ଼ରେ ଥିବା ୨ଟି ଦୋକାନ ଉପରେ ପଡ଼ିଯିବାରୁ ତାହା ସମ୍ପୂର୍ଣ୍ଣ ମାଟିରେ ମିଶି ଯାଇଥିବା ବେଳେ ଜନଜୀବନ କ୍ଷୟକ୍ଷତି ଘଟିନାହିଁ। ଘଟଣାସ୍ଥଳରୁ ଡ୍ରାଇଭର ଫେରାର ହୋଇଯାଇଛନ୍ତି। ତେବେ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ହାଇୱାଟି ରାସ୍ତା କଡ଼ରୁ ଉଠା ଯାଇ ନ ଥିବା ଜଣାପଡ଼ିଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଛି।

# ଭୁଜାଲିରେ ହାଣି ୧୫ ହଜାର ଛଡ଼ାଇ ନେଲେ ଦୁର୍ବୃତ୍ତ

ଧର୍ମଶାଳା, ୫।୧୦ (ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ଥାନା ନାକପୋଲ ଲକ୍ ଛକ ନିକଟରୁ ଶନିବାର ରାତି ୯ଟାରେ ୩ଜଣ ଦୁର୍ବୃତ୍ତ ଜଣେ ବାଇକ୍ ଚାଳକଙ୍କୁ ଭୁଜାଲିରେ ଆକ୍ରମଣ କରି ୧୫ ହଜାର ଟଙ୍କା ଛଡ଼ାଇ ନେଇଥିବା ଅଭିଯୋଗ ହୋଇଛି। ଲୁଟ୍‌ର ଶିକାର ହୋଇଥିବା ଆହତ କଟକ ସାଲେପୁର ଅଞ୍ଚଳର ମାନସ ଓଝା (୨୨)ଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଇଛି।

ସୂଚନା ଅନୁସାରେ, ମାନସ ଜାରକା ବଜାରରୁ ଏକ ବାଇକ୍‌ରେ ନିଜ ବନ୍ଧୁ ଘର ଥାନୁଆଳ ଗାଁକୁ ଯାଉଥିଲେ। ତେବେ ଏକ ଧଳା ରଙ୍ଗର ବାଇକ୍‌ରେ ପିଛା କରୁଥିବା ୩ ଜଣ ଦୁର୍ବୃତ୍ତ ତାଙ୍କୁ ନାକପୋଲ ଲକ୍ ଛକ ନିକଟ ଏକ କ୍ରଶର ପାଖରେ ଅଟକାଇ ଭୁଜାଲିରେ ଆକ୍ରମଣ କରିଥିଲେ। ତାଙ୍କ ପାଖରେ ଥିବା ୧୫ହଜାର ଟଙ୍କା ଛଡ଼ାଇ ନେବା ସହ ବାଇକ୍‌କୁ ଲୁଟି ନେବାକୁ ଉଦ୍ୟମ କରିଥିଲେ। ମାନସଙ୍କ ପାଟି ଶୁଣି ନିକଟରେ ଥିବା ଲୋକେ ଚାଲି ଆସିବାରୁ ଦୁର୍ବୃତ୍ତମାନେ କାନପୁର ଗାଁ ରାସ୍ତା ଦେଇ ଚମ୍ପଟ ମାରିଥିଲେ। ଏ ନେଇ ମାନସ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ନଂ. ୬୨୩/୨୫ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ଆଇଆଇସି ରଞ୍ଜନ କୁମାରେ ମାଝୀ କହିଛନ୍ତି।

# ଚାହାଣି ପତ୍ରିକାର ପୂଜାସଂଖ୍ୟା ଉନ୍ମୋଚିତ



ମଞ୍ଚାସୀନ ଅତିଥି ଚାହାଣି ପତ୍ରିକାକୁ ଉନ୍ମୋଚନ କରୁଛନ୍ତି।

ପାଣିକୋଇଲି, ୫।୧୦ (ବିକାଶ ଚନ୍ଦ୍ର ମଲ୍ଲିକ)

ଯାଜପୁର ଜିଲାରୁ ପ୍ରକାଶିତ 'ଚାହାଣି' ପତ୍ରିକାର ରୌପ୍ୟ ଜୟନ୍ତୀ -୨୦୨୫ର ପୂଜାସଂଖ୍ୟା କୋରାଇ ବ୍ଲକ୍ ମୂଳାପାଳ ପଞ୍ଚାୟତର ଲିଙ୍ଗେଶ୍ୱର ବିହାରର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଗାଳ୍ପିକ ଓ ଲେଖକ ତଥା ଶ୍ରମିକ ନେତା ମାୟାଧର ନାୟକ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମଞ୍ଚର ସଭାପତି ଶିକ୍ଷାବିତ୍ ଅନନ୍ତ ଚରଣ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର ସାହିତ୍ୟ ଏକାଡ଼େମୀର କବି ଡ. ରାଜ କିଶୋର ପାଢୀ, ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ମନୋରଞ୍ଜନ ମହାନ୍ତି, ପୂର୍ବତନ ଅଧ୍ୟକ୍ଷ ଶିବ ଚରଣ ମାଝୀ, ଗୋକର୍ଣ୍ଣିକା ସାହିତ୍ୟ ସଂସଦର ସମ୍ପାଦକ ଡ. ରମାକାନ୍ତ ଜେନା, ଗୀତିକାର ବୃନ୍ଦାବନ ସାହୁ, ଲିଙ୍ଗେଶ୍ୱର ଉନ୍ନୟନ କମିଟିର ସମ୍ପାଦକ ଦୈତାରୀ ଧଳ, ଶିକ୍ଷାବିତ୍ ବ୍ରଜ କିଶୋର ଦାଶ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ 'ଚାହାଣି' ପତ୍ରିକାର ସମ୍ପାଦକ ଓ ଅଧ୍ୟାପକ ଡ. ଚନ୍ଦ୍ରକାନ୍ତ ମହାନ୍ତିଙ୍କ ଲିଖିତ ପ୍ରବନ୍ଧ ପୁସ୍ତକ 'କଥାରେ କଥାରେ' ସଂକଳନକୁ ଉନ୍ମୋଚନ କରିଥିଲେ। ଏଥିସହ ସମ୍ପାଦକ ଡ. ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ। ଅଧ୍ୟାପିକା ସାଗରିକା ରଥ, ଅଧ୍ୟାପକ ରମାକାନ୍ତ ବରାଳ, ଗଣେଶ୍ୱର ବେହେରା, ରିଣିକା ପଣ୍ଡା, ସାଇଶଙ୍କର ବାରିକ ମାନପତ୍ର ପାଠ କରିଥିଲେ। ଏହି ଅବସରରେ ଚାହାଣି ପୁରସ୍କାର ଗାଳ୍ପିକ ଡ. ସଚ୍ଚିଦାନନ୍ଦ କର, ଶିଶୁ ସାହିତ୍ୟିକ ଡ. ପ୍ରଶାନ୍ତ କୁମାର ସ୍ୱାଇଁ, ଚାହାଣି ସମ୍ମାନ ଖବରଦାତା ମାନସ ରଞ୍ଜନ ଧଳଙ୍କୁ ପ୍ରଦାନ କରାଯାଇଥିଲା। ପ୍ରଥମ ଅଧିବେଶନରେ ଅଧ୍ୟାପକ ଦାମୋଦର ବେହେରାଙ୍କ ସଭାପତିତ୍ୱରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଡ. ସଚ୍ଚିଦାନନ୍ଦ କର ଏବଂ ବକ୍ତା ଭାବେ ଡ. ପ୍ରଶାନ୍ତ କୁମାର ସ୍ୱାଇଁ ଯୋଗଦେଇଥିଲେ। ଅତିଥି ଭାବେ ଶିକ୍ଷାବିତ୍ ବଟକୃଷ୍ଣ ସ୍ୱାଇଁ, ବୃନ୍ଦାବନ ସାହୁ, ଦିଲୀପ କୁମାର ଧଳ, ବନମାଳୀ ଦାସ ଯୋଗଦେଇଥିଲେ। ଶେଷରେ ଅଧ୍ୟାପିକା ରଥ ଧନ୍ୟବାଦ ଦେଇଥିଲେ।

# କାରକୁ ଧକ୍କା ଦେଲା ଟ୍ରକ୍, ୪ ଆହତ

ପାଣିକୋଇଲି, ୫।୧୦ (ବିକାଶ ଚନ୍ଦ୍ର ମଲ୍ଲିକ)

ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନଂ. ଜାତୀୟ ରାଜପଥ ଉପରେ ରବିବାର ଏକ ଟ୍ରକ୍ ଧକ୍କାରେ କାରଟି ଭାଙ୍ଗି ଯାଇଥିବାବେଳେ ଆରୋହୀ ଆହତ ହୋଇଛନ୍ତି। ପଶ୍ଚିମବଙ୍ଗ ରାଜ୍ୟ ମେଦିନିପୁରର ବିମଳା ମାନା, ସୁରଜ ମାନା, ଧ୍ରୁବ ମାନା ଓ ସୋମା ମଣ୍ଡଳ ଗଜପତି ଜିଲା ପାରଳାଖେମୁଣ୍ଡିକୁ ଏକ କାର (ଡବ୍ଲ୍ୟୁ ବି ୦୬ ୱାଇ ୩୦୫୦)ରେ ଯାଉଥିବାବେଳେ ରାଜପଥର ପୁରୁଣା ଟୋଲ ଗେଟ ନିକଟରେ ଥିବା ଓଡ଼ିଆଣୀ ହୋଟେଲ ସମ୍ମୁଖରେ ଏକ ଟ୍ରକ୍ କାରକୁ ଧକ୍କା ଦେଇଥିଲା। ଫଳରେ କାରରେ ଥିବା ୪ ଆରୋହୀ ଆହତ ହୋଇଥିଲେ। ଖବରପାଇ ରାଜପଥ ପାଟ୍ରୋଲିଂ ପୋଲିସ ଆହତମାନଙ୍କୁ ନିକଟସ୍ଥ ଏକ ହସ୍ପିଟାଲରେ ଚିକିତ୍ସା କରାଇଥିଲେ।

# କଂଗ୍ରେସ ନେତା, ପୂର୍ବତନ ସରପଞ୍ଚଙ୍କ ପରଲୋକ

ଚଣ୍ଡିଖୋଲ, ୫।୧୦ (ପ୍ରଦୀପ୍ତ କୁମାର ପୃଷ୍ଟି)



ବଡଚଣା ବ୍ଲକ ଅନ୍ତର୍ଗତ ବାଲିଚନ୍ଦ୍ରପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ବୟୋଜ୍ୟେଷ୍ଠ କଂଗ୍ରେସ ନେତା ଶୈଳେନ୍ଦ୍ର ନାରାୟଣ ଦେଓ (୮୬)ଙ୍କ ଶନିବାର ରାତିରେ ପରଲୋକ ହୋଇଯାଇଛି। ସେ ୧୯୮୦ରୁ ୧୯୯୦ ପର୍ଯ୍ୟନ୍ତ ଅବିଭକ୍ତ ବାଲିଚନ୍ଦ୍ରପୁର ପଞ୍ଚାୟତର ୨ ଥର ସରପଞ୍ଚ ଥିଲେ। ତାଙ୍କ ପରଲୋକ ଖବରପାଇ ରବିବାର ସକାଳେ ବାଲିଚନ୍ଦ୍ରପୁର ଓ ମାହାଙ୍ଗା ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ନାନପୁରସ୍ଥିତ ବାସଭବନରେରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ତାଙ୍କ ମୃତଦେହକୁ ଏକ ଶୋଭାଯାତ୍ରାରେ ବାଲିଚନ୍ଦ୍ରପୁର ପଞ୍ଚାୟତ କାର୍ଯ୍ୟାଳୟ, ନାନପୁର, ରୁକୁଟିପାଟ, କୁସ୍ମପୁର ଗ୍ରାମ ପରିକ୍ରମା କରାଯାଇଥିଲା। ଶୋଭାଯାତ୍ରା ଯିବା ବାଟରେ ବାଲିଚନ୍ଦ୍ରପୁର ଅଞ୍ଚଳର ସମସ୍ତ ବିଦ୍ୟାଳୟ, ସରକାରୀ କାର୍ଯ୍ୟାଳୟ ଓ ବାଲିଚନ୍ଦ୍ରପୁର ବଜାର କମିଟି ପକ୍ଷରୁ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା। ବଡଚଣା କଂଗ୍ରେସ ନେତା ଅଜୟ କୁମାର ସାମଲ, ଯାଜପୁର ଜିଲା ପରିଷଦର ଉପସଭାପତି ଗଣେଶ୍ୱର ବରାଳ, ବଡଚଣା ବ୍ଲକ ବିଜେଡି ନେତା କ୍ୟାପଟେନ ରାଜ ନାରାୟଣ ମହାପାତ୍ର, କଂଗ୍ରେସର ବରିଷ୍ଠ ନେତା ଫକିର ମୋହନ ବଳ, ରୁଦ୍ର ନାରାୟଣ ସିଂହ, ମାନଭଞ୍ଜନ ରାଉତରାୟ, ନେତ୍ରାନନ୍ଦ ସିଂ, ଯୁବନେତା ବିଶ୍ୱ ପ୍ରକାଶ ସାମଲ, ପୂର୍ବତନ ସରପଞ୍ଚ ଶେଖ ରିଆସତ ଅଲ୍ଲୀ, ମନ୍ମଥ କେଶରୀ ସାହେବରାଏ, ଦେବେନ୍ଦ୍ର ସାମଲ, ସରପଞ୍ଚ ପ୍ରତିନିଧି ଅମୀୟ କୁମାର ସାହାଣୀ, ପୂର୍ବତନ ସମିତି ସଭ୍ୟ ଅମୀୟ ବିଶ୍ୱାଳ, କିରଣ କୁମାର ଶତପଥୀ, ସଞ୍ଜୟ କୁମାର ଖୁଣ୍ଟିଆ, ପ୍ରଭାତ କିଶୋର ପ୍ରଧାନଙ୍କ ସମେତ ବହୁ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ବଡଚଣା ବ୍ଲକ କଂଗ୍ରେସ ପକ୍ଷରୁ ମରଶରୀର ଉପରେ କଂଗ୍ରେସ ପତାକା ଆଚ୍ଛାଦିତ କରାଯାଇଥିଲା। ବିଧାୟକ ଅମର କୁମାର ନାୟକ, ପୂର୍ବତନ ମନ୍ତ୍ରୀ ସୀତାକାନ୍ତ ମହାପାତ୍ର, ପୂର୍ବତନ ମନ୍ତ୍ରୀ ଅମର ପ୍ରସାଦ ଶତପଥୀ, ବାମପନ୍ଥୀ ନେତା ଦିବାକର ବିଶ୍ୱାଳ ପ୍ରମୁଖ ଗଭୀର ଶୋକ ବ୍ୟକ୍ତ କରିବା ସହ ବାଲିଚନ୍ଦ୍ରପୁର ଅଞ୍ଚଳ ଜଣେ ମୁରବିଙ୍କୁ ହରାଇଲା ବୋଲି କହିଛନ୍ତି। ମୃତ୍ୟୁ ଶଯ୍ୟା ନିକଟରେ ପୁତ୍ର ମାନସ ରଞ୍ଜନ ଦେଓ, ସଂଗ୍ରାମ କେଶରୀ ଦେଓ, ପ୍ରଦୀପ ଦେଓ ଉପସ୍ଥିତ ଥିଲେ। ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡପୁଅ ମାନସ ମୁଖାଗ୍ନି ଦେଇଥିଲେ।

# ଧର୍ମଶାଳାରେ ମହର୍ଷି ବାଲ୍ମୀକି ଜୟନ୍ତୀ



ଧର୍ମଶାଳାରେ ମହର୍ଷି ବାଲ୍ମୀକିଙ୍କ ଜୟନ୍ତୀରେ ମଞ୍ଚାସୀନ ଅତିଥି।

ଧର୍ମଶାଳା, ୫।୧୦ (ବଟକୃଷ୍ଣ ପରିଡ଼ା)

ଅଖିଳ ଭାରତୀୟ ସାହିତ୍ୟ ପରିଷଦ ଓ ରାଷ୍ଟ୍ରଦୀପ ପାଠକ ସମିତି ମିଳିତ ଆନୁକୂଲ୍ୟରେ ଧର୍ମଶାଳା ବ୍ଲକ ଜାରକା ହାଇସ୍କୁଲ ପାଠାଗାର ପରିସରରେ ରବିବାର ମହର୍ଷି ବାଲ୍ମୀକିଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ଶ୍ରମିକ ନେତା ନୃସିଂହ ଚରଣ ମିଶ୍ର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଡ. ସନ୍ତୋଷ କୁମାର ମହାପାତ୍ର, ମୁଖ୍ୟବକ୍ତା ଭାବେ ପ୍ରବଚକ ବିଭୂତି ଭୂଷଣ ପାଳ, ଅତିଥି ଭାବେ କବି ସଂଗ୍ରାମ କେଶରୀ ଜେନା ଓ ପ୍ରାଧ୍ୟାପକ ପ୍ରଶାନ୍ତ କୁମାର ସାହୁ ଯୋଗଦେଇ ମହର୍ଷି ବାଲ୍ମୀକିଙ୍କ ଜନ୍ମ ବୃତ୍ତାନ୍ତ ଓ ଓଡ଼ିଆ ରାମାୟଣ ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ ଡ. ରମାକାନ୍ତ ଜେନା, ଅଧ୍ୟକ୍ଷ ମହେଶ୍ୱର ପାଢୀ, ଡ. ପ୍ରଶାନ୍ତ କୁମାର ସ୍ୱାଇଁ, ଅଭୟାନନ୍ଦ ଶାରଦା, ସବିତା ମିଶ୍ର, ପଣ୍ଡିତ ବ୍ରଜକିଶୋର ଦାଶ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଈଶ୍ୱର ଚନ୍ଦ୍ର ପ୍ରଧାନ ଶାନ୍ତି ପାଠ କରିଥିବା ବେଳେ ଅନନ୍ତ ଚରଣ ପରିଡା ଅତିଥି ପରିଚୟ ଓ ଅଧ୍ୟାପକ ବିଜୟ କୁମାର ନାୟକ ଅତିଥିଙ୍କୁ ସ୍ୱାଗତ ଜଣାଇଥିଲେ ଏହି ଅବସରରେ ଖବରଦାତା ପୂର୍ଣ୍ଣଚନ୍ଦ୍ର ଶତପଥୀଙ୍କୁ ନାରଦ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଶେଷରେ ଚିତ୍ତ ରଞ୍ଜନ ମହାନ୍ତି ଧନ୍ୟବାଦ ଦେଇଥିଲେ।

# ମାନସିକ ପୂରଣ ଲାଗି ପଶ୍ଚିମବଙ୍ଗରୁ ତାମିଲନାଡୁକୁ ଦୁଃସାହସିକ ଯାତ୍ରା

ପାଣିକୋଇଲି, ୫।୧୦
(ବିକାଶ ଚନ୍ଦ୍ର ମଲ୍ଲିକ)

ନିଜର ମାନସିକ ପୂରଣ ଲାଗି ଜଣେ ଯୁବକ ପଶ୍ଚିମବଙ୍ଗର ମେଦିନୀପୁରରୁ ତାମିଲନାଡୁସ୍ଥିତ ଆଦି ଶିବ ମନ୍ଦିରକୁ ରାସ୍ତାରେ ଶୋଇ ଶୋଇ ଦୁଃସାହସିକ ଯାତ୍ରା କରୁଛନ୍ତି। ମେଦିନୀପୁରର ତରୁଣ ବେହେରା ନିଜର ମାନସିକ ପୂରଣ ଲାଗି ଅଗଷ୍ଟ ୪ ରୁ ନିଜର ଯାତ୍ରା ଆରମ୍ଭ କରି ବୁଧବାର ପାଣିକୋଇଲିରେ ପହଞ୍ଚିଛନ୍ତି। ତରୁଣ ରାସ୍ତାରେ ଏକ ଅଖା ଉପରେ ଶୋଇ ଶୋଇ ଯାଉଥିବା ବେଳେ ସୁରକ୍ଷା ନିମନ୍ତେ ରାଜପଥ ପାଟ୍ରୋଲିଂ ଅଧିକାରୀ ଅଶୋକ ବଳ ତାଙ୍କୁ ଏସ୍କର୍ଟ ଦେଇ ଚାଲିଥିଲେ।



ତରୁଣ ବେହେରା ରାସ୍ତାରେ ଶୋଇ କି ଯାଉଛନ୍ତି।

# ଶିଶୁ ବିଦ୍ୟାମନ୍ଦିର ପୂର୍ବତନ ଛାତ୍ର ଏକତ୍ରୀକରଣ କାର୍ଯ୍ୟକ୍ରମ



ପୂର୍ବତନ ଛାତ୍ର ଏକତ୍ରୀକରଣ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି।

କାଏମା, ୫।୧୦ (ଶିବପ୍ରସାଦ ମହାନ୍ତି):

ଧର୍ମଶାଳା ବ୍ଲକ ଅନ୍ତର୍ଗତ କାଏମାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ରବିବାର ପରିଚାଳନା ସମିତିର ସଭାପତି ପ୍ରଶାନ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ପୂର୍ବତନ ଛାତ୍ର ଏକତ୍ରୀକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ ଡ.ସନ୍ତୋଷ କୁମାର ମହାପାତ୍ର ଓ ମୁଖ୍ୟ ଅତିଥି ରୂପେ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଆଚାର୍ଯ୍ୟ ସୁଶାନ୍ତ କୁମାର ମହାରଣା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଡ. ମହାପାତ୍ର ଶିଶୁମନ୍ଦିର ଉନ୍ନତିରେ ପୂର୍ବତନ ଛାତ୍ରମାନଙ୍କ ଭୂମିକା ଓ କର୍ତ୍ତବ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ଶିଶୁ ମନ୍ଦିର ଯୋଜନାର ଲକ୍ଷ୍ୟ ଉଦ୍ଦେଶ୍ୟ କିପରି ସମାଜରେ ପୁରାତନ ଛାତ୍ରଙ୍କ ମାଧ୍ୟମରେ କ୍ରିୟାନ୍ୱୟନ ହୋଇପାରିବ ସେ ବିଷୟରେ ଆହ୍ୱାନ ଦେଇଥିଲେ। ପୂର୍ବତନ ଛାତ୍ର ସଂସଦର ସଭାପତି ସୌମ୍ୟରଞ୍ଜନ ପୃଷ୍ଟି ପୁରାତନ ପିଲାଙ୍କ ବିଦ୍ୟାଳୟ ପ୍ରତି ସେମାନଙ୍କ ଭୂମିକା ବିଷୟରେ ଆଲୋକପାତ କରିଥିଲେ। ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟା ରୀତାରାଣୀ ସ୍ୱାଇଁ ସ୍ୱାଗତ ଭାଷଣ ସହିତ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ଧ୍ରୁବ ଚରଣ ପୃଷ୍ଟି ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏଥିରେ ୨୦୦ ଜଣ ପୂର୍ବତନ ଛାତ୍ର ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପରିଚାଳନା ସମିତିର କୋଷାଧ୍ୟକ୍ଷ ନିଗମାନନ୍ଦ ମାହାଣା, ସହ ସମ୍ପାଦକ ସୁକାନ୍ତ କୁମାର ପଣ୍ଡା, ଉପସଭାପତି ତୁଳସୀ ଦେଇ, ପୂର୍ବତନ ସମ୍ପାଦକ ଚିତ୍ତରଞ୍ଜନ ମଲ୍ଲିକ ଆଦି ଯୋଗଦେଇଥିଲେ। ଶେଷରେ ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟ ଅଜିତ କୁମାର ରାଉତ ଧନ୍ୟବାଦ ଦେଇଥିଲେ। ଅନୁଷ୍ଠାନର ସମସ୍ତ ଗୁରୁମାଗୁରୁଜୀ ଓ ସେବିକାସେବକଙ୍କ ପୂର୍ଣ୍ଣ ସହଯୋଗ କରିଥିଲେ।

# ଆଜି ପୂଜା ପାଇବେ ମା' ଗଜଲକ୍ଷ୍ମୀ

ଯାଜପୁର ଟାଉନ, ୫।୧୦
(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)

ପାର୍ବଣ ଋତୁର ଆଗମନରେ ସରିଛି ଶାରଦୀୟ ଦୁର୍ଗାପୂଜା। ଏବେ ପୂଜା ପାଇବେ ମା' ଗଜଲକ୍ଷ୍ମୀ। ସେଥିପାଇଁ ସବୁଠି ଚଳଚଞ୍ଚଳ ଓ ବ୍ୟସ୍ତତା ଦେଖିବାକୁ ମିଳିଛି। ଯାଜପୁରର ଗାଁଠାରୁ ସହର ପର୍ଯ୍ୟନ୍ତ ସବୁ ସ୍ଥାନରେ ମା' ଗଜଲକ୍ଷ୍ମୀଙ୍କ ପୂଜା କରାଯାଇଥାଏ। ବିଭିନ୍ନ ପୂଜା ମଣ୍ଡପରେ ମା' ଗଜଲକ୍ଷ୍ମୀଙ୍କର ମୃଣ୍ମୟ ପ୍ରତିମା ନିର୍ମାଣ କାମ ସରିଥିବା ବେଳେ ଶିଳ୍ପୀ ଶେଷ ସ୍ପର୍ଶ ଦେଇସାରିଛନ୍ତି। ରଙ୍ଗୀନ ଆଲୋକମାଳା ଓ ବିଭିନ୍ନ ଫୁଲରେ ପୂଜା ମଣ୍ଡପ ଝଟକି ଉଠୁଛି। ପୂଜା କମିଟିର କର୍ମକର୍ତ୍ତାମାନେ ପୂଜା ସମୟରେ ସାଂସ୍କୃତିକ କାର୍ଯ୍ୟକ୍ରମ କରିବେ ବୋଲି ସମସ୍ତ ପ୍ରସ୍ତୁତି ସାରିଲେଣି। ବିରଜା ହାଟରେ ମା' ଗଜଲକ୍ଷ୍ମୀଙ୍କର ପୂଜା ଧୁମଧାମରେ ପାଳନ ହୋଇଥାଏ। ମା' ଗଜଲକ୍ଷ୍ମୀଙ୍କ ସୁଉଚ୍ଚ ପ୍ରତିମା ମଣ୍ଡପର ଶୋଭାକୁ ଦ୍ୱିଗୁଣିତ କରିଛି। ଏହି ବିରଜା ହାଟରେ ମା' ଗଜଲକ୍ଷ୍ମୀଙ୍କ ପୂଜା ୭ ଦିନ ହେବା ସହ ପ୍ରତ୍ୟେକ ଦିନ ସମୂହ ପ୍ରସାଦ ସେବନର ବ୍ୟବସ୍ଥା ମଧ୍ୟ କରାଯାଇଥାଏ। ସେହିପରି କୁଆଁସରପୁର, ଭାଗବତପୁର, ବଲ୍ଲଭିଘାଟ, ଦାଣ୍ଡସୁନ୍ଦରପୁର, ମଝି ଦାଣ୍ଡସୁନ୍ଦରପୁର, କିଆନାଳୀଛକ, ସନ୍ଥେଶ୍ୱରପୁର, ଗୋଖନା ବଜାର, ଖଇରାବାଦ ପ୍ରମୁଖ ସ୍ଥାନରେ ମା' ଗଜଲକ୍ଷ୍ମୀଙ୍କ ପୂଜା ବେଶ ଜାକଜମକରେ ଅନୁଷ୍ଠିତ ହୋଇଥାଏ। ସେଥିପାଇଁ ଏହି ପୂଜା ମଣ୍ଡପରେ ମା' ଗଜଲକ୍ଷ୍ମୀଙ୍କ ମୃଣ୍ମୟ ପ୍ରତିମା ନିର୍ମାଣ କରାଯିବା ସହ ମଣ୍ଡପର ସମସ୍ତ ସାଜସଜ୍ଜା ମଧ୍ୟ ଅତି ଆକର୍ଷଣୀୟ ଭାବେ କରାଯାଇଛି। ସେହିପରି ମହାବୀର ଛକରେ କିଛି ଘରୋଇ ମା' ଗଜଲକ୍ଷ୍ମୀଙ୍କର ପୂଜା ବଙ୍ଗୀୟ ରୀତିନୀତି ଅନୁଯାୟୀ ହୋଇଥାଏ। ସେଥିପାଇଁ ଘରୋଇ ପୂଜା ମଣ୍ଡପରେ ମଧ୍ୟ ସାଜସଜ୍ଜା ଅତି ସୁନ୍ଦର ଭାବେ କରାଯାଇଛି।



ଶିଳ୍ପୀ ଗଜଲକ୍ଷ୍ମୀଙ୍କ ପୂଜା ପାଇଁ ନିର୍ମାଣ କରିଥିବା ମୃଣ୍ମୟ ମୂର୍ତ୍ତି।


# ଜିଲାରେ ବିଗୁଡୁଛି ସ୍ୱାସ୍ଥ୍ୟସେବା ବ୍ୟବସ୍ଥା

- ନାହିଁ ଇଏସ୍ଆଇ ମେଡିକାଲ
- ବଢୁଛି ଶ୍ରମିକ ଅଶାନ୍ତି
- ଗ୍ରାମାଞ୍ଚଳରେ କ୍ୱାକ୍‌ଙ୍କ ପ୍ରାଦୁର୍ଭାବ

**କେନ୍ଦ୍ରାପଡ଼ା, ୫।୧୦ (ଜଗନ୍ନାଥ ଧଳ):**

କେନ୍ଦ୍ରାପଡ଼ା ଜିଲାରେ ମେଡିକାଲ କଲେଜ ଖୋଲିବା ପାଇଁ ଗତ ୨୨ ତାରିଖଠାରୁ ୫ ଦିନ ଧରି ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଗଣଧାରଣା ଦିଆଯାଇଥିଲା। ଜିଲା ପ୍ରଶାସନ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ସମାଧାନ କରିବ ବୋଲି ପ୍ରତିଶ୍ରୁତି ଦେବା ପରେ ଗଣଧାରଣା ସାମୟିକ ସ୍ଥଗିତ ରଖାଯାଇଛି। ଏ ନେଇ କୌଣସି ପ୍ରକ୍ରିୟା ଆରମ୍ଭ ହୋଇଛି କି ନାହିଁ ଏବେ ପ୍ରଶ୍ନ ଉଠିଲାଣି। ଅପରପକ୍ଷରେ ଏହି ଜିଲାରେ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ବିଗିଡ଼ି ଯାଇଥିବା ନେଇ ଆଲୋଚନା ଜୋର ଧରିଲାଣି। ପିଏଚ୍‌ସି, ସିଏଚ୍‌ସିରେ ରୋଗୀ ଚିକିତ୍ସା ନ ପାଇ କଟକ ରେଫର ହେଉଛନ୍ତି। ଗ୍ରାମାଞ୍ଚଳରେ ଡାକ୍ତରଙ୍କ ପୋଷ୍ଟିଂ ନ ଥିବାରୁ କ୍ୱାକ୍‌ଙ୍କ ସଂଖ୍ୟା ବଢ଼ି ଚାଲିଛି। ସିଟି ହସ୍ପିଟାଲ, ଇଏସ୍ଆଇ ହସ୍ପିଟାଲ ନ ଥିବାରୁ ସହରବାସୀ ଓ ଶ୍ରମିକଙ୍କ ଅଶାନ୍ତି ବଢ଼ିଚାଲିଛି ବୋଲି ସ୍ୱାସ୍ଥ୍ୟସେବା ସମ୍ପର୍କରେ ଅଭିଯୋଗ ହେଉଛି।

କ୍ରିୟାନୁଷ୍ଠାନ କମିଟି ଆବାହକ ଗୟାଧର ଧଳ କହିଛନ୍ତି, ୨୦୧୧ ଜନଗଣନା ଅନୁଯାୟୀ ଜିଲାର ଲୋକସଂଖ୍ୟା ସାଢ଼େ ୧୪ ଲକ୍ଷ ଥିବାବେଳେ ଏବେ ଏହି ସଂଖ୍ୟା ୧୭ ଲକ୍ଷରୁ ଅଧିକ ହୋଇଛି। ଲକ୍ଷେ ଲୋକଙ୍କ ସ୍ୱାସ୍ଥ୍ୟସେବା ପାଇଁ ଅନ୍ୟୂନ ୫୦ ଡାକ୍ତରଙ୍କ ଆବଶ୍ୟକତା ଥିବାବେଳେ ମାତ୍ର ୫ରୁ ୬ ଜଣ ଅଛନ୍ତି। ସେହିପରି ଜିଲାରେ ଏମ୍ପ୍ଲୟିଜ ଷ୍ଟେଟ ଇନ୍ସୁରାନ୍ସ (ଇଏସ୍ଆଇ) ମେଡିକାଲ ନ ଥିବାରୁ ଉଚ୍ଚ ସ୍ୱାସ୍ଥ୍ୟସେବାରୁ ଶ୍ରମିକ ବଞ୍ଚିତ ହେଉଛନ୍ତି। ଉପାନ୍ତ ଅଞ୍ଚଳର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ସ୍ଥାନୀୟ କ୍ୱାକ୍‌ଙ୍କୁ ସୁଯୋଗ ଦେଇଛନ୍ତି। ସାମାଜିକ କର୍ମୀ ଦେବାଶିଷ ସାମଲ କହିଛନ୍ତି, ଗତ ୨୦ବର୍ଷ ମଧ୍ୟରେ ଗମନାଗମନ ବ୍ୟବସ୍ଥାକୁ ଉନ୍ନତି କରାଯାଇଛି। ତେବେ କେନ୍ଦ୍ରାପଡ଼ା ଜିଲା ଉପାନ୍ତ ଅଞ୍ଚଳର ୬୪୭ ଗ୍ରାମକୁ ବର୍ଷାଦିନେ ସିଧାସଳଖ ଯିବା ସମ୍ଭବ ନୁହେଁ। ଆର୍ଥିକ ଦୁର୍ବଳ ଲୋକଙ୍କ ପାଇଁ ୧୦୮, ୧୦୨, ବୋଟ୍ ଆମ୍ବୁଲାନ୍ସ ସେବା ବ୍ୟବସ୍ଥା ଥିଲେ ବି ଦୁର୍ଗମ ରାସ୍ତା ଏଥିରେ ବାଧକ




ହୋଇଛି। ସେହିପରି ତୃଣମୂଳସ୍ତରର ସ୍ୱାସ୍ଥ୍ୟସେବା ପାଇଁ ଜିଲାରେ ୨୨୬ ସବ୍‌ସେଣ୍ଟର ଅଛି। ପ୍ରଶାସନିକ ଅବ୍ୟବସ୍ଥା ଯୋଗୁ ଅଧାରୁ ଅଧିକ ସବ୍‌ସେଣ୍ଟରରେ ଏଏନ୍‌ଏମ୍ ରହୁନାହାନ୍ତି। ବିଶେଷକରି ଉପାନ୍ତ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇଛି। କଂଗ୍ରେସ ନେତା ବିଧୁ ଭୂଷଣ ମହାପାତ୍ର କହିଛନ୍ତି, ନୂତନ ଜିଲା ମୁଖ୍ୟ ଚିକିତ୍ସାଳୟର ଭିତ୍ତିଭୂମିରେ ଟ୍ରମାକେୟାରଠାରୁ ଆରମ୍ଭ କରି ଅକ୍ସିଜେନ ଉତ୍ପାଦନ କେନ୍ଦ୍ର ପାଇଁ ବ୍ୟବସ୍ଥା ହୋଇଛି। ଏହାସତ୍ତ୍ୱେ ଅଧିକାଂଶ ରୋଗୀଙ୍କୁ କଟକ ବଡ଼ ମେଡିକାଲକୁ ରେଫର କରାଯାଉଛି। ଆଇସିୟୁ ପରି ଜରୁରିକାଳୀନ କୋଠରିର ପରିଚାଳନା ନାହିଁ। ଏହି ଜିଲାର ସରକାରୀ କର୍ମଚାରୀଙ୍କ ସହ କେତେଗୋଟି ସମବାୟ ଅନୁଷ୍ଠାନ, ନର୍ସିଂ ହୋମ୍, ବେସରକାରୀ କର୍ମଚାରୀଙ୍କୁ ଇଏସ୍ଆଇରେ ସାମିଲ କରାଯାଇଛି। ସରକାରୀ ନିୟମ ଅନୁଯାୟୀ, କର୍ମଚାରୀଙ୍କ ଦରମାରୁ ୦.୭୫ ପ୍ରତିଶତ ଅର୍ଥ ସହ ନିଯୁକ୍ତିଦାତାଙ୍କ ପକ୍ଷରୁ ୩.୨୫ ପ୍ରତିଶତ ଅର୍ଥ ଇଏସ୍ଆଇ ପାଇଁ ପଇଠ ହେଉଛି। ଏହାସତ୍ତ୍ୱେ ଜିଲାରେ ଶ୍ରମିକଙ୍କ ପାଇଁ ହସ୍ପିଟାଲ ନ ଥିବାରୁ ଏହାର ଫାଇଦା ମିଳୁନାହିଁ। ସାଧାରଣ ଚିକିତ୍ସା କେନ୍ଦ୍ରରୁ ରେଫର ହେଉଥିବା ଶ୍ରମିକଙ୍କୁ ଉଚ୍ଚତର ସେବା ମିଳୁ ନ ଥିବାରୁ ଏହା ଏକ ଠକେଇ ବୋଲି ସେ କ୍ଷୋଭ ପ୍ରକାଶ କରିଛନ୍ତି। ସାମାଜିକ କର୍ମୀ ପ୍ରତାପ କୁମାର ତ୍ରିପାଠୀ କହିଛନ୍ତି, ଗର୍ଭବତୀ ଓ ଶୀଘ୍ର ଚିକିତ୍ସା ପାଇଁ ଆବଶ୍ୟକ ରୋଗୀ ଉପାନ୍ତ ଅଞ୍ଚଳରୁ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିବା ପୂର୍ବରୁ ବହୁ ସମୟରେ ଜୀବନହାନି ହେଉଛି। ସେହିପରି ଗ୍ରାମାଞ୍ଚଳରେ ଡାକ୍ତର ଏକକାଳୀନ ୪୫ ଘଣ୍ଟା ରହି ସପ୍ତାହର ଅନ୍ୟଦିନରେ ଫାଙ୍କା ରହୁଥିବାରୁ ରୋଗୀଙ୍କ ସ୍ୱାସ୍ଥ୍ୟସେବାରେ ବାଧା ଉପୁଜୁଛି। ଉପାନ୍ତ ଅଞ୍ଚଳରେ ଏହାର ସୁବିଧା କ୍ୱାକ୍ ନେଉଛନ୍ତି। ଜିଲାରେ ୨୦୦ରୁ ଊର୍ଦ୍ଧ୍ୱ କ୍ୱାକ୍ ଏଲୋପାଥିକ ମେଡିସିନ ଦୋକାନ ଖୋଲିଛନ୍ତି। ଏ ସମ୍ପର୍କରେ ଏଡିଏମ୍‌ଓ ଡା. ସଚ୍ଚିଦାନନ୍ଦ ମିଶ୍ରଙ୍କୁ ପଚାରିବାରେ ନିକଟରେ ଜିଲାରେ କେତେଜଣ ନୂତନ ଡାକ୍ତରଙ୍କ ପୋଷ୍ଟିଂ ହୋଇଛି। ଆବଶ୍ୟକ କର୍ମଚାରୀଙ୍କ ପଦବୀ ପୂରଣ ପାଇଁ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା ଓ ପ୍ରକ୍ରିୟା ଜାରି ରହିଛି। ଗ୍ରାମାଞ୍ଚଳର କ୍ୱାକ୍‌ଙ୍କ ପ୍ରତି ତନାଘନା ଆରମ୍ଭ ହୋଇଛି। ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ ହେବ ବୋଲି ସେ କହିଛନ୍ତି।

## ବିଭିନ୍ନ ଉନ୍ନୟନ ଯୋଜନାର ସାମାଜିକ ସମୀକ୍ଷା


ସାମାଜିକ ସମୀକ୍ଷା ବୈଠକରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀମାନେ।

**କେନ୍ଦ୍ରାପଡା, ୫।୧୦ (ଜଗନ୍ନାଥ ଧଳ)**

କେନ୍ଦ୍ରାପଡା ଜିଲାର ବିଭିନ୍ନ ଉନ୍ନୟନ ଯୋଜନାର ସାମାଜିକ ସମୀକ୍ଷା ବୈଠକ ଜିଲା ପରିଷଦ ସଭାଗୃହରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲାର ସମୀକ୍ଷକ ମୃତ୍ୟୁଞ୍ଜୟ ବେହେରାଙ୍କ ସଂଯୋଜନାରେ ଆୟୋଜିତ ବୈଠକରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ଖାଦ୍ୟ ସୁରକ୍ଷା ଯୋଜନା, ସମଗ୍ର ଶିକ୍ଷା ଯୋଜନା, ପ୍ରଧାନମନ୍ତ୍ରୀ ପୋଷଣ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଇନ୍ଦିରା ଗାନ୍ଧୀ ଭତ୍ତା ଓ ଅମୃତ ସରୋବର ପ୍ରକଳ୍ପ ସହ ସମସ୍ତ ଲାଇନ ବିଭାଗର ହୋଇଥିବା କାର୍ଯ୍ୟର ସମୀକ୍ଷା କରାଯାଇଥିଲା। ଏଥିରେ ସମୀକ୍ଷା ୟୁନିଟର ରାଜ୍ୟ ନିର୍ଦ୍ଦେଶକ ନୀହାର ରଞ୍ଜନ ସ୍ୱାଇଁ ଯୋଜନା କାର୍ଯ୍ୟକାରୀତାରେ ତୃଣମୂଳସ୍ତରରେ ଉପଯୋଗୀ ହେବା ଆବଶ୍ୟକ ବୋଲି ପରାମର୍ଶ ଦେଇଥିଲେ। ଚଳିତ ଆର୍ଥିକ ବର୍ଷରେ ଜିଲାର ୯ ବ୍ଲକ ଅଞ୍ଚଳରେ ସୁବ୍ରତ ସାମଲ, ନଳିନୀକାନ୍ତ ସ୍ୱାଇଁ, ଅର୍ଜୁନ ସ୍ୱାଇଁ, କମଳାକାନ୍ତ ପଣ୍ଡା, ରମାକନ୍ତ ସ୍ୱାଇଁ, ଅନିଲ ଆଚାର୍ଯ୍ୟ, ଜୟପ୍ରକାଶ ପଣ୍ଡା, ଅରବିନ୍ଦ ଦାଶ ଓ ଦେବରାଜ ସାମଲ ଅଡିଟ କରିବେ ବୋଲି ସୂଚନା ଦେଇଥିଲେ। ଏମାନଙ୍କୁ ଗ୍ରାମ ସାଧନ କର୍ମୀ ସହଯୋଗ କରିବେ। ଫଳରେ ଗ୍ରାମାଞ୍ଚଳ ଉନ୍ନୟନ ଯୋଜନା କାର୍ଯ୍ୟକାରିତାରେ ଥିବା ସମସ୍ୟାର ସମାଧାନ ହେବ ବୋଲି ସେ କହିଥିଲେ। ବୈଠକରେ ଡାଟା ଅପରେଟର ସରୋଜ କୁମାର ଦାସଙ୍କ ସହିତ ପ୍ରଶାସନିକ କାର୍ଯ୍ୟନିର୍ବାହୀ ଅଧିକାରୀମାନେ ଆଲୋଚନାରେ ଭାଗ ନେଇଥିଲେ।

# ଦଦରା ଡଙ୍ଗାରେ ଚାଲିଛି ଜମ୍ବୁ ଫେରିଘାଟ


ଜମ୍ବୁ ଫେରିଘାଟରେ ବିପଦପୂର୍ଣ୍ଣ ଭାବେ ଦଦରା ଡଙ୍ଗାରେ ଲୋକେ ନଦୀ ପାର ହେଉଛନ୍ତି।

**ମହାକାଳପଡ଼ା,୫।୧୦ (ପ୍ରତାପ ଚନ୍ଦ୍ର ସ୍ୱାଇଁ)**

- ସ୍ଥାନୀୟ ଲୋକଙ୍କ ହୋ-ହଲ୍ଲା
- ୨ ଘଣ୍ଟା ଡଙ୍ଗା ବନ୍ଦ, ପୋଲିସ ହସ୍ତକ୍ଷେପ ପରେ ଚାଲିଲା

କୁମ୍ଭୀର ଭରା ଗୋବରୀ ନଦୀ। ପୁରୁଣା ଦଦରା ଡ଼ଙ୍ଗାରେ ଜମ୍ବୁ ଅଞ୍ଚଳର ଲୋକମାନେ ଦୈନିକ ପାର ଉତ୍ତାର ହେଉଛନ୍ତି। ନା ଅଛି ବୋଟ ଫିଟ୍‌ନେସ୍, ନା ଅଛି ଲାଇଫ୍ ଜ୍ୟାକେଟ, ଚାଳକଙ୍କ ପ୍ରମାଣପତ୍ର ମଧ୍ୟ ନାହିଁ। ଏ ନେଇ ରବିବାର ପୂର୍ବାହ୍ନରେ ଜମ୍ବୁ ଅଞ୍ଚଳର କେତେକ ସାମାଜିକକର୍ମୀ ବୁଦ୍ଧିଜୀବୀମାନେ ଘାଟ କୂଳେ ପହଞ୍ଚି ଘାଟିଆ ଭଡ଼ା ପଇସା ଅଧିକ ନେବା ଓ ଦରଧାର୍ଯ୍ୟ ତାଲିକା ନାହିଁ ବୋଲି ପଚରା ଉଚୁରା କରିଥିଲେ। ଏ ନେଇ ହୋ-ହଲା ଯୋଗୁ ୨ ଘଣ୍ଟା ଘାଟ ଡଙ୍ଗା ବନ୍ଦ ରହିଥିଲା। ଖବର ପାଇ ଜମ୍ବୁ ସାମୁଦ୍ରିକ ଥାନା ଅଧିକାରୀ ସୌମ୍ୟ ରଞ୍ଜନ ବିଶ୍ୱାଳ ଘଟଣା ସ୍ଥଳରେ ପହଞ୍ଚି ଲୋକମାନଙ୍କୁ ବୁଝାସୁଝା କରିବାପରେ ଡ଼ଙ୍ଗା ଚଳାଚଳ ସ୍ୱାଭାବିକ ହୋଇଥିଲା। ଅପର ପକ୍ଷରେ ପ୍ରତି ବର୍ଷ ଏହି ଘାଟ ବହୁ ଲକ୍ଷ ଟଙ୍କାରେ ସରକାରୀ ନିଲାମ ହେଉଥିଲେ ମଧ୍ୟ ୨୦୦୪ ବୋଟ ରୁଲ ଉଲଘଂନ କରାଯାଉଛି ବୋଲି କୁହାଯାଉଛି। ଅପର ପକ୍ଷରେ ଏହି ଘାଟ ର ଦୁଇଟି ଡ଼ଙ୍ଗା ପୁରୁଣା ଯୋଗୁଁ ଅଶାନ୍ତ ସାମୁଦ୍ରିକ ସ୍ରୋତ ପ୍ରବାହିତ ହେବାର ଆଶଙ୍କା ରହିଛି ବୋଲି କୁହାଯାଇଛି। ତୁରନ୍ତ ଉକ୍ତ ଘାଟ ରେ ନୂତନ ଡଙ୍ଗା ଚଳାଚଳ କରିବା ପାଇଁ ଦାବୀ କରିଛନ୍ତି ସ୍ଥାନୀୟ ବୁଦ୍ଧିଜୀବି।

ଏ ସମ୍ପର୍କରେ ବିଡ଼ିଓ ସୌମ୍ୟ ରଞ୍ଜନ ପାଣିଗ୍ରାହୀଙ୍କ ମତାମତ ନେବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ସମ୍ଭବ ହୋଇନଥିଲା।

# ଡାକ୍ତରୀ ପରୀକ୍ଷାକୁ ଯାଇ ଗିରଫ ଅଭିଯୁକ୍ତ ଫେରାର

**ଅସଦାଚରଣ ଅଭିଯୋଗ**

**ରାଜକନିକା,୫।୧୦ (ସଞ୍ଜୟ କୁମାର ଦାଶ)**

କେନ୍ଦ୍ରାପଡା ଜିଲା ରାଜକନିକା ଥାନା ଅଞ୍ଚଳରେ ଜଣେ ମହିଳାଙ୍କୁ ଶନିବାର କାଟଣା ଡାଏଣିଗିରି ଗାଁର ଖଗେଶ୍ୱର ବେହେରା(୫୧) ଅସଦାଚରଣ କରିଥିଲେ। ଏ ନେଇ ରବିବାର ଥାନାରେ ଅଭିଯୋଗ ହେବାପରେ ସେ ଗିରଫ ହୋଇଛନ୍ତି। ଅଭିଯୁକ୍ତ ଖଗେଶ୍ୱରଙ୍କୁ ଡାକ୍ତରୀ ପରୀକ୍ଷା ପାଇଁ ପୋଲିସ


ଫେରାର ଅଭିଯୁକ୍ତ ଖଗେଶ୍ୱର ବେହେରା

ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଯାଇଥିବା ବେଳେ ପରିସ୍ରା ଯିବାକୁ ବାହାନା କରି ସେ ପୋଲିସକୁ ଚକ୍‌ମା ଦେଖାଇ ଫେରାର ହୋଇଯାଇଛନ୍ତି। ସୂଚନାଯୋଗ୍ୟ, ରାଜକନିକା ଥାନା ଅନ୍ତର୍ଗତ କାଟଣା-ବଣିଆ ପଞ୍ଚାୟତ ଅଞ୍ଚଳରେ ଜଣେ ମହିଳା ୪ ତାରିଖ ସନ୍ଧ୍ୟା ପ୍ରାୟ ୭.୧୫ ମିନିଟ୍‌ରେ କାଟଣା ବଜାରକୁ କୌଣସି କାର୍ଯ୍ୟରେ ଯାଇ ଘରକୁ ଫେରୁଥିବା ସମୟରେ କାଟଣା କଲେଜ ପାଖରେ ଡାଏଣିଗିରି ଗାଁର ଖଗେଶ୍ୱର ତାଙ୍କୁ ଏକୁଟିଆ ଦେଖି ଅସଦାଚରଣ କରିଥିବା ନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

ରାଜକନିକା ପୋଲିସ ୫ ତାରିଖରେ ନଂ. ୫୧୨/୨୫ରେ ମାମଲା ରୁଜୁପରେ ଅଭିଯୁକ୍ତ ଖଗେଶ୍ୱରଙ୍କୁ ଗିରଫ କରି ଅପରାହ୍ନ ୨ଟାରେ ଡାକ୍ତରୀ ପରୀକ୍ଷା ପାଇଁ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ହେଲେ ଅଭିଯୁକ୍ତ ଜଣକ ପରିସ୍ରା ଯିବା ବାହାନା କରି ପୋଲିସକୁ ଚକ୍‌ମା ଦେଇ ସେଠାରୁ ଚମ୍ପଟ ମାରିଥିବା ଥାନା ଅଧିକାରୀ ସଞ୍ଜୟ କୁମାର ମଲିକ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ପୋଲିସ ପକ୍ଷରୁ ଏବେ ଖୋଜାଖୋଜି ଜାରି ରହିଛି, ଖୁବ୍‌ଶୀଘ୍ର ତାଙ୍କୁ ଧରାଯିବ।

# ସମ୍ପର୍କର ଡୋରିକୁ ଅତୁଟ ରଖେ ବନ୍ଧୁତ୍ୱ

## ବନ୍ଧୁମିଳନ ଉତ୍ସବରେ ଡ.ଅଚ୍ୟୁତ ସାମନ୍ତଙ୍କୁ ରାଜ୍ୟସ୍ତରୀୟ ନାଗରିକ ସମ୍ମାନ


ଡ. ଅଚ୍ୟୁତ ସାମନ୍ତଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

**ରଘୁନାଥପୁର,୫।୧୦ (ରାଜେନ୍ଦ୍ର ନାରାୟଣ ସିଂହ)**

ରଘୁନାଥପୁରସ୍ଥିତ ବହୁ ପୁରାତନ ପୂର୍ଣ୍ଣଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୯୮୦ ବ୍ୟାଚ ଛାତ୍ରୀଛାତ୍ରଙ୍କ ଏକ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟ ପଞ୍ଚସଖା ଶିକ୍ଷାସେତୁର ସଭାପତି ବିଜୟ କୁମାର ସ୍ୱାଇଁ ପୌରୋହିତ୍ୟ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ ଉତ୍ତମ ବନ୍ଧୁର ନିଦର୍ଶନ ଦେବାକୁ ଯାଇ କିଟ୍ ଓ କିସ୍ ଅନୁଷ୍ଠାନର ପ୍ରତିଷ୍ଠାତା ଡ.ଅଚ୍ୟୁତ ସାମନ୍ତଙ୍କ ତ୍ୟାଗ ଓ ଭଲପାଇବା ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥିଭାବେ ଡ.ସାମନ୍ତ ବନ୍ଧୁମାନଙ୍କ ଗହଣରେ ଉପସ୍ଥିତ ହୋଇ କହିଥିଲେ ଯେ, ବିପଦ ଆପଦ ସମୟରେ ପରସ୍ପର ହାତ ବଢ଼ାଇବା ବନ୍ଧୁର କର୍ତ୍ତବ୍ୟ। କାରଣ ବନ୍ଧୁତ୍ୱ ସମ୍ପର୍କର ଡୋରିକୁ ଅତୁଟ ରଖେ ବୋଲି ସେ ପ୍ରକାଶ କରିଥିଲେ। ଏହି ଅବସରରେ ବିଦ୍ୟାଳୟରେ ଏକ ଅଡିଟୋରିୟମ ନିର୍ମାଣ ପାଇଁ ଡ.ସାମନ୍ତ ପ୍ରକାଶ କରିଥିଲେ। ଅନ୍ୟତମ ଅତିଥିଭାବେ କିଟ୍ ଅନୁଷ୍ଠାନ ସମ୍ପାଦକ ମନୋରଞ୍ଜନ ପ୍ରଧାନ ଉପସ୍ଥିତ ହୋଇ ବକ୍ତବ୍ୟ ଦେଇଥିଲେ। ପରେ ପୁରାତନ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଡ.ସାମନ୍ତଙ୍କୁ ରାଜ୍ୟସ୍ତରୀୟ ନାଗରିକ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। କବି ଧର୍ମପଦ ମହାପାତ୍ରଙ୍କ ଦ୍ୱାରା ରଚିତ 'କବିତାର ଧାରେ ଧାରେ' ପୁସ୍ତକକୁ ଡ.ସାମନ୍ତ ଉନ୍ମୋଚନ କରିଥିଲେ। ଏହାଛଡା କବୟିତ୍ରୀ ପୂର୍ଣ୍ଣିମା ମିଶ୍ର କବିତା ପାଠ କରିଥିଲେ। ବିଦ୍ୟାଳୟରେ ସର୍ବୋଚ୍ଚ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ପିଲାଙ୍କୁ ପୁରସ୍କୃତ କରାଯିବା ସହ ମୁଖ୍ୟମନ୍ତ୍ରୀ ପୁରସ୍କାରପ୍ରାପ୍ତ ଶିକ୍ଷକ ନିକୁଞ୍ଜ କିଶୋର ଦାଶଙ୍କୁ ମାନପତ୍ର ଦେଇ ଡ. ସାମନ୍ତ ସମ୍ବର୍ଦ୍ଧିତ କରିଥିଲେ। ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ପ୍ରଣତିଲତା ଦାଶ ସ୍ୱାଗତ ଭାଷଣ ଓ ରଞ୍ଜନ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ଦିଲୀପ କୁମାର ଜେନା, ଲତିକା ନାୟକ, ଜୟନ୍ତୀ ପାତ୍ର, ବୀଣାପାଣି ଦାଶ, ରବୀନ୍ଦ୍ର ଜେନା, ବିଷ୍ଣୁ ଚରଣ ମହାନ୍ତି, ପ୍ରଦୀପ ବିହାରୀ, ପ୍ରମୋଦ କୁମାର ନାୟକ ଓ ପୁଷ୍ପଲତା ମହାପାତ୍ରଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ବିପ୍ଳବୀ କବି ପ୍ରଫୁଲ୍ଲ ଦାସଙ୍କ ୯୯ତମ ଜୟନ୍ତୀ ପାଳିତ

**ରାଜକନିକା,୫।୧୦ (ସଞ୍ଜୟ କୁମାର ଦାଶ)**

କେନ୍ଦ୍ରାପଡା ଜିଲାର ଗର୍ବ ଓ ଗୌରବ ତଥା ରାଜକନିକା ମାଟିର ବରପୁତ୍ର ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଶାରଳା ପୁରସ୍କାରପ୍ରାପ୍ତ ବିଶିଷ୍ଟ ଐତିହାସିକ ଡକ୍ଟର ପ୍ରଫୁଲ୍ଲ ଦାସଙ୍କ ୯୯ତମ ଜୟନ୍ତୀ ସମାରୋହ ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। କନିକା ପୂଜ୍ୟପୂଜା ପରିଷଦ ଓ ଡକ୍ଟର ପ୍ରଫୁଲ୍ଲ ଦାସ ସ୍ମୃତି ସଂସଦ ପକ୍ଷରୁ ଅନୁଷ୍ଠିତ ସମାରୋହରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ଼.ବ୍ରଜ ମୋହନ ମିଶ୍ର ଯୋଗଦେଇ ବାମ ଆନ୍ଦୋଳନ ଓ ଡ଼.ପଫୁଲ୍ଲ ଦାସଙ୍କ ବିପ୍ଳବୀ ଚେତନାର ପୃଷ୍ଠଭୂମି ସମ୍ପର୍କରେ ଆଲୋକପାତ କରି ଫାସୀବାଦର ବିଲୋପ ପାଇଁ ଉଗ୍ର ରାଜନୈତିକ ପରିବର୍ତ୍ତନର ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ 'ଅକ୍ଷର' ପତ୍ରିକା ସମ୍ପାଦକ ତଥା ବିଶିଷ୍ଟ ସ୍ତମ୍ଭକାର ଅମୀୟ ପାଣ୍ଡବ ଯୋଗଦେଇ ଦାସଙ୍କ ଜୀବନର ସଙ୍ଘର୍ଷମୟ ଗାଥା ଅବତାରଣା କରିଥିଲେ। ପୂଜ୍ୟପୂଜା ପରିଷଦ ସଭାପତି ଦୁର୍ଯ୍ୟୋଧନ ସାମଲ ସମାରୋହରେ ପୌରୋହିତ୍ୟ କରିଥିବା ବେଳେ, ପରିଷଦ ସମ୍ପାଦକ କପିଳ ଚରଣ ମିଶ୍ର ବୀବରଣୀ ପାଠ ସହ ଜୟନ୍ତୀ ସମାରୋହର ଉଦ୍ଦେଶ୍ୟ ପ୍ରତିପାଦନ କରିଥିଲେ। ସ୍ମୃତି କମିଟିର ସମ୍ପାଦକ ବିଧାନ ଦାସ ଅତିଥି ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କ୍ରମରେ ବ୍ଲକର ଓଡିଶା ପ୍ରଶାସନିକ ସେବାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଭାମାନଙ୍କୁ ଓ ଗତ ମାଟ୍ରିକ ପରୀକ୍ଷାରେ ବ୍ଲକରେ ଏ-୧ ଗ୍ରେଡ୍ ରଖି କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କୁ ଅତିଥି ମାନେ ପୁଷ୍ପଗୁଚ୍ଛ, ଉପଢୌକନ ଓ ମାନପତ୍ର ପ୍ରଦାନ କରି ପ୍ରୋତ୍ସାହିତ କରିଥିଲେ। ବିଧାନ ଦାସ ମାନପତ୍ର ପାଠ କରିଥିଲେ।


ଜୟନ୍ତୀ ଉତ୍ସବରେ ମଞ୍ଚାସୀନ ଅତିଥି।

# ଅନୁପ୍ରବେଶକାରୀଙ୍କ ପାଇଁ ଆଶ୍ରୟସ୍ଥଳୀ ପାଲଟିଛି ବୋଇତରାକୁଦ ଦ୍ୱୀପ


କାଉଡିଆ ନଦୀ କୂଳରେ ଥିବା ହେନ୍ତାଳବଣ।


ମେରାଇନ ପୋଲିସ ତରଫରୁ ସେପ୍ଟେମ୍ବର ୨୦ରେ ଘେରିବନ୍ଧ ନିକଟରେ ସଚେତନତା କରାଯାଉଛି।

**ପାରାଦୀପ,୫।୧୦(ଶରତ ରାଉତ):**

ଜଗତ୍‌ସିଂହପୁର ଜିଲା ପାରାଦୀପ ମହାନଦୀ ମୁହାଣ ନିକଟରେ ସ୍ୱତନ୍ତ୍ର ଦ୍ୱୀପ ବୋଇତରାକୁଦ ରହିଛି। ପ୍ରାୟ ୫୦୦ ଏକର ବିଶିଷ୍ଟ ଉକ୍ତ ଦ୍ୱୀପରେ ଏବେ କିଛି ବର୍ଷ ହେଲା ଘେରି କରାଯାଇ ଚିଙ୍ଗୁଡ଼ି ଓ ମାଛଚାଷ କରାଯାଉଛି। ଏଥିପାଇଁ ସେଠାରେ ଥିବା ପ୍ରାକୃତିକ ଘଞ୍ଚ ହେନ୍ତାଳବଣକୁ କାଟି ନଷ୍ଟ କରାଯାଇଛି। ଏହି ଘେରି ଚାଷ ଆଳରେ ସେଠାରେ ବଙ୍ଗୀୟ ଲୋକମାନେ ବସବାସ କଲେଣି। ସେମାନଙ୍କ ମଧ୍ୟରେ କିଏ ବାଂଲାଦେଶୀ କିମ୍ବା ବାଂଲାଭାଷୀ ତାହା ଜାଣିବା ସହଜ ନୁହେଁ। କାରଣ ସେହି ଜାଗାକୁ ପ୍ରଶାସନିକ ଅଧିକାରୀମାନେ ଯାତାୟାତ କରିବା ସହଜ ନୁହେଁ। କେବଳ ନଦୀ ପଥରେ ହିଁ ଯିବା ପାଇଁ ବାଟ ଅଛି।

ଉକ୍ତ ବୋଇତରାକୁଦ ଦ୍ୱୀପ ସମ୍ପର୍କରେ କୁଜଙ୍ଗ ଅଞ୍ଚଳର ପାରମ୍ପରିକ ମତ୍ସ୍ୟଜୀବୀ ତଥା କୈବର୍ତ୍ତ ଖୋଲଭାଇ ସଂଗଠନର ସଭ୍ୟ ଆଲୋକ ରାଉତ କୁହନ୍ତି, ଉକ୍ତ ଦ୍ୱୀପ ବହୁତ ପୁରୁଣା। ୪୮୬ ଏକର ବିଶିଷ୍ଟ ଉକ୍ତ ଦ୍ୱୀପରେ କୁଜଙ୍ଗ ମହାକାଳପଡ଼ା ଅଞ୍ଚଳର କେତେକ ଲୋକ ସେଠାରେ କନ୍ଧା ଚାଷ କରୁଥିଲେ। ବର୍ଦ୍ଧମାନ ରାଜା ଶାସନ ସମୟରେ ଉକ୍ତ ଚାଷୀଙ୍କୁ ଜମିପଟ୍ଟା ଦିଆଯାଇଥିଲା। କିନ୍ତୁ ଅଧିକାଂଶ ଜାଗା ସରକାରୀ ଭାବେ ରହିଛି। ସେଠାରେ ଘଞ୍ଚ ହେନ୍ତାଳବଣ ଥିଲା ଏବଂ ସେଠାରେ ଜଙ୍ଗଲୀ ଜନ୍ତୁ ରହୁଥିଲେ। କନ୍ଧା ଚାଷୀମାନେ ଆଉ ସେଠାରେ ଧାନ ଚାଷ କରୁନାହାନ୍ତି। ଏହାଦ୍ୱାରା ମୂଳ ଚାଷୀମାନେ ଆଉ ସେ ଦ୍ୱୀପକୁ ଯାଉନାହାନ୍ତି। ସେଠାରେ କେତେଜଣ ମୁଷ୍ଟିମେୟ ଲୋକ କିଛି ବର୍ଷ ହେଲା ଜଙ୍ଗଲ କାଟି ପୋଖରୀ ଖୋଳି ଚିଙ୍ଗୁଡି ଚାଷ କରୁଛନ୍ତି।

**ଘଞ୍ଚ ଜଙ୍ଗଲରେ ଚିଙ୍ଗୁଡ଼ିଘେରି, ମାଛଚାଷ ଚାଲିଛି**

ଜଙ୍ଗଲ କାଟି ଘେରି କରାଯିବା ପ୍ରସଙ୍ଗରେ ରାଜନଗର ବନଖଣ୍ଡ ଅଧିକାରୀ ଭଦରାଜ ଗାଓଁକରଙ୍କୁ ପଚାରିଲେ କୁହନ୍ତି, କୌଣସି ଲୋକଙ୍କୁ ଚିଙ୍ଗୁଡ଼ି ଘେରି ଚାଷ ପାଇଁ ସ୍ୱୀକୃତି ଦିଆଯାଇନାହିଁ। ଆମେ ଏବେ ଲୋକ ପଠାଇ ଘଟଣା ସମ୍ପର୍କରେ ଯାଞ୍ଚ କରିବା, ଯଦି ସେପରି କିଛି ଘେରି କରାଯାଇଥିବ ତାକୁ ଉଚ୍ଛେଦ କରାଯିବ। ମେରାଇନ୍ ଥାନାଧିକାରିଣୀ ବବିତା ଦେହୁରୀ କୁହନ୍ତି, ଉକ୍ତ ଦ୍ୱୀପରେ ଅନୁପ୍ରବେଶକାରୀ ବସବାସ କରିବା ସମ୍ପର୍କରେ ସୂଚନାପାଇ ପୋଲିସ ତରଫରୁ ସେପ୍ଟେମ୍ବର ୨୦ ଦୁଇଥର ଯାଇ ସେଠାରେ ସଚେତନତା କରାଯାଇଛି, ମାତ୍ର ମାଛଚାଷ ପାଇଁ କିଏ ଅନୁମତି ଦେଇଛନ୍ତି ତାହା ଜଣାନାହିଁ। ପାରାଦୀପ ସାମୁଦ୍ରିକ ମତ୍ସ୍ୟ ଅଧିକାରୀ ବିଜୟ କରଙ୍କୁ ପଚାରିଲେ କୁହନ୍ତି, ଆମେ କାହାକୁ ମାଛଚାଷ ପାଇଁ ଅନୁମତି ଦେଇନାହୁଁ।

ସୂଚନାଯୋଗ୍ୟ, ବୋଇତରାକୁଦର ସ୍ଥିତି ହେଉଛି ମହାନଦୀର ଦକ୍ଷିଣ ପାର୍ଶ୍ୱରେ। ଏହା ଜଗତ୍‌ସିଂହପୁର ଜିଲା ସୀମାରେ ରହିଛି। ଉତ୍ତରରେ କେନ୍ଦ୍ରାପଡା ଜିଲା ମହାକାଳପଡ଼ା ଅଞ୍ଚଳ ଥିଲାବେଳେ ଦ୍ୱୀପର ଅନ୍ୟ ପାର୍ଶ୍ୱରେ ଥିବା ନଦୀ ହେଲା କାଉଡିଆ, ମଝିଡିଆ, ମୂଷାଡିଆ। କାଉଡିଆ ନଦୀ ପାର ହେଲେ ଇଫ୍‌କୋ କାରଖାନା ପଡିବ। ସେହି ଦ୍ୱୀପ ପାଖକୁ ନଦୀ ପଥରେ ଯେକୌଣସି ବାଟ ଦେଇ ଯାଇହେବ। ଭୌଗୋଳିକ ସ୍ଥିତିରେ ଉକ୍ତ ଦ୍ୱୀପ ଅନ୍ୟତମ ପ୍ରାକୃତିକ ଆକର୍ଷଣୀୟ ବୋଲି କୁହନ୍ତି ମହାକାଳପଡ଼ା ଅଞ୍ଚଳର ଚିନ୍ମୟ ଦାସ। ମହାନଦୀ ଓ ବରୁଣେଇ ମୁହାଣ ମଧ୍ୟସ୍ଥଳରେ ସେହି ଦ୍ୱୀପ ରହିଛି। ଏକଦା ସେହି ସ୍ଥାନରେ ମିନି ବିମାନବନ୍ଦର ହେବ ବୋଲି ଆଲୋଚନା ହେଉଥିଲା। ହେନ୍ତାଳବଣ ଓ ମହାନଦୀ ମୁହାଣ ଥିବାରୁ ତାହା ହୋଇପାରିଲା ନାହିଁ ବୋଲି ସେ କୁହନ୍ତି। ସନ୍ତସନ୍ତିଆ ଜାଗା ଓ ଚତୁଃପାର୍ଶ୍ୱରେ ନଦୀ ଯୋଗୁ ଉକ୍ତ ଅଞ୍ଚଳରେ ମାଣ୍ଡୁଆ କଙ୍କଡା ଅଧିକ ମିଳିଥାଏ। ଅନେକ ମତ୍ସ୍ୟଜୀବୀ ଡଙ୍ଗାରେ ଯାଇ ସେଠାରେ କଙ୍କଡା ଧରନ୍ତି। ଏବେବି ସେଠାରେ ହରିଣ, ବାର୍‌ହା ଭଳି ଜଙ୍ଗଲୀ ଜୀବ ଅଛନ୍ତି ବୋଲି ଦେବ ମଣ୍ଡଳ କୁହନ୍ତି, ସେହି ଜାଗାକୁ ପ୍ରଶାସନ ପର୍ଯ୍ୟଟକଙ୍କ ପାଇଁ ବିକାଶ କଲେ ଜଙ୍ଗଲ ସୁରକ୍ଷିତ ହେବା ସହ ଦ୍ୱୀପର ଜଙ୍ଗଲ ସୁରକ୍ଷିତ ରହିପାରନ୍ତା ବୋଲି ଆଲୋଚନା ହେଉଛି।

# ଆହାର କେନ୍ଦ୍ରରୁ ଭୋକରେ ଫେରୁଛନ୍ତି ଗରିବ, ଅସହାୟ

ନୟାଗଡ, ୫।୧୦ (ଲୋକନାଥ ମିଶ୍ର)

## ମିଲ୍ସ କମାଇ ହରିଲୁଟ୍ ଅଭିଯୋଗ

- ଘଣ୍ଟାଏରୁ ଦେଢ଼ ଘଣ୍ଟାରେ ଶେଷ ହୋଇଯାଉଛି ଖାଦ୍ୟ
- ଧାଡ଼ିରେ ଠିଆ ହେଲେ ବି ଖାଇବାରୁ ହେଉଛନ୍ତି ବଞ୍ଚିତ
- ଖାଦ୍ୟ ନ ମିଳିବାର ପ୍ରତିବାଦ, ଚାପା ଉତ୍ତେଜନା

ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ଆହାର କେନ୍ଦ୍ରରୁ ପ୍ରତ୍ୟେକ ଗରିବ, ଅସହାୟ, ରୋଗୀଙ୍କ ସମ୍ପର୍କୀୟ ଖାଦ୍ୟ ନ ପାଇ ଫେରୁଛନ୍ତି। କେନ୍ଦ୍ର ଦାୟିତ୍ୱରେ ଥିବା ଗୋଷ୍ଠୀ ମିଲସ୍ କମାଇ କରୁଥିବାରୁ ଧାଡ଼ିରେ ଠିଆ ହେଲେ ବି ଖାଦ୍ୟ ଖାଇବାକୁ ମିଳୁ ନ ଥିବା ଅଭିଯୋଗ ହେଉଛି। କାଉଣ୍ଟର ଖୋଲିବାର ଘଣ୍ଟାଏରୁ ଦେଢ଼ ଘଣ୍ଟା ଭିତରେ ମିଲସ୍ ଶେଷ ହୋଇଯାଉଛି। ପ୍ରତିଦିନ ଏଭଳି ଘଟଣା ସାଧାରଣରେ ପରିଣତ ହୋଇଥିଲେ ହେଁ ଏହାର ସମାଧାନ କରାଯାଉନି କି ତଦନ୍ତ କରାଯାଉ ନ ଥିବା ଅଭିଯୋଗ ହେଉଛି। ଜିଲା ସଦର ମହକୁମାରେ ଏଭଳି ଘଟଣାକୁ ନେଇ ରବିବାର ପୂର୍ବାହ୍ନ ଓ ଅପରାହ୍ନରେ ଚାପା ଉତ୍ତେଜନା ଦେଖା ଦେଇଥିଲା।

ଆହାର ଖାଇବା ସମ୍ପର୍କରେ ଭାପୁରର ସୁଦାମା ବାରିକ କୁହନ୍ତି, ମୁଁ ୪ଦିନ ହେଲା କାଉଣ୍ଟରରୁ ଫେରୁଛି। ମୋର ଜଣେ ସମ୍ପର୍କୀୟ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ହେଲେ ୪ଦିନ ହେଲା ଶୁଣୁଛି ଖାଦ୍ୟ ଶେଷ ହୋଇଗଲା। ହେଲେ କେତେ ଲୋକ ଟିକେଟ ନେଉଛନ୍ତି, ଆମକୁ ଦେଖାଉ ନାହାନ୍ତି। ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଆହାର କେନ୍ଦ୍ରରେ ଖାଦ୍ୟ ଉପଲବ୍ଧ ନିୟମ ରହିଛି। ତେବେ ୧୨ଟାରୁ ସାଢ଼େ ୧୨ଟା ଭିତରେ ସବୁ ବେଳେ ଖାଦ୍ୟ ଶେଷ ହୋଇଯାଉଛି। ଦିନବେଳା ୯୫୦ ମିଲସ କରାଯାଉଛି। ଘଣ୍ଟାଏରୁ ଦେଢ ଘଣ୍ଟାରେ ୯୫୦ ଟିକେଟ କଟା ଶେଷ ହେଉଛି। ଯାହା ତଦନ୍ତ ସାପେକ୍ଷ। ଏହା ପଛରେ କିଛି ନା କିଛି ଅନିୟମିତତା କରାଯାଉଛି। ମିଲସ୍ କମ କରି କାଗଜପତ୍ରରେ ବର୍ଦ୍ଧିତ କରୁଥିବାରୁ ଏଭଳି ସମସ୍ୟା ଦେଖାଦେଉଛି। ତଦନ୍ତ କି ଅଚାନକ ପରିଦର୍ଶନ ହେଉ ନ ଥିବାରୁ ଏଭଳି ସ୍ଥିତି ଉପୁଜୁଛି ବୋଲି କହିଥିଲେ। ପ୍ରଶାସନ ଏହାକୁ ଅଣଦେଖା କଲେ ଆଗକୁ ଏହା ଗଣ୍ଡଗୋଳର ରୂପ ନେଇପାରେ ବୋଲି ଜଣାପଡୁଛି। ସେହିଭଳି ରୂପା ସାହୁ, ସତିଶ ଦାସ, ଭୀମ ପ୍ରଧାନ ଓ ଉର୍ମିଳା ବାରିକ କୁହନ୍ତି, ଗରିବ ଗୁରୁବା ଭୋକରେ ନ ରହିବା ପାଇଁ ଆହାର ବ୍ୟବସ୍ଥା ହୋଇଛି। ତେବେ ଗରିବ ଗୁରୁବା ପ୍ରତିଦିନ ଉପବାସରେ ଫେରୁଛନ୍ତି। ସବୁ ଦିନ ଯଦି ଖାଦ୍ୟ ଶେଷ ହୋଇଯାଉଛି ତେବେ ଖାଦ୍ୟ ଅଧିକ କାହିଁକି କରାଯାଉନି ବୋଲି କହିଥିଲେ।

ଅନ୍ୟପକ୍ଷେ ପ୍ରତ୍ୟହ ଦିନବେଳା ଦେଢ଼ ଘଣ୍ଟା ଭିତରେ ଆହାର ଶେଷ ହୋଇ ଯିବା ସନ୍ଦେହ ଲାଗୁଛି। ଅତର୍କିତ ଚଢ଼ାଉ କରାଯାଉ ଓ ଏହାର ତଦନ୍ତ କରାଯାଉ ବୋଲି କହିଛନ୍ତି। ଅନ୍ୟପକ୍ଷେ ଖାଦ୍ୟ ଆଉ ସ୍ୱାଦିଷ୍ଟ ରହୁନି ବୋଲି କହିଥିଲେ। ଗାୟତ୍ରୀ ସ୍ୱୟଂ ସହାୟିକା ଗୋଷ୍ଠୀ ସଭାନେତ୍ରୀ ସୁଷମା ଜେନା କୁହନ୍ତି, ଆମେ ଖାଦ୍ୟର ସ୍ୱାଦକୁ ଅଣଦେଖା କରୁନୁ। ସବୁବେଳେ ମାନ ଉପରେ ଗୁରୁତ୍ୱ ଦେଉଛୁ। ଅନ୍ୟପକ୍ଷେ ଦିନବେଳା ୯୫୦ ଓ ରାତିରେ ୩୦୦ ମିଲସ୍ କରାଯିବା ପାଇଁ ନିୟମ ରହିଛି। ଦିନ ବେଳା ୯୫୦ ସ୍ଥାନରେ ୧୦୦୦ ମିଲସ୍ କରାଯାଉଛି। ୯୫୦ ପରେ ଆଉ ଟିକେଟ ଦିଆଯାଉନାହିଁ। ତେବେ ୫ ଟଙ୍କା ନିଆ ଯାଉଛି। ଏକଥା ସତ ଯେ, କିଛି ଦିନ ହେଲା ମିଲସ୍ ପାଉ ନାହିଁ। ଏନେଇ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀଙ୍କୁ ଅବଗତ କରାଇଛୁ। ଆଉ ୧୦୦ରୁ ୩୦୦ ମିଲସ୍ ବଢ଼ିବା ଦରକାର ବୋଲି କହିଛନ୍ତି। ଅପରପକ୍ଷେ ମିଲସ୍‌ରେ ଘୋଟାଲା କରାଯାଉଥିବା ଅଭିଯୋଗ ମିଛ। କିଛି ଲୋକ ଜାଣି ଶୁଣି ମିଛ ଇସୁ କରୁଛନ୍ତି ଜାଣି ହେଉନି ବୋଲି କହିଛନ୍ତି।

ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟ କୁହନ୍ତି, ମିଲସ୍ ପାଉ ନ ଥିବା ଅଭିଯୋଗ ମିଳିଛି। ଆହାର କେନ୍ଦ୍ର ଦାୟିତ୍ୱରେ ଥିବା ଗୋଷ୍ଠୀ ୩୦୦ ମିଲସ୍ ବଢ଼ାଇବାକୁ ପ୍ରସ୍ତାବ ଦେଇଛନ୍ତି। ତେବେ ମିଲିସ୍ ବର୍ଦ୍ଧିତ ନେଇ କାଉନସିଲ ବୈଠକରେ ପାସ୍ ହୋଇ ପାରିନାହିଁ। ଏବେ ହେବାକୁ ଥିବା କାଉନ୍‌ସିଲ ବୈଠକରେ ମିଲସ୍ ବଢ଼ାଇବା ପ୍ରସଙ୍ଗ ଉପସ୍ଥାପନ କରି ବଢ଼ାଇବାକୁ ଉଦ୍ୟମ କରିବି। ରାଜ୍ୟ ଟିମ୍ ମିଲସ୍ ବଢ଼ାଇବାକୁ ପ୍ରସ୍ତାବ ଦେଇଛି। ଖାଦ୍ୟର ମାନନେଇ କହିଥିଲେ, ସେପରି କିଛି ଅଭିଯୋଗ ଆସିନି। ବିଭିନ୍ନ ସମୟରେ ରାଜ୍ୟସ୍ତରୀୟ ଟିମ୍ ଆସି ଖାଦ୍ୟର ମାନ ନେଇ ପ୍ରଶଂସା କରିଛନ୍ତି। ଦିନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ମିଲ୍‌ସ୍ ଉପଲବ୍ଧ ହେବା କଥା। ଜିଲା ସଦର ମହକୁମା ଯୋଗୁ ଚାହିଦା ରହୁଥିବାରୁ ମିଲସ୍ ଶୀଘ୍ର ଶେଷ ହୋଇ ଯାଉଥିବା କଥାକୁ ସ୍ୱୀକାର କରିଛନ୍ତି।

# ଶ୍ୱଶୁର ଘରୁ ଫେରୁଥିବାବେଳେ ଦୁର୍ଘଟଣାରେ ଯୁବକ ଗୁରୁତର

ଓଡ଼ଗାଁ, ୫।୧୦ (ଆଦର୍ଶ କୁମାର ପଟ୍ଟନାୟକ)



ଗୁରୁତର ଯୁବକ

ନୟାଗଡ଼ ଜିଲା ଓଡ଼ଗାଁ ଆଦର୍ଶ ଥାନା ଅନ୍ତର୍ଗତ କୁରାଳ ପଞ୍ଚାୟତ ହନୁମନ୍ତିଆ ରାସ୍ତାରେ ରବିବାର ସଂନ୍ଧ୍ୟାରେ ସ୍କୁଟି ଦୁର୍ଘଟଣାରେ ଜଣେ ଯୁବକ ଗୁରୁତର ହୋଇଥିବା ଜଣାଯାଇଛି । ଦୁର୍ଘଣାରେ ଯୁବକଙ୍କ ମୁଣ୍ଡ ପଛପାଖରେ ଗଭୀର ଆଘାତ ଲାଗିବାରୁ ସେ ଗୁରୁତର ହୋଇ ରାସ୍ତାରେ ପଡ଼ିଥିବା ବେଳେ ଖବର ପାଇ କୁରାଳ ସରପଞ୍ଚ ବିଜନ ପାଇକରାୟ ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ। ତାଙ୍କର ପ୍ରାଥମିକ ଚିକିତ୍ସା ଆରମ୍ଭ କରାଯାଇଛି। ନିଜ ଘର ଗଞ୍ଜାମ ଜିଲା ଭୁକ୍ତାଭୂମି ଗ୍ରାମ କିମ୍ବା ନିକଟସ୍ଥ ଶ୍ୱଶୁର ଘରୁ କେହି ସମ୍ପର୍କୀୟ ପହଞ୍ଚିନଥିବା ଜଣାଯାଇଛି। ଫଳରେ ଅବସ୍ଥା ଗୁରୁତର ଥିବାରୁ ସ୍ଥାନୀୟ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ଦ୍ୱାରା ତାଙ୍କୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ଯୁବକ ଜଣକ ଗଞ୍ଜାମ ଜିଲା ଜଗନ୍ନାଥପ୍ରସାଦ ଥାନା ଛାମଣ୍ଡା ପଞ୍ଚାୟତ ଭୁକ୍ତାଭୂଇଁ ଗ୍ରାମର ନରେନ୍ଦ୍ର ଜେନା (୩୫) ବୋଲି ଜଣାଯାଇଛି । ସେ ଶ୍ୱଶୁର ଘର କୁରାଳ ଆସି ସଂନ୍ଧ୍ୟାରେ ନିଜ ଗାଁକୁ ସ୍କୁଟିରେ ଫେରୁଥିବା ବେଳେ କୁରାଳଠାରୁ ଅଳ୍ପ ଦୂରରେ ଦୁର୍ଘଟଣା ଘଟିଥିଲା।

# ପ୍ରମୋଦ ଚନ୍ଦ୍ର ସାହୁଙ୍କ ସ୍ମୃତିଚାରଣ ସଭା

ଶରଣକୁଳ, ୫।୧୦( ଦୀପକ କର )

ଶରଣକୁଳ ଗୁଡିଆସାହି ବାସିନ୍ଦା ପ୍ରମୋଦ ଚନ୍ଦ୍ର ସାହୁ(୫୨)ଙ୍କ ସେପ୍ଟେମ୍ବର ୨୩ରେ ହୃଦ୍‌ଘାତରେ ମୃତ୍ୟୁ ହୋଇଛି। ତାଙ୍କ ସହପାଠୀମାନଙ୍କ ତରଫରୁ ସ୍ଥାନୀୟ ଶରଣକୁଳ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଶନିବାର ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଶରଣକୁଳ ସରପଞ୍ଚ ମୀନାକ୍ଷୀ ପ୍ରସାଦ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ୱର୍ଗତ ସାହୁଙ୍କ ଜୀବନଶୈଳୀ ଓ କାର୍ଯ୍ୟଶୈଳୀ ସମ୍ପର୍କରେ ସହପାଠୀମାନେ ଆଲୋକପାତ କରିଥିଲେ। ପ୍ରଥମେ ସମସ୍ତ ସହପାଠୀ ତାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେ ୧୯୮୮ ମାଟ୍ରିକ ବ୍ୟାଚର ଥିଲେ। ସ୍ୱର୍ଗତ ସାହୁ ଜଣେ ମିଷ୍ଟଭାଷୀ, ଦାୟିତ୍ୱସମ୍ପନ୍ନ ଓ ଦରଦୀ ହୃଦୟର ବ୍ୟକ୍ତି ଥିଲେ। ସେ ନୟାଗଡ ଜିଲା ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ କିରାଣି ଭାବେ କାର୍ଯ୍ୟରତ ଥିବା ସମୟରେ ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ଘଟିଥିଲା। ସେ କେଏସ୍‌ବି ପବ୍ଲିକ ସ୍କୁଲ ପରିଚାଳନା କମିଟିର ଜଣେ ସକ୍ରିୟ ସଦସ୍ୟ ଥିଲେ। ତା' ସହ ସେ ଜଣେ ଉଚ୍ଚକୋଟୀର ମଞ୍ଚ କଳାକାର ଥିଲେ। ସେ ଜିଲାସ୍ତରୀୟ ତଥା ବହୁ ନାଟକରେ ବିଭିନ୍ନ ଚରିତ୍ରରେ ଅଭିନୟ କରିଥିଲେ। ସେ ନିଜ କର୍ମକ୍ଷେତ୍ରରେ ପ୍ରତିଷ୍ଠିତ ହେବା ସହିତ ସମାଜସେବା କରିବା ଲାଗି ବିଭିନ୍ନ ସଂଗଠନରେ ସାମିଲ ହୋଇ ଅନେକ ଉନ୍ନୟନମୂଳକ କାର୍ଯ୍ୟକରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ତାଙ୍କର ବିୟୋଗ ଏକ ଅପୂରଣୀୟ କ୍ଷତି। ସହପାଠୀମାନଙ୍କ ସହିତ ଥିବା ସମ୍ପର୍କ ଚିରସ୍ମରଣୀୟ ହୋଇ ରହିବ ବୋଲି ସଭାରେ ସହପାଠୀମାନେ ସ୍ମୃତି ଚାରଣ କରିଥିଲେ। ସଭା ଶେଷ ହେବା ପରେ ସମସ୍ତ ସହପାଠୀ ତାଙ୍କ ଘରେ ପହଞ୍ଚି ଶୋକସନ୍ତପ୍ତ ପରିବାର ଲୋକଙ୍କୁ ଆଶ୍ୱାସନା ଦେଇଥିଲେ।




ସ୍ମୃତିଚାରଣ ସଭାରେ ଯୋଗଦେଇଥିବା ସହପାଠୀମାନେ ।

# ବରିଷ୍ଠ ଆଇନଜୀବୀଙ୍କ ବିୟୋଗରେ ସ୍ମୃତିଚାରଣ ସଭା

ନୟାଗଡ, ୫।୧୦ (ଲୋକନାଥ ମିଶ୍ର)

ନୟାଗଡ ଜିଲା ଓକିଲ ସଂଘ ପୂର୍ବତନ ସଭାପତି ତଥା ଖ୍ୟାତନାମା ଆଇନଜୀବୀ ବୃନ୍ଦାବନ ପଣ୍ଡାଙ୍କ ଦ୍ୱାଦଶାହ ଅବସରରେ ଜିଲା ଓକିଲ ସଙ୍ଘ ସଭାପତି ରଣଜିତ ଦାଶଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଏକ ହୋଟେଲରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି । ସଭାରେ ସ୍ୱର୍ଗତ ପଣ୍ଡାଙ୍କ ଘନିଷ୍ଠ ସହପାଠୀ ପୂର୍ବତନ ମନ୍ତ୍ରୀ ତଥା ଆଠଗଡ ବରିଷ୍ଠ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପୂର୍ବତନ ମନ୍ତ୍ରୀ ତଥା ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ, ଜିଲା ପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ, ବରିଷ୍ଠ ଆଇନଜୀବୀ ବ୍ରଜକିଶୋର ପ୍ରଧାନ, କୈଳାସ ଚନ୍ଦ୍ର ପଟ୍ଟନାୟକ, ମନୋରଞ୍ଜନ ମହାପାତ୍ର ଓ ନାରାୟଣ ମହାପାତ୍ର ପ୍ରମୁଖ ଯୋଗଦେଇ ବୃନ୍ଦାବନଙ୍କ ଆତ୍ମାର ସଦ୍‌ଗତି କାମନା କରିବା ସହ ସ୍ମୃତିଚାରଣ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ପୂର୍ବତନ ମନ୍ତ୍ରୀ ସ୍ୱାଇଁ ମଧୁସୂଦନ ଆଇନ ମହାବିଦ୍ୟାଳୟରେ ତାଙ୍କର ସହପାଠୀ ଭାବେ ଅତୀତର ସ୍ମୃତିକୁ ରୋମନ୍ଥନ କରିଥିଲେ । ପଣ୍ଡାଙ୍କ ପୁତ୍ର କୁମାର ସଂକେତ ପଣ୍ଡା ଏବଂ ସମ୍ପର୍କୀୟ ତଥା ଉଦ୍ୟାନ ବିଭାଗ ଅଧିକାରୀ ସୁବାସ ଚନ୍ଦ୍ର ପଣ୍ଡା ମଧ୍ୟ ସ୍ମୃତିଚାରଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପୂଜ୍ୟପୂଜା କାର୍ଯ୍ୟକ୍ରମ ବହୁ ଆଇନଜୀବୀ, ଖବବରଦାତା, ବୁଦ୍ଧିଜୀବୀ ଏବଂ ବରିଷ୍ଠ ନାଗରିକମାନେ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଜିଲା ଓକିଲ ସଂଘ ସମ୍ପାଦକ ସ୍ୱଦେଶ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।




ସ୍ମୃତିଚାରଣ ସଭାରେ ଯୋଗଦେଇଥିବା ଅତିଥି ।

# ପଙ୍ଗାରସିଂହକୁ ହରାଇ ତମାଣ୍ଡୋ ଚାମ୍ପିୟନ



ବିଜେତା ଦଳଙ୍କୁ ଟ୍ରଫି ପ୍ରଦାନ କରାଯାଉଛି।

## ବନମାଳୀପୁର ୩୭ତମ ବାର୍ଷିକ ଚାଲେଞ୍ଜ କ୍ରିକେଟ ଉଦ୍‌ଯାପିତ

ଖଣ୍ଡପଡା, ୫।୧୦ (ଅଜୟ କୁମାର ମହାରଣା)

ଖଣ୍ଡପଡା ବ୍ଲକ ବନମାଳୀପୁର ଆଞ୍ଚଳିକ ସ୍ପୋର୍ଟସ କ୍ଲବ ଆନୁକୂଲ୍ୟରେ ସେପ୍ଟେମ୍ବର ୨୮ ରୁ ଆରମ୍ଭ ହୋଇଥିବା ୩୭ ତମ ବାର୍ଷିକ ଚାଲେଞ୍ଜ କପ୍ କ୍ରିକେଟର ରବିବାର ଉଦ୍‌ଯାପନୀ ଦିବସରେ ଭୁବନେଶ୍ୱରର ତମାଣ୍ଡୋ କ୍ରିକେଟ କ୍ଲବ ୬ ଉଇକେଟରେ ଖୋର୍ଦ୍ଧା ପଙ୍ଗାରସିଂହ ରଘୁନାଥ ଦେବ କ୍ରିକେଟ କ୍ଲବକୁ ହରାଇ ଚାମ୍ପିୟନ ହୋଇଥିବା ଜଣାଯାଇଛି । ସ୍ଥାନୀୟ ହାଇସ୍କୁଲ ଖେଳପଡିଆରେ ଅନୁଷ୍ଠିତ ଫାଇନାଲ ମ୍ୟାଚରେ ପଙ୍ଗାରସିଂହ ଟିମ୍ ଟସ୍ ଜିଣି ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୧୯୮ ରନ ସଂଗ୍ରହ କରିଥିଲା। ଜବାବରେ ତମାଣ୍ଡୋ ଦଳ ୧୮.୩ ଓଭରରେ ୪ ଉଇକେଟ ବିନିମୟରେ ନିର୍ଦ୍ଧାରିତ ରନ ସଂଗ୍ରହ କରି ବିଜୟୀ ହେବା ସହ ଟୁର୍ଣାମେଣ୍ଟର ଚାମ୍ପିୟନ ହୋଇଥିଲା । ବିଜୟୀ ତମାଣ୍ଡୋ ଦଳର ଅସୀମାନନ୍ଦ ଦଳବେହେରା ବୋଲିଂରେ ୧୩ ରନରେ ୩ ଉଇକେଟ ଏବଂ ବ୍ୟାଟିଂରେ ୧୫ ରନ କରି ଶ୍ରେଷ୍ଠ ଖେଳାଳୀ ଭାବେ ପୁରସ୍କୃତ ହୋଇଛନ୍ତି।

ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ସମ୍ମାନୀତ ଅତିଥି ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପ୍ରାକ୍ତନ ଅଧାପକ ପ୍ରସନ୍ନ କୁମାର ସାହୁ, ପୂର୍ବତନ ସରପଞ୍ଚ ଶରତ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ଯୁବପିଢି କ୍ରୀଡାକୁ ନିଜର କ୍ୟାରିୟର ଭାବେ ବାଛିବା ଏବଂ ଡିଜିଟାଲ ଦୁନିଆରୁ ଦୂରେଇ ରହିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଶିକ୍ଷକ ଗଦାଧର ତ୍ରିପାଠୀ, ଶିଳ୍ପପତି ବିମ୍ବାଧର ସାହୁ, ରାଧାକାନ୍ତ ସାହୁ, ଅବସରପ୍ରାପ୍ତ ପ୍ରଶାସକ ରାଧାନାଥ ତ୍ରିପାଠୀ, ପୂର୍ବତନ ସମିତି ସଭ୍ୟ ତ୍ରିନାଥ ବେହେରା, ଯସ୍ମିନୀ ସାହୁ, ଦାଶରଥି ସାହୁ, କପିଳେଶ୍ୱର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ।

ଖେଳକୁ ପ୍ରକାଶ ଚନ୍ଦ୍ର ଦାସ ଓ ଜିତେନ୍ଦ୍ର କୁମାର ସାହୁ ପରିଚାଳନା କରିଥିବା ବେଳେ ଶିକ୍ଷାବିତ୍ ଗୌରାଙ୍ଗ ଚରଣ ସେଠୀ ସ୍କୋରର ଦାୟିତ୍ୱ ତୁଲାଇ ଥିଲେ । ବିଜୟୀ ଦଳଙ୍କୁ ସ୍ୱର୍ଗତ ଗଦାଧର ସାହୁ ଓ ସ୍ୱର୍ଗୀୟା ସୁବର୍ଣ୍ଣ ଦେବୀ ସ୍ମାରକୀ ଟ୍ରଫି ସହ ନଗଦ ଅର୍ଥରାଶି ଏବଂ ରନର୍ସ ଅପ୍ ଦଳକୁ ସାମାଜିକ କର୍ମୀ ରାଧାକାନ୍ତ ସାହୁ ଟ୍ରଫି ସହ ନଗଦ ଅର୍ଥରାଶି ପ୍ରଦାନ କରାଯାଇଥିଲା ।

ଏହାଛଡା କ୍ଲବ ପକ୍ଷରୁ ଶିକ୍ଷା କ୍ଷେତ୍ରରେ ଗତ ମାଟ୍ରିକ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ସ୍ଥାନୀୟ ବନମାଳୀପୁର ଉଚ୍ଚ ବିଦ୍ୟାଳୟର ଦୁଇ ଛାତ୍ରୀ ଛାତ୍ର ଯଥାକ୍ରମେ ମନସ୍ୱିତା ସାହୁ ଓ ଯତୀନ କୁମାର ସାହୁଙ୍କୁ ସ୍ୱର୍ଗତ କୃଷ୍ଣଚନ୍ଦ୍ର ସାହୁ ଏବଂ ସ୍ୱର୍ଗୀୟା ଦୁଲା ଦେବୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ତାଙ୍କର ପୁତ୍ର ଚର୍ତୁଭୂଜ ସାହୁ ଉତ୍ତରୀୟ ଓ ମାନପତ୍ର ସହ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ବମାଳୀପୁର ଉଚ୍ଚ ବିଦ୍ୟାଳୟରେ ଅଧ୍ୟୟନରତ ଦିବ୍ୟାଙ୍ଗ ଛାତ୍ରୀ ଛାତ୍ରଙ୍କୁ ସ୍ୱର୍ଗତ ଗଦାଧର ସାହୁ ଓ ସ୍ୱର୍ଗୀୟା ସୁବର୍ଣ୍ଣ ଦେବୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ତାଙ୍କ ସୁପୁତ୍ର ତଥା ସାମାଜିକ କର୍ମୀ ଇଂ. ରମେଶ କୁମାର ସାହୁଙ୍କ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ବନମାଳୀପୁର ଆଞ୍ଚଳିକ ସ୍ପୋର୍ଟସ କ୍ଲବ ବରିଷ୍ଠ ସଦସ୍ୟ ଧୀରେନ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସମ୍ପାଦକ ଜିତେନ୍ଦ୍ର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଟ୍ରାକ୍ଟର-ବାଇକ୍ ମୁହାଁମୁହିଁ ଧକ୍କା, ଯୁବକ ମୃତ

ଶେରଗଡ଼, ୫।୧୦
(ସୂର୍ଯ୍ୟ ନାରାୟଣ ଦାଶ)

ଶେରଗଡ଼ ନିକଟସ୍ଥ ପଦ୍ମପୁର ଗ୍ରାମ ଛକଠାରେ ରବିବାର ସନ୍ଧ୍ୟା ୭ଟାରେ ଟ୍ରାକ୍ଟର ଓ ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ଘଟଣାସ୍ଥଳରେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପୋଡ଼ାମାରି ଗ୍ରାମର ରିଙ୍କୁ ଗୌଡ଼ (୩୫)। ବାଇକ୍‌ରେ ରଙ୍କୁ ଆସିକା ପଟୁ ଶେରଗଡ଼ ଆସୁଥିବା ବେଳେ ଶେରଗଡ଼ ପଟୁ ଟ୍ରାକ୍ଟରଟି ଯାଉଥିଲା। ପଦ୍ମପୁର ଗ୍ରାମ ଛକରେ ଦୁଇ ଗାଡ଼ି ମୁହାଁମୁହିଁ ଧକ୍କା ହୋଇଥିଲା। ଖବର ପାଇ ଶେରଗଡ଼ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମୃତଦେହ ଜବତ କରି ଶେରଗଡ଼ ଡାକ୍ତରଖାନାରେ ରଖାଯାଇଛି। ସୋମବାର ସକାଳେ ବ୍ୟବଚ୍ଛେଦ ପାଇଁ ପଠାଇବ ବୋଲି ପୋଲିସ କହିଛି।

# ୨୦ ଦିନରେ ଜୁଆ ଆଡ୍ଡାରୁ ୧୬୫ ଗିରଫ

ବ୍ରହ୍ମପୁର, ୫।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ଜୁଆଖେଳରୁ ଅପରାଧ ହେଉଛି। ଗତ ସେପ୍ଟମ୍ବର ୧୫ ତାରିଖରୁ ଏହା ଆରମ୍ଭ ହୋଇଥିବା ବେଳେ ଗତ ୪ତାରିଖ ସୁଦ୍ଧା ଜିଲାର ବିଭିନ୍ନ ଥାନା ଅଞ୍ଚଳରେ ଚାଲିଥିବା ଜୁଆ ଆଡ୍ଡାରେ ଚଢଉ କରି ଗତ ୨୦ ଦିନରେ ୧୬୫ ଜଣଙ୍କୁ ଗିରଫ କରିଛି। ମୋଟ ୯ଲକ୍ଷ ୪୧ହଜାର୮୧୫ ଟଙ୍କା ଜବତ କରିଛି। ୯୫ଟି ମୋବାଇଲ, ୧୮ ବାଇକ ମଧ ଜବତ ହୋଇଥିବା ଏସପି ଡା. ସର୍ବଣା ବିବେକ ଏମ . ସୂଚନା ଦେଇଛନ୍ତି।

# ଶଙ୍କର ପୃଷ୍ଟିଙ୍କ କଳା ସାମ୍ରାଜ୍ୟର ଖୁଲାସା ହେଉଛି

ବ୍ରହ୍ମପୁର,୫।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ଓଡ଼ିଶା ପୋଲିସ ଏସ୍‌ଆଇ ନିଯୁକ୍ତି ଲିଖିତ ପରୀକ୍ଷା ଜାଲିଆତି ମାମଲାରେ କ୍ରାଇମବ୍ରାଞ୍ଚ ରବିବାର ଆଉ ଜଣେ ଦଲାଲ ବାଲେଶ୍ୱର ଜିଲାର ଅରବିନ୍ଦ ଦାସ(୪୩)ଙ୍କୁ ବାନ୍ଧିଛି। ସନ୍ଧ୍ୟାରେ ତାଙ୍କୁ ବ୍ରହ୍ମପୁର ଜେଏମଏଫସି (ଗ୍ରାମାଞ୍ଚଳ) କୋର୍ଟରେ ହାଜର ପରେ ଜେଲ ପଠାଇ ଦିଆଯାଇଛି। ଅରବିନ୍ଦଙ୍କୁ ମିଶାଇଲେ ଗିରଫଙ୍କ ସଂଖ୍ୟା ଏବେ ୧୧୯ ହୋଇଛି। ସମସ୍ତ ଅଭିଯୁକ୍ତ ବ୍ରହ୍ମପୁର ଜେଲରେ ଥିବାବେଳେ ଏହି ବଡ଼ ର୍‍ୟାକେଟ ପଛରେ ଅନ୍ୟ କେଉଁମାନେ ଅଛନ୍ତି ତାହାର ତଦନ୍ତ କରୁଛି କ୍ରାଇମବ୍ରାଞ୍ଚ। କୋର୍ଟ ଖୋଲିବା ପରେ ଆହୁରି ଅଧିକ ଜାମିନ ଆବେଦନ ହେବ ବୋଲି ଆଶା କରାଯାଉଛି। ଏସଆଇ ନିଯୁକ୍ତି ଜାଲିଆତି ଧରାପଡିବା ପରେ ଗୋଟିଏ ପରେ ଗୋଟିଏ ଗୁମର ଖୋଲୁଛି। ଏହି ର୍‍ୟାକେଟର ଚେର ରାଜ୍ୟର ବିଭିନ୍ନ ଅଞ୍ଚଳରେ ମାଡ଼ିଥିବା ବେଳେ କିଛି ନିଯୁକ୍ତି କୋଚିଂ ଏକାଡେମୀ ମଧ୍ୟ ସଂପୃକ୍ତ ଥିବା କ୍ରାଇମବ୍ରାଞ୍ଚ ତଦନ୍ତରେ ଜଣାପଡିଛି। ର୍‍ୟାକେଟର ମୁଖ୍ୟ ଅଭିଯୁକ୍ତ ଶଙ୍କର ପୃଷ୍ଟି ଏବେ ବି ଫେରାର ଥିବା ବେଳେ ତାଙ୍କର ବିରାଟ କଳା ସାମ୍ରାଜ୍ୟର ଖୁଲାସା ହେଉଛି। ଶଙ୍କର ପ୍ରଥମେ ଆର୍ମି ନିଯୁକ୍ତି ତାଲିମ ଦେଉଥିଲେ । ୨୦୧୨ରୁ ସେ ନିଯୁକ୍ତି କୋଚିଂ ସେଣ୍ଟର ଚଳାଉଥିବା ବେଳେ ୨୦୨୨ରେ ପଞ୍ଚସଫ୍ଟ ଟେକ୍ନୋଲୋଜି ପ୍ରାଇଭେଟ ଲିମିଟେଡ ଆରମ୍ଭ କରିଥିଲେ। ବ୍ରହ୍ମପୁର ଓ ଭୁବନେଶ୍ୱରରେ ଥିବା ବିଭିନ୍ନ ନିଯୁକ୍ତି କୋଚିଂ ଏକାଡେମୀ ସହ ସେ ଯୋଗାଯୋଗରେ ଥିଲେ । ସେହି ଏକାଡେମୀକୁ ଆସୁଥିବା ଚାକିରି ଆଶାୟୀଙ୍କୁ ଡାଲ କରାଯାଉଥିଲା। ପୋଲିସ ୧୧୪ଜଣ ଏସଆଇ ଆଶାୟୀ ପରୀକ୍ଷାର୍ଥୀଙ୍କୁ ଗିରଫ କରିବା ପରେ ଏହା ପ୍ରମାଣିତ ହୋଇଛି। ଗିରଫ ପରୀକ୍ଷାର୍ଥୀଙ୍କ ଭିତରେ କେତେଜଣ ବ୍ରହ୍ମପୁରର ଦୁଇଟି ପ୍ରମୁଖ ଏକାଡେମୀରେ କୋଚିଂ ନେଉଥିବା ପୋଲିସ ରିପୋର୍ଟରେ ଦର୍ଶାଇଛି । ସେମାନେ କୋଚିଂ ଏକାଡେମୀ ମାଧ୍ୟମରେ ଶଙ୍କର ର୍‍ୟାକେଟକୁ ଟଙ୍କା ଦେଇଛନ୍ତି। ବର୍ତ୍ତମାନ ସେହି ଏକାଡେମୀର ସ୍ୱଚ୍ଛତାକୁ ନେଇ ପ୍ରଶ୍ନ ଉଠିଛି। ଏକାଡେମୀରେ ଭଲ ରେଜଲ୍ଟ କରିବା ପାଇଁ ମାଲିକମାନେ ଶଙ୍କରଙ୍କ ର୍‍ୟାକେଟରେ ସଂପୃକ୍ତ ରହୁଥିବା ଏବଂ ତାଙ୍କୁ ଟଙ୍କା ଦେଉଥିବା କୁହାଯାଉଛି । ଶଙ୍କରଙ୍କ ର୍‍ୟାକେଟ ଏହି ଏକାଡେମୀମାନଙ୍କ ମାଧ୍ୟମରେ ପିଲାଙ୍କୁ ଡାଲ କରୁଥିଲେ। କେବଳ ପୋଲିସ ନୁହେଁ, ଅନ୍ୟାନ୍ୟ ସରକାରୀ ଚାକିରି ପାଇଁ ମଧ ଟଙ୍କା କାରବାର ହେଉଥିବା ସୂଚନା ମିଳିଛି । ଶଙ୍କର ପୃଷ୍ଟି ର୍‍ୟାକେଟ ଜରିଆରେ କେତେଜଣ ନିଯୁକ୍ତି ମଧ ପାଇଛନ୍ତି। ଶଙ୍କର ୨୦୧୩ରେ ଗଜପତିରେ ହୋଇଥିବା ସିପାହୀ ନିଯୁକ୍ତି ର୍‍ୟାକେଟଠାରୁ ଆରମ୍ଭ କରି ୨୦୧୭ରେ ପଞ୍ଚାୟତ ନିର୍ବାଚନ ସମୟରେ ହତ୍ୟା, ୨୦୨୩ରେ ବ୍ରହ୍ମପୁରରେ ଧରାପଡିଥିବା ଜାଲ ସାର୍ଟିଫିକେଟ ର୍‍ୟାକେଟ, ବାଲେଶ୍ୱରରେ ଧରାପଡିଥିବା ନିଯୁକ୍ତି ର୍‍ୟାକେଟରେ ସଂପୃକ୍ତ ଅଛନ୍ତି ।

# ନଦୀ ଗର୍ଭରେ ଲୀନହେବ ଶତାଧିକ ଏକର ଜମି

ଖଣ୍ଡପଡ଼ା,୫।୧୦ (ଅଜୟ କୁମାର ମହାରଣା)

ପ୍ରତି ବର୍ଷ କୁସୁମୀ ଓ କୁଆଁରିଆ ନଦୀ ବନ୍ୟାରେ ତଟବର୍ତ୍ତୀ ଫସଲ ଜମି କ୍ରମଶଃ ଲୀନ ହେବାରେ ଲାଗିଛି। ଏହାଛଡା ପ୍ରବଳ ବନ୍ୟାରେ ଅନେକ ଚାଷ ଜମି ବାଲିଚର ହେଉଛି । ସମ୍ପୃକ୍ତ ନଦୀ ତଟବର୍ତ୍ତୀ ଜମିର ସୁରକ୍ଷା ପାଇଁ ଉଭୟ ନଦୀର ସଙ୍ଗମ ସ୍ଥଳରେ ଜଳ ସମ୍ପଦ ବିଭାଗ ପକ୍ଷରୁ ଏକ ଏସ୍‌କେପ ନିର୍ମାଣ ସହ ପଥର ପ୍ୟାକିଂ କରାଯିବାକୁ ଚାଷୀମାନଙ୍କ ପକ୍ଷରୁ ଦାବି ହେଉଛି ।

ପ୍ରକାଶ ଯେ, କଣ୍ଟିଲୋ, ଦୁଆରଗାଁ ଓ ଧାନଚେଙ୍ଗଡା ଗ୍ରାମ ନିକଟ କୁସୁମୀ ଓ କୁଆଁରିଆ ନଦୀର ସଙ୍ଗମସ୍ଥଳରୁ କମେଇ ନଦୀର ସୃଷ୍ଟି । ଏହି କମେଇ ନଦୀର ଗର୍ଭ(ଓସାର) ପ୍ରାୟ ଦେଢ ଶହ ଫୁଟ ହୋଇଥିବା ବେଳେ କୁସୁମୀ ଓ କୁଆଁରିଆ ନଦୀ ସଂଗମ ସ୍ଥଳଠାରୁ ପ୍ରାୟ ୪କି.ମି. ଦୂର ତଳ ମୁଣ୍ଡରେ ପ୍ରବାହିତ ମହାନଦୀ ସହ କମେଇ ନଦୀ ମିଶିଛି । ନିକଟବର୍ତ୍ତୀ ଗ୍ରାମ ଓ ଚାଷ ଜମିର ସୁରକ୍ଷା ଦୃଷ୍ଟିରୁ ଜଳ ସମ୍ପଦ ବିଭାଗ ପକ୍ଷରୁ କମେଇ ପୋଲଠାରୁ ଧାନଚେଙ୍ଗଡା ପର୍ଯ୍ୟନ୍ତ କମେଇ ନଦୀ ଦକ୍ଷିଣ ପାର୍ଶ୍ୱରେ ପ୍ରାୟ ଅଢେଇ କି.ମି. ଲମ୍ବର ମାଳ ବନ୍ଧ ନିର୍ମାଣ କରାଯାଇଛି ।

ସେହିପରି କଣ୍ଟିଲୋ ପୂର୍ତ୍ତ ବିଭାଗ ରାସ୍ତାଠାରୁ କମେଇ ବାମ ପାର୍ଶ୍ୱ ଧୋବଣୀଘାଇ-ଭାଗବତ ମୁଣ୍ଡିଆ ପର୍ଯ୍ୟନ୍ତ ପ୍ରାୟ ୪ କି.ମି. ଲମ୍ବର ମାଳବନ୍ଧ ନିର୍ମାଣ କରାଯାଇଛି । ମାତ୍ର କମେଇ ନଦୀ ଓ ଏହାର ବାମ ପାର୍ଶ୍ୱ ମାଳବନ୍ଧ ମଧ୍ୟରେ ଥିବା ଛଣପାଟ, ପାଟକୁକୁଟା, ବୋଲୁଅ ପାଟ, କେନ୍ଦୁଆ ଓ ମରେଇକଣର ପ୍ରାୟ ହଜାର ଏକରରୁ ଊର୍ଦ୍ଧ୍ୱ ଜମି ପ୍ରତି ବର୍ଷ ବନ୍ୟାରେ ଜଳମଗ୍ନ ହୋଇଥାଏ । ଜମିମାନଙ୍କରେ ପଟୁ ମାଡି ଯାଉଥିବାରୁ ଏହି ଜମିରେ ଧାନ ଫସଲ ସମ୍ଭବ ନୁହେଁ । ମାତ୍ର ଏହି ସବୁ ଜମିମାନଙ୍କରେ ଧାନ ଫସଲ ବ୍ୟତିତ ଆଖୁ, ମୁଗ, ବିରି, କୋଳଥ ଓ ବାଦାମ ଚାଷ କରାଯାଇଥାଏ । ଏବେ କିନ୍ତୁ କେହି ଆଖୁଚାଷ କରୁ ନ ଥିବା ଜଣାଯାଇଛି । ବିଶେଷ କରି ଏହି ସବୁ ଜମିମାନଙ୍କରୁ ପ୍ରଚୁର ପରିମାଣର ମୁଗ, ବିରି ଓ ବାଦାମ ଫସଲ ସହିତ କଣ୍ଟେଇମୁଣ୍ଡି ବାଇଗଣ ଉତ୍ପାଦନ ହୋଇଥାଏ । ପ୍ରବଳ ବନ୍ୟାଜଳ ପ୍ରବାହିତ ହେବା ସମୟରେ ଅଧିକାଂଶ ବାଲିଚର ହେବା ସହ ନଦୀ କୂଳରେ ଥିବା ଜମି ଅତଡା ଖାଇ ପ୍ରତି ବର୍ଷ ଆସ୍ତେ ଆସ୍ତେ ନଦୀ ଗର୍ଭରେ ଲୀନ ହେଉଛି । ଏ ନେଇ କ୍ଷତିଗ୍ରସ୍ତ ଚାଷୀ ଜଳ ସମ୍ପଦ ବିଭାଗ କର୍ତ୍ତୃପକ୍ଷଙ୍କୁ ଦୀର୍ଘ ବର୍ଷରୁ ହାରି ଗୁହାରୀ କରି ଆସୁଥିଲେ ମଧ ପ୍ରତିକାର ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ । ରାଜ୍ୟ ସରକାର ପ୍ରତି ବର୍ଷ ମାଳବନ୍ଧଗୁଡିକର ରକ୍ଷଣା ବେକ୍ଷଣ, ନବୀକରଣ ଓ ସମ୍ପ୍ରସାରଣ ପାଇଁ କୋଟି କୋଟି ଟଙ୍କା ବ୍ୟୟ କରଛନ୍ତି। ମାତ୍ର ପ୍ରକୃତ ପକ୍ଷରେ ଆବଶ୍ୟକ କାର୍ଯ୍ୟ ପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଅବହେଳା ପ୍ରଦର୍ଶନ କରି ବିଭିନ୍ନ ମାଳବନ୍ଧର ରକ୍ଷଣା ବେକ୍ଷଣ ଆଳରେ ଅର୍ଥ ବ୍ୟୟ କରୁଥିବା ଅଭିଯୋଗ ହେଉଛି। ତେବେ କମେଇ ନଦୀକୂଳ ବର୍ତ୍ତୀ ଜମିର ସୁରକ୍ଷା ତଥା ବାଲିଚରରୁ ରକ୍ଷା କରିବା ପାଇଁ କୁସୁମୀ ଓ କୁଆଁରିଆ ନଦୀର ସଙ୍ଗମ ସ୍ଥଳ ତଳ ମୁଣ୍ଡରେ ଦୁଇ କୂଳକୁ ଲଗାଇ ପ୍ରାୟ ଦେଢ ଶହ ଫୁଟ ଲମ୍ୱ ଓ ୨ ମିଟର ଉଚ୍ଚତା ବିଶିଷ୍ଟ ଏକ ପଥର ବନ୍ଧ(ଏସ୍‌କେପ୍) ନିର୍ମାଣ କରାଗଲେ ଚାଷୀମାନଙ୍କର ବହୁ ଦିନର ଏକ ସମସ୍ୟା ଦୂର ହୋଇ ପାରନ୍ତା ବୋଲି ସାଧାରଣରେ ଦାବି ହେଉଛି ।

ସୂଚନାଯୋଗ୍ୟ, ବନ୍ୟା ସମୟରେ କମେଇ ନଦୀ ଜଳପତ୍ତନ ଦୁଇ କୂଳ ଲଙ୍ଘି ପ୍ରାୟ ୨୫/୩୦ ଫୁଟ ଉଚ୍ଚରେ ପ୍ରବାହିତ ହୋଇଥାଏ । ନଦୀରେ ୨ ମିଟର ଉଚ୍ଚତା ବିଶିଷ୍ଟ ଏହି ଏସ୍‌କେପ ନିର୍ମାଣ ହେଲେ ବନ୍ୟା ସମୟରେ ଆସୁଥିବା ବାଲି ଏହି ଏସ୍‌କେପରେ ବାଧା ପ୍ରାପ୍ତ ହୋଇ ସେଠାରେ ଅଟକି ଯିବା ସହ କୂଳବର୍ତ୍ତୀ ଜମିଗୁଡିକରେ ସେତେଟା ପ୍ରଭାବ ପକାଇବ ନାହିଁ ।

ଏ ସମ୍ପର୍କରେ ଜଳ ସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀ ଇଂ.ରାମ ମୋହନ ବେହେରାଙ୍କ ସହ ଆଲୋଚନା କରିବାରେ ଏହାର ଆବଶ୍ୟକତା ରହିଛି। ତେବେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଏ ସମ୍ପର୍କରେ ଅବଗତ କରାଯିବା ପରେ ଏବଂ ସେମାନେ ସଂପୃକ୍ତ ସ୍ଥାନ ପରିଦର୍ଶନ ପରେ ଆବଶ୍ୟକ ପଦକ୍ଷେପ ନିଆଯାଇ ପାରେ ବୋଲି କହିଥିଲେ।



କମେଇ ନଦୀ।

## ତଟବର୍ତ୍ତୀ ଜମି ସୁରକ୍ଷା ପାଇଁ ଏସ୍‌କେପ୍ ନିର୍ମାଣ ଦାବି

ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ କ୍ରାନ୍ତି


@ ପିଣ୍ଟୁ


@ ପ୍ରିୟଙ୍କା


@ ଅବିନାଶ


@ ସତ୍ୟବ୍ରତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଝିଅଙ୍କ ଅଭିଯୋଗ: ମାଟିତଳୁ ବାପାଙ୍କ ମୃତଦେହ ବାହାରିଲା

■ ପୋଲିସ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଲା

■ ଦୁଇ ସାଙ୍ଗଙ୍କୁ ପୋଲିସର ପଚରାଉଚରା

**ଯାଜପୁରରୋଡ଼, ୫।୧୦ (ପବିତ୍ର ରଞ୍ଜନ ମହାନ୍ତି)**

ଯାଜପୁରରୋଡ଼ ଥାନା ଅନ୍ତର୍ଗତ ପହଙ୍ଗା ଗ୍ରାମର ଜଣେ ବ୍ୟକ୍ତିଙ୍କ ଦୁର୍ଘଟଣାରେ ମୃତ୍ୟୁ ପରେ ବିନା ବ୍ୟବଚ୍ଛେଦରେ ଗ୍ରାମବାସୀ ମାଟିରେ ପୋତି ଦେଇଥିଲେ। ପରିବାର ଲୋକଙ୍କ ଅଭିଯୋଗ ପରେ ରବିବାର ପୋଲିସ ଓ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପୋତା ଯାଇଥିବା ବ୍ୟକ୍ତିଙ୍କ ମୃତଦେହକୁ ମାଟି ତଳୁ ବାହାର କରି ଜବତ ପରେ ବ୍ୟବଚ୍ଛେଦ ପାଇଁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଘଟଣାର ତଦନ୍ତ କରୁଛି। ଘଟଣାକୁ ନେଇ ସମଗ୍ର ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି।

ସୂଚନାଯୋଗ୍ୟ, ସେପ୍ଟେମ୍ବର ୩୦ରେ ଦୁର୍ଗାପୂଜା ଉପଲକ୍ଷେ ପହଙ୍ଗା ଗ୍ରାମରେ ଯାତ୍ରା ଅନୁଷ୍ଠିତ ହେଉଥିଲା। ଏହି ସମୟରେ ଗ୍ରାମର ମାଧବ ଦାସ (୫୯) ତାଙ୍କ ୨ ସାଙ୍ଗ ସଞ୍ଜୟ ପ୍ରଧାନ ଓ କାଳନ୍ଦୀ ପାଣ୍ଡେଙ୍କ ସହ ଏକ ବାଇକ୍‌ରେ ରାଉତରାପୁର ଗ୍ରାମକୁ ମଦ୍ୟପାନ କରିବାକୁ ଯାଇଥିଲେ। ବନ୍ଧ ରାସ୍ତାରେ ଫେରିବା ସମୟରେ ନିଶାଗ୍ରସ୍ତ ଅବସ୍ଥାରେ ଅସାବଧାନତା ବଶତଃ ମାଧବ ଭାରସାମ୍ୟ ହରାଇ ବାଇକ୍‌ରୁ ତଳକୁ ଖସି ପଡ଼ିଥିଲେ। ଫଳରେ ତାଙ୍କ ପଛପଟ ମୁଣ୍ଡରେ ଆଘାତ ଲାଗିବାରୁ ସେଠାରେ ସେ ଚେତାଶୂନ୍ୟ ହୋଇପଡିଥିଲେ। ଏହାଦେଖି ୨ ସାଙ୍ଗ ବାଇକ୍‌ରେ ତାଙ୍କୁ ଯାଜପୁରରୋଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏକଥା ଜଣାପଡିବା ପରେ ଗ୍ରାମର କେତେଜଣ ଲୋକ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ବିନା ବ୍ୟବଚ୍ଛେଦରେ ମୃତଦେହକୁ ଗ୍ରାମକୁ ନେଇ ଯାଇଥିଲେ। ଘରେ ମାଧବଙ୍କ ସାନ ଝିଅ ଓ ସ୍ତ୍ରୀ ଏଭଳି ଘଟଣାକୁ ବିଶ୍ୱାସ କରି ନ ପାରି ଦୁଃଖରେ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଥିଲେ। ସାହି ପଡିଶା ରାତାରାତି ମାଧବଙ୍କ ମୃତଦେହକୁ ମାଟି ଖୋଳି ପୋତି ସଂସ୍କାର କରିଥିଲେ। ଏହି ଘଟଣା ଘଟିବା ପରେ ସାନ ଝିଅ ମିତା(୨୪)ଙ୍କ ମନରେ ବାପାଙ୍କ ମୃତ୍ୟୁକୁ ନେଇ ସନ୍ଦେହ ଜାତ ହୋଇଥିଲା। ସେ ଅନ୍ୟମାନଙ୍କ କଥାକୁ ବିଶ୍ୱାସ କରି ନ ପାରି ଯାଜପୁରରୋଡ଼ ଥାନାରେ ବାପା ମାଧବଙ୍କ ମୃତ୍ୟୁ କେଉଁ କାରଣରୁ ହୋଇଛି ସନ୍ଦେହ ପ୍ରକଟ କରି ଜାଣିବାକୁ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଘଟଣାକୁ ଗୁରୁତ୍ୱ ଦେଇ (ନଂ. ୪୫/୨୫) ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏତଲାକୁ ଆଧାର କରି ରବିବାର ମାଜିଷ୍ଟ୍ରେଟ ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ମାଧବଙ୍କ ମୃତଦେହକୁ ପୋତା ଯାଇଥିବା ସ୍ଥାନକୁ ଖୋଳି ବାହାର କରି ବ୍ୟବଚ୍ଛେଦ ପାଇଁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଘଟଣାର ଅଧିକ ତଦନ୍ତ ଚଳାଇଛି। ସେଦିନ ମାଧବଙ୍କ ସାଙ୍ଗରେ ଥିବା ତାଙ୍କ ୨ ସହଯୋଗୀ ସଞ୍ଜୟ ଓ କାଳନ୍ଦୀଙ୍କୁ ପୋଲିସ ଥାନାକୁ ଆଣି ପଚରାଉଚରା କରି ଛାଡି ଦେଇଛି। ଅନ୍ୟପକ୍ଷେ ପ୍ରଶ୍ନ ଉଠେ ଏହି ଘଟଣା ଘଟିବା ପରେ ଦାୟିତ୍ୱରେ ଥିବା ଡାକ୍ତର ପୋଲିସକୁ କାହିଁକି ଖବର ଦେଇ ନ ଥିଲେ। ମୃତଦେହ ବ୍ୟବଚ୍ଛେଦ ବିନା କିପରି ହସ୍ତାନ୍ତର କରୁଥିଲେ। କାହା ଚାପରେ ଚୁପ ରହିଥିଲେ ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ନେଇ ଯାଜପୁରରୋଡ଼ ଥାନା ଆଇଆଇସି ଆଶିଷ କୁମାର ସାହୁଙ୍କୁ ପଚାରିବାରେ ଘଟଣାର ତଦନ୍ତ ଚାଲିଛି। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଘଟଣାର ପ୍ରକୃତ କାରଣ ଜଣାପଡ଼ିବ ବୋଲି ସେ କହିଛନ୍ତି। ପହଙ୍ଗା ଓ ରାଉତରାପୁର ଅଞ୍ଚଳରେ ବ୍ୟାପକ ଚୋରା ମଦ ବିକ୍ରି ହେଉଥିବା ଅଭିଯୋଗ ହେଉଛି। ସ୍ଥାନୀୟ ପୋଲିସ ଓ ଅବକାରୀ ବିଭାଗ ବ୍ୟବସାୟୀଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ବିଭାଗୀୟ ଅଧିକାରୀଙ୍କ ପାରିବା ପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।


ମାଟିତଳୁ ମାଧବ ଦାସଙ୍କ ମୃତଦେହ ବାହାର କରାଯାଉଛି।

## ବାଇକ୍ ଚୋରି ଅଭିଯୋଗରେ ଯୁବକ ଗିରଫ

**ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ୨୨ ମାମଲା ରହିଛି**

**ଯାଜପୁରରୋଡ, ୫।୧୦ (ପବିତ୍ର ରଞ୍ଜନ ମହାନ୍ତି)**

ଜଣେ ଡେଲିଭରି ବୟର ବାଇକ୍ ଚୋରି କରିଥିବା ଯୁବକଙ୍କ ଯାଜପୁରରୋଡ ପୋଲିସ ଗିରଫ କରିଛି। ସେ ହେଲେ ଜେନାପୁର ଥାନା ବାଲିସାହି ଅଞ୍ଚଳର ଚଗଲି ଜେନା।

ଗତ ଶୁକ୍ରବାର ଅପରାହ୍ନ ୨ଟାରେ କୋରେଇ ଥାନା ବରୁଣ୍ଡେଇ ଗ୍ରାମର ପ୍ରହ୍ଲାଦ ଜେନା ଏକ ସଂସ୍ଥାର ଡେଲିଭରି ବୟେ ଭାବେ କାମ କରନ୍ତି। ସେ ରାଇସ ମିଲ ଦୁର୍ଗାମଣ୍ଡପକୁ ପ୍ରସାଦ ସେବନ ପାଇଁ ଯାଇଥିଲେ। ପରେ ଫେରି ଦେଖନ୍ତି ତ ତାଙ୍କ ବାଇକ୍ ନଂ. ଓଡି ୩୪ କେ ୭୧୦୭କୁ କେହି ଚୋରି କରି ନେଇଯାଇଛି। ଏ ନେଇ ସେ ଯାଜପୁରରୋଡ଼ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୫୮୬ /୨୫ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା। ଚୋରିରେ ସମ୍ପୃକ୍ତ ଅଭିଯୁକ୍ତ ଚଗଲି ଜେନାକୁ ତଦନ୍ତକାରୀ ଅଧିକାରୀ ଲିଙ୍ଗରାଜ ବେହେରା ଗିରଫ କରିଥିଲେ। ଚଗଲି ନାମରେ ପୂର୍ବରୁ କଟକ, ଢେଙ୍କାନାଳ, ଭୁବନ, କେନ୍ଦୁଝର, ଯାଜପୁର ଜିଲା ସୁକିନ୍ଦା, କଳିଙ୍ଗନଗର, ଧର୍ମଶାଳା, ବଡଚଣା, ବଡ଼ମ୍ବା, ଶରତ ଓ ଯାଜପୁରରୋଡ ଆଦି ଥାନାରେ ୨୨ର ଉର୍ଦ୍ଧ୍ୱ ଚୋରି ରାହାଜାନି ଆଦି ମାମଲା ରହିଛି। ରବିବାର ଅଭିଯୁକ୍ତ ଚଗଲିଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ଏସ୍‌ଡିପିଓଙ୍କ କାର୍ଯ୍ୟାଳୟ ପଛପଟ ଦୋକାନରୁ ଚୋରି

**ଯାଜପୁର ଟାଉନ, ୫।୧୦(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)**

ଯାଜପୁର ଟାଉନ ଥାନା ଅନ୍ତର୍ଗତ ତାରାମଦନ ଠାରେ ଦେବେଶ୍ୱର ଗାର୍ମେଣ୍ଟସର ଝରକା ତାଡି ଶନିବାର ରାତିରେ ଡ୍ରେସ୍ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଯାଜପୁର ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ (ଏସ୍‌ଡିପିଓ)ଙ୍କ କାର୍ଯ୍ୟାଳୟ ପଛପଟ ଦୋକାନରୁ ଚୋରି ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଥାନାରୁ ୨ ଶହ ମିଟର ଦୂରରେ ଅବସ୍ଥିତ ଦୋକାନରୁ ଚୋରି ପୋଲିସ ପାଇଁ ଚିନ୍ତାର ବିଷୟ ପାଲଟିଛି। ଯାଜପୁର ଟାଉନ ଥାନା ଅଞ୍ଚଳରୁ ବାରମ୍ବାର ଚୋରି ଓ ଚେନ୍ ଛଡାଇ ନେବା ଘଟଣା ପୋଲିସର ମୁଣ୍ଡବିନ୍ଧାର କାରଣ ପାଲଟିଛି। ଏ ସମ୍ପର୍କରେ ଦେବେଶ୍ୱର ଗାର୍ମେଣ୍ଟସ୍‌ର ମାଲିକ ଭରତ ନାୟକ ଅଭିଯୋଗ କରିବା ପରେ ସାମ୍ନା ଘର ସିସି ଟିଭି ଫୁଟେଜ୍‌ରୁ ପୋଲିସ ସୁରାକ ପାଇବା ପରେ ସ୍ଥାନୀୟ ଗ୍ରାମର ଜଣେ ଯୁବକ ଚୋରି କରିଥିବା ଜାଣିବାକୁ ପାଇ ଧରି ଆଣି ପଚରା ଉଚରା କରୁଛି। ଅନ୍ୟ କେଉଁମାନେ ତାଙ୍କ ସହ ସମ୍ପୃକ୍ତ ଅଛନ୍ତି ଖୁବ୍‌ଶୀଘ୍ର ଜଣାପଡିବ ବୋଲି ପୋଲିସ ସୂଚନା ଦେଇଛି।

## ଗାଡ଼ି ସାଇଡ୍ ମାରିବାକୁ ନେଇ ମାର୍‌ପିଟ: ଜଣେ ଗିରଫ

**କଳିଙ୍ଗନଗର,୫।୧୦(ଶୁଭାଶିଷ ରାଉତ):**

ଦାନଗଦି ତ୍ରିଜଙ୍ଗା କଲୋନୀ ପ୍ରବେଶପଥ ନିକଟରେ ଏକ ବାଇକ ଓ କାର ମଧ୍ୟରେ ସାଇଡ ମରାକୁ ନେଇ ଗତ ବୁଧବାର ରାତି ପ୍ରାୟ ୮ଟାରେ ଗଣ୍ଡଗୋଳ ଘଟିଛି। ଏଥିରେ ୩ଜଣ ଆହତ ହୋଇଛନ୍ତି। ଏନେଇ ଦାନଗଦି ଫାଣ୍ଡିରେ ଉଭୟପକ୍ଷ ଅଭିଯୋଗ କରିବା ପରେ ଶନିବାର ପୋଲିସ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଯୁବକ ଜଣକ ହେଲେ ତ୍ରିଜଙ୍ଗା(ନ୍ୟୁ ସିଆରିଆ) କଲୋନୀର ସେକ୍ ଅବୁ ଆକ୍ୟୁବ(୨୩)।

ସୂଚନା ମୁତାବକ, ତ୍ରିଜଙ୍ଗା କଲୋନୀରେ ରହୁଥିବା ଆକ୍ୟୁବ ନିଜ ପରିବାରକୁ ନେଇ ଏକ କାରରେ କଲୋନୀ ଆଡକୁ ଯାଉଥିଲେ। ଏହି ସମୟରେ ପଛପଟୁ ଦୁଇ ଯୁବକ ତ୍ରିଜଙ୍ଗା କଲୋନୀର ମାଣିକ ବାନରା ଓ ସୁନୀଲ ଜାମୁଦା ଏକ ବାଇକରେ କଲୋନୀ ଆଡକୁ ଯାଉଥିବାବେଳେ କାରକୁ ସାଇଡ ମାରି ଅଟକାଇଥିଲେ। ଏହାପରେ କାହିଁକି ସାଇଡ୍ ମାରିଲୁ କହି କାର ଚାଳକ ଆକ୍ୟୁବଙ୍କୁ ନିସୁକ ମାଡ଼ ମାରିଥିଲେ। ସେ ପାଖରେ ଥିବା ଏକ ଗଦି ଦୋକାନ ଭିତରକୁ ପଶିଯାଇ ସେଠାରୁ ଏକ କିଳା ଆଣି ଉଭୟଙ୍କୁ ପିଟିଥିଲେ। ଫଳରେ ସମସ୍ତ ୩ ଜଣ ଆହତ ହୋଇଥିଲେ। ଆକ୍ୟୁବଙ୍କୁ ତାଙ୍କ ପରିବାରେ ଲୋକେ ଉଦ୍ଧାର କରି ଦାନଗଦି ଓ ପରେ କଟକ ବଡମେଡିକାଲକୁନେଇଥିଲେ। ମାଣିକ ଏବଂ ସୁନୀଲ ଟାଟା ମେଡିକା ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଘଟଣା ପରେ ଆକ୍ୟୁବଙ୍କୁ ଗିରଫ ଦାବିରେ ଶତାଧିକ ଆଦିବାସୀ ଦାନଗଦି ଫାଣ୍ଡି ସମ୍ମୁଖରେ ଧାରଣା ଦେଇଥିଲେ। ଫାଣ୍ଡି ଅଧିକାରୀ ଅମୂଲ୍ୟ କୁମାର ମିଶ୍ର ପହଞ୍ଚି ଅଭିଯୁକ୍ତଙ୍କୁ ଗିରଫ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ସେମାନେ ଆନ୍ଦୋଳନରୁ ଓହରିଥିଲେ। ଘଟଣା ପରଠାରୁ ଅଭିଯୁକ୍ତ ଯୁବକ ଫେରାର ହୋଇଯାଇଥିଲେ। ଶୁକ୍ରବାର ରାତିରେ ସେ ଘରକୁ ଆସିଥିବା ଖବର ପାଇ ପୋଲିସ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲା। ଘଟଣାକୁ ନେଇ ତ୍ରିଜଙ୍ଗା କଲୋନୀରେ ଚାପା ଉତ୍ତେଜନା ଲାଗିରହିଛି। ପୋଲିସ ନଂ.୫୮୨/୨୫ରେ ଏକ ମାମଲା ରୁଜୁକରି ଦତନ୍ତ ଚଳାଇଛି।

## ବ୍ୟବସ୍ଥା ବାଟ ହୁଡ଼ିଲେ ଗଣମାଧ୍ୟମ ଲକ୍ଷ୍ମଣରେଖା ଟପିବ



ଏସ୍‌ୟୁଜେର ଆଞ୍ଚଳିକ ସମାବେଶରେ ଯୋଗଦେଇଥିବା ଅତିଥି ଓ ଖବରଦାତା ।

**ପାଣିକୋଇଲି, ୫।୧୦(ବିକାଶ ଚନ୍ଦ୍ର ମଲ୍ଲିକ)**

ଦେଶର ଗଣତନ୍ତ୍ର ବାସ୍ତବରେ ୩ଟି ସ୍ତମ୍ଭ ଉପରେ ଦଣ୍ଡାୟମାନ। ଏହି ୩ ସ୍ତମ୍ଭର କାର୍ଯ୍ୟଧାରାକୁ ୪ର୍ଥ ସ୍ତମ୍ଭର ଆଖ୍ୟା ଦିଆଯାଇଥିବା ଗଣମାଧ୍ୟମ ନିରୀକ୍ଷଣ କରିଥାଏ। ଏବେ ଗଣତାନ୍ତ୍ରିକ ବ୍ୟବସ୍ଥା ବାଟ ହୁଡୁଛୁ। ସର୍ବତ୍ର ବ୍ୟତିକ୍ରମ ପରିଲକ୍ଷିତ ହେଉଛି। ଆଉ ଗଣତନ୍ତ୍ରର ସୁରକ୍ଷା ନିମନ୍ତେ ଆବଶ୍ୟକ ପଡ଼ିଲେ ଗଣମାଧ୍ୟମ ତା'ର ଲକ୍ଷ୍ମଣରେଖା ଅତିକ୍ରମ କରିବାକୁ ବାଧହେବ ବୋଲି ଷ୍ଟେଟ ୟୁନିୟନ୍ ଅଫ୍ ଜର୍ନାଲିଷ୍ଟସ (ଏସ୍‌ୟୁଜେ) ଓଡ଼ିଶାର ଆଞ୍ଚଳିକ ସମାବେଶରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି।

ଯାଜପୁର ଜିଲା ସାମ୍ବାଦିକ ସଂଘର ଆୟୋଜନକ୍ରମେ ଷଠିପୁରସ୍ଥିତ ବିକେବି କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ସଂଘର ସଭାପତି ସୁବାସ ଧଳ ଅଧ୍ୟକ୍ଷତା କରିଥିଲେ। ଅଶୋକ ଦାସ ଫାଉଣ୍ଡେଶନର ମହାସଚିବ ଭବପ୍ରସାଦ ଦାସ, ଏସ୍‌ୟୁଜେ ଓଡ଼ିଶାର ସଭାପତି କୈଳାସ ଚନ୍ଦ୍ର ନାୟକ, ବ୍ୟାସନଗରର ପୂର୍ବତନ ପୌରାଧ୍ୟକ୍ଷା ସବିତା ରାଉତ, ଜାତୀୟ ସାମ୍ବାଦିକ ୟୁନିୟନ୍‌ର ସାଙ୍ଗଠନିକ ସମ୍ପାଦକ ଡ. ଚିନ୍ତାମଣି ପାଢ଼ୀ, ରାଜ୍ୟ ସାମ୍ବାଦିକ କଲ୍ୟାଣ ପାଣ୍ଠି ଅଧ୍ୟକ୍ଷ ଗଗନ ବିହାରୀ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ।

**ଏସ୍‌ୟୁଜେର ଆଞ୍ଚଳିକ ସମାବେଶ, ଆଲୋଚନାଚକ୍ର**

ଅତିଥିମାନେ ଗଣମାଧ୍ୟମର ଲକ୍ଷ୍ମଣରେଖା ଶୀର୍ଷକ ଆଲୋଚନାଚକ୍ରରେ ଉପରୋକ୍ତ ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ଜିଲା ସାଧାରଣ ସମ୍ପାଦକ ଅବିନେଶ୍ୱର ଶତପଥୀ ସ୍ୱାଗତ ଅଭିଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ ରାଜ୍ୟ ଉପସଭାପତି ବାସୁଦେବ ତ୍ରିପାଠୀ, ମୁଖ୍ୟ ସଂଯୋଜକ ଶଶିଭୂଷଣ ଷଡ଼ଙ୍ଗୀ, ଜାତୀୟ କାର୍ଯ୍ୟକାରିଣୀ ସଭ୍ୟ ପ୍ରୟାଗରାଜ କର ଓ ଦିଲୀପ ମିଶ୍ର ପ୍ରମୁଖ ଯୋଗଦେଇ ଆଲୋଚନା କରିଥିଲେ। ଅନ୍ୟପକ୍ଷରେ ଏହି ଆଞ୍ଚଳିକ ସମାବେଶରେ କଟକ ଜିଲା ସଭାପତି ରମେଶ ପ୍ରଧାନ, ଅନୁଗୋଳ ସଭାପତି ବିରଜା ଶଙ୍କର ମିଶ୍ର, ଭଦ୍ରକ ଜିଲା ସଭାପତି ପ୍ରତାପ ଦାସ, ପୁରୀ ଜିଲା ସଭାପତି ଡା. କେଦାରନାଥ ମିଶ୍ର, ଜଗତ୍‌ସିଂହପୁର ସଭାପତି ପ୍ରଶାନ୍ତ ରାଉତ, କେନ୍ଦ୍ରାପଡ଼ା ଜିଲା ସଭାପତି ଦୈତାରୀ ଜେନା ପ୍ରମୁଖ ବକ୍ତବ୍ୟ ରଖି ରାଜ୍ୟ ସରକାରଙ୍କ ନିକଟରେ ଖବରଦାତାଙ୍କ ସର୍ବନିମ୍ନ ସମସ୍ୟାର ସମାଧାନ ପାଇଁ ରାଜ୍ୟ ସଂଘ ରାଜରାସ୍ତାକୁ ଓହ୍ଲାଇଆସୁ ବୋଲି ଆହ୍ୱାନ ଦେଇଥିଲେ। ଶେଷରେ ସହସମ୍ପାଦକ ବିରଞ୍ଚି ନାରାୟଣ ଖୁଣ୍ଟିଆ ଧନ୍ୟବାଦ ଦେଇଥିଲେ।


GOVERNMENT OF ODISHA e-mail: eerw_sunabeda@yahoo.co.in

OFFICE OF THE SUPERINTENDING ENGINEER, RURAL WORKS DIVISION, SUNABEDA

No. O-934

e-Procurement Notice for Road Works

Letter No. 3691 Identification No. Online Tender/05/RWD-SBD/2025-26 Date: 26.09.2025

1. Name of the Work : Road Work, Lamtaput, Pottangi Block
2. Total Number of Works : 03 Nos. Works
3. Estimated Cost : 60.00 to 90.00 lakhs
4. Class of Contractor : "B" Class
5. Period of Completion : 02 Months
6. Other details :

| Procurement Officer | Bid Identification No. | Availability of tender Online for Bidding | | Last date & time of seeking tender clarification | Date & time of Opening of Tender in O/o. S.E., .R.W. Division, Sunabeda | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Division, Sunabeda | Online Tender/05/RWD-SBD/2025-26 | Date: 06.10.2025 at 11.00 A.M. | Date: 22.10.2025 upto 5.00 P.M. | Date: 20.10.2025 upto 5.00 P.M. | Date: 23.10.2025 at 11.00 A.M. | Will be intimated later |

Further details can be seen from the website: www.tendersorissa.gov.in.

OIPR-25059/11/0022/2526 Sd./- Superintending Engineer, Rural Works Division, Sunabeda



ODISHA SCHOOL EDUCATION PROGRAMME AUTHORITY

"SHIKSHA SOUDHA", UNIT-V, BHUBANESWAR-751001

Notice Inviting RFP

No. 10773/Ped/25 Date : 04/10/2025

Selection of Agency for Implementation of Reading Promotion Program for PM SHRI Schools (Grades 1-10)

No.n- : Odisha School Education Programme Authority (OSEPA), under the administrative control of the School & Mass Education Department, Government of Odisha, invites sealed proposals from eligible bidders for the **implementation of a Reading Promotion Program across 462 PMSHRI Schools in the state for Grades 1 to 10** during the Financial Year 2025-26.

The objective of the program is to strengthen reading comprehension, fluency and literary engagement among students in Primary, Upper Primary and Secondary Grades, through structured interventions, capacity building of teachers and ongoing monitoring and evaluation. The RFP document will be available on the OSEPA website at osepa.odisha.gov.in. Bidders meeting the eligibility criteria as prescribed in the RFP can access and download the complete RFP and apply accordingly.

The major events under the bid process are:

| Sl. No. | List of Key Events | Critical Dates |
|---|---|---|
| 1 | Date of availability of RFP document in OSEPA website | 04/10/2025 |
| 2 | Last Date for Submission of Bid | By 5:00 PM of 24/10/2025 |
| 3 | Date of Opening of Technical Bid | At 11:00 AM of 27/10/2025 |
| 4 | Date of Opening of Financial Bid | Date will be communicated to the technically qualified bidder/s through e mail. |

The proposal complete in all respects must reach the undersigned by **Speed Post/ Registered Post/ Courier** only latest by **5:00 PM of 24/10/2025** in a sealed envelope super scribed as **"REQUEST FOR PROPOSAL - Selection of Agency for implementation of Reading Promotion Program in PM SHRI Schools (Grades 1-10)"**. The proposals received beyond the last date and time will be rejected. The Tender Inviting Authority i.e. OSEPA reserves the right to accept / reject any/all BIDS / cancel the entire selection process at any stage without assigning any reason thereof

Address for Submission of Proposal:

**State Project Director,**

**Odisha School Education Programme Authority (OSEPA) "Shiksha Soudha", Unit-V, Bhubaneswar, Odisha-751001**

OIPR-27068/11/0073/2526 Sd./- State Project Director



OFFICE OF THE

BHAWANIPATNA MUNICIPALITY, DIST.: KALAHANDI

No. 2972/BPM Date: 03.10.2025

TENDER CALL NOTICE

No. C-1203: Sealed Tender Call Notice are invited from the **Authorised Supplier/Firm/Manufacturer/Agency** for supply of **50 pices of 80×2 Litre dual stand mounted plastic dustbins (Green & Blue) coloured** under Bhawanipatna Municipality.

The bidders should submit their tender in their **official letter head** as per the prescribed format (Annexure - II) and send it by **Registered Post/Speed Post** addressed to **The Executive Officer, Bhawanipatna Municipality, Bhawanipatna,** super scribing on the envelope *"Tender for Supply of Litter Bins"*. The tender paper must reach this office on or before **13.10.2025 by 1.00 P.M.** "The tender will be opened on the same day at 3.00 P.M. in the presence of the bidders or their authorized representatives".

**Terms & Conditions:**

1. The tender paper must be accompanied by the following documents:
   - Self-attested photocopy of valid **GST Registration Certificate**.
   - Self-attested photocopy of **PAN Card**.
   - **Paper Cost of Rs.4,000/-** (Non-refundable) in shape of Demand Draft in favour of **Executive Officer, Bhawanipatna Municipality**, payable at Bhawanipatna.
   - **Security Deposit of Rs.20,000/-** (refundable) in shape of Demand Draft in favour of **Executive Officer, Bhawanipatna Municipality**, payable at Bhawanipatna.
2. The bidders must also submit **brand details and illustrative design** of the item along with the **Technical Bid**.
3. Bidders must quote the product strictly as per the **specification provided in the NIT**.
4. The **quoted rate shall remain valid for one year**.
5. The selected agency must **supply and install all items within 07 (Seven) days** from the date of issue of the Supply Order.
6. The **quantity of items may vary** (increase or decrease upto 25%) at the time of placing the order.
7. The complete quotation document may be downloaded from the Municipality website: **www.bhawanipatnamunicipality.in** & Kalahandi District website **www.kalahandi.odisha.gov.in**.
8. The authority reserves the right to **accept or reject any or all quotations** and/or negotiate with more than one agency without assigning any reason thereof.
9. The bidder must supply/fulfil complete order, partial bid is not allowed.

Sd./- Executive Officer
Bhawanipatna Municipality

OIPR-13100/11/0018/2526

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ କ୍ରୀଷ୍ଣା



@ ପିଣ୍ଟୁ



@ ପ୍ରିୟଙ୍କା



@ ଅବିନାଶ



@ ସତ୍ୟବ୍ରତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ମା’ ଗଜଲକ୍ଷ୍ମୀ ପୂଜା ପାଇଁ ଡେରାବିଶ ଉତ୍ସବମୁଖର

### ଶେଷ ପର୍ଯ୍ୟାୟରେ ପ୍ରସ୍ତୁତି

ଡେରାବିଶ,୫।୧୦
(ବେବର୍ତ୍ତା ଅଜୟ ଦାସ)

କେନ୍ଦ୍ରାପଡା ଜିଲା ଡେରାବିଶ ବ୍ଲକ ଅଞ୍ଚଳରେ ଧନଦାତ୍ରୀ ମା’ ଗଜଲକ୍ଷ୍ମୀଙ୍କ ପୂଜା ଗଣପର୍ବ ଭାବେ ପାଳନ ହୋଇଥାଏ। ୭୦ରୁ ଉର୍ଦ୍ଧ୍ୱ ପୂଜାମଣ୍ଡପରେ ପୂଜା ପାଇବାକୁ ଥିବା ମା’ ଙ୍କ ମୃଣ୍ମୟୀ ମୂର୍ତ୍ତି ପାଇଁ ସମସ୍ତ ପୂଜା କମିଟି ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ବିଶେଷ କରି ବ୍ଲକ ଅଧୀନ ଚାଟରାଚକଡା ପଞ୍ଚାୟତ ଛତା, ଓଲଡି ଓ ଛୋଟୀ ପଞ୍ଚାୟତର ଛୋଟୀ, ନେତୁଆ,ଗୋଲରହାଟ ପଞ୍ଚାୟତର ଚଷାଖଣ୍ଡ, ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ସାତବାଟିଆ,ନହଙ୍ଗ ପଞ୍ଚାୟତର ପଲ୍ଲିରଘୁନାଥପୁର, ଗୁଆଲସିଂ ପଞ୍ଚାୟତର ଠାକୁରହାଟଠାରେ ଥିବା ପୂଜା ମଣ୍ଡପରେ ମା’ ଙ୍କ ପୂଜା ପାଇଁ ପ୍ରସ୍ତୁତି ଜୋରଦାର କରାଯାଇଛି।

ସେହିପରି ଜିଲାର ପ୍ରମୁଖ ଚାନ୍ଦୋଳଠାରେ ଏହି ପୂଜା ପାଇଁ ମଧ୍ୟ କମିଟିଗୁଡିକ ପକ୍ଷରୁ ଜୋରଦାର ପ୍ରସ୍ତୁତି ଆରମ୍ଭ ହୋଇଛି। ଅନ୍ୟ ପକ୍ଷରେ ବିଭିନ୍ନ ଗ୍ରାମଗୁଡିକରେ ମଧ୍ୟ ମା’ଙ୍କ ପୂଜା ଆୟୋଜନ ପାଇଁ ସମ୍ପୃକ୍ତ ଅଞ୍ଚଳର ଗ୍ରାମବାସୀ ବ୍ୟସ୍ତ ଥିବା ଦେଖିବାକୁ ମିଳିଛି। ବିଶେଷକରି ଛତା ଏବଂ ଓଲଡିଠାରେ ସୁଉଚ୍ଚ ତୋରଣ ଓ ଆଲୋକମାଳା ଶ୍ରଦ୍ଧାଳୁଙ୍କୁ ଆକୃଷ୍ଟ କରିବ। ନେତୁଆ ଓ ଛୋଟୀ ପୂଜା ମଣ୍ଡପରେ ମା’ଙ୍କ ମଣ୍ଡପ ନିକଟରେ ଆକର୍ଷଣୀୟ ରୂପ ମୂର୍ତ୍ତି ଶେଷ କରିବାକୁ ଉଦ୍ୟମ ଚାଲୁଥିବା ବେଳେ ବିଭିନ୍ନ ପୂଜା ମଣ୍ଡପରେ ମୂର୍ତ୍ତି ରଙ୍ଗ କାର୍ଯ୍ୟ ସାରିବା ପାଇଁ କାରିଗରମାନେ ପ୍ରୟାସ ଜାରି ରଖିଛନ୍ତି। ଚାନ୍ଦୋଳ ବଜାରରେ ୧୫ରୁ ଉର୍ଦ୍ଧ୍ୱ ପୂଜା ମଣ୍ଡପରେ ମା’ଙ୍କ ପୂଜା ପାଇବାକୁ ଥିବା ବେଳେ ଶ୍ରଦ୍ଧାଳୁଙ୍କ ଗହଳିକୁ ଦୃଷ୍ଟିରେ ରଖି କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ସୋମବାର ସନ୍ଧ୍ୟାରେ ପ୍ରତ୍ୟେକ ପୂଜା ମଣ୍ଡପରେ ମା’ଙ୍କ ଘଟ ପୂଜା ଆରମ୍ଭ ହେବ। ପଚାଶ ବର୍ଷରୁ ଉର୍ଦ୍ଧ୍ୱ ସମୟଧରି ଅନୁଷ୍ଠିତ ହୋଇଆସୁଥିବା ଧନଦାତ୍ରୀ ମା’ ଗଜଲକ୍ଷ୍ମୀଙ୍କ ପୂଜା ୭ ଦିନଧରି ବ୍ଲକ ଅଞ୍ଚଳ ଉତ୍ସବମୁଖର ହେବ। ଏଥି ପାଇଁ ଡେରାବିଶ. ନିକିରାଇ ଓ ସଦର ଥାନା ପକ୍ଷରୁ ଆଇନ ଶୃଙ୍ଖଳା ରକ୍ଷା ପାଇଁ ସମସ୍ତ ପଦେକ୍ଷେପ ନିଆଯାଇଛି।



ମା’ଗଜଲକ୍ଷ୍ମୀଙ୍କ ମୃଣ୍ମୟୀ ମୂର୍ତ୍ତି।

# ଅର୍ଦ୍ଧାଧିକ ଷ୍ଟ୍ରିଟ୍ ଲାଇଟ୍ ଅଚଳ, ପ୍ରଶାସନ ନିଷ୍କ୍ରିୟ

### ଅନ୍ଧାରରେ ଲକ୍ଷ୍ମୀପୂଜା ପ୍ରସ୍ତୁତି

ଡେରାବିଶ, ୫।୧୦
(ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ଅଞ୍ଚଳରେ ଗଜଲକ୍ଷ୍ମୀ ପୂଜା ଏକ ପ୍ରମୁଖ ଗଣପର୍ବ ଭାବେ ପରିଚିତ। ମୁଖ୍ୟ ବ୍ୟବସାୟସ୍ଥଳ ଚାନ୍ଦୋଳ ବଜାରରେ ୧୮ରୁ ଉର୍ଦ୍ଧ୍ୱ ପୂଜା ମଣ୍ଡପରେ ମା’ ଲକ୍ଷ୍ମୀଙ୍କୁ ଆବାହନ କରାଯାଇଥାଏ। ୯ ଦିନ ବ୍ୟାପୀ ଏହି ପୂଜାରେ ଚାନ୍ଦୋଳ ବଜାର ଚଳଚଞ୍ଚଳ ହେଉଥିବା ବେଳେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥାଏ। ମାତ୍ର ବଜାରରେ ଲାଗିଥିବା ଅର୍ଦ୍ଧାଧିକ ଷ୍ଟ୍ରିଟ୍ ଲାଇଟ ଅଚଳ ହୋଇପଡିଥିବା ବେଳେ ପରିମଳ ବ୍ୟବସ୍ଥା କଥା ନ କହିଲେ ଭଲ। ପୂଜାକୁ ଶୃଙ୍ଖଳିତ କରିବା ପାଇଁ ଜିଲା ପ୍ରଶାସନ ଓ ବଜାର ବ୍ୟବସାୟୀଙ୍କୁ ନେଇ ବୈଠକ ପରେ ବୈଠକ ହୋଇଛି। କିନ୍ତୁ ଅଚଳ ଷ୍ଟ୍ରିଟ୍ ଲାଇଟ ସମ୍ପର୍କରେ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ଅଞ୍ଚଳର ବୁଦ୍ଧିଜୀବୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ପ୍ରାୟ ୨ ବର୍ଷ ପୂର୍ବେ ଲୋକଙ୍କ ସାର୍ଥକୁ ଦୃଷ୍ଟିରେ ରଖି ଚାନ୍ଦୋଳ ବଜାରରେ ଷ୍ଟ୍ରିଟ୍ ଲାଇଟ ଲଗାଯାଇଥିଲା। ବିଧାୟକଙ୍କ ଅନୁଦାନ ପାଣ୍ଠିରୁ ୫୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟବରାଦରେ ଚାନ୍ଦୋଳଠାରୁ କାକଟିଆ ପର୍ଯ୍ୟନ୍ତ ଆଲୋକୀକରଣ ହୋଇଥିଲା। ସେ ସମୟରେ ଏହି ବ୍ୟବସ୍ଥାକୁ ସୁପରିଚାଳନା ପାଇଁ ବ୍ଲକ ପ୍ରଶାସନ, ବଜାର ବ୍ୟବସାୟୀ ଓ ବିଧାୟକଙ୍କ ସମେତ ସ୍ଥାନୀୟ ସରପଞ୍ଚଙ୍କୁ ନେଇ ନିଷ୍ପତ୍ତି ଗ୍ରହଣ ହୋଇଥିଲା। ପରିତାପର ବିଷୟ ଷ୍ଟ୍ରିଟ୍ ଲାଇଟ ଲଗା ହେବାର ୬ ମାସ ପରେ ଗୋଟିଏ ପରେ ଗୋଟିଏ ଅଚଳ ହୋଇ ବର୍ତ୍ତମାନ ଅର୍ଦ୍ଧାଧିକ ଅକାମୀ ହୋଇପଡିଛି। ଆଉ ଗୋଟିଏ ଦିନ ପରେ ବଜାରରେ ପୂଜାର ମାହୋଲ ଆରମ୍ଭ ହେଉଥିବା ବେଳେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବ। ମାତ୍ର ଷ୍ଟ୍ରିଟ ଲାଇଟ ପ୍ରତି କେହି ଧ୍ୟାନ ନ ଦେବା ଦୁଃଖର ବିଷୟ।

ଏ ସମ୍ପର୍କରେ ଚାନ୍ଦୋଳ ସରପଞ୍ଚ ସୁରେନ୍ଦ୍ର କୁମାର ମଲ୍ଲିକଙ୍କୁ ପଚାରିବାରୁ ଏହି କାର୍ଯ୍ୟ ସମ୍ପୃକ୍ତ ଠିକାଦାରଙ୍କର ବୋଲି କହିଥିଲେ। ଷ୍ଟ୍ରିଟ୍ ଲାଇଟ ଲଗାଇଥିବା ସଂସ୍ଥା ତାର ଅବଧି ପୂରଣ ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣ ଦାୟିତ୍ୱ ନ୍ୟସ୍ତ ଥିଲା। କିନ୍ତୁ ଉକ୍ତ ସଂସ୍ଥା ଲାଇଟ ଲଗାଇବା ଦିନ ଠାରୁ ଆଉ ରକ୍ଷଣାବେକ୍ଷଣ କରି ନାହାନ୍ତି। ଏଥିପାଇଁ କିଛି ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତି ଦାୟୀ ବୋଲି କହିବା ସହ ପ୍ରଶାସନକୁ ଅବଗତ କରାଇଥିବା କହିଛନ୍ତି। ତେବେ ଯାହାର ତ୍ରୁଟି ଥାଉ ନା କାହିଁକି ଅଧ କୋଟି ଟଙ୍କା ବ୍ୟୟ ଅଟକଳରେ ଏହି ବ୍ୟବସ୍ଥା ଦିଗହରା ହୋଇ ପଡିବା ସହିତ ଏଥିପାଇଁ ଯଦି କିଛି ବଜାରରେ ଅଘଟଣ ଘଟେ ତେବେ କିଏ ଦାୟୀ ରହିବ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ

ରାଜନଗର, ୫।୧୦
(ଭାସ୍କର ରାଉତରାୟ)

ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ଅବସରରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସ୍ୱାସ୍ଥ୍ୟ ପରୀକ୍ଷା ଓ ସଚେତନତା ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ରଶ୍ମିରଞ୍ଜନ ମହାନ୍ତିଙ୍କ ପୌରୋହିତ୍ୟରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ସଭାପତି କୃପାସିନ୍ଧୁ ସାମଲ ଓ ସମ୍ପାଦକ ବିଜୟ କୁମାର ଜେନା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ୬୦ ଜଣ ଅବସରପ୍ରାପ୍ତ କର୍ମଚାରୀଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଡାକ୍ତର ମନୋରଞ୍ଜନ ନାଥ ଓ ଡାକ୍ତର ଆଦିତ୍ୟ କୁମାର ପ୍ରଧାନ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଉପରେ ଆଲୋଚନା କରିଥିଲେ। ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ପଣ୍ଡିତ ଶରତ ଚନ୍ଦ୍ର ମହାପାତ୍ର ଏଭଳି କାର୍ଯ୍ୟକ୍ରମ ପାଇଁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ଭିତରକନିକା ଗହୀରମଥା ବିଶ୍ୱରେ ପରିଚିତ

## ବଉଳା କୁମ୍ଭୀର, ଅଲିଭ ରିଡ୍‌ଲେ କଇଁଛଙ୍କ ଅନ୍ତୁଡ଼ିଶାଳ



ଅତିଥିଙ୍କ ସହ ପୁରସ୍କୃତ ପ୍ରତିଯୋଗୀ।

### ବିଶ୍ୱ ବନ୍ୟପ୍ରାଣୀ ସପ୍ତାହ ପାଳିତ

ମହାକାଳପଡ଼ା,୫।୧୦
(ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ବନ ବିଭାଗ ପକ୍ଷରୁ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ରବିବାର ସ୍ଥାନୀୟ ପ୍ରେମଚାନ୍ଦ ବିଦ୍ୟାପୀଠରେ ବିଶ୍ୱ ବନ୍ୟପ୍ରାଣୀ ସପ୍ତାହ ପାଳିତ ହୋଇଯାଇଛି। ଏଥିରେ ରାଜନଗର ସହକାରୀ ବନ ସଂରକ୍ଷକ ଗଗନ କୁମାର ମଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ୬ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଉପକୂଳ ବନ୍ୟ ପ୍ରାଣୀ ସୁରକ୍ଷା ଉପରେ ତର୍କ ପ୍ରତିଯୋଗିତା ଆୟୋଜନ ହୋଇଥିଲା। ଏଥିରେ ୨୩ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ବିଶ୍ୱ ବନ୍ୟପ୍ରାଣୀ ବନ୍ୟଜନ୍ତୁ , ଲୁଣା ହେନ୍ତାଳ ଜଙ୍ଗଲ, ବିରଳ ପ୍ରଜାତିର ଡ଼ଲ୍‌ଫିନ୍, ବଉଳା କୁମ୍ଭୀର, ନୀଳରକ୍ତ କଙ୍କଡ଼ା ଓ ଅଲିଭ ରଡ୍‌ଲେ କଇଁଛଙ୍କ ଜୀବନୀ, ସୁରକ୍ଷା ଓ ସଂରକ୍ଷଣ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ।

ଏଥିରେ ଯଥାକ୍ରମେ ପ୍ରଥମ ଦ୍ୱିତୀୟ ଓ ତୃତୀୟରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଟ୍ରଫି, ମାନପତ୍ର ଓ ନଗଦ ଅର୍ଥ ରାଶି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ପ୍ରେମ ଚାନ୍ଦ ବିଦ୍ୟାପୀଠ ପ୍ରଧାନଶିକ୍ଷକ ନିଗମ କୁମାର ଦାସ, ଫରେଷ୍ଟର ମହନ୍ତ କୁମାର ମଲିକ, ଜମ୍ବୁ ସାମୁଦ୍ରିକ ଥାନା ସହ ନିରୀକ୍ଷକ ଦୀନବନ୍ଧୁ ପ୍ରଧାନ, ସ୍ଥାନୀୟ ସରପଞ୍ଚ ସାଲବେଗ ମାହାଳୀ ଓ ପେଟଛେଲା ସରପଞ୍ଚ ପ୍ରସନ୍ନ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଉଚ୍ଚ ନ୍ୟାୟାଳୟର ଆଇନଜୀବୀ ବଳରାମ ନାୟକ ଯୋଗଦେଇ ଜଳବାୟୁ ପରିବର୍ତ୍ତନରେ ବନ୍ୟପ୍ରାଣୀ, ସାମୁଦ୍ରିକ ଜୀବ ଜନ୍ତୁ ଉପରେ କି କି ପ୍ରଭାବ ପଡୁଛି ସେ ଉପରେ କହିଥିଲେ। ପ୍ରତି ବର୍ଷ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଯୋଗିତା ହେଉଛି। ଏହା ଦ୍ୱାରା ପିଲାମାନଙ୍କ ମଧ୍ୟରେ ପରିବେଶ ଓ ଜୀବଜନ୍ତୁ ସୁରକ୍ଷା ଉପରେ ବିଭିନ୍ନ ପ୍ରତିଯୋଗୀତା ଆୟୋଜିତ ହେଉଛି। ଉଚ୍ଚ ନ୍ୟାୟାଳୟର ଯୁବ ଆଇନଜୀବୀ ରମେଶ ଚନ୍ଦ୍ର ରାଉତ ଯୋଗଦେଇ ଥିଲେ। କାର୍ଯ୍ୟକ୍ରମରେ ବନ କର୍ମଚାରୀମାନେ ସହଯୋଗ କରିଥିଲେ। ଶେଷରେ ବିଦ୍ୟାପୀଠ ପରିସରରେ ବଉଳ ଓ ଅଶୋକ ଚାରା ରୋପଣ କରାଯାଇଥିଲା।

# ଶିକ୍ଷୟିତ୍ରୀ ନର୍ମଦା ନାୟକଙ୍କ ସ୍ମୃତିଚାରଣ ସଭା

ରାଜନଗର, ୫।୧୦
(ଭାସ୍କର ରାଉତରାୟ)

ରାଜନଗର ବ୍ଲକ ଭାଟପଡା ଗାଁରେ ଶିକ୍ଷୟିତ୍ରୀ ନର୍ମଦା ନାୟକଙ୍କର ଦ୍ୱାଦଶାହ ତିଥିରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିକ୍ଷାବିତ୍ ବିଜୟ କୁମାର ଜେନା, ବୀର କିଶୋର ଜେନା, ଦାମୋଦର ସ୍ୱାଇଁ, ଅଧ୍ୟାପକ ସୁରେଶ କୁମାର ସାହୁ, ବୈକୁଣ୍ଠ ନାଥ ସ୍ୱାଇଁ, ଭଞ୍ଜ କିଶୋର ସାହୁ, ନିରାକାର ସାହୁ, ରାଜକିଶୋର ସାହୁ, ସରସ୍ୱତୀ ସାହୁ, ନଟବର ସାହୁ ଓ ବିଷ୍ଣୁ ଚାରଣ ସାହୁ ପ୍ରମୁଖ ଯୋଗଦେଇ ନର୍ମଦାଙ୍କ ବୃତ୍ତିଗତ ଜୀବନ, ଉତ୍ସର୍ଗୀକୃତ କାର୍ଯ୍ୟାବଳୀ ଉପରେ ଆଲୋକପାତ କରିଥିଲେ।

# ରାଜ୍ୟ ସରକାରଙ୍କ ଶ୍ରମ ନୀତି: ମଧ୍ୟାହ୍ନରେ ପ୍ରଶଂସା, ସନ୍ଧ୍ୟାରେ ବିରୋଧ




ରବିବାର ମଧ୍ୟାହ୍ନରେ ଅନୁଷ୍ଠିତ ବୈଠକରେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଓ ଅନ୍ୟ ଅତିଥି।

### ବିଏମ୍ଏସ୍‌ର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ

#### ମହିଳା ଶ୍ରମିକଙ୍କ ସୁରକ୍ଷା ନେଇ ଉଠିଲା ପ୍ରଶ୍ନ

ପାରାଦୀପ,୫।୧୦(ଶରତ ରାଉତ)

ପାରାଦୀପ ନୂଆବଜାର ପୋର୍ଟ କ୍ଲବ ପରିସରରେ ଭାରତୀୟ ମଜ୍‌ଦୁର ସଂଘ (ବିଏମ୍ଏସ୍)ର ୧୪୮ତମ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ସବୁ ଜିଲାର ପ୍ରମୁଖ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥିଭାବେ ସ୍ଥାନୀୟ ବିଧାୟକ ତଥା ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ ଯୋଗ ଦେଇଥିଲେ। ମଧ୍ୟାହ୍ନରେ ହୋଇଥିବା ବୈଠକରେ ମନ୍ତ୍ରୀ ସ୍ୱାଇଁ ଯୋଗଦେଇ କହିଥିଲେ, ଶ୍ରମିକମାନଙ୍କ ବିକାଶ ହେଲେ ରାଷ୍ଟ୍ରର ବିକାଶ ହେବ। ସେଥିପାଇଁ ରାଜ୍ୟ ସରକାର ଶ୍ରମିକ କଲ୍ୟାଣ ନିମନ୍ତେ ଅନେକ ପଦକ୍ଷେପ ନେବା ପାଇଁ ଯାଉଛନ୍ତି। ମାତ୍ର ଅପରାହ୍ନରେ ବିଏମ୍ଏସ୍ ରାଜ୍ୟ ସଭାପତି ବାଦଲ କୁମାର ମହାରଣା, ରାଷ୍ଟ୍ରୀୟ ସମ୍ପାଦକ ସୁରେନ୍ଦ୍ରନ ଜୀ, ଗଣେଶ ମିଶ୍ର, ପାରାଦୀପ ବନ୍ଦର ଟ୍ରଷ୍ଟି ଶ୍ରୀକାନ୍ତ ରାୟ ପ୍ରମୁଖ ସଭାରେ ଯୋଗଦେଇ ରାଜ୍ୟ ସରକାରଙ୍କ ଶ୍ରମ ଆଇନ ବିରୋଧରେ ମତବ୍ୟକ୍ତ କରିଥିଲେ। ସେପ୍ଟେମ୍ବର ୨୯ରେ ରାଜ୍ୟ ସରକାର ଶପ୍ ଆଣ୍ଡ କମରସିଆଲ ଏଷ୍ଟାବ୍ଲିଶ୍‌ମେଣ୍ଟ ଆଇନ ଜରିଆରେ ଶ୍ରମିକଙ୍କ କାର୍ଯ୍ୟ ସମୟ ଦୈନିକ ୧୦ ଘଣ୍ଟା କରିଛନ୍ତି। ଏଥିସହ ମହିଳା ଶ୍ରମିକ ନିଜ ସ୍ୱୀକୃତି ଜଣାଇ ରାତିରେ କାମ କରିପାରିବେ ବୋଲି କୁହାଯାଇଛି। ଏହାକୁ ସଂଘ ପକ୍ଷରୁ ବିରୋଧ କରାଯିବ ବୋଲି ରାଜ୍ୟ ସଭାପତି ମହାରଣା କହିଥିଲେ। ଏଥିପାଇଁ ଅକ୍ଟୋବର ୧୦ରୁ ପ୍ରତି ଜିଲାର ଜିଲାପାଳଙ୍କୁ ଦାବିପତ୍ର ଦିଆଯିବ। ମହିଳା ଶ୍ରମିକ ରାତିରେ କାମ କଲେ ତାଙ୍କୁ କେତେ ସୁରକ୍ଷା ମିଳିବ ବୋଲି ବୈଠକରେ ପ୍ରଶ୍ନ କରାଯାଇଛି।

**GOVERNMENT OF ODISHA** e-mail: eerw_sunabeda@yahoo.co.in

**OFFICE OF THE SUPERINTENDING ENGINEER, RURAL WORKS DIVISION, SUNABEDA**

No. O-934
Letter No. 3691

**e-Procurement Notice for Road Works**
**Identification No. Online Tender/05/RWD-SBD/2025-26**

Date: 26.09.2025

1. Name of the Work : Road Work, Lamtaput, Pottangi Block
2. Total Number of Works : 03 Nos. Works
3. Estimated Cost : 60.00 to 90.00 lakhs
4. Class of Contractor : "B" Class
5. Period of Completion : 02 Months
6. Other details :

| Procurement Officer | Bid Identification No. | Availability of tender Online for Bidding | | Last date & time of seeking tender clarification | Date & time of Opening of Tender in O/o. S.E., .R.W. Division, Sunabeda | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Division, Sunabeda | Online Tender/05/RWD-SBD/2025-26 | Date: 06.10.2025 at 11.00 A.M. | Date: 22.10.2025 upto 5.00 P.M. | Date: 20.10.2025 upto 5.00 P.M. | Date: 23.10.2025 at 11.00 A.M. | Will be intimated later |

Further details can be seen from the website: **www.tendersorissa.gov.in**.

OIPR-25059/11/0022/2526 Sd./- Superintending Engineer, Rural Works Division, Sunabeda

**ODISHA SCHOOL EDUCATION PROGRAMME AUTHORITY**

**"SHIKSHA SOUDHA", UNIT-V, BHUBANESWAR-751001**

**Notice Inviting RFP**

**No. 10773/Ped/25** **Date : 04/10/2025**

**Selection of Agency for Implementation of Reading Promotion Program for PM SHRI Schools (Grades 1-10)**

**No.n-** : Odisha School Education Programme Authority (OSEPA), under the administrative control of the School & Mass Education Department, Government of Odisha, invites sealed proposals from eligible bidders for the **implementation of a Reading Promotion Program across 462 PMSHRI Schools in the state for Grades 1 to 10** during the Financial Year 2025-26.

The objective of the program is to strengthen reading comprehension, fluency and literary engagement among students in Primary, Upper Primary and Secondary Grades, through structured interventions, capacity building of teachers and ongoing monitoring and evaluation. The RFP document will be available on the OSEPA website at **osepa.odisha.gov.in**. Bidders meeting the eligibility criteria as prescribed in the RFP can access and download the complete RFP and apply accordingly.

The major events under the bid process are:

| Sl. No. | List of Key Events | Critical Dates |
|---|---|---|
| 1 | Date of availability of RFP document in OSEPA website | 04/10/2025 |
| 2 | Last Date for Submission of Bid | By 5:00 PM of 24/10/2025 |
| 3 | Date of Opening of Technical Bid | At 11:00 AM of 27/10/2025 |
| 4 | Date of Opening of Financial Bid | Date will be communicated to the technically qualified bidder/s through e mail. |

The proposal complete in all respects must reach the undersigned by **Speed Post/ Registered Post/ Courier** only latest by **5:00 PM of 24/10/2025** in a sealed envelope super scribed as **"REQUEST FOR PROPOSAL - Selection of Agency for implementation of Reading Promotion Program in PM SHRI Schools (Grades 1-10)"**. The proposals received beyond the last date and time will be rejected. The Tender Inviting Authority i.e. OSEPA reserves the right to accept / reject any/all BIDS / cancel the entire selection process at any stage without assigning any reason thereof.

Address for Submission of Proposal:
**State Project Director,**
**Odisha School Education Programme Authority (OSEPA) "Shiksha Soudha", Unit-V, Bhubaneswar, Odisha-751001**

**OIPR-27068/11/0073/2526** **Sd./- State Project Director**

**OFFICE OF THE**
**BHAWANIPATNA MUNICIPALITY, DIST.: KALAHANDI**

No. 2972/BPM Date: 03.10.2025

**TENDER CALL NOTICE**

No. C-1203: Sealed Tender Call Notice are invited from the **Authorised Supplier/Firm/Manufacturer/Agency** for supply of **50 pices of 80×2 Litre dual stand mounted plastic dustbins (Green & Blue) coloured** under Bhawanipatna Municipality.

The bidders should submit their tender in their **official letter head** as per the prescribed format (Annexure - II) and send it by **Registered Post/Speed Post** addressed to **The Executive Officer, Bhawanipatna Municipality, Bhawanipatna**, super scribing on the envelope *"Tender for Supply of Litter Bins"*. The tender paper must reach this office on or before **13.10.2025 by 1.00 P.M.** "The tender will be opened on the same day at 3.00 P.M. in the presence of the bidders or their authorized representatives".

**Terms & Conditions:**

1. The tender paper must be accompanied by the following documents:
   - Self-attested photocopy of valid **GST Registration Certificate**.
   - Self-attested photocopy of **PAN Card**.
   - **Paper Cost of Rs.4,000/-** (Non-refundable) in shape of Demand Draft in favour of **Executive Officer, Bhawanipatna Municipality**, payable at Bhawanipatna.
   - **Security Deposit of Rs.20,000/-** (refundable) in shape of Demand Draft in favour of **Executive Officer, Bhawanipatna Municipality**, payable at Bhawanipatna.
2. The bidders must also submit **brand details and illustrative design** of the item along with the **Technical Bid**.
3. Bidders must quote the product strictly as per the **specification provided in the NIT**.
4. The **quoted rate shall remain valid for one year**.
5. The selected agency must **supply and install all items within 07 (Seven) days** from the date of issue of the Supply Order.
6. The **quantity of items may vary** (increase or decrease upto 25%) at the time of placing the order.
7. The complete quotation document may be downloaded from the Municipality website: **www.bhawanipatnamunicipality.in** & Kalahandi District website **www.kalahandi.odisha.gov.in**.
8. The authority reserves the right to **accept or reject any or all quotations** and/or negotiate with more than one agency without assigning any reason thereof.
9. The bidder must supply/fulfil complete order, partial bid is not allowed.

**Sd./- Executive Officer**
**Bhawanipatna Municipality**

OIPR-13100/11/0018/2526

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ କ୍ରିଷ୍ଣା



@ ପିଣ୍ଟୁ



@ ପ୍ରିୟଙ୍କା



@ ଅବିନାଶ



@ ସତ୍ୟବ୍ରତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଆଶାକର୍ମୀଙ୍କ ଶୋଭାଯାତ୍ରା, ସମ୍ମିଳନୀ

ଖଣ୍ଡପଡ଼ା ୫।୧୦(ଅଜୟ କୁମାର ମହାରଣା)

ଓଡିଶା ଆଶା କର୍ମୀ ଆସୋସିଏଶନର ୪ର୍ଥ ଜିଲାସ୍ତରୀୟ ସମ୍ମିଳନୀ ଖଣ୍ଡପଡ଼ା ବ୍ଲକ କଣ୍ଟିଲୋ ନୀଳମାଧବ କଲ୍ୟାଣମଣ୍ଡପ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସିଟୁ ପକ୍ଷରୁ ଆୟୋଜିତ ସମ୍ମିଳନୀର ପ୍ରାରମ୍ଭରେ ଚାପଧାରୀ ରାଉତ, ରୂପମଞ୍ଜରୀ ସାହୁ ଓ ସଂଯୁକ୍ତା ସେଠୀଙ୍କ ନେତୃତ୍ୱରେ ସଂଗଠନର ସଦସ୍ୟା ଓ ଆଶାକର୍ମୀଙ୍କୁ ନେଇ ଏକ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରି ସ୍ଥାନୀୟ କଲ୍ୟାଣମଣ୍ଡପଠାରେ ପହଞ୍ଚିଥିଲା। ସଂଗଠନ ଲାଲ ଝଣ୍ଡାକୁ ଆନୁଷ୍ଠାନିକ ଭାବେ ଜିଲା ସଭାପତି ଚାପଧାରୀ ରାଉତ ଉତ୍ତୋଳନ କଲା ପରେ ଉପସ୍ଥିତ ଅତିଥିଗଣ ସଙ୍ଗଠନର ନେତୃତ୍ୱ ଓ ପ୍ରତିନିଧିମାନେ ଶହୀଦସ୍ତମ୍ଭରେ ମାଲ୍ୟାର୍ପଣ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଶହୀଦଙ୍କ ପ୍ରତି ଓ ଗଣତାନ୍ତ୍ରିକ ଧର୍ମନିରପେକ୍ଷ ଆନ୍ଦୋଳନରେ ମୃତ ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ଏକ ମିନିଟ ନୀରବ ପ୍ରାର୍ଥନା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ସମ୍ମିଳନୀରେ ସଙ୍ଗଠନ ରାଜ୍ୟ ସଭାପତି ଲୋଭାକାନ୍ତ ସ୍ୱାଇଁ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମିଳନୀରେ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଶ୍ରମିକ ମାରଣ ନୀତିକୁ ଶ୍ରମିକ ସଂଗଠନ ନେତାମାନେ କଟୁ ସମାଲୋଚନା କରିଥିଲେ। କେନ୍ଦ୍ର ସରକାର ଶ୍ରମିକ ବିରୋଧୀ ୪ ଶ୍ରମକୋଡ୍‌କୁ ତୁରନ୍ତ ବାତିଲ କରିବାକୁ ଦାବି କରିଥିଲେ।

ସେହିପରି କେନ୍ଦ୍ର ସରକାରଙ୍କ ଆକାଶଛୁଆଁ ଦରଦାମ ବୃଦ୍ଧି, ଅମାନିଆ ଶ୍ରମିକ ସ୍ୱାର୍ଥ ଓ ଜନ ବିରୋଧୀ ନୀତି ଉପରେ ଲଗାମ ଦେବା ସହ ଆଶା କର୍ମୀଙ୍କ ଅଧିକାର ପାଇଁ ଦୃଢ଼ତାର ସହ ଆନ୍ଦୋଳନ ଜାରି ରହିବ ବୋଲି ଶ୍ରମିକ ନେତାମାନେ ଚେତାବନୀ ଦେଇଥିଲେ। ଆଶାକର୍ମୀଙ୍କୁ ନିୟମିତ କର୍ମଚାରୀ ମାନ୍ୟତା ପ୍ରଦାନ, ମାସିକ ବେତନ ୨୬ ହଜାର ଟଙ୍କା, ମାସିକ ପେନସନ ୧୦ ହଜାର ଟଙ୍କା ଓ ସାମାଜିକ ସୁରକ୍ଷା ସରକାର ଯୋଗାଇ ଦେବାକୁ ସମ୍ମିଳନୀରେ ଦାବି କରାଯାଇଥିଲା। ଏହି ଅବସରରେ ୨୧ ଜଣିଆ ନୂତନ ଜିଲା କମିଟି ଗଠନ କରାଯାଇ ଥିବା ଜଣାପଡିଛି। ନୂତନ କମିଟି ସଭାପତି ଭାବେ ଚାପଧାରୀ ରାଉତ,ସମ୍ପାଦକ ମଗୁଲି ରାଉତ, କୋଷାଧ୍ୟକ୍ଷ ସରୋଜିନୀ ତ୍ରିପାଠୀ, ଉପସଭାପତି ବାସନ୍ତୀ ବେହେରା, ସଂଯୁକ୍ତା ସେଠୀ, କାଳନ୍ଦୀ ନାୟକ, ରୂପମଞ୍ଜରୀ ସାହୁ, ସରୋଜିନି ସାହୁ ଓ ସହ ସମ୍ପାଦିକା ଭାବେ ପ୍ରତିଭା ବେହେରା, ସନ୍ତୋଷିନୀ ସାହୁ, ଶୁଭଶ୍ରୀ ପଟ୍ଟନାୟକ, ଗୀତା ନାୟକ ଓ ମଞ୍ଜୁଲତା ପ୍ରଧାନ ପ୍ରମୁଖ ନିର୍ବାଚିତ ହୋଇଥିଲା ବେଳେ କମିଟିରେ ସଦସ୍ୟା ଭାବେ ଗୋଲକ ମୁଦୁଲି,ସଞ୍ଜୁଲତା ପରିଡ଼ା, ଶାନ୍ତିଲତା ପରିଡ଼ା,କାଞ୍ଚନ ବେହେରା,କଲ୍ୟାଣୀ ବେହେରା, ରିତା ସାହୁ, ପାଞ୍ଚାଳୀ ସାହୁ,ସବିତା ମାଝୀ ଓ ପୁଷ୍ପଲତା ପଟ୍ଟନାୟକ ପ୍ରମୁଖ ନିର୍ବାଚିତ ହୋଇଥିଲେ।

ସମ୍ମିଳନୀରେ ସଂଗଠନ ରାଜ୍ୟ ସଧାରଣ ସମ୍ପାଦିକା ଶକୁନ୍ତଳା ମହାକୁଡ଼, ରାଜ୍ୟ ଉପସଭାପତି ଏଚ ଏନ ଯାଦବ ଓ ସୁରେଶ ସ୍ୱାଇଁ, ସିଆଇଟିୟୁ ଜିଲା ଆବାହକ ବିଶ୍ୱନାଥ ମହାପାତ୍ର, ଶରତ ବେହେରା, ଗଙ୍ଗାଧର ପଣ୍ଡା, ବୈକୁଣ୍ଠ ଖୁଣ୍ଟିଆ, ବିରଞ୍ଚି ପ୍ରଧାନ, ପାଟିକା ଜିଲା ସମ୍ପାଦିକା ଜୟନ୍ତୀ ଦାସ, ଖୋର୍ଦ୍ଧା ଜିଲା ଆଶା ନେତ୍ରୀ ମୀନା ବେହେରା ଓ ବିଷ୍ଣୁ ଖଟେଇ, କୃଷକ ନେତା ଗୋଲକ ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ।




ଆଶାକର୍ମୀମାନେ ଶୋଭାଯାତ୍ରାରେ ଯାଉଛନ୍ତି।

# ଗାଁଦାଣ୍ଡରେ ବୃଦ୍ଧ ବାପାଙ୍କୁ ପୁଅଙ୍କ ମରଣାନ୍ତକ ଆକ୍ରମଣ

ଓଡ଼ଗାଁ,୫।୧୦(ଆଦର୍ଶ କୁମାର ପଟ୍ଟନାୟକ)

**ସୁନାମୁହିଁ ଗାଁରେ ଅମାନବୀୟ ଘଟଣା**

ନୟାଗଡ଼ ଜିଲା ଓଡ଼ଗାଁ ଆଦର୍ଶ ଥାନା ସୁନାମୁହିଁ ଗାଁ ଦାଣ୍ଡରେ ବୃଦ୍ଧ ବାପାଙ୍କୁ ପୁଅ ଘୋଷାରି ମରଣାନ୍ତକ ଆକ୍ରମଣ ଘଟଣାରେ ଗ୍ରାମବାସୀ ଚକିତ ହୋଇଯାଇଛନ୍ତି। ହେଲେ ନୃଶଂସ ପୁଅ କବଳରୁ ଗ୍ରାମବାସୀ ବୃଦ୍ଧ ବାପାଙ୍କୁ ଉଦ୍ଧାର କରିଛନ୍ତି। ଗ୍ରାମବାସୀଙ୍କ ସହଯୋଗରେ ବୃଦ୍ଧ ବାପା ଓଡ଼ଗାଁ ଥାନାରେ ପୁଅ ବିରୋଧରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ.୩୧୩/୨୫ରେ ଏକ ଆପରାଧିକ ମାମଲା ରୁଜୁ କରିଛି। ଏସ୍‌ଆଇ ଚକ୍ରଧର ସିଂ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି।

ସୂଚନା ଅନୁସାରେ ବୃଦ୍ଧ ପିତା ଜଣେ ଅବସରପ୍ରାପ୍ତ ବନ କର୍ମଚାରୀ ବିନୋଦ ମହାରଣା (୮୪)। ପ୍ରତି ମାସରେ ପେନସନରୁ ମିଳୁଥିବା ୨୦ ହଜାର ଟଙ୍କାରେ ପୁଅଙ୍କ ପରିବାର ଚଳେ। ପିତାଙ୍କ ପେନସନ ଟଙ୍କା ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ ପୁଅ ଜିତେନ୍ଦ୍ର ମହାରଣା(୪୨) ନିଜ ଖର୍ଚ୍ଚ ପାଇଁ ଅଧିକ ଟଙ୍କା ଦେବାକୁ ପିତାଙ୍କ ନିକଟରେ ନିୟମିତ ଦାବି କରିଥାନ୍ତି। ଅଧିକ ଟଙ୍କା ପିତା ଦେଇ ନ ପାରିଲେ ପୁଅ ଜିତେନ୍ଦ୍ର ପିତା ବିନୋଦଙ୍କୁ ନିର୍ଯାତନା ଦେଇଥାନ୍ତି। ରବିବାର ସକାଳେ ଜିତେନ୍ଦ୍ର ହଠାତ୍ ବିନୋଦଙ୍କୁ ଗାଳିଗୁଲଜ କରିବା ସହିତ ଧକ୍କା ମାରି ଗାଁ ଦାଣ୍ଡକୁ ବାହାରକରି ଦେଇଥିଲେ। ଦାଣ୍ଡରେ ଘୋଷାରି ଘୋଷାରି ଚାପୁଡ଼ା,ବିଧା ଗୋଇଠା ମାରିବା ସହିତ ବେକରେ ଗୋଡ ଦେଇ ଠିଆ ହୋଇ ପଡ଼ିଥିଲେ। ଏହି ସମୟରେ ଗ୍ରାମବାସୀ ଚକିତ ହେବା ସହିତ ପୂର୍ବତନ ସରପଞ୍ଚ ମାନସ ରଞ୍ଜନ ସାହୁ, ୱାର୍ଡ ମେମ୍ବର ସୁଶାନ୍ତ କୁମାର ସାହୁଙ୍କ ସହିତ ଗାଁର ଅନ୍ୟମାନେ ଘଟଣାସ୍ଥଳରେ ପହଞ୍ଚି ବୃଦ୍ଧ ବିନୋଦଙ୍କୁ ନୃଶଂସ ପୁତ୍ର କବଳରୁ ଉଦ୍ଧାର କରି ପୋଲିସର ସହାୟତା ନେଇଥିବା ଜଣାଯାଇଛି।

# ନାଟକ ‘ସେଇ ଗୋଟିଏ ଭୁଲ୍ ପାଇଁ’ ମଞ୍ଚସ୍ଥ

ଦଶପଲ୍ଲା,୫।୧୦ (ପ୍ରକାଶ କୁମାର ପାଣି)

ଶାରଦୀୟ ଦୁର୍ଗାପୂଜା ଉପଲକ୍ଷେ ଦୁର୍ଗା ବଜାର ବଣିକ ସଂଘ ଆନୁକୂଲ୍ୟରେ ଦୁର୍ଗା ବଜାର ପୂଜା ପେଣ୍ଡାଲରେ ସ୍ଥାନୀୟ କଳାକାରମାନଙ୍କୁ ନେଇ ସାମାଜିକ ନାଟକ ‘ସେଇ ଗୋଟିଏ ଭୁଲ ପାଇଁ’ ମଞ୍ଚସ୍ଥ ହୋଇଥିଲା। ଶିକ୍ଷକ ତ୍ରିନାଥ ସାହୁଙ୍କ ନିର୍ଦ୍ଦେଶନାରେ ମଞ୍ଚସ୍ଥ ନାଟକଟିର ବିଭିନ୍ନ ଭୂମିକାରେ କାଲୁ, ଟିଙ୍କିନା, ପିଣ୍ଟୁ, ଗଗନ, ଦିଲ୍ଲୀପ, ଚୁକୁନା, ଅନୁପ, ସନୋଜ, ରତନ, ଦିଲ୍ଲୀପ, ଶିବ, ଅଶୋକଙ୍କ ସମେତ କୁନି କଳାକାର ପରୀ, ଦୀପୁ, ବାପିନା ପ୍ରମୁଖ ଦର୍ଶକଙ୍କ ମନମୁଗ୍ଧ କରିଥିଲେ। ଏଥିରେ ସନ୍ତୋଷ ସାହୁ, ଶ୍ରୀଧର ସାହୁ ଓ ସନ୍ତୋଷ କୁମାର ପଣ୍ଡା ସହଯୋଗ କରିଥିଲେ। ବଣିକ ସଂଘ ସଭାପତି ସନୋଜ କୁମାର ସାହୁ, ଉପ ସଭାପତି ରତନ କୁମାର ସାହୁ, ସମ୍ପାଦକ ଶିବ ପ୍ରସାଦ ସରାବ, ସହ ସମ୍ପାଦକ ଅଜୟ କୁମାର ପୃଷ୍ଟି ଓ କୋଷାଧ୍ୟକ୍ଷ ମହାବୀର ବେହେରାଙ୍କ ସମେତ ବଣିକ ସଂଘ ସଦସ୍ୟମାନେ ସହଯୋଗ କରିଥିଲେ।

# ୩ ଅଜଣା ଯୁବକଙ୍କୁ ପୋଲିସକୁ ହସ୍ତାନ୍ତର

ନୟାଗଡ,୫।୧୦ (ଲୋକନାଥ ମିଶ୍ର)

- ନବଘନପୁର ଗାଁରେ ପାଳି କରି ରାତିରେ ଚାଲିଛି ପଇଁତରା
- ୨ ଚୋରି: ୫୫ ଲକ୍ଷ ଲୁଟ୍ ଘଟଣାର ଟେର ପାଉନି ପୋଲିସ

ନୟାଗଡ ଟାଉନ ଥାନା ନବଘନପୁର ଗାଁରେ ୩ ମାସ ମଧ୍ୟରେ ଘଟିଥିବା ଦୁଇଟି ବଡ ଚୋରି ଘଟଣା ଗାଁଲୋକଙ୍କ ନିଦ ହଜାଇ ଦେଇଛି। ଏହା ପୋଲିସର ମୁଣ୍ଡବ୍ୟଥାର କାରଣ ହୋଇଛି । ଚୋର ଧରିବା ପାଇଁ ଲୋକେ ପାଳି କରି ଗାଁରେ ପଇଁତରା ମାରୁଥିବା ବେଳେ ଶନିବାର ବିଳମ୍ବିତ ରାତିରେ ୩ ଅଜଣା ଯୁବକଙ୍କୁ ପୋଖରୀ କୂଳରେ ଦେଖି ଗାଁଲୋକ କାବୁକରି ପୋଲିସ ଜିମା ଦେଇଛନ୍ତି। ସେପଟେ ଏହି ୩ ଯୁବକ ଚୋରିରେ ସମ୍ପୃକ୍ତ ନୁହନ୍ତି ବୋଲି ତଦନ୍ତରୁ ଜଣାପଡିଛି। ଶନିବାର ଗାଁରେ ୧୦୦୦ ମଙ୍ଗଳା ଠାକୁରଙ୍କ ଘଟ ମେଳନ ହୋଇଥିଲା। ମେଳନରେ ଗାଁଲୋକ ସାମିଲ ହୋଇ ଶୋଇ ପଡିବା ଭାବି ଚୋର ସୁଯୋଗ ଦେଖି କଳାକନା ବୁଲାଇବା ଚକ୍କରରେ ରହି ପୋଖରୀ କୂଳରେ ପ୍ରସ୍ତୁତି କରୁଥିବା ସନ୍ଦେହ ଘେରକୁ ଆସିଥିଲା। ଏଭଳିସ୍ଥଳେ ପୋଲିସ ଅଜଣା ଯୁବକଙ୍କୁ ନ ଛାଡି ତଦନ୍ତର ଦିଗକୁ ତ୍ୱରାନିତ କରିବା ଦରକାର ବୋଲି ମତ ପ୍ରକାଶ ପାଇଛି ।

ପ୍ରକାଶ ଯେ, ଗତ ୨୫ ରାତିରେ ଅକ୍ରୁର ପାଳ ଓ ପାଣ୍ଡୁ ଚରଣ ପାଳଙ୍କ ଘରେ ଚୋର ପଶି ୧୫ ଲକ୍ଷରୁ ଉର୍ଦ୍ଧ୍ୱ ସୁନା ଓ ରୁପା ଅଳଙ୍କାର ସମେତ ଟଙ୍କା ଚୋରାଇ ନେଇଥିଲେ । ସେହିପରି ଆନନ୍ଦ ସାହୁ, ଯୁଗଳ ବରାଡ ଓ ଗଙ୍ଗା ବରାଡଙ୍କ ଘରୁ ଚୋରି ଉଦ୍ୟମ ବ୍ୟର୍ଥ ହୋଇଥିଲା । ଜୁନ ୨୯ ରାତିରେ ନବଘନପୁର ଗାଁର ଭଗବାନ ପ୍ରଧାନ, ରବୀନ୍ଦ୍ର ପ୍ରଧାନ, ଅଞ୍ଜନ ପ୍ରଧାନ ୩ ଭାଇଙ୍କ ଘରୁ ୬ ଲକ୍ଷ ଟଙ୍କା ସମେତ ସୁନା ଓ ରୁପା ଅଳଙ୍କାର ଏପରି ମୋଟରେ ପ୍ରାୟ ୪୦ ଲକ୍ଷ ଟଙ୍କା ଚୋରି ହୋଇଥିଲା। ଏନେଇ ନୟାଗଡ ଟାଉନ ଥାନା ଆଇଆଇସି ରଶ୍ମି ରଞ୍ଜନ ପ୍ରଧାନ କୁହନ୍ତି, ଗାଁଲୋକ ଚୋରି ସନ୍ଦେହରେ ହସ୍ତାନ୍ତର କରିଥିବା ୩ ଯୁବକ ଚୋରିରେ ସଂପୃକ୍ତ ନ ଥିବା ତଦନ୍ତରୁ ଜଣାପଡୁଛି । ତଥାପି ପୋଲିସ ତଦନ୍ତ ଜାରି ରଖିଛି ବୋଲି କହିଛନ୍ତି ।

# ବିଦାୟ ନେଲେ ଶିବ ପାର୍ବତୀ

ନୟାଗଡ, ୫।୧୦ (ଲୋକନାଥ ମିଶ୍ର)

ନୟାଗଡ ପୁରୁଣା ସହର ଦକ୍ଷିଣକାଳୀ ମନ୍ଦିର ସମ୍ମୁଖରେ ଶିବ ପାର୍ବତୀଙ୍କ ମେଢ଼ ୮୪ ବର୍ଷରେ ପହଞ୍ଚିଛି । ସୁନ୍ଦର ଆଲୋକ ଓ ମେଢ଼ ସଜାରେ ପୁରୁଣା ସହର ଚଳଚଞ୍ଚଳ ହୋଇଥିଲା। ରବିବାର ଶିବ ପାର୍ବତୀ ବିଦାୟ ନେଇଛନ୍ତି। ପୁରୁଣାସହର ଶିବ ପୂଜା କମିଟି ପକ୍ଷରୁ ଶିବ ପାର୍ବତୀ ମେଢ଼ ନୟାଗଡ ସହର ପରିକ୍ରମା କରିଥିଲା। ପୁରି ସାହିଜାତ ନୃତ୍ୟରେ ଗଣେଶ, କାଳୀଙ୍କ ନୃତ୍ୟ ଦର୍ଶକଙ୍କୁ ବିମୁଗ୍ଧ କରିଥିଲା। ସେହିପରି ନିଆଁ ଖେଳ ଅନ୍ୟତମ ଚିତାକର୍ଷକ ଥିଲା। ପୁଣି ସୁବର୍ଣ୍ଣପୁର ଜିଲା ବିନିକାର ଜୟ ମା’ ଶିବାନୀ ଘଣ୍ଟ ପାଟିର ଅର୍ଣ୍ଡା ଅନ୍ୟତମ ଚିତ୍ତାକର୍ଷକ ଥିଲା। ପୁରୀର ଜଗନ୍ନାଥ ସଂସ୍କୃତିକ ଅନୁଷ୍ଠାନର ଦେବଦାସୀ ନୃତ୍ୟ ମଧ୍ୟ ଆକର୍ଷଣୀୟ ରହିଥିଲା।



ହରପାର୍ବତୀଙ୍କୁ ଶୋଭାଯାତ୍ରାରେ ନିଆଯାଉଛି।

GOVERNMENT OF ODISHA e-mail: eerw_sunabeda@yahoo.co.in

OFFICE OF THE SUPERINTENDING ENGINEER, RURAL WORKS DIVISION, SUNABEDA

No. O-934

e-Procurement Notice for Road Works

Letter No. 3691 Identification No. Online Tender/05/RWD-SBD/2025-26 Date: 26.09.2025

1. Name of the Work : Road Work, Lamtaput, Pottangi Block
2. Total Number of Works : 03 Nos. Works
3. Estimated Cost : 60.00 to 90.00 lakhs
4. Class of Contractor : “B” Class
5. Period of Completion : 02 Months
6. Other details :

| Procurement Officer | Bid Identification No. | Availability of tender Online for Bidding | | Last date & time of seeking tender clarification | Date & time of Opening of Tender in O/o. S.E., .R.W. Division, Sunabeda | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Division, Sunabeda | Online Tender/05/RWD-SBD/2025-26 | Date: 06.10.2025 at 11.00 A.M. | Date: 22.10.2025 upto 5.00 P.M. | Date: 20.10.2025 upto 5.00 P.M. | Date: 23.10.2025 at 11.00 A.M. | Will be intimated later |

Further details can be seen from the website: **www.tendersorissa.gov.in**.

OIPR-25059/11/0022/2526 Sd./- Superintending Engineer, Rural Works Division, Sunabeda

**ODISHA SCHOOL EDUCATION PROGRAMME AUTHORITY**

“SHIKSHA SOUDHA”, UNIT-V, BHUBANESWAR-751001

**Notice Inviting RFP**

**No. 10773/Ped/25** **Date : 04/10/2025**

**Selection of Agency for Implementation of Reading Promotion Program for PM SHRI Schools (Grades 1-10)**

**No.n-** : Odisha School Education Programme Authority (OSEPA), under the administrative control of the School & Mass Education Department, Government of Odisha, invites sealed proposals from eligible bidders for the **implementation of a Reading Promotion Program across 462 PMSHRI Schools in the state for Grades 1 to 10** during the Financial Year 2025-26.

The objective of the program is to strengthen reading comprehension, fluency and literary engagement among students in Primary, Upper Primary and Secondary Grades, through structured interventions, capacity building of teachers and ongoing monitoring and evaluation. The RFP document will be available on the OSEPA website at **osepa.odisha.gov.in**. Bidders meeting the eligibility criteria as prescribed in the RFP can access and download the complete RFP and apply accordingly.

The major events under the bid process are:

| Sl. No. | List of Key Events | Critical Dates |
|---|---|---|
| 1 | Date of availability of RFP document in OSEPA website | 04/10/2025 |
| 2 | Last Date for Submission of Bid | By 5:00 PM of 24/10/2025 |
| 3 | Date of Opening of Technical Bid | At 11:00 AM of 27/10/2025 |
| 4 | Date of Opening of Financial Bid | Date will be communicated to the technically qualified bidder/s through e mail. |

The proposal complete in all respects must reach the undersigned by **Speed Post/ Registered Post/ Courier** only latest by **5:00 PM of 24/10/2025** in a sealed envelope super scribed as **“REQUEST FOR PROPOSAL - Selection of Agency for implementation of Reading Promotion Program in PM SHRI Schools (Grades 1-10)”.** The proposals received beyond the last date and time will be rejected. The Tender Inviting Authority i.e. OSEPA reserves the right to accept / reject any/all BIDS / cancel the entire selection process at any stage without assigning any reason thereof

Address for Submission of Proposal:

**State Project Director,**

**Odisha School Education Programme Authority (OSEPA) “Shiksha Soudha”, Unit-V, Bhubaneswar, Odisha-751001**

**OIPR-27068/11/0073/2526** **Sd./- State Project Director**

OFFICE OF THE

BHAWANIPATNA MUNICIPALITY, DIST.: KALAHANDI

No. 2972/BPM Date: 03.10.2025

**TENDER CALL NOTICE**

No. C-1203: Sealed Tender Call Notice are invited from the **Authorised Supplier/Firm/Manufacturer/Agency** for supply of **50 pices of 80×2 Litre dual stand mounted plastic dustbins (Green & Blue) coloured** under Bhawanipatna Municipality.

The bidders should submit their tender in their **official letter head** as per the prescribed format (Annexure - II) and send it by **Registered Post/Speed Post** addressed to **The Executive Officer, Bhawanipatna Municipality, Bhawanipatna,** super scribing on the envelope *“Tender for Supply of Litter Bins”*. The tender paper must reach this office on or before **13.10.2025 by 1.00 P.M.** “The tender will be opened on the same day at 3.00 P.M. in the presence of the bidders or their authorized representatives”.

**Terms & Conditions:**

1. The tender paper must be accompanied by the following documents:
   - Self-attested photocopy of valid **GST Registration Certificate**.
   - Self-attested photocopy of **PAN Card**.
   - **Paper Cost of Rs.4,000/-** (Non-refundable) in shape of Demand Draft in favour of **Executive Officer, Bhawanipatna Municipality**, payable at Bhawanipatna.
   - **Security Deposit of Rs.20,000/-** (refundable) in shape of Demand Draft in favour of **Executive Officer, Bhawanipatna Municipality**, payable at Bhawanipatna.
2. The bidders must also submit **brand details and illustrative design** of the item along with the **Technical Bid**.
3. Bidders must quote the product strictly as per the **specification provided in the NIT**.
4. The **quoted rate shall remain valid for one year**.
5. The selected agency must **supply and install all items within 07 (Seven) days** from the date of issue of the Supply Order.
6. The **quantity of items may vary** (increase or decrease upto 25%) at the time of placing the order.
7. The complete quotation document may be downloaded from the Municipality website: **www.bhawanipatnamunicipality.in** & Kalahandi District website **www.kalahandi.odisha.gov.in**.
8. The authority reserves the right to **accept or reject any or all quotations** and/or negotiate with more than one agency without assigning any reason thereof.
9. The bidder must supply/fulfil complete order, partial bid is not allowed.

**Sd./- Executive Officer**
**Bhawanipatna Municipality**

**OIPR-13100/11/0018/2526**

# ପରୀକ୍ଷା କେନ୍ଦ୍ର ସିଲ୍, ପଞ୍ଚମ ମଧ୍ୟସ୍ଥ ଗିରଫ


**ଏସ୍ଆଇ ପରୀକ୍ଷା ଜାଲିଆତି**

- ମାଷ୍ଟରମାଇଣ୍ଡ ଶଙ୍କରଙ୍କ ସହଯୋଗୀ ଥିଲେ ଅରବିନ୍ଦ
- କ୍ରାଇମବ୍ରାଞ୍ଚ ସ୍କାନରରେ ବହୁ ଅନ୍‌ଲାଇନ୍ ପରୀକ୍ଷା ସେଣ୍ଟର

ଭୁବନେଶ୍ୱର, ୫।୧୦(ସତ୍ୟଜିତ ରାଉତ)

ବହୁଚର୍ଚ୍ଚିତ ପୋଲିସ ଏସ୍ଆଇ ପରୀକ୍ଷା ନିଯୁକ୍ତି ଜାଲିଆତି ଘଟଣାକୁ ନେଇ ତଦନ୍ତ ଯେତେ ଆଗଉଛି, ରହସ୍ୟ ସେତେ ପଦାକୁ ଆସୁଛି। ରାକେଟର ମାଷ୍ଟରମାଇଣ୍ଡ କୁହାଯାଉଥିବା ଶଙ୍କର ପୃଷ୍ଟି ଫେରାର ଥିବାବେଳେ ତାଙ୍କର ସବୁ ଲିଙ୍କ୍ ଓ କେଲେଙ୍କାରିର ପର୍ଦ୍ଦାଫାଶ କରିବାକୁ କ୍ରାଇମବ୍ରାଞ୍ଚ ୫ ଦିନ ହେବ ଛାନଭିନ୍ ଚଳାଇଛି। ଏକାଧିକ ଅନ୍‌ଲାଇନ୍ ପରୀକ୍ଷା କେନ୍ଦ୍ର ସହ ଲିଙ୍କ୍‌ରେ ରହି ଶଙ୍କର ଏସ୍ଆଇ ପରୀକ୍ଷାରେ ଜାଲିଆତି କରିବାକୁ ପୂରା ଯୋଜନା ପ୍ରସ୍ତୁତ କରିସାରିଥିଲେ। ଭୁବନେଶ୍ୱର ନନ୍ଦନକାନନ ଥାନା ଅନ୍ତର୍ଗତ ରଘୁନାଥପୁରସ୍ଥିତ ପ୍ଲଟ୍ ନଂ.୩୨୦/୩୫୯୦ରେ ଥିବା ଅନ୍‌ଲାଇନ ପରୀକ୍ଷା କେନ୍ଦ୍ର (ଶ୍ରୀ ଲିଙ୍ଗରାଜ ଇନ୍‌ଫୋସୋଲ୍) ସହ ଶଙ୍କରଙ୍କ ଲିଙ୍କ୍ ମିଳିବା ପରେ କ୍ରାଇମବ୍ରାଞ୍ଚ ଟିମ୍ ରବିବାର ସେଠାରେ ମାରାଥନ୍ ଚଢ଼ାଉ କରିଛି। ପୋଲିସ ଟିମ୍ 'ଶ୍ରୀ ଲିଙ୍ଗରାଜ ଇନ୍‌ଫୋସୋଲ୍'ରେ ପହଞ୍ଚି ତାଲା ଖୋଲି ଭିତରେ ତନ୍ନ ତନ୍ନ ଯାଞ୍ଚ କରାଯିବା ପରେ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ଜବତ କରିବା ସହ ସ୍ଥାନୀୟ ଲୋକଙ୍କୁ ପଚରାଉଚରା କରି ଅଧିକ ତଥ୍ୟ ହାସଲ କରିଥିଲା। ପରେ ଏହି ପରୀକ୍ଷା କେନ୍ଦ୍ରକୁ ସିଲ୍ କରାଯାଇଛି। ଚଢ଼ାଉରେ ସାମିଲ ଥିବା କ୍ରାଇମବ୍ରାଞ୍ଚ ଡିଏସ୍‌ପି ରବୀନ୍ଦ୍ର ମଲ୍ଲିକ କହିଛନ୍ତି, ଘଟଣାରେ ଯାହାର ଲିଙ୍କ୍ ରହୁଛି, ତାଙ୍କୁ ଆମେ ତଦନ୍ତ ପରିସରଭୁକ୍ତ କରିବୁ। ରଘୁନାଥପୁରସ୍ଥିତ ପରୀକ୍ଷା କେନ୍ଦ୍ରକୁ ଶଙ୍କର ପୃଷ୍ଟି ଯିବା ଆସିବା କରିବାର ପ୍ରମାଣ ମିଳିଥିଲା। ଏଥିସହ ଏଠାରେ ଜାଲିଆତି କରାଯାଇଥିବା ପ୍ରାରମ୍ଭିକ ପ୍ରମାଣ ମିଳିବା ପରେ ଚଢ଼ାଉ କରାଯାଇଛି। ତେବେ ରାଜ୍ୟବ୍ୟାପୀ ଏଭଳି ବହୁ ପରୀକ୍ଷା ସେଣ୍ଟର ସହ ଶଙ୍କରଙ୍କ ଲିଙ୍କ୍ ରହିଥିବା କ୍ରାଇମବ୍ରାଞ୍ଚ ଜାଣିବାକୁ ପାଇଛି। ବାଲେଶ୍ୱର, ପୁରୀ, ପାରଳାଖେମୁଣ୍ଡି, କଟକ, କଳାହାଣ୍ଡି ଆଦି ଜିଲାରେ ଏସବୁ କେନ୍ଦ୍ର ରହିଥିବା ବେଳେ କ୍ରାଇମବ୍ରାଞ୍ଚ ଆଗକୁ ଏଗୁଡିକରେ ମଧ୍ୟ ଚଢ଼ାଉ କରିବ ବୋଲି ଜଣାପଡିଛି। ତେବେ ବ୍ରହ୍ମପୁର ଆମ୍ବପୁଆସ୍ଥିତ 'ତାରାତାରିଣୀ ଟେକପାର୍କ' ନାଁରେ ଥିବା ଅନ୍‌ଲାଇନ୍ ପରୀକ୍ଷା କେନ୍ଦ୍ର ସହ ଶଙ୍କରଙ୍କ ମଧ୍ୟ ଲିଙ୍କ୍ ଥିବା ଜଣାପଡିଛି। କେନ୍ଦ୍ରର ମୂଳ ମାଲିକ ଶଙ୍କର ପୃଷ୍ଟି ରହିଥିବା ବେଳେ ବେନାମୀ ନାଁରେ ଏହାକୁ ପଞ୍ଜୀକୃତ କରାଯାଇଛି। ତେବେ ଏହି ମହାଜାଲିଆତି ଘଟଣାରେ ଅନେକ ଅଭିଯୁକ୍ତ ରହିଥିବାବେଳେ ବଡ଼ ପୋଲିସ ଅଧିକାରୀ ସମ୍ପୃକ୍ତ ଥିବା ନେଇ ସନ୍ଦେହ ଦୃଢ଼ିଭୂତ ହେବାରୁ ଘଟଣା ରାଜ୍ୟ ପୋଲିସ ବିଭାଗର କାର୍ଯ୍ୟଧାରାକୁ ନେଇ ପ୍ରଶ୍ନ ଉଠିଛି। ସବୁଠାରୁ ଚାଞ୍ଚଲ୍ୟକର ଘଟଣା ହେଲା ଏହି ଜାଲିଆତିରେ ଓଡ଼ିଶା ପୋଲିସ ରିକ୍ରୁଟମେଣ୍ଟ ବୋର୍ଡ (ଓପିଆର୍‌ବି)ର ପ୍ରଚ୍ଛଦ ହାତ ଥିବା ଅଭିଯୋଗ ହେଉଛି। ଅପରପକ୍ଷରେ କ୍ରାଇମବ୍ରାଞ୍ଚ ପକ୍ଷରୁ ରବିବାର ଆଉଜଣେ ଅଭିଯୁକ୍ତ (ପଞ୍ଚମ ମଧ୍ୟସ୍ଥ)ଙ୍କୁ ବାଲେଶ୍ୱରରୁ ଗିରଫ କରାଯାଇଛି। ସେ ହେଲେ ମୁଖ୍ୟ ଅଭିଯୁକ୍ତ ଶଙ୍କରଙ୍କ ସହଯୋଗୀ ତଥା ବାଲେଶ୍ୱର ଜିଲା ସିଂଲା ଥାନା ଅନ୍ତର୍ଗତ ନାବର ଗାଁର ଅରବିନ୍ଦ ଦାସ (୪୩)। ତାଙ୍କ ପାଖରୁ ବହୁ ଆପତ୍ତିଜନକ ଦସ୍ତାବିଜ୍ ଜବତ ହୋଇଛି। ଅରବିନ୍ଦଙ୍କୁ ବ୍ରହ୍ମପୁର ଜେଏମ୍‌ଏଫ୍‌ସି(ରୁରାଲ୍) କୋର୍ଟରେ ହାଜର କରାଯାଇଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲକୁ ପଠାଇ ଦିଆଯାଇଛି। ଏହି ମାମଲାରେ ପୂର୍ବରୁ ୧୧୪ ପରୀକ୍ଷାର୍ଥୀ ଓ ୪ ଜଣ ମଧ୍ୟସ୍ଥ (ଦଲାଲ) ଗିରଫ ହୋଇଥିବାବେଳେ ଏବେ ଏହି ଗିରଫଦାରି ସଂଖ୍ୟା ୧୧୯ରେ ପହଞ୍ଚିଛି। ତେବେ ଫେରାର ଥିବା ପଞ୍ଚସଫ୍ଟ ସଂସ୍ଥାର ମାଲିକ ଶଙ୍କର ଧରାପଡିବା ପରେ ତାଙ୍କ ପଛରେ ଥିବା ବଡ଼ବଡ଼ିଆଙ୍କ ମୁଖା ପଦାକୁ ଆସିବ ବୋଲି ଚର୍ଚ୍ଚା ହେଉଛି। ଶଙ୍କରଙ୍କ ଘର ଗଞ୍ଜାମ ଜିଲା ଶେରଗଡ ବ୍ଲକ ବ୍ରାହ୍ମଣଛାଇ ଗାଁରେ ହୋଇଥିବାବେଳେ ତାଙ୍କ ନାଁରେ ପୂର୍ବରୁ ମଧ୍ୟ ବହୁ ଆପରାଧିକ ମାମଲା ରହିଥିବା ଜଣାପଡ଼ିଛି। ଶଙ୍କର ଏହାପୂର୍ବରୁ ବହୁ ନିଯୁକ୍ତି ଜାଲିଆତି ଘଟଣାରେ ଜଡ଼ିତ ଥିବା ଓ କେତେକ ମାମଲାରେ ଅଭିଯୁକ୍ତ ଥିବାରୁ ତାଙ୍କୁ ଧରିବା କ୍ରାଇମ୍‌ବ୍ରାଞ୍ଚ ପାଇଁ ବଡ଼ ଚ୍ୟାଲେଞ୍ଜ ହେବ ବୋଲି କୁହାଯାଉଛି। କାରଣ ଏହି ନିଯୁକ୍ତି କେଲେଙ୍କାରିରେ ବଡ଼ ଅଧିକାରୀ ଓ ପ୍ରଭାବଶାଳୀ ବ୍ୟକ୍ତିଙ୍କ ସମ୍ପୃକ୍ତି ଥିବାରୁ ସେମାନେ ତାଙ୍କୁ ସୁରକ୍ଷା ଦେବାକୁ ଚେଷ୍ଟା କରୁଥିବା ଆଶଙ୍କା କରାଯାଉଛି।


ଗିରଫ ଅଭିଯୁକ୍ତ ଅରବିନ୍ଦ ଦାସ।





'ଶ୍ରୀ ଲିଙ୍ଗରାଜ ଇନ୍‌ଫୋସୋଲ୍' ଅନ୍‌ଲାଇନ୍ ପରୀକ୍ଷା କେନ୍ଦ୍ରକୁ ସିଲ୍ କରାଯାଉଛି।

# ବାଲି ଉତ୍ତୋଳନକୁ ନେଇ ଗୋଷ୍ଠୀ ସଂଘର୍ଷ

**୨ ଗୁରୁତର, ଜଣେ ଆହତ**

ଜଳେଶ୍ୱର, ୫।୧୦(ନବୀନ ସାହୁ)

ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ଅଧୀନ ଚାଲନ୍ତିଠାରେ ସୁବର୍ଣ୍ଣରେଖା ନଦୀରୁ ବାଲି ଉତ୍ତୋଳନକୁ କେନ୍ଦ୍ରକରି ଗୋଷ୍ଠୀ ସଂଘର୍ଷ ଘଟିଛି। ଚୋରାଚାଲାଣକାରୀଙ୍କ ଆକ୍ରମଣରେ ୨ଜଣ ଗ୍ରାମବାସୀ ଗୁରୁତର ହୋଇଥିବାବେଳେ ଅପରପକ୍ଷର ଜଣେ ଆହତ ହୋଇଛନ୍ତି। ଗୁରୁତର ଗ୍ରାମବାସୀଙ୍କୁ ଚିକିତ୍ସା ପାଇଁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ସୂଚନା ଅନୁଯାୟୀ, ଜଳେଶ୍ୱର ଥାନା ଅଧୀନ ସୁବର୍ଣ୍ଣରେଖା ନଦୀର ବିଭିନ୍ନ ସ୍ଥାନରୁ ଚୋରାଚାଲାଣକାରୀମାନେ ବାଲି ଉତ୍ତୋଳନ କରିଆସୁଛନ୍ତି। ପୋଲିସ ଓ ଖଣି ବିଭାଗ ପକ୍ଷରୁ ଚଢ଼ାଉ କରାଯାଉଥିଲେ ହେଁ ଚାଲାଣକାରୀମାନେ ଚତୁରତାର ସହ ଖସି ପଳାଇବାରେ ସମର୍ଥ ହେଉଛନ୍ତି। ତେବେ ଶନିବାର ବିଳମ୍ବିତ ରାତିରେ ମହମ୍ମଦନଗର ପାଟଣା ପଞ୍ଚାୟତ ଅନ୍ତର୍ଗତ ଚାଲନ୍ତିଠାରେ କେତେଜଣ ଚୋରାଚାଲାଣକାରୀ ସୁବର୍ଣ୍ଣରେଖା ନଦୀରୁ ବେଆଇନ ଭାବେ ବାଲି ଉତ୍ତୋଳନ କରୁଥିଲେ। ଖବରପାଇ ସେହି ଗ୍ରାମର ୪/୫ଜଣ ଯୁବକ ସେଠାରେ ପହଞ୍ଚି ଏହାକୁ ବିରୋଧ କରିବାରୁ ଗୋଷ୍ଠୀ ସଂଘର୍ଷର ସୂତ୍ରପାତ ହୋଇଥିଲା। ବାଲି ଚୋରାଚାଲାଣକାରୀଙ୍କ ଆକ୍ରମଣରେ ଗ୍ରାମର ପର୍ଶୁରାମ ଗିରି ଓ ମନୋଜ ଦେ ଗୁରୁତର ହୋଇଥିଲେ। ସେମାନଙ୍କୁ ଉଦ୍ଧାର କରାଯାଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅପରପକ୍ଷରେ ଚୋରାଚାଲାଣକାରୀ ଗୋଷ୍ଠୀର ଅଧୀର କୁମାର ଗିରି ଆହତ ହୋଇ କଟକ ବଡ଼ ମେଡିକାଲ୍‌ରେ ଚିକିତ୍ସିତ ହେଉଛନ୍ତି। ଘଟଣା ସମ୍ପର୍କରେ ଉଭୟ ଗୋଷ୍ଠୀ ପକ୍ଷରୁ ଜଳେଶ୍ୱର ଥାନାରେ ଲିଖିତ ଅଭିଯୋଗ ହୋଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।


ଚିକିତ୍ସାଧୀନ ୨ ଯୁବକ।

# ନିଶା ନିବାରଣ କେନ୍ଦ୍ରରେ ଯୁବକଙ୍କ ମୃତ୍ୟୁ

**ହତ୍ୟା ଅଭିଯୋଗ, ସଂସ୍ଥା ପରିଚାଳକ ଫେରାର**

ବ୍ରହ୍ମପୁର, ୫।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ ଲାଠି ମୁଖ୍ୟ ରାସ୍ତାରେ ଥିବା ନିଶା ନିବାରଣ କେନ୍ଦ୍ରରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନିମଖଣ୍ଡି ଥାନା ଖାରବେଳ ନଗର ପ୍ରଥମ ଲାଇନର ସୁଧାଂଶୁ ପାଣିଗ୍ରାହୀଙ୍କ ଏକମାତ୍ର ପୁଅ ଅଶୋକ କୁମାର ପାଣିଗ୍ରାହୀ (୩୦)। ରବିବାର ଏମ୍‌କେସିଜି ମେଡିକାଲରୁ ପୋଲିସ ମୃତଦେହ ଜବତ କରି ନଂ.୨୯/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଅନ୍ୟପଟେ ମୃତକଙ୍କ ସ୍ତ୍ରୀ ସ୍ମୃତିରେଖା ପାଣିଗ୍ରାହୀ ସ୍ୱାମୀଙ୍କୁ ନିଶା ନିବାରଣ କେନ୍ଦ୍ରରେ ନିର୍ଯାତନା ଦିଆଯାଉଥିଲା ବୋଲି ଅଭିଯୋଗ କରିଛନ୍ତି। ସେଠାକାର କର୍ମଚାରୀ ତାଙ୍କୁ ପିଟି ପିଟି ହତ୍ୟା କରିଥିବା ସେ ସନ୍ଦେହ କରୁଛନ୍ତି। ତେଣୁ ଏହାର ଠିକ୍ ତଦନ୍ତ କରି ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ସ୍ମୃତିରେଖା ଦାବି କରିଛନ୍ତି। ଅନ୍ୟପଟେ ଅଶୋକ ଛାତରୁ ଡେଇଁ ଆତ୍ମହତ୍ୟା କରିଛନ୍ତି ବୋଲି ଉକ୍ତ ସଂସ୍ଥାର କର୍ମଚାରୀମାନେ କହିଛନ୍ତି। ଅଶୋକଙ୍କ ପରିବାର ଲୋକେ ତାହାକୁ ଖଣ୍ଡନ କରିଛନ୍ତି। ଭଉଣୀ ବନିତା ପାଣିଗ୍ରାହୀ କହିଛନ୍ତି, ଭାଇ ମା'ବାପାଙ୍କ ସହ ଖାରବେଳ ନଗରରେ ରହୁଥିଲେ। ତାଙ୍କର ନିଶା ଅଭ୍ୟାସ ଦୂର କରିବା ପାଇଁ ଲାଠି ନିଶା ନିବାରଣ କେନ୍ଦ୍ରକୁ ଗତ ଜୁଲାଇ ମାସରେ ଛାଡ଼ିଥିଲୁ। ଉକ୍ତ କେନ୍ଦ୍ରର ମୁଖ୍ୟଙ୍କ କହିବା ଅନୁସାରେ ମାସକୁ ୬ ହଜାର ଟଙ୍କା ଦେଉଥିଲୁ। ଔଷଧ ପାଇଁ ୩ରୁ ୪ହଜାର ଟଙ୍କା ଦେଉଥିଲୁ। ଶନିବାର ସକାଳେ ସେଠାରୁ ଫୋନ୍ ଆସିଲା ଯେ, ଭାଇ ଛାତରୁ ଡେଇଁ ଗୁରୁତର ହୋଇଥିବାରୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଆମେ ଦୁଇ ଭଉଣୀ ମେଡିକାଲରେ ପହଞ୍ଚିବା ପରେ ଭାଇଙ୍କୁ ଆଇସିୟୁରେ ରଖାଯାଇଥିବା ଜାଣିଲୁ। ରାତି ସାଢ଼େ ୧୧ ଟାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅଶୋକଙ୍କ ପ୍ରାଥମିକ ବ୍ୟବଚ୍ଛେଦ ରିପୋର୍ଟରେ ଫାଉଲ ପ୍ଲେ ରହିଥିବା ଏଫଏମ୍‌ଟି ବିଭାଗ ତରଫରୁ ସୂଚନା ମିଳିଛି। ନିଶା ନିବାରଣ କେନ୍ଦ୍ର ମୁଖ୍ୟ ପରିଚାଳକ ଫେରାର ଅଛନ୍ତି।

# ସାବତପୁଅ ଭୁଜାଲି ଚୋଟରେ ବାପାଙ୍କ ମୃତ୍ୟୁ

ଯୋଡ଼ା, ୫।୧୦(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ସହର ହନୁମାନ ହାଟିଂରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ସାବତପୁଅଙ୍କ ଭୁଜାଲି ଚୋଟରେ ବାପାଙ୍କ ମୃତ୍ୟୁ ଘଟିଛି। ମୃତ ବ୍ୟକ୍ତି ହେଲେ ମନୋଜ କାଳନ୍ଦୀ (୪୫)। ଘଟଣା ପରେ ସାବତପୁଅ ଓ ତାଙ୍କ ୨ ସହଯୋଗୀ ଫେରାର ଅଛନ୍ତି। ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ସୂଚନା ଅନୁଯାୟୀ, ମନୋଜ କାଳନ୍ଦୀଙ୍କ ପ୍ରଥମ ସ୍ତ୍ରୀ ଥିବା ବେଳେ ୫ ବର୍ଷ ହେବ ଜଣେ ବିଧବା ମହିଳାଙ୍କୁ ବିବାହ କରିଥିଲେ। ମନୋଜଙ୍କ ଦ୍ୱିତୀୟ ପତ୍ନୀଙ୍କର ଜଣେ ୧୫ ବର୍ଷୀୟ ନାବାଳକ ପୁଅ ଅଛନ୍ତି। ଅନେକ ସମୟରେ ବିଭିନ୍ନ କାରଣରୁ ସାବତ ବାପା ଓ ପୁଅଙ୍କ ମଧ୍ୟରେ ବିବାଦ ଲାଗି ରହୁଥିଲା। ରବିବାର ସକାଳ ପ୍ରାୟ ୯ଟା ସମୟରେ ମନୋଜ ସ୍କୁଟି(ନଂ. ଓଡି ୦୯ ଜି ୮୩୬୨) ନେଇ ବଜାରକୁ ଯାଉଥିଲେ। ଏହି ସମୟରେ ସାବତପୁଅ ଏକ ଲୁହାରଡ଼ରେ ଆକ୍ରମଣ କରିଥିଲେ। ମନୋଜ ତଳେ ପଡ଼ି ଯାଇଥିବା ବେଳେ ସାବତପୁଅ ଓ ତାଙ୍କ ୨ ସାଙ୍ଗ ସଂଘବଦ୍ଧ ଭାବେ ପାଇପ୍ ଓ ଭୁଜାଲିରେ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକେ ମନୋଜଙ୍କୁ ଗୁରୁତର ଅବସ୍ଥାରେ ନିକଟସ୍ଥ ଟାଟା ଷ୍ଟିଲ୍ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଯୋଡ଼ା ପୋଲିସ ପହଞ୍ଚି ଛାନ୍‌ଭିନ ଜାରି ରଖିଛି। ଏ ନେଇ ଯୋଡ଼ା ପୋଲିସ ଏକ ମାମଲା(ନଂ.୨୯୯/୨୦୨୫) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

## Business

# ଓଡ଼ିଶାରେ ମେଟର ଇ-ବାଇକ୍‌ର ବଜାର ପ୍ରବେଶ



**ଭାରତର ପ୍ରଥମ ଗିୟର ବିଶିଷ୍ଟ ଇ-ବାଇକ୍**

ଭୁବନେଶ୍ୱର, ୫।୧୦(ଅନୁରାଧା ମହାରଣା)

ଭାରତର ପ୍ରମୁଖ ଇଲେକ୍ଟ୍ରିକ ମୋଟରସାଇକେଲ୍ କମ୍ପାନୀ ମେଟର ମୋଟର ୱାର୍କସ୍ ପ୍ରାଇଭେଟ୍ ଲିମିଟେଡ୍ ରବିବାର ଓଡ଼ିଶାରେ ମେଟରର ବଜାର ପ୍ରବେଶ କରିଛି। ଏହା ଭାରତର ପ୍ରଥମ ଗିଅରଯୁକ୍ତ ଇଲେକ୍ଟ୍ରିକ ମୋଟରସାଇକେଲ। ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଅନାବରଣ ଉତ୍ସବରେ ମେଟରର ଫାଉଣ୍ଡର ତଥା ଗ୍ରୁପ୍ ସିଇଓ ମୋହାଲ ରାଜୀବ ଲାଲଭାଇ କହିଛନ୍ତି, ଏହି ଇ-ବାଇକ୍ ମାଧ୍ୟମରେ ଲୋକେ ନୂଆ ଟେକ୍ନୋଲୋଜିର ମଜା ନେଇପାରିବେ। ଆଏରା ରୋମାଞ୍ଚକର ଯାତ୍ରା ଅନୁଭୂତି ଦେବ। ମେଟରର ଫାଉଣ୍ଡର ତଥା ସିଟିଓ କୁମାର ପ୍ରସାଦ ତେଲିକେପାଲି କହିଛନ୍ତି, ଆଏରା ଭାରତୀୟ ଇଞ୍ଜିନିୟରମାନଙ୍କ ଦ୍ୱାରା ଗ୍ରାହକଙ୍କ ଆବଶ୍ୟକତା ମୁତାବକ ଡିଜାଇନ କରାଯାଇଛି। ନନ୍ଦ ମୋଟର୍ସର ପ୍ରିନ୍ସିପାଲ ହେଡ୍ ନିଶୀଥ୍ ରଞ୍ଜନ ନନ୍ଦ କହିଛନ୍ତି, ଭୁବନେଶ୍ୱରରେ ଏହି ବାଇକ ପରିବେଶ ଅନୁକୂଳ ଗତିଶୀଳତା ଆଣିବ। ଆଏରା ୫୦୦୦+ରେ ୪ଟିସ୍ପିଡ ଗିଅର, ଲିକୁଇଡ-କୁଲ୍ଡ ଇଞ୍ଜିନ, ୭ ଇଞ୍ଚ ଟଚ୍ ସ୍କ୍ରିନ, ୧୭୨ କିମି ରେଞ୍ଜ ସହିତ ୫ କିଲୋୱାଟ ବ୍ୟାଟେରି, ୨.୮ ସେକେଣ୍ଡରେ ୦-୪୦ କିମି/ଘଣ୍ଟା ବେଗ ଧରିବା ସହ ଏବିଏସ ସହିତ ଡୁଆଲ ଡିସ୍କ ବ୍ରେକ, ସ୍ମାର୍ଟ ପାର୍କିଂ, ମୋବାଇଲ ଆପ ଓ ଲାଇଫଟାଇମ ବ୍ୟାଟେରି ୱାରେଣ୍ଟି ରହିଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମେଟରର ଭାଇସ୍ ପ୍ରେସିଡେଣ୍ଟ(ମାର୍କେଟିଂ) ସନ୍ତୋଷ ଦେଶମୁଖ, ଏରିଆ ସେଲସ୍ ମ୍ୟାନେଜର ଦୀପକ କୁମାର ସାମଲ ପ୍ରମୁଖ ଯୋଗ ଦେଇଥିଲେ।

## ମେଟର ଇ-ବାଇକ୍‌ର ପ୍ରଥମ ଡିଲର ନନ୍ଦ ମୋଟର୍ସ

ଭୁବନେଶ୍ୱର, ୫।୧୦

ବରମୁଣ୍ଡା ଆଇଏସବିଟିସ୍ଥିତ ନନ୍ଦ ମୋଟର୍ସର ଉଦଘାଟନ ତଥା ମେଟର ମୋଟରର ଆଧୁନିକ ଇଲେକ୍ଟ୍ରିକ ବାଇକ 'ଆଏରା' ଓଡ଼ିଶା ବଜାର ପ୍ରବେଶ କାର୍ଯ୍ୟକ୍ରମ ଆନୁଷ୍ଠାନିକ ଭାବେ କରାଯାଇଛି। ନନ୍ଦ ମୋଟର୍ସ ପକ୍ଷରୁ ନିଶୀଥ୍ ରଞ୍ଜନ ନନ୍ଦ, ସ୍ଥାନୀୟ ବିଧାୟକ ବାବୁ ସିଂ, ଭାଜପା ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର, କର୍ପୋରେଟର ସଂଯୁକ୍ତା ସୁନ୍ଦରାୟ ଏବଂ ଶ୍ରୀମୟୀ ମିଶ୍ର ପ୍ରମୁଖ ଏହାର ଶୁଭାରମ୍ଭ କରିଥିଲେ। ଏହା ଓଡ଼ିଶାର ପ୍ରଥମ ମେଟରର ଶୋ'ରୁମ୍। ଆଏରାର ବଜାର ମୂଲ୍ୟ ୨ଲକ୍ଷ ୧୦ ହଜାର ହୋଇଥିବାବେଳେ ବଜାର ପ୍ରବେଶ ଅବସରରେ କମ୍ପାନୀ ପକ୍ଷରୁ ୧୫ହଜାର ଟଙ୍କାର ରିହାତି ଘୋଷଣା କରାଯାଇଛି। ଇଏମ୍‌ଆଇ ସୁବିଧା ସହ ଗ୍ରାହକ ଏହା କ୍ରୟ କରିପାରିବେ। ଏହି ବାଇକ୍‌ରେ ଲେସ୍ ଲକ୍, ଆଧୁନିକ ବାଇ ଫୋକାଲ ପ୍ରୋଜେକ୍ଟର ହେଡ୍ ଲ୍ୟାମ୍ପ, ମେଟରଭର୍ସ ଆପ୍, ୩.୫ ଲିଟର ଷ୍ଟୋରେଜ୍ ସ୍ପେସ୍, ପ୍ରୋ ଫୋମ୍ ସିଟ୍ ଆଦି ରହିଛି। ଏହା କସମିକ୍ ବ୍ଲୁ, କସମିକ୍ ବ୍ଲାକ୍, ନର୍ଡ ଗ୍ରେ, ଗ୍ଲାସିଅର୍ ହ୍ୱାଇଟ୍ ଏବଂ ବ୍ଲେଜ୍ ରେଡ୍ ଆଦି ୫ଟି ରଙ୍ଗରେ ଉପଲବ୍ଧ।


ବରମୁଣ୍ଡାରେ ଅତିଥିମାନେ ନନ୍ଦ ମୋଟର୍ସର ଶୋ'ରୁମ୍ ଉଦ୍‌ଘାଟନ କରୁଛନ୍ତି।

# ଟାଟା ପାୱାର ନେତୃତ୍ୱାଧୀନ ଡିସ୍‌କମ୍‌ର ସମାବେଶୀ ଶକ୍ତି, ବିକାଶ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୫।୧୦

ଓଡ଼ିଶାରେ ଟାଟା ପାୱାର ନେତୃତ୍ୱାଧୀନ ଡିସ୍‌କମ୍‌ଗୁଡିକ ବର୍ଷକ ମଧ୍ୟରେ ସେମାନଙ୍କର ସମାବେଶୀ ବିକାଶ କାର୍ଯ୍ୟକ୍ରମ ରାଜ୍ୟ ସାରା ମହିଳା, କାରିଗର ଏବଂ ଅବହେଳିତ ଗୋଷ୍ଠୀଙ୍କ ପାଇଁ ସୁଯୋଗ ସୃଷ୍ଟି କରିବାରେ ସାହାଯ୍ୟ କରିଛି। ୧୨ ଲକ୍ଷ ମହିଳାଙ୍କ ମଧ୍ୟରେ ଡିଜିଟାଲ୍ ଏବଂ ଆର୍ଥିକ ସାକ୍ଷରତାକୁ ପ୍ରୋତ୍ସାହିତ କରିବା ସହ ସ୍ଥାୟୀ ଜୀବିକା ନିର୍ବାହ ଏବଂ ଦୁର୍ଗମ ଆଦିବାସୀ ଅଞ୍ଚଳଗୁଡ଼ିକୁ ବିଦ୍ୟୁତୀକରଣ କରିବା ପର୍ଯ୍ୟନ୍ତ ଏହି ମିଶନ କାର୍ଯ୍ୟ କରୁଛି। ଭୁବନେଶ୍ୱରର ଅନୁନ୍ନତ ବସ୍ତି ଏବଂ ବାଲେଶ୍ୱର, ମୟୂରଭଞ୍ଜ ଏବଂ କେଉଁଝରର ବିଭିନ୍ନ ଗ୍ରାମର ୩୫୦୦ରୁ ଅଧିକ ମହିଳା ଅତ୍ୟାବଶ୍ୟକ କମ୍ପ୍ୟୁଟର ଦକ୍ଷତା ଏବଂ ଡିଜିଟାଲ୍ ସାକ୍ଷରତା ହାସଲ କରିଛନ୍ତି। ଏହି ପଦକ୍ଷେପଗୁଡ଼ିକ ଡିଜିଟାଲ୍ ସାକ୍ଷରତା ହାର ବଢାଇ ମହିଳାମାନଙ୍କୁ ଏକ ଆଧୁନିକ ଅର୍ଥନୀତିରେ ଯୋଗଦାନ ପାଇଁ ପ୍ରସ୍ତୁତ କରୁଛି। ତାଳପତ୍ର ଖୋଦନ ଏବଂ ପଟ୍ଟଚିତ୍ର ଚିତ୍ରକଳା କ୍ଷେତ୍ରରେ ୩୪୦ ଜଣ କାରିଗରଙ୍କୁ ସଶକ୍ତ କରି ଓଡ଼ିଶାର ପାରମ୍ପରିକ ହସ୍ତଶିଳ୍ପକୁ ପୁନର୍ଜୀବିତ କରୁଛନ୍ତି। ଦକ୍ଷ କାରିଗରଙ୍କ ମାର୍ଗଦର୍ଶନ, ବଜାର ସଂଯୋଗ ଏବଂ ଇ-କମର୍ସ ପ୍ଲାଟଫର୍ମରେ ପ୍ରବେଶ ଦ୍ୱାରା ଏହି କାରିଗରମାନଙ୍କ ପରିବାରର ଆୟରେ ୩୦ରୁ ୪୦% ବୃଦ୍ଧି ହୋଇଛି। ମହିଳାମାନଙ୍କ ନେତୃତ୍ୱାଧୀନ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ସବୁଜ ଉଦ୍ୟୋଗୀ ଭାବରେ ଉଭା ହୋଇଛନ୍ତି, ସେମାନେ ପରିବେଶ ଅନୁକୂଳ ଝୋଟ ଉତ୍ପାଦ ପ୍ରସ୍ତୁତ କରୁଛନ୍ତି ଯାହା ସ୍ଥାନୀୟ ବଜାର ଏବଂ ସଂସ୍ଥାଗତ କ୍ରେତାମାନଙ୍କ ପାଖରେ ବିକ୍ରି ହେଉଛି। ସାରା ଓଡ଼ିଶାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ମିଟର ରିଡିଂ, ବିଲିଂ ଏବଂ ବିଲ୍ ସଂଗ୍ରହ ଭୂମିକାରେ ୨୦୦୦ରୁ ଅଧିକ ମହିଳା ନିୟୋଜିତ ଅଛନ୍ତି। ଏହି ପରିବର୍ତ୍ତନ ଆଦିବାସୀ ଅଞ୍ଚଳରେ ମଧ୍ୟ ହୋଇପାରିଛି। ମୟୂରଭଞ୍ଜ, କନ୍ଧମାଳ ଏବଂ ରାୟଗଡ଼ା ଆଦି ଜିଲାଗୁଡ଼ିକରେ, ୨୦୦ଟି ଦୁର୍ଗମ ଗାଁରେ ବିଦ୍ୟୁତ୍ ସଂଯୋଗ ଉପଲବ୍ଧ ହୋଇପାରିଛି। ଏହା ଦ୍ୱାରା ସ୍କୁଲ, ସ୍ୱାସ୍ଥ୍ୟ କେନ୍ଦ୍ର, ଛୋଟ ସ୍ଥାନୀୟ ଉଦ୍ୟୋଗଗୁଡ଼ିକୁ ବିଦ୍ୟୁତ୍ ଯୋଗାଣ ହୋଇପାରିଛି।

# ଓଡ଼ିଶାରେ ଜିଓ ପକ୍ଷରୁ ୨ଜି ମୁକ୍ତ ଭାରତ ଅଭିଯାନ

ଭୁବନେଶ୍ୱର, ୫।୧୦

ରିଲାଏନ୍ସ ଜିଓ ପକ୍ଷରୁ '୨ଜି ମୁକ୍ତ ଭାରତ' ଅଭିଯାନର ଅଂଶ ଭାବରେ ଓଡ଼ିଶାରେ ଗ୍ରାହକମାନଙ୍କୁ ୨ଜି ରୁ ୪ଜିକୁ ଅପଗ୍ରେଡ କରିବା ପାଇଁ ଏକ ବଡ଼ ପଦକ୍ଷେପ ନେଇଛି। ଏହି ଦୀପାବଳିରେ ଜିଓ ଭାରତ ମୋବାଇଲ ଫୋନ୍ ମାତ୍ର ୬୯୯ ଟଙ୍କାରୁ ଆରମ୍ଭ ହୋଇ ବେଶ୍ ସୁଲଭ ମୂଲ୍ୟରେ ଉପଲବ୍ଧ ହେଉଛି। କମ୍ପାନୀ ରାଜ୍ୟର ୯୦ ଲକ୍ଷରୁ ଅଧିକ ଗ୍ରାହକଙ୍କ ପାଖରେ ପହଞ୍ଚିବାକୁ ଲକ୍ଷ୍ୟ ରଖିଛି, ଯେଉଁମାନେ ଏପର୍ଯ୍ୟନ୍ତ ୨ଜି ନେଟୱର୍କ ବ୍ୟବହାର କରୁଛନ୍ତି। ଜିଓ କେବଳ ଅତ୍ୟାଧୁନିକ ୪ଜି ପ୍ରଯୁକ୍ତି ବ୍ୟବହାର କରି ଡିଜିଟାଲ ଇଣ୍ଡିଆର ରୋଡମ୍ୟାପକୁ ଆଗକୁ ବଢ଼ାଉଛି। ଓଡ଼ିଶାରେ ଜିଓ ଭାରତ ଫୋନ ଦ୍ରୁତଗତିରେ ଲୋକପ୍ରିୟତା ହାସଲ କରୁଛି, କାରଣ ଏହାର ମାସିକ ରିଚାର୍ଜ ସବୁଠାରୁ ଶସ୍ତା ରହିଛି। ଗ୍ରାହକମାନଙ୍କୁ ୨୮ ଦିନର ବୈଧତା ରହିଥିବା ପ୍ଲାନ ପାଇଁ କେବଳ ୧୨୩ ଟଙ୍କା ଦେବାକୁ ପଡିବ। ଏହି ସୁଲଭ ପ୍ଲାନରେ ଦୈନିକ ୦.୫ ଜିବି ଲେଖାଏଁ ୧୪ ଜିବି ଡାଟା ଏବଂ ଅସୀମିତ କଲିଂ ଅନ୍ତର୍ଭୁକ୍ତ ରହିଛି। ଅନ୍ୟପକ୍ଷରେ ଅନ୍ୟ ଟେଲିକମ କମ୍ପାନୀଗୁଡ଼ିକର ସମାନ ଅବଧି ପ୍ଲାନ ସର୍ବନିମ୍ନ ୧୯୯ ଟଙ୍କାରୁ ଆରମ୍ଭ ହେଉଥିବା ବେଳେ ସେଥିରେ ମାତ୍ର ୨ଜିବି ଡାଟା ମିଳିଥାଏ। ଏହିଭଳି ଦେଖିଲେ ଜିଓ ଭାରତ ରିଚାର୍ଜ ମୂଲ୍ୟ ଅନ୍ୟ ଅପରେଟରମାନଙ୍କ ତୁଳନାରେ ୩୮ ପ୍ରତିଶତ ଶସ୍ତା ରହିଛି। ଏହାଦ୍ୱାରା ଗ୍ରାହକମାନେ ପ୍ରତିମାସ ଅନ୍ୟୁନ ୭୬ ଟଙ୍କା ସଞ୍ଚୟ କରିପାରିବେ ବୋଲି ଜିଓ ପକ୍ଷରୁ କୁହାଯାଇଛି। ଜିଓ ଭାରତ ବାର୍ଷିକ ପ୍ଲାନ ମଧ୍ୟ ଉପଲବ୍ଧ ରହିଛି, ଯାହା ପାଇଁ ଗ୍ରାହକମାନଙ୍କୁ କେବଳ ୧୨୩୪ ଟଙ୍କା ଦେବାକୁ ପଡିବ। ଜିଓ ଭାରତ ଫୋନ ସୁଲଭ ଇଣ୍ଟରନେଟ ସୁବିଧା ପ୍ରଦାନ କରିବା ସହିତ ମନୋରଞ୍ଜନ ଏବଂ ଦୈନନ୍ଦିନ ଆବଶ୍ୟକତାଗୁଡିକୁ ମଧ୍ୟ ପୂରଣ କରିଥାଏ। ଗ୍ରାହକମାନଙ୍କୁ ଜିଓ ହଟଷ୍ଟାର ସବସ୍କ୍ରିପଶନ, ଜିଓ ସାଭନରେ ୮ କୋଟିରୁ ଅଧିକ ଗୀତର ଉପଲବ୍ଧତା ଏବଂ ଜିଓ ଟିଭିରେ ୬୦୦ରୁ ଅଧିକ ଚ୍ୟାନେଲ ଦେଖିବାର ସୁବିଧା ମିଳିଥାଏ। ଏହା ସହିତ ଜିଓ ଭାରତ ଫୋନରେ ଜିଓ ପେ ଜରିଆରେ ଗ୍ରାହକମାନେ ୟୁପିଆଇ ଟଙ୍କା ଦେଣନେଣ କରିପାରିବେ। ବ୍ୟବସାୟ ଏବଂ ଦୋକାନୀମାନଙ୍କ ସୁବିଧା ପାଇଁ ଜିଓ ପକ୍ଷରୁ ମାଗଣା ଜିଓ ସାଉଣ୍ଡ ପେ ସୁବିଧା ମଧ୍ୟ ଉପଲବ୍ଧ କରାଯାଉଛି।




# ଜୟପୁର ବଜାରକୁ ଆସିଲା ମାରୁତି ସୁଜୁକି ଭିକ୍ଟୋରିସ

ଭୁବନେଶ୍ୱର, ୫।୧୦

ଜୟପୁର ଲିଜେଣ୍ଡ କାର୍ ପକ୍ଷରୁ ରବିବାର ମାରୁତି ସୁଜୁକିର ନୂତନ ଏସ୍‌ୟୁଭି ଭିକ୍ଟୋରିସ ଜୟପୁର ବଜାରରେ ପ୍ରବେଶ କରିଛି। ସିନେପ୍ଲେକ୍ସ ବିଲ୍ଡିଂରେ ଥିବା ଏହି ଶୋ'ରୁମ୍‌ର ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ଲିଜେଣ୍ଡ କାର ପ୍ରତିଷ୍ଠାତା ଅଶୋକ ଅଗ୍ରୱାଲ, ମପବନ ଅଗ୍ରୱାଲ, ଏହି ଗାଡିର ପ୍ରଥମ ଗ୍ରାହକ ସ୍ୱସ୍ତିକ କୁମାର ମୁନୀ ଉପସ୍ଥିତ ରହି ଗାଡିର ଅନାବରଣ କରିଥିଲେ। ଏହି କାରଟି ନିଶ୍ଚିତ ଭାବରେ ଗ୍ରାଣ୍ଡ ଭିଟାରା ଭଳି ଦେଖାଯାଉଥିଲେ ବି କିଛି ଭିନ୍ନତା ରହିଛି। ଗ୍ରାଣ୍ଡ ଭିଟାରା ନେକ୍ସା ଆଉଟଲେଟ ମାଧ୍ୟମରେ ବିକ୍ରି ହେଉଥିବା ବେଳେ ଭିକ୍ଟୋରିସ ଆରେନା ଡିଲରଶିପରେ ଉପଲବ୍ଧ। ଏହାର ଅର୍ଥ ହେଉଛି ଯେ ଭିକ୍ଟୋରିସ ଅଧିକ ଗ୍ରାହକଙ୍କ ପାଖରେ ପହଞ୍ଚିପାରିବ। ମାରୁତି ଭିକ୍ଟୋରିସର ଡିଜାଇନ ବିଷୟରେ କହିବାକୁ ଗଲେ ଏଥିରେ ପତଳା ଏବଂ ଚଉଡା ହେଡଲ୍ୟାମ୍ପ ଏବଂ ୧୭ ଇଞ୍ଚ ଆଲଏ ହ୍ୱିଲ ରହିଛି। ଯଦିଓ ଆକାର ଗ୍ରାଣ୍ଡ ଭିଟାରା ସହିତ ସମାନ ଦେଖାଯାଉଛି ମାତ୍ର ନୂତନ ଷ୍ଟାଇଲିଂ ଏହାକୁ ଅଧିକ ଆକର୍ଷଣୀୟ କରିଛି। ମାରୁତି ସୁଜୁକି ଅନେକ ପାୱାରଟ୍ରେନ ବିକଳ୍ପ ସହିତ ଭିକ୍ଟୋରିସ ପ୍ରଚଳନ କରିଛି। ଏଥିରେ ୧.୫ ଲିଟର ମାଇଲ୍ଡ ହାଇବ୍ରିଡ ପେଟ୍ରୋଲ ଇଞ୍ଜିନ ରହିଛି, ଯାହା ମାନୁଆଲ ଏବଂ ସ୍ୱୟଂଚାଳିତ ଗିଅରବକ୍ସ ବିକଳ୍ପ ସହିତ ଆସିଛି। ଏହା ବ୍ୟତୀତ ଏଥିରେ ଏକ ଶକ୍ତିଶାଳୀ ହାଇବ୍ରିଡ ପାୱାରଟ୍ରେନ ମଧ୍ୟ ଅଛି। ଯାହା ଇସିଭିଟି ଗିଅର ବକ୍ସ ସହିତ ଉପଲବ୍ଧ ବୋଲି ସୂଚନା ଦିଆଯାଇଛି। ଏହାର ମୂଲ୍ୟ ୧୦.୫ ଲକ୍ଷରୁ ୧୯.୯୯ ଲକ୍ଷ ଟଙ୍କା ରହିଛି।



# ବସ୍ତରରେ ୧୦ ହଜାର ରେଡିଓ ସେଟ୍ ବାଣ୍ଟିଲା ସିଆରପିଏଫ୍

**ଲୋକଙ୍କୁ ମାଓବାଦୀ ବିଚାରଧାରାରୁ ଦୂରେଇ ରଖିବା ଉଦ୍ଦେଶ୍ୟ**

ନୂଆଦିଲ୍ଲୀ/ବିଜାପୁର, ୫ା୧୦ (ପି.ଟି.)

ଛତିଶଗଡ଼ ବସ୍ତର ଅଞ୍ଚଳର ସୁଦୂର ମାଓବାଦୀ ହିଂସା ପ୍ରଭାବିତ ଅଞ୍ଚଳରେ ଜାତୀୟ ଚିନ୍ତାଧାରାର ପ୍ରଚାର ଓ ପ୍ରସାର ଏବଂ ସ୍ଥାନୀୟ ଲୋକଙ୍କୁ ମାଓବାଦୀ ଚିନ୍ତାଧାରାରୁ ଦୂରେଇ ରଖିବା ପାଇଁ କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ (ସିଆରପିଏଫ୍) ପକ୍ଷରୁ ଏକ ସ୍ୱତନ୍ତ୍ର ଅଭିଯାନ ଅଧୀନରେ ୧୦ ହଜାରରୁ ଅଧିକ ରେଡିଓ ସେଟ୍ ବଣ୍ଟନ କରାଯାଇଛି। ଦିଲ୍ଲୀରେ ସିଆରପିଏଫ୍‌ର ଜଣେ ବରିଷ୍ଠ ଅଧିକାରୀ ଏନେଇ ସୂଚନା ଦେଇ କହିଛନ୍ତି, ଚଳିତ ବର୍ଷ ପ୍ରାରମ୍ଭରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ୧.୭୨ କୋଟି ଟଙ୍କାର ବଜେଟ ଆବଣ୍ଟନ ସହ ବସ୍ତର ଅଞ୍ଚଳର ୭ ଜିଲାରେ ସ୍ୱତନ୍ତ୍ର ନାଗରିକ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ଏହି ଅଭିଯାନ ଅନ୍ତର୍ଗତ ସ୍ଥାନୀୟ ଲୋକଙ୍କୁ ରେଡିଓ ସେଟ୍ ପ୍ରଦାନ କରାଯାଉଛି। ରାଜ୍ୟର ବିଜାପୁର ଜିଲାରେ ଅବସ୍ଥାପିତ ସିଆରପିଏଫ୍‌ର ଜଣେ କମାଣ୍ଡର କହିଛନ୍ତି, ଅଞ୍ଚଳର ଦୁର୍ଗମ ଏବଂ ଆଭ୍ୟନ୍ତରୀଣ ଅଞ୍ଚଳରେ ଅର୍ଦ୍ଧସାମରିକ ବାହିନୀର ୧୮୦ କମ୍ପାନୀ ତୈନାତ ହୋଇଛନ୍ତି। ୧୦,୦୦୦ ରେଡିଓ ସେଟ୍ ବଣ୍ଟନ କରାଯାଇଛି। ପ୍ରତି କମ୍ପାନୀ ପକ୍ଷରୁ ମୋଟ ୬୦ଟି ରେଡିଓ ବଣ୍ଟନ କରାଯାଇଛି। ସ୍ଥାନୀୟ ଲୋକ, ଆଦିବାସୀ ଏବଂ ଗ୍ରାମବାସୀମାନଙ୍କୁ ଦେଶର ମୁଖ୍ୟସ୍ରୋତ ସହ ଯୋଡ଼ିବା ଏହି ରେଡିଓ ବଣ୍ଟନ ଅଭିଯାନର ଲକ୍ଷ୍ୟ ହୋଇଥିବା ସେ କହିଛନ୍ତି। ସିଆରପିଏଫ୍‌ର କର୍ମୀମାନେ ସ୍ଥାନୀୟ ଲୋକଙ୍କୁ ରେଡିଓରେ ପ୍ରସାରିତ ହେଉଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ମନ କୀ ବାତ୍' ସମ୍ବୋଧନ ସହ ବିଭିନ୍ନ ସରକାରୀ ଏବଂ ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଛନ୍ତି। ସେହିପରି ବସ୍ତରର ଦୁର୍ଗମ ସ୍ଥାନରେ ଅଧିକ ରେଡିଓ ଟାୱାର ସ୍ଥାପନ କରିବା ପାଇଁ ସିଆରପିଏଫ୍ ପକ୍ଷରୁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରାଯାଇଛି। ଏହାଦ୍ୱାରା ବସ୍ତରର ଦୁର୍ଗମ ଅଞ୍ଚଳରେ ରହୁଥିବା ଲୋକେ ରାଜ୍ୟ ଏବଂ ଦେଶରେ କ'ଣ ଘଟୁଛି ସେନେଇ ବିନା ସମସ୍ୟାରେ ରେଡିଓ ମାଧ୍ୟମରେ ଶୁଣିପାରିବେ। ଲୋକଙ୍କୁ ବଣ୍ଟନ କରାଯାଉଥିବା ଏହି ରେଡିଓଗୁଡ଼ିକୁ ସିଧାସଳଖ ଭାବେ ଶୁଷ୍କ ବ୍ୟାଟେରି ସାହାଯ୍ୟରେ କିମ୍ବା ବିଦ୍ୟୁତ୍ ବୋର୍ଡ ସଂଯୋଗ ମାଧ୍ୟମରେ ବ୍ୟବହାର କରାଯାଇ ପାରିବ। ପ୍ରତ୍ୟେକ ରେଡିଓ ସେଟ୍‌ର ମୂଲ୍ୟ ୧,୫୦୦ ଟଙ୍କା ହୋଇଥିବାବେଳେ ଏହା ଏଫ୍‌ଏମ୍, ଏମ୍‌ଡବ୍ଲ୍ୟୁ ଏବଂ ଏସ୍‌ଡବ୍ଲ୍ୟୁ ମୋଡ୍‌କୁ ସପୋର୍ଟ କରୁଥିବା ସେ କହିଛନ୍ତି।



# ଭାସ୍କର୍ଯ୍ୟଶିଳ୍ପୀ ଗଦାଧର ମହାପାତ୍ରଙ୍କୁ ଦିଆଯାଇଥିଲା ଶିଳ୍ପୀ ନାୟକ ଉପାଧି

**ସୂକ୍ଷ୍ମ କାରୁକାର୍ଯ୍ୟମୟ କୋଣାର୍କ ଚକ୍ରର ନକ୍ସା ପ୍ରସ୍ତୁତ କରିଥିଲେ**

ଐତିହ୍ୟର ଓଡ଼ିଶା

ଡ. ସୁରେନ୍ଦ୍ର କୁମାର ମିଶ୍ର



ପୂର୍ବ ସଂଖ୍ୟାରେ ଶ୍ରୀରାମଚନ୍ଦ୍ରଙ୍କର ବିବାହ-ଉତ୍ସବ ବିଗ୍ରହ ପ୍ରସଙ୍ଗ ଆମେ ଲେଖିଥିଲୁ। ଶିଳ୍ପୀ ଗଦାଧର ମହାପାତ୍ରଙ୍କ ନିର୍ମିତ ଏହି ବିଗ୍ରହଙ୍କୁ ଦେଖି ଶିବେଇ ସାମନ୍ତରା ଏତେ ଖୁସି ହୋଇଥିଲେ ଯେ, ଦୁଇ ଭରିର ଦୁଇଟି କୁଣ୍ଡଳ ଉପହାର ଦେବା ପାଇଁ ଘୋଷଣା କରିଥିଲେ। କଥା ଯାଇ ଗଜପତିଙ୍କ କାନରେ ପଡ଼ିଲା। ଶିବେଇ ସାମନ୍ତରା ଖୁସି ଉପରେ ତାଙ୍କର ଖୁବ୍ ଭରସା ଥିଲା। ରାଜକାର୍ଯ୍ୟ ଯୋଗୁ କୋଣାର୍କ ଆସିବା ସମ୍ଭବ ହେଲା ନାହିଁ। ରାଜସଭାରେ ଘୋଷଣା କଲେ- ଶିଳ୍ପୀ ଗଦାଧରଙ୍କୁ 'ଶିଳ୍ପୀ ନାୟକ' ଉପାଧି ଦିଆଯାଉ। ଭୁବନେଶ୍ୱର ରାଜଗୁରୁ ମହାଶ୍ରୀଙ୍କ ପକ୍ଷରୁ ଉପାଧି ପ୍ରଦାନ କରିବେ। ଶିଳ୍ପୀଙ୍କ ମୁଣ୍ଡରେ ପଗଡ଼ି ବନ୍ଧାଯିବ ଏବଂ ଦୁଇଟି ଖୁଲା କୁଣ୍ଡଳ ଉପହାର ଦିଆଯିବ। ତାହା ହୋଇଥିଲା। ସ୍ମରଣଯୋଗ୍ୟ ଯେ, ମନ୍ଦିର ନିର୍ମାଣ ଆରମ୍ଭ ପୂର୍ବରୁ ପ୍ରସ୍ତୁତି ସମୟରେ ସୂତ୍ରଧର ସଦାଶିବ ସାମନ୍ତରାଏ ଗଜପତିଙ୍କ ଅନୁମୋଦନ କ୍ରମେ ଶିଳ୍ପୀ ଗଦାଧରଙ୍କୁ 'କାର୍ଯ୍ୟକାରୀ ସ୍ଥପତି' ରୂପେ ଘୋଷଣା କରିଥିଲେ। ଶିଳ୍ପୀ ଗଦାଧର ହିଁ ମନ୍ଦିର ନିର୍ମାଣ ସ୍ଥାନ ଓ ଜଗମୋହନ ସ୍ଥାନ ନିରୂପଣ କରି ମପାଚୁପା କରିଥିଲେ। ପ୍ରଥମେ ଚିହ୍ନ ସେ ଦେଇଥିଲେ। ଶିବେଇ ସାମନ୍ତରା ତାହା ପରୀକ୍ଷା ନୀରିକ୍ଷା ପରେ ଗଦାଧରଙ୍କ ଚିହ୍ନିତ ସ୍ଥାନକୁ ଗ୍ରହଣ କରିଥିଲେ।

ଶିଳ୍ପୀ ଗଦାଧରଙ୍କ ଅବଦାନ ଶ୍ରୀପଦ୍ମକେଶର ମନ୍ଦିର ନିର୍ମାଣରେ ଗୁରୁତ୍ୱପୂର୍ଣ୍ଣ ଥିଲା। ତାହାର ଠିକ୍ ଆକଳନ କରି ଆମେ ଇତିହାସରେ ଦରଜ କରିପାରିନେ। ସେଥିପାଇଁ ବାହାରିଆ ଇତିହାସକାର ଭାବି ବସିଲେ ଓଡ଼ିଆ ଶିଳ୍ପୀ ମନ୍ଦିର ନିର୍ମାଣ କରିନାହାନ୍ତି। କୋଣାର୍କ ଚକ୍ର ଆଜି ବିଶ୍ୱପ୍ରସିଦ୍ଧ। ସୂକ୍ଷ୍ମ କାରୁକାର୍ଯ୍ୟ ପାଇଁ ଯେତିକି ସୂର୍ଯ୍ୟଙ୍କ ଗତିବିଧି, ସମୟ ନିର୍ଦ୍ଧାରଣ ଓ ଜ୍ୟୋତିର୍ବିଜ୍ଞାନ ପାଇଁ ମଧ୍ୟ ସେତିକି ପ୍ରସିଦ୍ଧ। ଏହାର ନକ୍ସା ପ୍ରଥମେ ପ୍ରସ୍ତୁତ କରିବା ପାଇଁ ଗଦାଧରଙ୍କୁ ଦାୟିତ୍ୱ ଦିଆଯାଇଥିଲା। ସେ ହିଁ ପ୍ରଥମ ନକ୍ସା ଗଜପତିଙ୍କ ସାମନାରେ ଦାଖଲ କରିଥିଲେ।

ମନ୍ଦିର ସାକାରାପଟରେ ଶ୍ରୀରବିନାରାୟଣଙ୍କର ଚାରିହାତ ଉଭତା ବିଶିଷ୍ଟ ବସିବା ବିଗ୍ରହ ଓ ଠିଆହେବା ବିଗ୍ରହ ନିର୍ମାଣ କରିଥିଲେ ଗଦାଧର। କେବଳ ସେତିକି ନୁହେଁ, ମିଥୁନ ବଣ୍ଟିତ୍ତଗୁଡ଼ିକର ପ୍ରକ୍ରିୟା ନିର୍ମାଣ କରିବା ପରେ ଶିବେଇ ସାମନ୍ତରା ମୁଖଶାଳାର ପ୍ରାଚୀର ନିର୍ମାଣ ଦାୟିତ୍ୱ ତାଙ୍କ ଉପରେ ନ୍ୟସ୍ତ କରିଥିଲେ। ମନ୍ଦିରର ଉତ୍ତର ଦିଗର ସମସ୍ତ ମୂର୍ତ୍ତି ଓ ଦକ୍ଷିଣ ଦିଗର ସମସ୍ତ ମୂର୍ତ୍ତି ନିର୍ମାଣ ଦାୟିତ୍ୱ ଗଦାଧରଙ୍କୁ ଦିଆଯିବା ପରେ ସେ ମୁଖ୍ୟ କୁଳପାଟ ସାଥୀରୁ ଗୋଷ୍ଠୀର ବାଛି ବାଛିନିଜେ ସାଙ୍ଗରେ ନେଇଥିଲେ। ନିଶା ମନ୍ଦିରର ସୂକ୍ଷ୍ମ କାମ ପାଇଁ ଶିଳ୍ପୀ ଗଦାଧର ସାଙ୍ଗରେ ଗଙ୍ଗା ମହାପାତ୍ରଙ୍କୁ ନେଇଥିଲେ।

ଆମେ ବିଷ୍ଣୁ ମହାରଣାଙ୍କ ନାମ ଅନେକ ପ୍ରସିଦ୍ଧ ଥିବାର ଜାଣିଛେ। ବିଷ୍ଣୁ ମହାରଣାଙ୍କ ନାମ ସ୍ଥଳ ବିଶେଷରେ ବିଶି ମହାରଣା ଉଲ୍ଲେଖ ଥିବାର ଦେଖାଯାଉଛି। ନିର୍ମାଣ କାର୍ଯ୍ୟରେ ତାଙ୍କର ଅବଦାନ ରହିଥିଲା। ବିଶ୍ୱ ମହାରଣାଙ୍କର ଗୋଟିଏ ପ୍ରସିଦ୍ଧ ବିଗ୍ରହ ତଳକୁ ଆସେ। ଗଜପତିଙ୍କ ୧୧ ଅଙ୍କ ଆରମ୍ଭ ଦିନ ଅର୍ଥାତ୍ ଝୁମ୍ପା ଦିନ ଗଜପତିଙ୍କର ଏକ ପଥର ପ୍ରତିମୂର୍ତ୍ତି ନିର୍ମାଣ କରି ଉପହାର ସ୍ୱରୂପ ପଠାଇଥିଲେ, ମାତ୍ର ଗଦାଧର ଏକାଧିକ ନିର୍ମାଣ କାର୍ଯ୍ୟରେ ଜଡ଼ିତ ଥିଲେ।

ମନ୍ଦିର ନିର୍ମାଣ ଆରମ୍ଭଠାରୁ ଏ ପର୍ଯ୍ୟନ୍ତ ଆମେ ଆଠଟି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟର ଦାୟିତ୍ୱ କଥା ଜାଣିଲେ। ଆଗକୁ ଆଲୋଚନା କାଳରେ ଜାଣିପାରିବା ନମସ୍ୟ ଗଦାଧର ଆହୁରି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିଥିଲେ। ମୁଖଶାଳାର ଅନୁଯାୟୀ ଶିଖରଗୁଡ଼ିକ ଗଦାଧରଙ୍କ ନିର୍ଦ୍ଦେଶନାରେ ନିର୍ମାଣ ହୋଇଥିଲା। ସାଙ୍ଗରେ ଧର୍ମପଦଙ୍କର କକା ନିଧି ମହାପାତ୍ର, ରାମ ମହାରଣାଙ୍କ ସମେତ ୧୧ଜଣଙ୍କୁ ସାଙ୍ଗରେ ନେଇଥିଲେ। ପ୍ରାଚୀରର ପଶ୍ଚିମ ଓ ଦକ୍ଷିଣ ପଟ ଗଣ୍ଡିରେ ଲାଗିଥିବା ସିଂହ ଥିଲେ ଗଦାଧରଙ୍କ କୃତୀ। ଚଉଦଜଣ ପଠୁରିଆ ତାଙ୍କୁ ଆନୁଷଙ୍ଗିକ ଭାବରେ ସହଯୋଗ କରିଥିଲେ। କୋଣାର୍କ ମନ୍ଦିରରେ ତିନୋଟି ଦିଗପାଳ ବିଗ୍ରହ ଖଞ୍ଜା ଯାଇଥିଲା। ଶାସ୍ତ୍ର ଅନୁଯାୟୀ ଦିଗପାଳ ବିଗ୍ରହଙ୍କର ନିର୍ମାତା ଥିଲେ ଗଦାଧର। ଗର୍ଭଗଣ୍ଡିରେ ବଜ୍ରମୁଣ୍ଡିଆ ଖୋଦେଇ ଥିଲା କଷ୍ଟସାଧ୍ୟ କାମ। ଫାଙ୍କିରେ ଭାରା ଉପରେ ବସି ଖୋଦେଇ କରିବାକୁ ପଡ଼ିଥିଲା। ଚଉଦଜଣ ପାଇଟିଆଙ୍କୁ ନେଇ ଶିଳ୍ପୀ ଗଦାଧର ଏହାକୁ ପାଞ୍ଚଦିନରେ ସମାପ୍ତ କରିଥିଲେ। ଦ୍ୱିତୀୟ ପାଡ଼ରେ ୧୬ଟି ଛୋଟ କନ୍ୟାମୂର୍ତ୍ତି ଲଗାଯାଇଥିଲା। ନାରାୟଣ ମହାପାତ୍ରଙ୍କ ସହିତ ଗଦାଧର ଏହି କାର୍ଯ୍ୟ ସମ୍ପୂର୍ଣ୍ଣ କରିଥିଲେ। ଆମେ ଭାସ୍କର୍ଯ୍ୟ ଶିଳ୍ପୀ ଗଦାଧରଙ୍କର ତେରଟି ଅବଦାନ ସ୍ମରଣ କଲେ। ଆଗକୁ ଆଲୋଚନା କଲେ ଜାଣିପାରିବା 'ଶିଳ୍ପୀ ନାୟକ' ଉପାଧି ଦେବାର ସାର୍ଥକତା।


## O/O THE DIVISIONAL FOREST OFFICER-CUM-DMU CHIEF SUNDARGARH FOREST DIVISION, SUNDARGARH

At/PO/Dist - Sundargarh, Pin - 770001, Odisha

**HIRING OF FMU COORDINATOR FOR ODISHA FORESTRY SECTOR DEVELOPMENT PROJECT, PHASE-II (OFSDP-II)**

**No.MM-211** : Divisional Forest Officer-cum-DMU Chief, Sundargarh Forest Division invite application from suitable candidates for the following position under Sundargarh Forest Division, for working in the Odisha Forestry Sector Development Project, Phase-II.

| Forest Division | Name of the Post | Vacancy |
|---|---|---|
| Sundargarh | **FMU-Coordinator** (Training & Process Documentation) | 1 |
| | **FMU-Coordinator** (Micro Planning & Livelihood Support) | 1 |

Interested candidates may obtain Term of Reference and the Application Form from O/o the Divisional Forest Officer-cum-DMU Chief, Sundargarh Forest Division, during the office hours or may download from the website http://ofsds.in/. Filled in application complete in all respect along with Bank Draft for Rs.500/- (Five hundred) in favour of Divisional Forest Officer-cum-DMU Chief, Sundargarh, payable at Sundargarh, should reach O/o the Divisional Forest Officer-cum-DMU Chief, Sundargarh on or before 20.10.2025, 5.00 P.M by registry post/ speed post /courier only.

**Sd./- Divisional Forest Officer-cum-DMU Chief**
**Sundargarh Forest Division**
**OIPR-08034/11/0019/2526**

GOVERNMENT OF ODISHA — No. B-579

## OFFICE OF THE SUPERINTENDING ENGINEER GANJAM (R&B) DIVISION NO. II, BERHAMPUR

Phone/Fax: 0680-2233996, e-mail: sernb2.ganjam@gmail.com

**INVITATION FOR BIDS (IFB) [e-Procurement]**
**TENDER CALL NOTICE**
**Bid Identification No. SC (R&B)-GM-II-16/2025-26**

No. — Dated: 24.09.2025

1) The Superintending Engineer, Ganjam [R&B] Division No.II, Berhampur on behalf of Governor of Odisha invites **percentage rate bid** in Single Cover System to be received in **ONLINE MODE** only for the work as detailed below:
2) Nature of Work : Road Work
3) No. of Work : 01 No.
4) Tender Cost : Rs.6,000/-
5) Class of Contractor : 'B' Class
6) Availability of bid documents in the website : From 06.10.2025 10.00 A.M. to 20.10.2025 4.00 P.M.
7) Date of opening of Bid : 22.10.2025 at 11.30 A.M.
8) The bidders have to participate in ONLINE bidding only. Further details can be seen from the website **https://tendersorissa.gov.in**.
9) The bidders must submit all the original uploaded documents within 03 days from opening of the tender.

**(Sd./- S. Panigrahi)**
**Superintending Engineer**
**Ganjam (R&B) Division No. II**
OIPR-34080/11/0034/2526

## DISTRICT PROJECT MANAGEMENT UNIT - ECRICC PROJECT
## OFFICE OF THE DIVISIONAL FOREST OFFICER
## PURI WILDLIFE DIVISION, CHAKRATIRTHA ROAD, PURI - 752002

**Advertisement Notice for Engagement of Subject Matter Specialist-Fishery for "Enhancing Climate Resilience of Indian Coastal Communities (ECRICC)" Project under PURI (WL) Division, Puri**

No. MM-213: CVs in prescribed format are invited from the interested candidates for engagement as **Subject Matter Specialist** (SMS) in **fishery (1 Number)** for the above said project. The SMS will be based at District Project Management Unit (DPMU), O/o. DFO Puri (WL) Puri or at the project location as decided by the DFO Puri (WL). The person will be responsible for implementation of Project activities in the operational area. The initial period of engagement will be 1 (One) year with renewable in nature upon satisfactory performance. The detail ToRs, eligibility criteria, remuneration etc. are available at **www.puri.odisha.gov.in/ https://forest.odisha.gov.in/ https://wildlife.odisha.gov.in** from **5th Oct. 2025 till 15th Oct. 2025**.

The signed copy of the Application Format along with necessary documents must reach the **O/o. DFO Puri (WL) latest by 5 P.M. of 15th Oct. 2025** through **Registered or Speed Post only**. No other mode of communication will be entertained. The incomplete or applications received after due date and time will summarily be rejected and not to be considered for further processing. The date, time and venue of the Selection Process will be intimated ONLY to the shortlisted candidates though E-mail provided by the candidate in the application format.

The undersigned reserves the right to accept or reject any or all applications or to postpone the selection process without assigning any reason thereof.

OIPR-08140/11/0015/2526 — **Sd./- Divisional Forest Officer, Puri Wildlife Division, Puri**


# ବଜ୍ରପାତରେ ୯ ଗୋରୁ ମୃତ

କାମାକ୍ଷାନଗର,୫ା୧୦
(ସୁଧୀର କୁମାର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା କାଦୁଆ ଗ୍ରାମ ବାଦାମଗୋଡା ନିକଟରେ ରବିବାର ଅପରାହ୍ନରେ ବଜ୍ରପାତରେ ଶବରସାହିର ୯ଗୋରୁଙ୍କ ମୃତ୍ୟୁ ହୋଇଛି। ସୂଚନା ଅନୁଯାୟୀ, ଶବରସାହିର ନର ଦେହୁରୀ, ସତ୍ୟାନନ୍ଦ ଦେହୁରୀ, ନାଟିସେ ଦେହୁରୀ, ବାବୁଲି ଦେହୁରୀଙ୍କ ଗୋରୁ ଚରିବାକୁ ଯାଇଥିଲେ। ବର୍ଷା ହେବାରୁ ସେମାନେ ଗଛମୂଳେ ଆଶ୍ରୟ ନେଇଥିଲାବେଳେ ବଜ୍ରପାତ ହୋଇଥିଲା।

# ହାତୀ ଆକ୍ରମଣରେ ବାପା ମୃତ, ଉତ୍ତେଜନା

**ଅଳ୍ପକେ ବର୍ତ୍ତିଲେ ପୁଅ**

ଦେବଗଡ଼,୫ା୧୦
(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଥାନା ଅଧୀନ କଦଳୀପାଳ ଗ୍ରାମରେ ଦନ୍ତାହାତୀ ଆକ୍ରମଣରେ ରବିବାର ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ତେବେ ଘଟଣାସ୍ଥଳରୁ ଦୌଡ଼ି ପଳାଇବାରୁ ତାଙ୍କ ପୁଅ ମୃତ୍ୟୁମୁଖରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସୂଚନା ଅନୁଯାୟୀ, କୁଣ୍ଡେଇଗୋଳା ଥାନା ଅଧୀନ ପୋଡାଡିହି ଗ୍ରାମର ଈଶ୍ୱର ପେଣ୍ଡେଇ(୬୨) ଓ ତାଙ୍କ ପୁଅ ହେମନ୍ତ ପେଣ୍ଡେଇ (୩୦) ଏକ ବାଇକ୍‌ରେ ଗାଡ଼ପାଳ-ପୋଡାଡିହି ରାସ୍ତାଦେଇ ଘରକୁ ଫେରୁଥିଲେ। ତେବେ ସେମାନେ କଦଳୀପାଳ ଗ୍ରାମରେ ପହଞ୍ଚିବା ସମୟରେ ଏକ ଜଙ୍ଗଲୀ ଦନ୍ତାହାତୀ ହାବଡ଼ରେ ପଡ଼ିଯାଇଥିଲେ। ରାସ୍ତା ଉପରେ ହାତୀକୁ ଦେଖି ସେମାନେ ବାଇକ୍ ଛାଡ଼ି ଦୌଡ଼ିଥିଲେ। ହେଲେ ହାତୀ ସେମାନଙ୍କୁ ଗୋଡାଇଥିଲା। ଈଶ୍ୱରଙ୍କୁ ନିକଟସ୍ଥ ଧାନବିଲରେ ହାତୀ ଦଳିଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ତେବେ ହେମନ୍ତ ଦୌଡ଼ି ପଳାଇ ନିଜର ଜୀବନ ବଞ୍ଚାଇଥିଲେ। ଘଟଣା ପରେ କଦଳୀପାଳ ଏବଂ ନିକଟସ୍ଥ ପୋଡାଡିହି ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏହି ଘଟଣା ପାଇଁ ସେମାନେ ବନ ବିଭାଗର ନିଷ୍କ୍ରିୟତାକୁ ଦାୟୀ କରିଛନ୍ତି। ତେବେ ଖବର ଲେଖାଯିବା ପର୍ଯ୍ୟନ୍ତ ପୋଲିସ କିମ୍ବା ବନ ବିଭାଗର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନ ଥିବାରୁ ମୃତଦେହ ଉଦ୍ଧାର ହୋଇପାରିନାହିଁ।


## ROURKELA SMART CITY LIMITED, Rourkela

Udit Nagar, Rourkela-769012, Email: rourkelascl@gmail.com
BID ID : RSCL/1413/2025 — DATE : 03/10/2025

**NOTICE INVITING TENDER NATIONAL COMPETITIVE BIDDING**

**No.C-1201** : The Chief Executive Officer, RSCL invites bids from eligible contractors for the following project :

| Sl. No | Name of the Projects | Estimated Cost of the Project Rs. |
|---|---|---|
| 1 | Storm Water Drainage at P K Das Colony on Percentage Rate Basis | 2.44 Cr. |

The Tender Fees of Rs.11,800/- to be deposited with the bid which is Non-refundable. The complete BID documents can be viewed / downloaded from official portal of Rourkela Municipal Corporation (https://www.rmc.nic.in or e-procurement portal of Odisha https://tendersodisha.gov.in from 06.10.2025 to 23.10.2025 (up to 17:00 Hrs. IST). Pre- Bid Meeting will be held on 10.10.2025 at 12.30 P.M. in the Conference Hall of RSCL. For queries, intending bidder may contact Ar. Sarthak Sourav Rath, Architect, RSCL vide Phone No. 8984353513, Email Id: rourkelascl@gmail.com.

**Sd./- Chief Executive Officer**
**Rourkela Smart City Limited**
**OIPR-13080/11/0040/2526**

## OFFICE OF THE SUPERINTENDENT SAHEED LAXMAN NAYAK MEDICAL COLLEGE AND HOSPITAL, KORAPUT

Tel. No. 06852 252121 — E-mail : supdtslnmchkpt.od@gov.in
No. 6454/2025 — Dated : 04.10.2025

**CORRIGENDUM**

**No.E-422** : This is to inform all concerned that Annexure-II (Price Schedule) of the Tender Call Notice No-5889/04.09.2025 for Refilling of Medical Gases IP has been replaced with a revised format. Interested bidders are requested to refer to the updated Annexure-II while submitting their bids. Further, the last date for receipt of Tender Papers is hereby extended to 15.10.2025 and the Technical Bid and Financial Bid will be opened on 16.10.2025 at 12.00 P.M (Noon).

All other terms and conditions of the tender remain unchanged.

**Sd./- Superintendent, SLNMCH, Koraput**
**OIPR-10121/11/0041/2526**

## ODISHA TOURISM DEVELOPMENT CORPORATION LIMITED

(A GOVT. OF ODISHA UNDERTAKING)
PANTHANIVAS (OLD BLOCK) : LEWIS ROAD : BHUBANESWAR-14

**INVITATION FOR BIDS (IFB)**
**Letter No.2000, Date : 03.10.2025**

No.CAD-1927

**NOTICE INVITATION FOR BIDS (NIFB)**
**E-Procurement Notice No. BP-I/20/2025-26 dt.03.10.2025**

1. Nature of Work : Civil, P.H, Interior & Electrical Works
2. Total No. of Works : 11 Nos.
3. Value of Works : From Rs.81,06,438.00 to 7,96,18,944.00
4. Bid Security : As per NIT
5. Class of Contractor : As per NIT
6. Period of Completion : 02 (Two) to 18 (Eighteen) Months
7. Other details as follows :

| Procurement Officer | Bid Identification No. | Availability of Bid online | | Date, Time & Place of Opening of Tender |
|---|---|---|---|---|
| Superintending Engineer O.T.D.C., Ltd., Bhubaneswar | BP-I/20/2025-26 Dt.03.10.2025 | From 10.10.2025 | To 27.10.2025 | **11.30** Hours **of dt.28.10.2025** in the office of the Superintending Engineer, OTDC Ltd., Bhubaneswar |

Further details can be seen from the Govt. Website **www.etenderodisha.gov.in**

**OIPR-37002/11/0119/2526** — **Sd./- Superintending Engineer, O.T.D.C. Ltd., Bhubaneswar**

GOVERNMENT OF ODISHA, "e"-PROCUREMENT NOTICE

## OFFICE OF THE SUPERINTENDING ENGINEER, NAYAGARH (R&B) DIVISION, NAYAGARH

**WORKS DEPARTMENT**
**Tender call Notice**

E-mail : pwdoffngd34@gmail.com

**Bid Identification No. S.E-Nayagarh (R&B) Division-Online 08/2025-26**

**No.B-575** : The **Superintending Engineer, Nayagarh (R&B) Division, Nayagarh** on behalf of Governor of Odisha inviting percentage rate bid in Single cover system in ONLINE MODE from eligible contractors for construction of Building work as detailed in the table below :

| | | |
|---|---|---|
| 1. | Nature of Work | : Building Works |
| 2. | No of Work | : 20 Nos |
| 3. | Tender Cost & EMD | : To be remitted online through a process as mentioned in DTCN |
| 4. | Class of Contractor | : As mentioned in DTCN |
| 5. | Available of Bid Document in the Website | : From **Dt.06.10.2025** 11.00 A.M. to **Dt.16.10.2025** Up to 5.00 P.M. |
| 6. | Date of opening of Bid | : Dt.17.10.2025 at 11.00 A.M. |
| 7. | The have to participate in ONLINE bidding only. Further details can be seen from the Website : https://tenderodisha.gov.in. Any Addendum/ Corrigendum/Cancellation of tender can also be seen in the said website. | |

**Sd./- Superintending Engineer,**
**Nayagarh (R&B) Division, Nayagarh**
**OIPR-34138/11/0027/2526**

GOVERNMENT OF ODISHA

## OFFICE OF THE CHIEF CONSTRUCTION ENGINEER, CENTRAL (R&B) CIRCLE, BHUBANESWAR

Mail id: seccbbsr@gmail.com

**REQUEST FOR PROPOSAL No. 06 of 2025-26**

**No. 5810 (Estg.)** — **Bhubaneswar the 3rd Oct. 2025**

No. B-580: The Chief Construction Engineer, Central (R&B) Circle, Bhubaneswar on behalf of the Governor of Odisha invites item rate bid for Training Programme of Working Engineers to be received in online bidding, single cover system for improvement works as detailed in **https://tendersodisha.gov.in**. The details of bid documents will be available in the above website from 5.00 P.M. of 06.10.2025 to 5.00 P.M. of 13.10.2025. The bidders must possess compatible Digital Signature Certificate of Class-II or III. Bids received online shall be opened at 5.30 P.M. of 13.10.2025 in the Office of the Chief Construction Engineer, Central (R&B) Circle, Bhubaneswar.

Further details can be seen from the e-procurement portal **www.tendersodisha.gov.in**.

Addendum/Corrigendum, if required, will be available only in the website.

**Sd./- Er. M.K. Mahananda**
**Chief Construction Engineer**
**Central (R&B) Circle, Bhubaneswar**
**OIPR-34156/11/0049/2526**

No.C-1207

## CUTTACK MUNICIPAL CORPORATION

**"e" PROCUREMENT NOTICE**
**Tender ID : 2025_ORULB_116784**
**Tender Call Notice No. 13062 (PW) Date : 04.10.2025**
**&**
**Tender ID : 2025_ORULB_116786 (2 Bid)**

Bid Value : Rs.5.65 Lakh to Rs.41.83 Lakhs &
Bid Value : Rs.59.28 Lakhs
Period of Completion : One Calendar Month to Three Calendar Month
Date and Time schedule :

| Start | End | Opening |
|---|---|---|
| 11.00 P.M. on dt.09.10.2025 | 5.00 P.M. on dt.20.10.2025 | 11.00 A.M. on dt.24.10.2025 |

Tender Details : Can be seen from the procurement portal : **www.tendersorissa.gov.in**

**Sd./- Executive Engineer**
**OIPR-13031/11/0227/2526** — **City Division-III, CMC**

ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର
**HOUSING & URBAN DEVELOPMENT DEPARTMENT, GOVT. OF ODISHA**

## ଜଟଣୀ ପୌର ପରିଷଦ, ଜଟଣୀ
## OFFICE OF THE MUNICIPAL COUNCIL, JATANI

ସ୍ଥାନ: ଜଟଣୀ, ଜିଲ୍ଲା: ଖୋର୍ଦ୍ଧା – ୭୫୨୦୫୦
At/P.S.: Jatani, Dist.: Khordha (Odisha), PIN - 752050
E-mail: municipalityjatni@gmail.com, Phone No. 0674-2490826
No. 5492/Jatni — Date: 04.10.2025

**EXPRESSION OF INTEREST**

No. C-1208: Sealed quotations are invited from registered Architectural Firms/Reputed Firms having valid Income Tax, GST Registration Certificates and Company Registered Certificate for **Preparation of DPR of different projects in respect of Jatni Municipality** in two cover bid. The cover 1 will contains technical bids and the cover 2 will contains the price bid. After evaluation of technical bid the financial bid of qualified bidders will be opened. The rate should be inclusive of all taxes, conveyance etc. complete in all respect. The tender paper will be available in Jatni Municipality Office on payment of Rs.1000/- (Rupees one thousand) and EMD of Rs.3,000/- (Rupees Three Thousand) in shape of Bank Draft/Cheque/Card transaction in favour of Executive Officer, Jatni Municipality payable at Jatni. The quotation will be received on or before Dt.16.10.25 at 3.00 P.M. and the bid will be opened at 4.00 P.M. in the presence of the bidders or their authorized representative. The details of quotation schedule available in office of undersigned or downloaded from **www.khordha.nic.in / www.jatnimunicipality.in**.

The undersigned reserves all rights to accept/reject any or all EOI without assigning any reason thereof.

**Sd./- Executive Officer, Jatni Municipality**
**OIPR-13041/11/0053/2526**


## ODISHA PUBLIC SERVICE COMMISSION CUTTACK

**NOTICE**

**No. 7021 / P.S.C., Dt. 04.10.2025**
**(1R-15-24/25) (DR-V)**

**Assistant Professor (Stage-I) in Physics**
**(Advertisement No.27 of 2023-24)**

**No.D-** : It is for information of all concerned that, document verification of **116 (One hundred sixteen)** candidates having PPSAN mentioned below for the post of **Assistant Professor (Stage-I) in "Physics"**, pursuant to Advertisement No.27 of 2023-24 shall be held from **14.10.2025 to 18.10.2025** as per the following programme in the Office of the Commission at 19, Dr. P. K. Parija Road, Cuttack - 753001.

### PROGRAMME OF DOCUMENT VERIFICATION

| Date | Time of verification | PPSAN |
|---|---|---|
| 14.10.2025 | 10.30 AM | P220088579, P240297893, P240301354, P240303070, P240309094, P240290893, P240313012, P220077808, P240306894, P230187139, P240300691, P240299270, P230178622 & P240305058 **= 14 Candidates** |
| | 2.30 PM | P240312943, P230179707, P240296281, P230179095, P240296291, P230176205, P240300264, P240308129, P240309075 & P230179913 **= 10 Candidates** |
| 15.10.2025 | 10.30 AM | P220039482, P240307976, P240307110, P230159159, P230176864, P240311016, P230177719, P240311903, P240306413, P240313284, P240302156, P240309710, P230175842 & P220082075 **= 14 Candidates** |
| | 2.30 PM | P240311132, P230187567, P230186134, P240296210, P230176204, P240313307, P230182899, P230186966, P240306432 & P230091128 **= 10 Candidates** |
| 16.10.2025 | 10.30 AM | P240301665, P240306758, P220084711, P240302431, P230174021, P240301761, P240304934, P230174072, P240305585, P240302159, P240311857, P230176106, P240308911 & P240306052 **= 14 Candidates** |
| | 2.30 PM | P240305907, P220088022, P230180376, P230181689, P240307902, P240301113, P230179133, P230186656, P220076692 & P240303840 **= 10 Candidates** |
| 17.10.2025 | 10.30 AM | P230178620, P240298115, P240308072, P240302719. P240308113, P240248669, P240302293, P240302766, P240303360, P230156379, P230181788, P230180846, P230182540 & P230174686 **= 14 Candidates** |
| | 2.30 PM | P230140402, P230150982, P240312113, P240303722, P230176138, P230106768, P230108411, P240307932, P230091974 & P240308933 **= 10 Candidates** |
| 18.10.2025 | 10.30 AM | P220075141, P240305755, P240312370, P230174707, P240255158, P240264675, P230178510, P240302755, P240297939, P240298470, P220041658, P240296232, P230180837 & P240238964 **= 14 Candidates** |
| | 2.30 PM | P230169078, P240296567, P240303838, P230159906, P240297468 & P220034408 **= 06 Candidates** |

The candidates are required to submit the documents as per this Office **Notice No. 4271/PSC, dt. 21.06.2025** which is available on the Website of the Commission i.e. **www.opsc.gov.in**.

The candidates are advised to report in the Office of the Commission **half an hour before the commencement of verification** on the scheduled date & time as mentioned above.

**Note: -** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the Advertisement. Mere participation in the document verification does not reserve any right for selection.

**OIPR-12002/11/0324/2526** — **Sd./- Secretary**

## ଜନ୍ମଦିନର ଶୁଭେଚ୍ଛା

ନାମ: ..........................................
ବୟସ:..........................................
ଜନ୍ମ ତାରିଖ: ..................................


ଦେବାଂଶୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବିଦର୍ଭ ଜିତିଲା ଇରାନୀ କପ୍

**ନାଗପୁର, ୫।୧୦ (ପି.ଟି.)**

ଅବଶିଷ୍ଟ ଭାରତ ଏକାଦଶକୁ ୯୩ ରନରେ ପରାସ୍ତ କରି ବିଦର୍ଭ ଇରାନୀ କପ୍ ଟାଇଟଲ ହାସଲ କରିଛି। ଯଶ ଧୂଲଙ୍କ ଚମତ୍କାର ୯୨ ରନ ସତ୍ତ୍ୱେ ବିଦର୍ଭ ବୋଲିଂ ବାହିନୀ ଅବଶିଷ୍ଟ ଭାରତ ଏକାଦଶ ବିପକ୍ଷରେ ପ୍ରଭାବୀ ସାବ୍ୟସ୍ତ ହୋଇଥିଲେ। ସେମାନେ ୯୩ ରନରେ ବିଜୟୀ ହୋଇ ଇରାନୀ କପ୍ ହାସଲ କରିପାରିଛନ୍ତି। ୩୬୧ରନର ବିଜୟ ଲକ୍ଷ୍ୟ ପିଛା କରୁଥିବା ଅବଶିଷ୍ଟ ଭାରତ ଏକାଦଶ ରବିବାର ୫ମ ତଥା ଅନ୍ତିମ ଦିବସ ଖେଳର ଦ୍ୱିତୀୟ ସେସନରେ ୨୬୭ ରନ ସ୍କୋରରେ ଅଲଆଉଟ ହୋଇଯାଇଥିଲା। ବାମହାତୀ ସ୍ପିନର ହର୍ଷ ଦୁବେ (୪/୭୩) ଓ ପେସର ଯଶ ଠାକୁର (୨/୪୭) ଦଳର ସବୁଠାରୁ ଅଧିକ କ୍ଷତି ଘଟାଇଥିଲେ। ବଦର୍ଭ ଏପର୍ଯ୍ୟନ୍ତ ଖେଳିଥିବା ସମସ୍ତ ୩ ଇରାନୀ କପ୍ ଗେମ୍‌ରେ ବିଜୟ ହାସଲ କରିପାରିଛି। ଦଳକୁ ଜିତାଇବାରେ ଦୁବେ ଓ ଠାକୁରଙ୍କର ବିଶେଷ ଭୂମିକା ରହିଛି। ଅବଶିଷ୍ଟ ଭାରତ ଏକାଦଶର ୨୦ଟି ଉଇକେଟ ମଧ୍ୟରୁ ଉଭୟେ ମିଳିତ ଭାବେ ସବୁଠାରୁ ଅଧିକ ଉଇକେଟ ଅକ୍ତିଆର କରିଛନ୍ତି। ଦୁହେଁ ଦୁଇଟି ଇନିଂସରେ ୬ଟି ଲେଖାଏ ଉଇକେଟ ଅକ୍ତିଆର କରିଛନ୍ତି। ଅନ୍ତିମ ଦିବସ ଖେଳର ସକାଳ ସେସନରେ ଅବଶିଷ୍ଟ ଭାରତ ଏକଦା ୧୩୩/୬ ସ୍କୋରରେ ସଂଘର୍ଷ ଚଳାଇଥିଲା। କିନ୍ତୁ ଧୂଲ ଓ ମାନବ ସୁଥର (୫୬) ସପ୍ତମ ଉଇକେଟରେ ମହତ୍ତ୍ୱପୂର୍ଣ୍ଣ ୧୦୪ରନ ଯୋଗ କରିବାରୁ ଦଳର ବିଜୟ ଆଶା ସଞ୍ଚାର ହୋଇଥିଲା। ମାତ୍ର ଧୂଲଙ୍କୁ ଡିପ୍ ଥାର୍ଡମ୍ୟାନ ବାଉଣ୍ଡରିରେ ଅଥର୍ବ ଟାଇଡେଙ୍କ ଦ୍ୱାରା କ୍ୟାଚ ଆଉଟ କରି ଠାକୁର ସେମାନଙ୍କ ଆଶାକୁ ଧୂଳିସାତ୍ କରିଦେଇଥିଲେ।


ଟ୍ରଫି ସହ ଚାମ୍ପିୟନ ବିଦର୍ଭ ଦଳ।

**ସଂକ୍ଷିପ୍ତ ସ୍କୋର**

ବିଦର୍ଭ : ୩୪୨ ଓ ୨୩୨।
ଅବଶିଷ୍ଟ ଭାରତ ଏକାଦଶ : ୨୧୪ ଓ(ଟାର୍ଗେଟ ୩୬୧): ୭୩.୫ ଓଭରରେ ୨୬୭/ଅଲଆଉଟ (ଯଶ ଧୂଲ-୯୨, ମାନବ ସୁଥର-୫୬, ହର୍ଷ ଦୁବେ-୪/୭୩ ଓ ଯଶ ଠାକୁର-୨/୪୭)।

## କୋହଲିଙ୍କ ସାଥୀ ଖେଳାଳି ତନ୍ମୟ-ଅଜିତେଶ ଫିଲ୍ଡ ଅମ୍ପାୟର

**କାନପୁର,୫।୧୦(ପି.ଟି.):** ଗ୍ରୀନ ପାର୍କ ଷ୍ଟାଡିୟମରେ ରବିବାର ଭାରତ ଏ' ଓ ଅଷ୍ଟ୍ରେଲିଆ ଏ' ମଧ୍ୟରେ ଖେଳାଯାଇଥିବା ତୃତୀୟ ଅନଅଫିସିଆଲ ଦିନିକିଆ ମ୍ୟାଚ୍‌ରେ ତନ୍ମୟ ଶ୍ରୀବାସ୍ତବ ଓ ଅଜିତେଶ ଅର୍ଗାଲ ଅନ୍-ଫିଲ୍ଡ ଅମ୍ପାୟର ଭାବେ ମ୍ୟାଚ୍ ପରିଚାଳନା କରିଥିଲେ। ଏହି ଦୁଇ ଫିଲ୍ଡ ଅମ୍ପାୟର ୨୦୦୮ରେ ବିରାଟ କୋହଲିଙ୍କ ନେତୃତ୍ୱରେ ୧୯ ବର୍ଷର କମ୍ ବିଶ୍ୱକପ୍ ଚାମ୍ପିୟନ ଦଳର ସଦସ୍ୟ ଥିଲେ। ୩୭ ବର୍ଷୀୟ ଅର୍ଗାଲ ଜଣେ ମିଡିୟମ ପେସର ଥିବାବେଳେ ୩୫ ବର୍ଷୀୟ ଶ୍ରୀବାସ୍ତବ ୧୯ ବର୍ଷରୁ କମ୍ ବିଶ୍ୱକପ୍‌ରେ ଦକ୍ଷିଣ ଆଫ୍ରିକା ବିପକ୍ଷ ଫାଇନାଲରେ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଦୁହେଁ କଦାପି ଭାରତୀୟ ଦଳର ଜର୍ସି ପିନ୍ଧି ପାରି ନ ଥିଲେ। ସେ ୯୦ ଫାଷ୍ଟ-କ୍ଲାସ ମ୍ୟାଚ୍ ଖେଳିଥିଲେ। ଦୁହେଁ ୨୦୨୩ରେ ବିସିସିଆଇ ଅମ୍ପାୟରିଂ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପରେ ରଣଜୀ ଟ୍ରଫି, ବିଜୟ ହଜାରେ, ସୟଦ ମୁସ୍ତାକ ଅଲୀ ଟ୍ରଫିରେ ମ୍ୟାଚ୍ ପରିଚାଳନା କରିଛନ୍ତି। ଉଭୟଙ୍କ କ୍ୟାରିୟରର ସବୁଠୁ ବଡ଼ ଉପଲବ୍ଧି ହେଲା ଅଷ୍ଟ୍ରେଲିଆ ଏ' ସିରିଜ୍‌ରେ ମ୍ୟାଚ୍ ପରିଚାଳନା କରିବା।

# ଆନିସିମୋଭା ଜିତିଲେ ଚାଇନା ଓପନ


ଆମାଣ୍ଡା ଆନିସିମୋଭା

**ବେଜିଂ, ୫।୧୦(ଏପି)**

ଆମେରିକାର ଆମାଣ୍ଡା ଆନିସିମୋଭା ଚାଇନା ଓପନ ଟେନିସ ମହିଳା ସିଙ୍ଗଲ୍ସ ଟାଇଟଲ ବିଜୟୀ ହୋଇଛନ୍ତି। ରବିବାର ଅନୁଷ୍ଠିତ ହାର୍ଡକୋର୍ଟ ଇନ୍‌ଡୋର ଟୁର୍ନାମେଣ୍ଟର ଫାଇନାଲରେ ସେ ଚେକ୍‌ରିପବ୍ଲିକ୍‌ର ଲିଣ୍ଡା ନୋସ୍‌କୋଭାଙ୍କୁ ୬-୦, ୨-୬, ୬-୨ ସେଟ୍‌ରେ ହରାଇ ଦେଇଛନ୍ତି। ଆନିସିମୋଭା ଗତଥରର ଚାମ୍ପିୟନ ତଥା ତାଙ୍କ ଦେଶର କୋକୋ ଗଫ୍‌ଙ୍କୁ ସେମିଫାଇନାଲରେ ପରାଜିତ କରିଥିଲେ। ସେ ପ୍ରଥମ ଥର ଏହି ଟାଇଟଲ ହାସଲ କରିଛନ୍ତି। ରବିବାରର ଫାଇନାଲ ମ୍ୟାଚ ଦୀର୍ଘ ୧ ଘଣ୍ଟା ୪୬ ମିନିଟ ଧରି ଚାଲିଥିଲା। ଆନିସିମୋଭା ଚଳିତବର୍ଷ ୟୁଏସ୍ ଓପନ ଓ ୱିମ୍ବଲଡନରେ ରନରଅପ୍ ହେବା ପରେ ବିଶ୍ୱ ର୍‍ୟାଙ୍କିଙ୍ଗରେ ୪ର୍ଥ ସ୍ଥାନକୁ ଉନ୍ନୀତ ହୋଇଥିଲେ। ଏଠାରେ ସେ ସିଜନରେ ତାଙ୍କର ଦ୍ୱିତୀୟ ଡବ୍ଲ୍ୟୁଟିଏ ୧୦୦୦ ଟାଇଟଲ ହାସଲ କରିଛନ୍ତି। ସୂଚନାଯୋଗ୍ୟ, ୨୦ବର୍ଷୀୟା ନୋସକୋଭା ସେମିଫାଇନାଲରେ ୩ମ୍ୟାଚ ପଏଣ୍ଟ ସେଭ୍ କରିବା ସହ ସର୍ବକନିଷ୍ଠ ଚେକ୍ ଖେଳାଳି ହିସାବରେ ଏକ ଡବ୍ଲ୍ୟୁଟିଏ ୧୦୦୦ ଇଭେଣ୍ଟର ଫାଇନାଲରେ ପ୍ରବେଶ କରିଥିଲେ।


ବିଶେଷଜ୍ଞ
ଅର୍ଶ ଭଗନ୍ଦର ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646


# ଚାଇନା ବିପକ୍ଷରେ ଦୁଇ ମ୍ୟାଚ୍ ଖେଳିବ ଭାରତ

**ନୂଆଦିଲ୍ଲୀ, ୫।୧୦(ପି.ଟି.)**

ଭାରତର ୧୭ ବର୍ଷରୁ କମ୍ ପୁରୁଷ ଦଳ ଚାଇନା ବିପକ୍ଷରେ ଦୁଇଟି ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିବ। ଏହା ଅକ୍ଟୋବର ୮ ଓ ୧୦ରେ ଜୁନ୍ଦ୍ୱାରରେ ଖେଳାଯିବ ବୋଲି ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) କହିଛି। ଏକ ସପ୍ତାହ ପୂର୍ବେ ୧୭ ବର୍ଷରୁ କମ୍ ସାଫ୍ ଚାମ୍ପିୟନଶିପ୍

**୧୭ ବର୍ଷରୁ କମ୍ ଫୁଟ୍‌ବଲ**

ଟାଇଟଲ ବିଜୟୀ ଭାରତୀୟ ଦଳ ଗୋଆରେ ଏହାର ଟ୍ରେନିଂ କ୍ୟାମ୍ପ ଜାରି ରଖିଛି। ସୋମବାର ଅକ୍ଟୋବର ୬ ସନ୍ଧ୍ୟାରେ ଦଳ ଚାଇନାରେ ପହଞ୍ଚିବ। ଉଭୟ ମ୍ୟାଚ ଚାଇନା ରାଜଧାନୀ ବେଜିଂଠାରୁ ପ୍ରାୟ ୮୦କିଲୋମିଟର ଦୂର ଜିଆନ୍‌ଘିସ୍ଥିତ ନ୍ୟାଶନାଲ ଫୁଟ୍‌ବଲ ଟ୍ରେନିଂ ସେଣ୍ଟରଠାରେ ଖେଳାଯିବ। ନଭେମ୍ବରରେ ଅହମଦାବାଦରେ ଏଏଫ୍‌ସି ୧୭ ବର୍ଷରୁ କମ୍ ଏସିଆନ କପ୍ ୨୦୨୬ କ୍ୱାଲିଫାୟର୍ସ ଅନୁଷ୍ଠିତ ହେବ। ଭାରତ ଏଥିରେ ପାଲେଷ୍ଟାଇନ, ଚାଇନିଜ ତାଇପେ, ଲେବାନନ ଓ ଇରାନକୁ ଭେଟିବ। ଏଥିଲାଗି ପ୍ରସ୍ତୁତିର ଏକ ଅଂଶବିଶେଷ ସ୍ୱରୂପ ଏହି ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍‌ର ଆୟୋଜନ କରାଯାଇଛି।

**୧୭ ବର୍ଷରୁ କମ୍ ଭାରତୀୟ ଦଳ-** ଗୋଲକିପର: ଆଦିଲ, ମାନସଜ୍ୟୋତି ବରୁଆ, ମାରୁଫ ସାଫି, ରାଜରୂପ ସର୍କାର। ଡିଫେଣ୍ଡର: ଇନ୍ଦ୍ର ରାଣା ମଗର, କୋନ୍ଥୋଜାମ କୋରୋ ମେଇତି, ଲମସଙ୍ଗଜୁଆଲା, ମହମ୍ମଦ ଆଇମାନ ବିନ୍, ୟୁମନାମ ମାଲଡିନୋ ସିଂ। ମିଡ୍‌ଫିଲ୍ଡର: ଆବ୍ରାର ଅଲି ବାବା, ଦଲାଲମୁଅନ ଗାଙ୍ଗଟେ, ନିଙ୍ଗ୍‌ଥୋଜାମ ମୁକୁନ୍ଦୋ ସିଂ, ଥଙ୍ଗୋମାଙ୍ଗ ଟୋଥାଙ୍ଗ, ଥୋକ୍‌ଚୋମ୍ ଡାଇମଣ୍ଡ ସିଂ ୟେଙ୍ଗଖୋମ୍ ନୀତିଶ କୁମାର ମେଇତି। ଫରୱାର୍ଡ: ଆଜିମ ପାର୍ଭିଜ ନାଜାର, ଆଜଲାନ ଶାହା କେଏଚ୍। ହିରାନଗାମ୍ବା ସେରାମ୍, ହୃଷୀକେଶ ଚରଣ ମାନାବତୀ, ଲସ୍‌ଭିନ୍ ରେବେଲୋ, ରାହାନ ଅହମଦ, ୱାଙ୍ଗଖିରାକ୍‌ପାମ୍ ଗନ୍‌ଲିବା।

# ଜାତୀୟ ହ୍ୱିଲ୍‌ଚେୟାର ରଗ୍‌ବୀ: ଓଡ଼ିଶା ଚାମ୍ପିୟନ

**ଭୁବନେଶ୍ୱର,୫।୧୦(ଅନାଦି କର)**

ପାରା ସ୍ପୋର୍ଟ୍ସ କ୍ଷେତ୍ରରେ ଓଡ଼ିଶା ପୁଣି ଥରେ ଏହାର ପ୍ରାଧାନ୍ୟ ପ୍ରମାଣିତ କରିଛି। ମଧ୍ୟପ୍ରଦେଶର ଗ୍ୱାଲିଅରସ୍ଥିତ ଅଟଳ ବିହାରୀ ବାଜପେୟୀ ଟ୍ରେନିଂ ସେଣ୍ଟର ଫର ଡିଜାବିଲିଟି ସ୍ପୋର୍ଟ୍ସଠାରେ ଅନୁଷ୍ଠିତ ସପ୍ତମ ଜାତୀୟ ହ୍ୱିଲଚେୟାର ରଗ୍‌ବୀ ଚାମ୍ପିୟନଶିପ୍‌ରେ ଓଡ଼ିଶା ଦଳ ଚାମ୍ପିୟନ ହୋଇଛି। ଫାଇନାଲରେ ଓଡ଼ିଶା ୧୬-୧୧ ବ୍ୟବଧାନରେ ରାଜସ୍ଥାନକୁ ପରାସ୍ତ କରି ଲଗାତର ଦ୍ୱିତୀୟ ଥର ପାଇଁ ଜାତୀୟ ଟାଇଟଲ ହାସଲ କରିଛି। ଗତ ବର୍ଷ ଓଡ଼ିଶା ଦଳ ଫାଇନାଲରେ କେରଳକୁ ପରାସ୍ତ କରିଥିଲା। ଦଳର ସ୍ଥିର ପ୍ରଦର୍ଶନ ଓଡ଼ିଶାରେ ପାରା ସ୍ପୋର୍ଟ୍ସର ଉନ୍ନତିକୁ ଦର୍ଶାଉଛି।

ଓଡ଼ିଶା ଦଳର ୩ ଖେଳାଳି ଗୌତମ ସିଂ, ସୁଧୀର ମଲିକ ଓ ମୁରଲି ବେନିଆନଙ୍କୁ ଆଗାମୀ ଅନ୍ତର୍ଜାତୀୟ ହ୍ୱିଲଚେୟାର ରଗ୍‌ବୀ କ୍ୟାମ୍ପ ଲାଗି ଚୟନ କରାଯାଇଛି। ଏଭଳି ସଫଳତା ଲାଗି ଓଡ଼ିଶା ଦଳକୁ ପାରା ସ୍ପୋର୍ଟ୍ସ ଆସୋସିଏଶନ ଅଫ୍ ଓଡ଼ିଶାର ସମ୍ପାଦକ ସୁନୀଲ ପ୍ରଧାନ ଶୁଭକାମନା ଜଣାଇ କହିଛନ୍ତି ଯେ, ଆମ ଖେଳାଳିମାନେ ପୁଣି ଥରେ ସେମାନଙ୍କ ନିଷ୍ଠା ଓ ପ୍ରତିବଦ୍ଧତା ମାଧ୍ୟମରେ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଲଗାତର ଦ୍ୱିତୀୟ ଜାତୀୟ ଟାଇଟଲ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତା ଲାଗି ଖେଳାଳିଙ୍କ ଚୟନ ପାରା ସ୍ପୋର୍ଟ୍ସରେ ଓଡ଼ିଶାର ଅଭିବୃଦ୍ଧିକୁ ଦର୍ଶାଉଛି।



ଚାମ୍ପିୟନ ଓଡ଼ିଶା ଦଳ।


# Classified Everyday
0674-2580101, 9692975378


REAL ESTATE
SALE

ଭୁବନେଶ୍ୱର ପିତାପଲ୍ଲିଛକ NH sideରେ immediate ଘରବାଲା ଭଳି ପ୍ଲଟ୍ Boundary, ଇଲେକ୍ଟ୍ରିସିଟି, ରାସ୍ତା ଥାଇ ବିକ୍ରିହେବ- 9337166296. D-1941




The massage felt totally professional & comfortable at all times-7978109255. D-76495

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**AFFIDAVIT**

By virtue of an affidavit sworn before Notary Public, Bhubaneswar, dated- 18.09.2025 I, Samir Ranjan Sahoo, resident of At- Jagirbad, P.O./P.S.- Begunia, Dist.- Khordha, Odisha-752062 declare that I have changed the name of my son Swswat Kumar Sahoo (old name) to Saswat Sahoo (new name). Henceforth, he shall be known as Saswat Sahoo (new name) for all purposes.
Samir Ranjan Sahoo
D-2190

Before the Executive Magistrate, Vyasanagar, Jajpur Road. By this deed, I the undersigned Renubala Jena, formerly called Renu Jena wife of Late- Baishnab Jena Permanent Address is At-Chorada, P.O./P.S.- Jajpur Road, Dist -Jajpur, Odisha, PIN- 755019. I here by declare that I shall at all times here after in all records, deeds and writting, proceeding, dealing and transaction private as well as whatsoever use sign the name of Renubala Jena as my name in place of and in Substitution of my former name of Renu Jena from 04.10.2025.
D-2191

**LEGAL NOTICE**

Letter No.- 1646, Dt. 19.08.2025

ମାନ୍ୟବର ଅତିରିକ୍ତ କମିଶନର, ଶ୍ରୀ ପ୍ରଦୀପ କୁମାର ନାୟକ, ଭା.ପ୍ର.ସେ., ଅତିରିକ୍ତ ରିଭିଜନ କୋର୍ଟ ନଂ.- ୪ଙ୍କ ଅଦାଲତ, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ ଦପ୍ତର କୋଠା, ଭୁବନେଶ୍ୱର
ଓ.ଏସ୍.ଏସ୍ କେସ୍ ନଂ.- ୭୯୯/୨୦୨୪
ଶ୍ରୀମତୀ ଜୟଶ୍ରୀ ତ୍ରିପାଠୀ ....ବାଦିନୀ
ବନାମ
ସେଟେଲମେଣ୍ଟ ଅଫିସର, ଜୋବ୍ରା କଟକ ଓଗେର ... ପ୍ରତିବାଦୀମାନେ

ପ୍ରାପ୍ତେଷୁ:
ପ୍ରତିବାଦୀ ନଂ.- (୬) ପଙ୍କଜିନି ବିଶ୍ୱାଳ, ସ୍ୱା- ୰ପ୍ରଭାତ କୁମାର ବିଶ୍ୱାଳ, ପ୍ଲଟ୍ ନଂ.- ୬୭୧/୨୬୯୩, ବରବାରୀ, ଜାଗମରା, ଥାନା- ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୩୦, ଜି- ଖୋର୍ଦ୍ଧା, (୭) ଗୀତାଞ୍ଜଳୀ ସାହୁ, ସ୍ୱା- ବିଷ୍ଣୁ ଚରଣ ସାହୁ, ସା- ପାଟେଣୀ ଗାଁ, ଥାନା/ଜି- ଜଗତ୍‌ସିଂହପୁର, ପିନ୍-୭୫୪୧୦୩, (୨୬) ଶ୍ରୀ ପ୍ରଭାତ କିଶୋର ଦାଶ, ପିତା- ୰ମଧୁସୂଦନ ଦାଶ, ମ୍ୟାନେଜିଂ ଡାଇରେକ୍ଟର, ବରୁଣେଇ ବିଲ୍ଡର ଆଣ୍ଡ ଡେଭଲପର୍ସ ପ୍ରା.ଲିଃ. ପ୍ଲଟ୍ ନଂ.- ୭୫୪/୧୬, ଜୟଦେବ ବିହାର, ଥା- ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୩, ଜି- ଖୋର୍ଦ୍ଧା । ... ପ୍ରତିବାଦୀମାନେ

ନୋଟିସ ସି.ପି.ସି. ଅର୍ଡର- ୫, ରୁଲ୍- ୨୦ ମୁତାବକ

ଏହିକି ଉପରୋକ୍ତ ମକଦ୍ଦମାରେ ଆପଣମାନଙ୍କ ସ୍ଥାୟୀ ଘର ଠିକଣାରେ ମାନ୍ୟବର ଅଦାଲତଙ୍କ ତରଫରୁ ନୋଟିସ ପ୍ରେରଣ କରିଥିଲେ ମଧ୍ୟ ଆପଣ ସେଠାରେ ନ ଥିବାରୁ ତାହା ଆପଣମାନଙ୍କୁ ଜାରି ହୋଇପାରୁ ନାହିଁ । ଆପଣମାନଙ୍କର ବର୍ତ୍ତମାନ ବାସସ୍ଥାନ ଠିକଣା ଆମ୍ଭଙ୍କୁ ଜଣାନାହିଁ । ଏଣୁ ଗୋଟିଏ ଓଡ଼ିଆ ଖବରକାଗଜ ନୋଟିସ ମାଧ୍ୟମରେ ଜଣାଇ ଦିଆଯାଉଅଛିକି ଆସନ୍ତା ତା୨୭।୧୦।୨୦୨୫ରିଖ ପୂର୍ବାହ୍ନ ଘ.୧୧.୩୦ମି. ସମୟରେ ଆପଣ ସ୍ୱୟଂ କିମ୍ବା ଆପଣଙ୍କ କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଅଦାଲତରେ ହାଜର ହୋଇ ଶୁଣାଣିରେ ଅଂଶଗ୍ରହଣ କରିବେ।
ଏଥକୁ ହେଳା କଲେ ଉକ୍ତ ମକଦ୍ଦମାଟି ଏକ ତରଫା ବିଚାର କରାଯିବ।

ବାଦିନୀଙ୍କ ତଫସିଲ ବୃତ୍ତି
ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା- ଚନ୍ଦକା, ମୌଜା- ଶଙ୍କରପୁର, ହାଲ୍ ବନ୍ଦୋବସ୍ତ ଖାତା ନଂ.- ୧୬୧୯, ହାଲ୍ ପ୍ଲଟ୍ ନଂ.- ୨୬୧୮, ଏରିଆ ଏ୧.୧୦୧ଡି. ସ୍ୱଧ ଏ୦.୦୪୪ଡି. କିସମ ଶାରଦ ଅଣଜଳସେଚିତ ଦୁଇ, ସ୍ୱତ୍ୱ- ସ୍ଥିତିବାନ୍, ଯାହାକି ସାବିକ ବନ୍ଦୋବସ୍ତ ଖାତା ନଂ.- ୩୧୪, ସାବିକ ପ୍ଲଟ୍ ନଂ.- ୪୭୪, ସବ୍ ପ୍ଲଟ୍ ନଂ.- ୧୩୮, ଏରିଆ ଏ୧.୬୨୫ଡି. ସ୍ୱଧ ଏ୦.୬୭୫ ଡି. ସ୍ୱଧ ଏ୦.୦୪୪ ଡି., କିସମ, ଶାରଦ ଦୁଇ, ସ୍ୱତ୍ୱ- ସ୍ଥିତିବାନ୍, ଚୌହଦି: ଉତ୍ତର- ପ୍ଲଟ୍ ନଂ.- ୪୮୨, ଦକ୍ଷିଣ- ପ୍ରସ୍ତାବିତ ରାସ୍ତା, ପୂର୍ବ - ସବ୍ ପ୍ଲଟ୍ ନଂ.- ୧୩୯, ପଶ୍ଚିମ- ପ୍ଲଟ୍ ନଂ.- ୪୭୪ ଅଂଶ।
ତା୧୯।୦୮।୨୦୨୫
ଭୁବନେଶ୍ୱର
ଅତିରିକ୍ତ କମିଶନର, ଅତିରିକ୍ତ ରିଭିଜନାଲ କୋର୍ଟ ନଂ.-୪ଙ୍କ
ଅନୁମୋଦନକ୍ରମେ
ସ୍ୱା./-କୋର୍ଟ ଅଫିସର
ସରକାରୀ ଅଫିସ, ୟୁନିଟ୍-୫, ୪ର୍ଥ ମହଲା, ବିଭାଗୀୟ ମୁଖ୍ୟ ଦପ୍ତର କୋଠା, ଭୁବନେଶ୍ୱର
ଧ-୨୧୯୨

**ମନେ ପଡ଼ନ୍ତି**

୨୪ତମ ଶ୍ରାଦ୍ଧ ଦିବସ ଉପଲକ୍ଷେ ଗଭୀର ଶ୍ରଦ୍ଧାଞ୍ଜଳି

୰ଗୋକୁଳାନନ୍ଦ ମହାନ୍ତି
ଗ୍ରାମ- ପରିୟା ପାଟପୁର, ଡି-୭, ଗ୍ରୀନ୍ ପାର୍କ, ଭୁବନେଶ୍ୱର
ଆଶ୍ୱିନ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ
ଆଜିର ଏ ପବିତ୍ର ଦିନରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସଙ୍ଗେ ସଙ୍ଗେ ଆଶୀର୍ବାଦ ଭିକ୍ଷା କରୁଅଛୁ ।
ଶୋକସନ୍ତପ୍ତ: ପୁଅ, ବୋହୂ, ଝିଅ, ଜ୍ୱାଇଁ ଓ ନାତି, ନାତୁଣୀମାନେ
Contact: 9437010088
ଧ-୭୬୦୭୭

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ଡାକ୍ତର ପ୍ରସନ୍ନ କୁମାର ରାଉତରାୟ ମହାପାତ୍ର
ନହରକଣ୍ଟା, ଭୁବନେଶ୍ୱର
ତିରୋଧାନ: ୨୭।୦୯।୨୦୨୫
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ସୁଖ ଓ ଶାନ୍ତି ନିମନ୍ତେ ପ୍ରଭୁ ଶ୍ରୀଗୋପିନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ।
ଶୋକସନ୍ତପ୍ତ: ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ
ଧ-୭୧୨୪୩


# ରସେଲ ଜିତିଲେ ସିଙ୍ଗାପୁର ଗ୍ରାଁ ପ୍ରି



ଜର୍ଜ ରସେଲ

**ସିଙ୍ଗାପୁର, ୫।୧୦ (ଏପି)**

ଜର୍ଜ ରସେଲ ରବିବାର ଅନୁଷ୍ଠିତ ସିଙ୍ଗାପୁର ଫର୍ମୁଲା ୱାନ ଗ୍ରାଁ ପ୍ରି ମୋଟର ରେସ୍ ବିଜୟୀ ହୋଇଥିବା ବେଳେ ସିଜନର ଆଉ ୬ଟି ରେସ୍ ବାକି ଥାଇ ମ୍ୟାକଲରେନ କନଷ୍ଟ୍ରକ୍ସନ ଚାମ୍ପିୟନଶିପ୍ ଜିତିପାରିଛି। ରସେଲ ପୋଲ୍ ପୋଜିଶନରୁ ରେସ୍ ଆରମ୍ଭ କରିଥିଲେ। ରେଡବୁଲ୍‌ର ମାକ୍ସ ଭର୍ଷ୍ଟାପେନ୍‌ଙ୍କୁ ପଛରେ ପକାଇ ସେ ଚଳିତ ବର୍ଷ ତାଙ୍କ ମର୍ସିଡିଜ୍ ଟିମ୍ ପାଇଁ ଦ୍ୱିତୀୟ ବିଜୟ ଆଣିଦେଇଛନ୍ତି। ମ୍ୟାକଲରେନର ଲାଣ୍ଡୋ ନୋରିସ ଓ ଓସ୍କାର ପିଆଷ୍ଟ୍ରି ଯଥାକ୍ରମେ ୩ୟ ଓ ୪ର୍ଥ ସ୍ଥାନରେ ରହିଥିଲେ। ସିଙ୍ଗାପୁର ଗ୍ରାଁ ପ୍ରି ପରେ ଡ୍ରାଇଭର୍ସ ଷ୍ଟାଣ୍ଡିଂରେ ପ୍ରଥମ ସ୍ଥାନରେ ଓସ୍କାର ପିଆଷ୍ଟ୍ରି ଓ ଲାଣ୍ଡୋ ନୋରିସଙ୍କ ମଧ୍ୟରେ ପଏଣ୍ଟ ବ୍ୟବଧାନ ୨୨ ପଏଣ୍ଟକୁ ହ୍ରାସ ପାଇଥିବା ବେଳେ ନୋରିସଙ୍କଠାରୁ ୪୧ ପଏଣ୍ଟ ପଛରେ ତୃତୀୟ ସ୍ଥାନରେ ରହିଛନ୍ତି ଭର୍ଷ୍ଟାପେନ୍। ରବିବାର ରେସ୍‌ରେ ଅନ୍ୟମାନଙ୍କ ମଧ୍ୟରେ କିମି ଆଣ୍ଟୋନେଲି (ମର୍ସିଡିଜ), ଚାର୍ଲସ ଲେକ୍‌ଲେର୍କ (ଫେରାରି), ଲୁଇସ୍ ହାମିଲଟନ (ଫେରାରି), ଫର୍ନାଣ୍ଡୋ ଆଲୋଁସୋ (ଆଷ୍ଟନ ମାର୍ଟିନ) ଅଲିଭର ବିୟରମ୍ୟାନ (ହାସ୍) ଓ କାର୍ଲୋସ ସେଞ୍ଜ୍ (ୱିଲିୟମ୍ସ) ଯଥାକ୍ରମେ ୫ମରୁ ୧୦ମ ସ୍ଥାନ ଅଧିକାର କରିଥିଲେ।

# ଅଷ୍ଟ୍ରେଲିଆ ଖେଳାଳି ଅସୁସ୍ଥ ପ୍ରସଙ୍ଗ: ସଫେଇ ଦେଲା ବିସିସିଆଇ

**କାନପୁର, ୫।୧୦(ପି.ଟି.)**

ଭାରତ ଏ' ବିପକ୍ଷ ଦିନିକିଆ ସିରିଜ୍ ଲାଗି କାନପୁରରେ ଥିବା ଅଷ୍ଟ୍ରେଲିଆ ଏ' ଦଳର ୪ ଖେଳାଳି ଅସୁସ୍ଥ ହୋଇପଡ଼ିଥିଲେ। ହେନରୀ ଥର୍ନଟନଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡିବାରୁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ବେଳେ ଅନ୍ୟ ୩ ଖେଳାଳିଙ୍କୁ ଉପଚାର କରାଯିବା ପରେ ଡିସଚାର୍ଜ କରାଯାଇଛି। ତେବେ ହୋଟେଲରେ ଖାଇଥିବା ଖାଦ୍ୟ କାରଣରୁ ଖେଳାଳିଙ୍କର ସ୍ୱାସ୍ଥ୍ୟାବସ୍ଥା ଖରାପ ହୋଇଥିବା ନେଇ କୁହାଯାଇଥିଲା। କିନ୍ତୁ ହସ୍ପିଟାଲ ଅଧିକାରୀ କିମ୍ବା ଟିମ ମ୍ୟାନେଜମେଣ୍ଟ ପକ୍ଷରୁ ଆନୁଷ୍ଠାନିକ ଭାବେ ଏହାକୁ ସ୍ପଷ୍ଟ କରାଯାଇ ନ ଥିଲା। ଏ ଘଟଣା ସଂକ୍ରାନ୍ତରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ଉପ ସଭାପତି ରାଜୀବ ଶୁକ୍ଳା ପ୍ରତିକ୍ରିୟା ରଖିଛନ୍ତି।

"ଯଦି ଖାଦ୍ୟକୁ ନେଇ କୌଣସି ସମସ୍ୟା ଥାଆନ୍ତା, ତେବେ ଭାରତୀୟ ଖେଳାଳିଙ୍କ ସମେତ ସମସ୍ତ ଖେଳାଳି ଅସୁସ୍ଥ ହୋଇଥାନ୍ତେ। ଏହା ପଛରେ ଅନ୍ୟ କିଛି କାରଣ ରହିଛି। ଖେଳାଳିଙ୍କୁ ହୋଟେଲ ଲ୍ୟାଣ୍ଡମାର୍କ ନାମକ ଏକ ଜଣାଶୁଣା ହୋଟେଲରୁ ଖାଦ୍ୟ ଦିଆଯାଉଛି। ଖାଦ୍ୟ ଠିକ୍ ଅଛି ଏବଂ ତାହାକୁ ସମସ୍ତେ ଖାଉଛନ୍ତି। ଅସୁସ୍ଥ ହୋଇଥିବା ଖେଳାଳିମାନେ କୌଣସି ପ୍ରକାର ସଂକ୍ରମଣର ଶିକାର ହୋଇଥାଇପାରନ୍ତି" ବୋଲି ଶୁକ୍ଳା କହିଛନ୍ତି।

# ପାଣିରେ ନୀରବ ହତ୍ୟାକାରୀ


ଦେବାଶିଷ ମହାନ୍ତି

''ପାନୀୟ ଜଳରେ ଆର୍ସେନିକ ବିଷକ୍ରିୟା ପାଇଁ ମନୁଷ୍ୟକୃତ ପ୍ରଭାବ ଅପେକ୍ଷା ପ୍ରାକୃତିକ ଘଟଣା ଅଧିକ ଦାୟୀ। ଯେତେବେଳେ ପାଣି ଆର୍ସେନିକଯୁକ୍ତ ପଥର ଦେଇ ପ୍ରବାହିତ ହୁଏ, ଏହା କେତେକ ସମୟରେ ଏହି ଉପାଦାନକୁ କୂଅ ଏବଂ ନଳକୂପ ଭିତରକୁ ନେଇଯାଏ। ବିପଦପୂର୍ଣ୍ଣ କଥା ହେଉଛି, ଆର୍ସେନିକ ଆମର ଇନ୍ଦ୍ରିୟ ଦ୍ୱାରା ଚିହ୍ନଟ ହୋଇପାରେ ନାହିଁ-ଏହା ସାଧାରଣ ପାଣି ପରି ଦେଖାଯାଏ ଏବଂ ସ୍ୱାଦ ଆସେ। ସେଥିପାଇଁ ଏହାକୁ 'ନୀରବ ଘାତକ' କୁହାଯାଏ।''



ଦଶହରା ସମୟରେ, ମୁଁ ମୋ ପୁଅ ଓମ୍ ତଥା ପରିବାରର ଅନ୍ୟ ସଦସ୍ୟମାନଙ୍କ ସହ ପଶ୍ଚିମବଙ୍ଗର ଏକ ଗାଁକୁ ବୁଲିବାକୁ ଯାଇଥିଲି। ସେ ଗାଁରେ ଲୋକମାନେ ଏବେ ବି ପୁରୁଣା କୂଅରୁ ପାଣି ପିଇଥାନ୍ତି। ଦିନେ ସକାଳେ, ଓମ୍ ଆନନ୍ଦର ସହ ଏକ ବାଲ୍ଟି ସ୍ଫଟିକ ପରି ସ୍ୱଚ୍ଛ ପାଣି ଉଠାଇ କହିଲେ, ''ବାପା, ଦେଖନ୍ତୁ ଏଠାରେ ପାଣି କେତେ ସ୍ୱଚ୍ଛ ଏବଂ ମଧୁର! ଆମେ ଏହାକୁ ବିନା ଦ୍ୱିଧାରେ ପିଇ ପାରିବୁ।'' ମୁଁ ହସି ହସି ତାକୁ କହିଲି, ''ନା, ଓମ୍, କେବଳ ଦେଖିବା, ଚାଖିବା କିମ୍ବା ଗନ୍ଧ ଦ୍ୱାରା ପାଣିକୁ ଶୁଦ୍ଧ ବୋଲି ବିଚାର କରାଯାଇପାରିବ ନାହିଁ – ଯେପରି ଆମେ କେବଳ ବାହ୍ୟ ଚେହେରା ଦେଖି ଜଣେ ବ୍ୟକ୍ତିଙ୍କୁ ଭଲ କି ଖରାପ ଆକଳନ କରିପାରିବୁ ନାହିଁ। ଠିକ୍ ସେହି ପରି କେତେକ ସମୟରେ ସବୁଠାରୁ ସ୍ୱଚ୍ଛ ପାଣିରେ ମଧ୍ୟ ଏକ ଘାତକ ରହସ୍ୟ ଲୁଚି ରହିଥାଏ।'' ଆଶ୍ଚର୍ଯ୍ୟ ହୋଇ ଓମ୍ ପଚାରିଲେ, ''ବାପା, ତୁମେ କ'ଣ କହିବାକୁ ଚାହୁଁଛ? ଏତେ ମଧୁର ପାଣିରେ କ'ଣ ବିପଦ ହୋଇପାରେ?'' ତା'ର ଆଗ୍ରହ ଦେଖି ମୁଁ ଟିକେ ଉତ୍ସାହିତ ହୋଇ ବୁଝାଇବାକୁ ଲାଗିଲି।

ଆର୍ସେନିକ ନାମକ ଏକ ଅତ୍ୟନ୍ତ ବିପଦପୂର୍ଣ୍ଣ ବିଷ ଅଛି। ଏହା ରଙ୍ଗହୀନ, ଗନ୍ଧହୀନ ଏବଂ ସ୍ୱାଦହୀନ। ଏହା ଆପଣଙ୍କୁ କ୍ଷତି କରିବା ଆରମ୍ଭ ନ କରିବା ପର୍ଯ୍ୟନ୍ତ ଆପଣ କେବେ ଜାଣିପାରିବେ ନାହିଁ ଯେ ଏହା ସେଠାରେ ଅଛି। ଦୁଃଖର ବିଷୟ, ବାଂଲାଦେଶ ସହ ପଶ୍ଚିମବଙ୍ଗର ବିଭିନ୍ନ ଜିଲାରେ ମଧ୍ୟ ପାନୀୟଜଳରେ ଆର୍ସେନିକ ମିଳିଛି। କେବଳ ସେତିକି ନୁହେଁ, ଆମ ରାଜ୍ୟର ରାୟଗଡ଼ା, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର ଓ ଭଦ୍ରକ ପରି ଜିଲାରେ ମଧ୍ୟ କିଛି ପରିମାଣର ଆର୍ସେନିକ ପାନୀୟ ଜଳରେ ଥିବାର ପ୍ରମାଣ ମିଳିଛି। ଏହା ଶୁଣି ଓମ୍ ଆଖି କୌତୂହଳରେ ବିସ୍ତାରିତ ହୋଇଗଲା। 'ଆର୍ସେନିକ? ଏହା କ'ଣ ଏବଂ ଏହା ଆମକୁ କିପରି କ୍ଷତି କରିପାରେ?' ସେ ପଚାରିଲେ। ଏହା ମୋତେ ତା' ସହ ଏବଂ ଆପଣଙ୍କ ସହ– ଆର୍ସେନିକର କାହାଣୀ, ଏହାର ବିପଦ ଏବଂ ଆମେ ନିଜକୁ କିପରି ସୁରକ୍ଷା ଦେଇପାରିବା ସେ ବିଷୟରେ କହିବା ପାଇଁ ସୁଯୋଗ ଦେଲା। ଆର୍ସେନିକ ହେଉଛି ଏକ ପ୍ରାକୃତିକ ଭାବରେ ମିଳୁଥିବା ମୌଳିକ ପଦାର୍ଥ ଯାହା ପୃଥିବୀ ପୃଷ୍ଠର ଗଭୀରରେ ମିଳିଥାଏ। ଏହା ପର୍ଯ୍ୟାୟ ସାରଣୀର ଯବକ୍ଷାରଜାନ ପରିବାରର ୪ର୍ଥ ପର୍ଯ୍ୟାୟରେ ଥିବା ଏକ ଉପଧାତୁ। ଏହାର ପରମାଣୁ କ୍ରମାଙ୍କ ୩୩ ଓ ପରିମାଣିକ ବସ୍ତୁ ୭୫। ପ୍ରାକୃତିକ ଖଣିଜ ଭାବେ ମିଳୁଥିବା ଆର୍ସେନିକ ଯଦିଓ ଏହାର ବିଷାକ୍ତତା ପାଇଁ ଜଣାଶୁଣା, ଅଳ୍ପ ପରିମାଣରେ ପ୍ରାଣୀମାନଙ୍କ ସ୍ୱାସ୍ଥ୍ୟ ରକ୍ଷଣରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣକରେ।

ପାନୀୟ ଜଳରେ ଆର୍ସେନିକ ବିଷକ୍ରିୟା ପାଇଁ ମନୁଷ୍ୟକୃତ ପ୍ରଭାବ ଅପେକ୍ଷା ପ୍ରାକୃତିକ ଘଟଣା ଅଧିକ ଦାୟୀ। ଯେତେବେଳେ ପାଣି ଆର୍ସେନିକଯୁକ୍ତ ପଥର ଦେଇ ପ୍ରବାହିତ ହୁଏ, ଏହା କେତେକ ସମୟରେ ଏହି ଉପାଦାନକୁ କୂଅ ଏବଂ ନଳକୂପ ଭିତରକୁ ନେଇଯାଏ। ବିପଦପୂର୍ଣ୍ଣ କଥା ହେଉଛି, ଆର୍ସେନିକ ଆମର ଇନ୍ଦ୍ରିୟ ଦ୍ୱାରା ଚିହ୍ନଟ ହୋଇପାରେ ନାହିଁ–ଏହା ସାଧାରଣ ପାଣି ପରି ଦେଖାଯାଏ ଏବଂ ସ୍ୱାଦ ଆସେ। ସେଥିପାଇଁ ଏହାକୁ 'ନୀରବ ଘାତକ' କୁହାଯାଏ। ପ୍ରାଚୀନ କାଳରୁ ଆର୍ସେନିକ୍‌ର ବିଷାକ୍ତ ପ୍ରଭାବ ଜଣାଶୁଣା। ୭୦୦ ଶତାବ୍ଦୀରେ ଜଣେ ଆରବୀ ଆଲ୍‌କେମିଷ୍ଟ ଜାବିର ପ୍ରଥମ ଥର ପାଇଁ ଆର୍ସେନିକ ଟ୍ରାଇ ଅକ୍ସାଇଡ୍‌ର ଧଳା, ସ୍ୱାଦହୀନ, ଗନ୍ଧହୀନ ପାଉଡର ପ୍ରସ୍ତୁତ କରିଥିଲେ, ଯାହା ସେ ସମୟରେ ଏକ ମାରାତ୍ମକ ବିଷ ଭୂମିକା ଗ୍ରହଣ କରୁଥିଲା। ବିଶେଷକରି ମଧ୍ୟଯୁଗର ଶାସକବର୍ଗଙ୍କ ମଧ୍ୟରେ ଆର୍ସେନିକ ଏକ ଲୋକପ୍ରିୟ ଷଡ଼ଯନ୍ତ୍ରରେ ବ୍ୟବହୃତ ହତ୍ୟା ଅସ୍ତ୍ର ଭାବରେ ଆଦୃତ ହୋଇଥିଲା। ଉନବିଂଶ ଶତାବ୍ଦୀ ସୁଦ୍ଧା ଏହା ଉତ୍ତରାଧିକାର ଚୂର୍ଣ୍ଣ (ଇନ୍‌ହେରିଟାନ୍ସ ପାଉଡର) ଡାକନାମ ହାସଲ କରିଥିଲା। ଇତିହାସର ଅନେକ ପ୍ରତିଷ୍ଠିତ ବ୍ୟକ୍ତିତ୍ୱ ଛଳନାପୂର୍ଣ୍ଣ କିମ୍ବା ଦୁର୍ଘଟଣାଜନିତ ଆର୍ସେନିକ ବିଷାକ୍ତତାର ଶିକାର ହୋଇଛନ୍ତି। ସେମାନଙ୍କ ମଧ୍ୟରେ ନେପୋଲିଅନ ବୋନାପାର୍ଟ ଏବଂ ଗ୍ରେଟ୍ ବ୍ରିଟେନର ରାଜା ଜର୍ଜ ଉଲ୍ଲେଖନୀୟ। ଏକ ତତ୍ତ୍ୱ ଅଛି ଯେ ନେପୋଲିଅନ ବୋନାପାର୍ଟ ସେଣ୍ଟ ହେଲେନା ଦ୍ୱୀପରେ କାରାବାସ ସମୟରେ ଆର୍ସେନିକ ବିଷାକ୍ତତାର ଶିକାର ହୋଇଥିଲେ ଏବଂ ମୃତ୍ୟୁବରଣ କରିଥିଲେ।

ଖାଦ୍ୟ ବିଷାକ୍ତତା ପରି ଆର୍ସେନିକ ହଠାତ୍ ଅସୁସ୍ଥତା ସୃଷ୍ଟିକରେ ନାହିଁ, ବରଂ ଏହା ବର୍ଷ ପରେ ବର୍ଷ ଶରୀର ଭିତରେ ଧୀରେ ଧୀରେ କାମକରେ। ପ୍ରଥମେ ଜଣେ ବ୍ୟକ୍ତି କେବଳ ଚର୍ମରେ କଳା କିମ୍ବା ରୁକ୍ଷ ଦାଗ ଦେଖିପାରେ। ପରେ ହାତ ଏବଂ ପାଦରେ ଯନ୍ତ୍ରଣାଦାୟକ ଘାଆ ସୃଷ୍ଟି ହୋଇପାରେ। ଧୀରେ ଧୀରେ ଏହା ଯକୃତ, ବୃକ୍କ, ଫୁସ୍‌ଫୁସ୍ ଏବଂ ସ୍ନାୟୁକୁ କ୍ଷତି ପହଞ୍ଚାଏ। ଅନେକ କ୍ଷେତ୍ରରେ, ଦୀର୍ଘକାଳୀନ ସଂସ୍ପର୍ଶରେ ରହିବା ଦ୍ୱାରା ଚର୍ମ, ଫୁସ୍‌ଫୁସ୍ କିମ୍ବା ମୂତ୍ରାଶୟ କର୍କଟ ଭଳି ମାରାତ୍ମକ ରୋଗ ହୁଏ। ଯେତେବେଳେ ଏହି ଲକ୍ଷଣଗୁଡ଼ିକ ଦେଖାଯାଏ, ସେତେବେଳକୁ ବହୁ କ୍ଷତି ହୋଇସାରିଥାଏ। ଏହାକୁ ସରଳ ଭାବରେ ବୁଝାଇବା ପାଇଁ ଆମେ ଏପରି କହିପାରିବା ଯେ କଳ୍ପନା କର ପ୍ରତ୍ୟେକ ରାତିରେ ଗୋଟିଏ ଚୋର ଚୁପ୍‌ଚାପ୍ ଆସେ। ତୁମେ ତାକୁ ଦେଖି ପାରନାହିଁ, କିନ୍ତୁ ବହୁ ବର୍ଷ ପରେ ତୁମେ ଅନୁଭବ କର ଯେ ସେ ତୁମର ସମସ୍ତ ସ୍ୱାସ୍ଥ୍ୟ ଚୋରି କରିନେଇଛି। ଏହା ଶୁଣି ଓମ୍ ଟିକେ ବିଚଳିତ ହୋଇପଡ଼ିଲା। ତା'ର ଡରକୁ ଅନୁଭବକରି ମୁଁ କହିଲି ,ଡରିବାର କିଛି ନାହିଁ। ଧନ୍ୟବାଦ ଦେବା ସଚେତନତାକୁ ଯିଏ ଏହି ବିପଦ ସହ ଲଢ଼ିବା ପାଇଁ ଆଶା ଉଦ୍ରେକ କରିଛି ଓ ବିଜ୍ଞାନକୁ ଯିଏ ଏହି ବିପଦରୁ ମୁକ୍ତିପାଇବା ପାଇଁ ପଥ ପ୍ରଦର୍ଶନ କରୁଛି। ସରଳ ପରୀକ୍ଷା ଉପକରଣ ଦ୍ୱାରା କୂଅ ଓ ନଳକୂପରେ ଆର୍ସେନିକ ଅଛି କି ନାହିଁ ତାହା ଚିହ୍ନଟ କରାଯାଇପାରିବ। ସୁରକ୍ଷିତ କୂଅଗୁଡ଼ିକୁ ସବୁଜ ଚିହ୍ନିତ କରାଯିବ ଓ ଅସୁରକ୍ଷିତ କୂଅଗୁଡ଼ିକୁ ଲାଲ ଚିହ୍ନିତ କରାଯିବ। ବର୍ଷାଜଳ ସଂରକ୍ଷଣ, ପୋଖରୀରେ ବାଲି ଶୋଧନ କିମ୍ବା ଗଭୀର ଜଳଭଣ୍ଡାର ବ୍ୟବହାରକରି ଆର୍ସେନିକ ମୁକ୍ତ ଜଳ ଯୋଗାଇ ଦିଆଯାଇପାରିବ।

ଉପଯୁକ୍ତ ମାତ୍ରରେ ଭିଟାମିନ୍ 'ଏ', 'ସି' ଏବଂ 'ଇ' ସେବନ କରିବା ଦ୍ୱାରା ଶରୀରରେ ଆର୍ସେନିକ୍ କ୍ଷତିକାରକ ପ୍ରଭାବ ହ୍ରାସ ହୋଇଥାଏ। ସଚେତନତା ଅଭିଯାନ ଦ୍ୱାରା ଲୋକମାନଙ୍କୁ ଅବଗତ କରାଯିବା ଉଚିତ ଯେ ସ୍ୱଚ୍ଛ ପାଣି ସବୁବେଳେ ନିରାପଦ ପାଣି ନୁହେଁ। ପରୀକ୍ଷଣ ହେଉଛି ପାଣିର ସ୍ୱଚ୍ଛତା ଜାଣିବାର ଏକମାତ୍ର ଉପାୟ। ମୋ କଥା ଶୁଣି, ଓମ୍ ଆଶ୍ଚର୍ଯ୍ୟ ହୋଇଗଲା ଯେ ଏହି ଅଦୃଶ୍ୟ ରସାୟନ ଏତେ ଘାତକ ହୋଇପାରେ। କିନ୍ତୁ ଯେତେବେଳେ ମୁଁ ତାଙ୍କୁ କହିଲି ଯେ ଅନେକ ଗାଁରେ ଏବେ ସମ୍ପ୍ରଦାୟ ଫିଲ୍ଟର ଏବଂ ନିରାପଦ ଜଳ ପ୍ରକଳ୍ପ ସ୍ଥାପନ ହୋଇଛି, ବୈଜ୍ଞାନିକମାନେ ନିରନ୍ତର ପ୍ରଚେଷ୍ଟା ବଳରେ ବିଭିନ୍ନ ପଦ୍ଧତି ଆବିଷ୍କୃତ ହୋଇଛି ଯାହା ଆର୍ସେନିକ ମାତ୍ରାକୁ ପାନୀୟଜଳରୁ ବିପଜ୍ଜନକ ସ୍ତରରୁ ନିମ୍ନ ସ୍ଥଳକୁ କମେଇଦେଉଛି। ଏହା ଶୁଣି ଓମ୍ ଆଶ୍ୱସ୍ତିରେ ସ୍ମିତହାସ୍ୟ କଲା। ଏହା ଦର୍ଶାଏ ଯେ ଆର୍ସେନିକ, ଯଦିଓ ଏକ ବିପଜ୍ଜନକ ଶତ୍ରୁ, ଜ୍ଞାନ, ବିଜ୍ଞାନ ଏବଂ ସମୂହ ପ୍ରୟାସ ଦ୍ୱାରା ଏହାକୁ ପରାସ୍ତ କରାଯାଇପାରିବ। ଏହା ମନେରଖିବା ଉଚିତ, ପାଣି ହେଉଛି ଜୀବନ କିନ୍ତୁ କେବଳ ସେତେବେଳେ ଯେତେବେଳେ ଏହା ପ୍ରକୃତରେ ନିରାପଦ। ଆସନ୍ତୁ, ଏହାକୁ ପରୀକ୍ଷା କରିବା, ଏହାକୁ ସୁରକ୍ଷା ଦେବା ଏବଂ ସଚେତନତା ପ୍ରସାର କରିବା, ଯାହା ଦ୍ୱାରା ଏହି ନୀରବ ହତ୍ୟାକାରୀ ଆର୍ସେନିକ କେବେ ବି ଆମ ପରିବାରକୁ କ୍ଷତି ପହଞ୍ଚାଇ ପାରିବନାହିଁ।

–ବରିଷ୍ଠ ପ୍ରାଧ୍ୟାପକ, ସ୍ନାତକୋତ୍ତର ରସାୟନ ବିଜ୍ଞାନ ବିଭାଗ, ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ, ଭୁବନେଶ୍ୱର
ମୋ: ୯୮୬୧୩୯୧୧୯୦

## ରକ୍ତରେ ସୁଗାର ସ୍ତର ଓ ଷ୍ଟ୍ରୋକ୍ ସମସ୍ୟା



ରକ୍ତରେ ସୁଗାର ବା ଶର୍କରା ପରିମାଣ ସନ୍ତୁଳିତ ରହିବା ନିହାତି ଜରୁରୀ। ଏଥିରେ ଏପଟସେପଟ ହେଲେ ତାହା ଡାଇବେଟିସ୍ ସମସ୍ୟାକୁ ବଢ଼ାଇ ଦିଏ। ତେବେ ଯଦି ଏହା ଦୀର୍ଘ ଦିନ ଧରି ଅସନ୍ତୁଳିତ ରହିଲା, ତେବେ ତାହା ଆଉ ଏକ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟାକୁ ପରୋକ୍ଷରେ ଆମନ୍ତ୍ରଣ କରିଥାଏ। ତାହା ହେଲା ଷ୍ଟ୍ରୋକ୍। ତେଣୁ ରକ୍ତରେ ଏହି ପରିମାଣ କିପରି ନିୟନ୍ତ୍ରଣରେ ରହିବ ସେ ନେଇ ଆମେ ସତର୍କ ରହିବା ନିହାତି ଦରକାର। ଦୀର୍ଘକାଳୀନ ଏଭଳି ସମସ୍ୟା ସହ ଜଡ଼ିତ କେତେଜଣ ବ୍ୟକ୍ତିଙ୍କଠାରେ ଷ୍ଟ୍ରୋକ୍ ପରି ମାରାତ୍ମକ ଲକ୍ଷଣର ସୂଚନା ସିଓଲ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଦେଖିବାକୁ ପାଇଥିଲେ। 'ଦୀର୍ଘସମୟ ଧରି ସୁଗାର ସ୍ତର ଅସନ୍ତୁଳିତ ରହିବା ଏବଂ ଷ୍ଟ୍ରୋକ୍ ସମସ୍ୟା' ଶୀର୍ଷକ ବିଷୟକୁ ନେଇ ଏମାନେ ଏକ ସର୍ଭେ କରିଥିଲେ। ଏହି ସମୟରେ ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କ ଠାରେ ଷ୍ଟ୍ରୋକ୍ ଆଶଙ୍କା କେତେ ରହୁଛି ତାହାକୁ ତନ୍ନ ତନ୍ନ କରି ସେମାନେ ତର୍ଜମା କରିଥିଲେ। ସେମାନଙ୍କ ମଧ୍ୟରୁ ପ୍ରାୟ ୩୫ ପ୍ରତିଶତ ବ୍ୟକ୍ତିଙ୍କଠାରେ ଷ୍ଟ୍ରୋକ୍‌ର ଲକ୍ଷଣ ଦେଖିବାକୁ ମିଳିଥିଲା ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

## ଜାଣିରଖନ୍ତୁ



ଆମ ଶରୀରର ପ୍ରମୁଖ ଅଙ୍ଗଗୁଡ଼ିକ ମଧ୍ୟରେ କିଡ୍‌ନୀ ଅନ୍ୟତମ। ଏହା କିପରି ଠିକ୍ ଭାବରେ ତାହାର କାର୍ଯ୍ୟ କରିପାରିବ ସେ ନେଇ ଆମେ ସଚେତନ ରହିବା ନିହାତି ଦରକାର। କେତେକ ସାମାନ୍ୟ ଭୁଲ୍ ପାଇଁ ଏହାର କାର୍ଯ୍ୟ ପ୍ରଭାବିତ ହୋଇଥାଏ। ହେଲେ କିଡ୍‌ନୀ ସମସ୍ୟା ଅଛି ବୋଲି ଯେତେବେଳେ ଜଣାପଡ଼େ ସେତେବେଳେ ନେଡ଼ିଗୁଡ଼ କହୁଣିକୁ ବୋହିଯାଇଥାଏ। କାରଣ ସେତେବେଳେକୁ ପ୍ରାୟ ୭୦ରୁ ଅଧିକ ପରିମାଣର କିଡ୍‌ନୀ ପ୍ରଭାବିତ ହୋଇସାରିଥାଏ। ଏହାର ଚିକିତ୍ସା ମଧ୍ୟ ବ୍ୟୟବହୁଳ। ତେବେ ଆପଣଙ୍କର କିଡ୍‌ନୀ ସମସ୍ୟା ଆରମ୍ଭ ହେଉଛି ବୋଲି କିପରି ଜାଣିବେ। ଏହାର କେତୋଟି ପ୍ରାରମ୍ଭିକ ଲକ୍ଷଣ ରହିଛି। କିଡ୍‌ନୀ କାର୍ଯ୍ୟ ବାଧାପ୍ରାପ୍ତ ହେଲେ ହାତଗୋଡ଼ ଫୁଲିଯାଏ। ଶରୀରର ଯୋଡ଼ା ଅଂଶଗୁଡ଼ିକରେ ଦରଜ ଅନୁଭୂତ ହୁଏ। ରକ୍ତଚାପ ଅସନ୍ତୁଳିତ ରହେ। ଦୁର୍ବଳ ଲାଗେ। ବାନ୍ତି ଉଠାଏ ଆଉ ବେଳେବେଳେ ହୁଏ ମଧ୍ୟ। ନିଃଶ୍ୱାସପ୍ରଶ୍ୱାସ ନେବାରେ ବାଧା ମଧ୍ୟ ଉପୁଜେ। ଶ୍ୱାସକ୍ରିୟାଜନିତ ଅନେକ ରୋଗ ଶରୀରରେ ଦେଖାଦିଏ। ତେଣୁ କିଡ୍‌ନୀକୁ ସୁସ୍ଥ ରଖିବା ପାଇଁ ପ୍ରଚୁର ପରିମାଣର ପାଣି ପିଇବା ଆବଶ୍ୟକ। କିଡ୍‌ନୀଜନିତ ରୋଗ ଦେଖାଗଲେ ଶରୀରରେ ୟୁରିଆ ତତ୍ତ୍ୱ ବଢ଼ିଯାଏ। ସେଥିପାଇଁ ଏହାକୁ ସନ୍ତୁଳିତ ରଖିବା ପାଇଁ ପ୍ରୋଟିନଯୁକ୍ତ ଖାଦ୍ୟ ମଧ୍ୟ ଅଧିକ ଖାଆନ୍ତୁ। ଘିଅ, କ୍ଷୀର, ମାଛ, ମାଂସ, ପନିର, ସୋୟାବିନ୍ ଆଦିରେ ପ୍ରୋଟିନ ଅଧିକ ଥାଏ। ଏହାକୁ ପ୍ରତିଦିନ ଖାଦ୍ୟରେ ସାମିଲ କରନ୍ତୁ। ଦୈନିକ ୫ଗ୍ରାମ୍ ଲୁଣ ମଧ୍ୟ ଖାଆନ୍ତୁ। ଯଦି ଧୂମପାନ କରୁଛନ୍ତି, ତେବେ ଏହାକୁ ତୁରନ୍ତ ଛାଡ଼ନ୍ତୁ, କାରଣ ଏହା ସ୍ୱାସ୍ଥ୍ୟ ତଥା କିଡ୍‌ନୀ ପ୍ରତି ବେଶି କ୍ଷତିକାରକ। ଆଉ ମଧ୍ୟ ଆପଣ ଯଦି କୌଣସି କିଡ୍‌ନୀଜନିତ ରୋଗର ଶିକାର ହୁଅନ୍ତି, ତେବେ ଯଥାଶୀଘ୍ର ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।

## ଓଜନକୁ ନିୟନ୍ତ୍ରଣରେ ରଖିବାର ସହଜ ଉପାୟ



ଓଜନ ବୃଦ୍ଧି ପାଇବା ଏବେ ପ୍ରାୟ ଏକ ସାଧାରଣ କଥା ପାଲଟି ଗଲାଣି। ତେବେ ଏଥିପାଇଁ ଆମକୁ ଖାଦ୍ୟପେୟ, ବ୍ୟାୟାମ ଆଦି ଉପରେ ଗୁରୁତ୍ୱ ଦେବାକୁ ପଡିଥାଏ। ତେବେ ଏଭଳି ଏକ ଖାଦ୍ୟ ଅଛି ଯାହାକୁ ନିୟମିତ ଖାଇଲେ ଓଜନ କେତେକାଂଶରେ ନିୟନ୍ତ୍ରଣରେ ରହିଥାଏ। ତାହା କ'ଣ ଜାଣନ୍ତି? ଗାଜର। ଏଥିରେ ଅନେକ ପ୍ରକାର ଉପକାରୀ ତତ୍ତ୍ୱ ଭରି ରହିଛି। ଏହାକୁ ଖାଇଲେ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ିବା ସହ ଅସ୍ଥି ମଜଭୂତ ରହିଥାଏ। ଗାଜରରେ କାରୋଟିନ୍ ନାମକ ଏକ ଉପାଦାନ ରହିଛି, ଯାହା ଦୃଷ୍ଟି ଶକ୍ତି ପାଇଁ ବେଶ୍ ଉପକାରୀ। ଏଥିରେ ଭିଟାମିନ୍-ସି ଥିବାରୁ ତାହା ଶରୀରରେ ଆଣ୍ଟିବଡି ଗଠନକରି ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ। ଗାଜରରେ ପୋଟାସିୟମ ଓ କ୍ୟାଲ୍‌ସିୟମର ମାତ୍ରା ମଧ୍ୟ ରହିଛି। ଏଥିରେ ଏଭଳି ତତ୍ତ୍ୱ ରହିଛି, ଯାହା ହୃତ୍‌ପିଣ୍ଡ ପାଇଁ ମଧ୍ୟ ଲାଭପ୍ରଦ ସାବ୍ୟସ୍ତ ହୋଇଥାଏ। ଏଥିରେ ଫାଇବର ପ୍ରଚୁର ପରିମାଣରେ ରହିଛି। କଞ୍ଚା ଗାଜର ଖାଇବା ଦ୍ୱାରା ଦାନ୍ତ ଶକ୍ତ ହୋଇଥାଏ। ଏହା ଚର୍ମକୁ ସତେଜ ରଖିବା ସହ କେଶ ଝଡ଼ିବାକୁ ଦେଇ ନ ଥାଏ।

## ମାନସିକତା ସକାରାତ୍ମକ ଥିଲେ...



ହୃତ୍‌ପିଣ୍ଡ ବା ହାର୍ଟ ଆମ ଶରୀରର ଏକ ପ୍ରମୁଖ ତଥା ଦରକାରୀ ଅଙ୍ଗ। ଦୈନନ୍ଦିନ ଜୀବନରେ ଏହା ସୁସ୍ଥ ରହିଲେ ଆମେ ନୀରୋଗ ରହିବା। ତେବେ କେତେକ କାରଣରୁ ହାର୍ଟ ପ୍ରଭାବିତ ହେବା ଦ୍ୱାରା ଆମେ ଅନେକ ସମୟରେ ହୃଦ୍‌ଜନିତ ସମସ୍ୟାର ସମ୍ମୁଖୀନ ହେଉଛେ। ତେବେ ହାର୍ଟ କିପରି ସୁସ୍ଥ ରହିବ ସେ ବିଷୟରେ ଆମେ ସଚେତନ ହେବା ନିହାତି ଜରୁରୀ। ଏ ନେଇ ଏକ ସରଳ ତଥା ସହଜ ଉପାୟ ରହିଛି। ଯଦି ଜଣେ ବ୍ୟକ୍ତି ନିଜର ମାନସିକତାକୁ ଅଧିକାଂଶ ସମୟ ସକାରାତ୍ମକ ରଖନ୍ତି, ତେବେ ତାଙ୍କର ହାର୍ଟ ଆହୁରି ସକ୍ରିୟ ଭାବେ କାର୍ଯ୍ୟ କରିବ। ଏଭଳି ସିଦ୍ଧାନ୍ତରେ ଉପନୀତ ହେବା ପୂର୍ବରୁ ଲଣ୍ଡନ ୟୁନିଭର୍ସିଟିର ବିଶେଷଜ୍ଞମାନେ ଏକ ସର୍ଭେ ଆରମ୍ଭ କରିଥିଲେ। ଏହାର ଅନ୍ତର୍ଭୁକ୍ତ ବ୍ୟକ୍ତିମାନଙ୍କର ମାନସିକତାକୁ ତର୍ଜମା କରାଯାଇଥିଲା। ଏଥିରୁ ଜଣାପଡ଼ିଥିଲା, ଯେଉଁମାନଙ୍କର ମାନସିକତା ଅଧିକାଂଶ ସମୟ ସକାରାତ୍ମକ ରହୁଛି, ସେମାନଙ୍କର ହାର୍ଟ ଅଧିକ ସକ୍ରିୟ ଭାବରେ କାମ କରୁଛି। ତେଣୁ ଜଣେ ବ୍ୟକ୍ତି ଯେତେ ସମ୍ଭବ ନିଜକୁ ଚାପମୁକ୍ତ ରଖିବା ସହ ନିଜର ମାନସିକତାକୁ ସକାରାତ୍ମକ ରଖିବା ପାଇଁ ସେମାନେ ପରାମର୍ଶ ଦେଇଛନ୍ତି।

## ଆଲର୍ଜି ସମସ୍ୟା ଥିଲେ...



ଆପଣ ଆଲର୍ଜିଜନିତ ସମସ୍ୟା ସହ ଜଡ଼ିତ କି? ଯଦି ହଁ, ତେବେ ଏ ନେଇ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ। ତା' ସହ ସେ ପ୍ରେସ୍‌କ୍ରିପସନରେ ଉଲ୍ଲେଖ କରିଥିବା ମେଡିସିନ ଖାଆନ୍ତୁ। ହେଲେ ଏପରି କେତେକ ସହଜ ଉପାୟ ରହିଛି, ଯାହାକୁ ଅନୁସରଣକଲେ ଆଲର୍ଜିରୁ କେତେକାଂଶରେ ଉପଶମ ମିଳିପାରିବ। ଏ ନେଇ ନିକଟରେ ଲଣ୍ଡନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ। ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କୁ ସେ ନିୟମିତ ଭିଟାମିନ୍ 'ଇ'ଯୁକ୍ତ ଖାଦ୍ୟ ଖାଇବାକୁ ପରାମର୍ଶ ଦେଇଥିଲେ। ଅନ୍ୟପକ୍ଷରେ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ସେମାନଙ୍କ ଶରୀରରେ ଆଲର୍ଜି ପରିମାଣ କେତେ ରହୁଛି ତାହାକୁ ମଧ୍ୟ ପରୀକ୍ଷା କରାଯାଇଥିଲା। ଏଥିରୁ ଜଣାପଡ଼ିଥିଲା ଯେ, ନିୟମିତ ଭିଟାମିନ୍ 'ଇ'ଯୁକ୍ତ ଖାଦ୍ୟ ଖାଇବା ଦ୍ୱାରା ସେମାନଙ୍କ ମଧ୍ୟରୁ ପ୍ରାୟ ୪୦ ପ୍ରତିଶତ ବ୍ୟକ୍ତି ଆଲର୍ଜି ସମସ୍ୟାରୁ କେତେକାଂଶରେ ଉପଶମ ପାଇପାରିଥିଲେ। ଗଜାମୁଗ, ଗଜାବୁଟ, ସୂର୍ଯ୍ୟମୁଖୀ ତେଲ, ପାଳଙ୍ଗ ଶାଗ, ଚିନାବାଦାମ ଆଦିରେ ଭିଟାମିନ୍ 'ଇ' ପ୍ରଚୁର ମାତ୍ରାରେ ଭରି ରହିଛି।

## ସ୍ୱାସ୍ଥ୍ୟ ସୂଚନା

➔ଆପଣଙ୍କର ଅଣ୍ଟାଜନିତ ସମସ୍ୟା ରହିଛି କି? ଯଦି ହଁ, ତେବେ ବସିବା-ଉଠିବା ସମୟରେ ସତର୍କତା ଅବଲମ୍ବନ କରନ୍ତୁ। ତା' ସହ ନିୟମିତ ସମୟ ବ୍ୟବଧାନରେ ଅଭିଜ୍ଞ ଅସ୍ଥିଶଲ୍ୟ ବିଶେଷଜ୍ଞଙ୍କ ସହ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ।

➔ପ୍ରତିଦିନ କିଛି ସମୟ ଯୋଗ, ପ୍ରାଣାୟାମ ଆଦି କରନ୍ତୁ। ଏହାଦ୍ୱାରା ମାନସିକତା ସକାରାତ୍ମକ ରହିବା ସହ ମନକୁ କେତେକାଂଶରେ ଶାନ୍ତି ମିଳିଥାଏ।

➔ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଦାନ୍ତ, ଚକ୍ଷୁ ପରୀକ୍ଷା କରାଇନେବା ଭଲ।

➔ଯଦି ଆପଣ ଦୀର୍ଘକାଳୀନ ରୋଗରେ ପୀଡ଼ିତ ତେବେ ପୁରୁଣା ପ୍ରେସ୍‌କ୍ରିପ୍‌ସନଗୁଡ଼ିକୁ ଏକ ଫାଇଲରେ ରଖନ୍ତୁ। କାରଣ ଦରକାର ପଡ଼ିଲେ ଏଗୁଡିକ କାମରେ ଆସିପାରେ।

➔ଡାକ୍ତର ଲେଖିଥିବା କୌଣସି ଔଷଧକୁ ନେଇ ମନରେ ଯଦି କିଛି ସନ୍ଦେହ ସୃଷ୍ଟି ହେଉଛି ତେବେ ସେଠାରେ ହିଁ ଡାକ୍ତରଙ୍କୁ ପଚାରି ତାହାକୁ ଦୂର କରନ୍ତୁ।

➔ବୟସ ଯଦି ୪୦ ଟପିଲାଣି ତେବେ ନିଜର ସ୍ୱାସ୍ଥ୍ୟ ପ୍ରତି ଅଧିକ ସଚେତନ ରୁହନ୍ତୁ।

➔ଘରେ ଯଦି ଫାଷ୍ଟ-ଏଡ୍ ବକ୍ସ ରଖିଛନ୍ତି ତେବେ ସେଥିରେ ଥିବା ଆବଶ୍ୟକ ସରଞ୍ଜାମ ଠିକ୍ ଅଛି କି ନାହିଁ ମଝିରେ ମଝିରେ ଦେଖି ନିଅନ୍ତୁ। ନ ହେଲେ ଆବଶ୍ୟକ ପଡ଼ିଲେ ଯଦି ତାହା ନ ଥାଏ ତେବେ ଅସୁବିଧାର ସମ୍ମୁଖୀନ ହେବା ଆଶଙ୍କା ରହିଛି।



## ରକ୍ତ ଚନ୍ଦ୍ରମା



(ଶେଷ ଭାଗ)

ବିଜ୍ଞାନର ମତ ଅନୁସାରେ, ପୃଥିବୀର କକ୍ଷତଳ ଓ ଚନ୍ଦ୍ରର କକ୍ଷତଳ ଏକ ନୁହନ୍ତି; ବରଂ ଚନ୍ଦ୍ରର କକ୍ଷତଳ ପୃଥିବୀର କକ୍ଷତଳ ପ୍ରତି ୫.୨୦ ଡିଗ୍ରୀ କୋଣରେ ଢଳିକରି ରହିଛି। ଫଳରେ ଚନ୍ଦ୍ରର କକ୍ଷ ପୃଥିବୀର କକ୍ଷକୁ ଦୁଇଟି ବିନ୍ଦୁରେ ଛେଦକରେ। ଏ ଦୁଇଟି ବିନ୍ଦୁକୁ ରାହୁ ବିନ୍ଦୁ ଓ କେତୁ ବିନ୍ଦୁ ବୋଲି କୁହାଯାଏ। ଆମ ହିନ୍ଦୁ ବିଶ୍ୱାସରେ ଏହି ରାହୁ ଓ କେତୁଙ୍କୁ ନବଗ୍ରହଙ୍କ ମଧ୍ୟରୁ ଦୁଇଟି ଗ୍ରହ ବୋଲି ଧରାଯାଏ। ଏଗୁଡ଼ିକର ପ୍ରକୃତରେ କୌଣସି ବାସ୍ତବିକ ଅବସ୍ଥାନ ନାହିଁ, ଏ ଦୁଇଟି ବରଂ ଦୁଇଟି କାଳ୍ପନିକ ବିନ୍ଦୁ। ଚନ୍ଦ୍ର ନିଜ କକ୍ଷପଥରେ ଘୂରି ଘୂରି ଏ ଦୁଇଟି ବିନ୍ଦୁ ନିକଟକୁ ଆସିଗଲେ ପୃଥିବୀର କକ୍ଷତଳକୁ ଆସିଯାଏ ଏବଂ ସୂର୍ଯ୍ୟ ସହ ଏ ଦୁଇ ପିଣ୍ଡ ଏକ ସରଳରେଖାରେ ଅବସ୍ଥାନ କରନ୍ତି। ଏହି ସମୟରେ ହିଁ ଚନ୍ଦ୍ର ଗ୍ରହଣ ହେବାର ସମ୍ଭାବନା ଥାଏ। ଏହି ସମୟରେ ଚନ୍ଦ୍ର ଉକ୍ତ ବିନ୍ଦୁଠାରୁ ଅବସ୍ଥାନ କରୁଥିବା ଦୂରତା ଉପରେ ଉପରେ ନିର୍ଭରକରି ଗ୍ରହଣର ପ୍ରକାରଭେଦ (ଆଂଶିକ କିମ୍ବା ସମ୍ପୂର୍ଣ୍ଣ) ଏବଂ ଗ୍ରହଣର ସମୟସୀମା ନିର୍ଦ୍ଧାରିତ ହୋଇଥାଏ।

ବର୍ଷକୁ ଦୁଇରୁ ଚାରି ଥର ସମ୍ପୂର୍ଣ୍ଣ ଚନ୍ଦ୍ରଗ୍ରହଣ ହୋଇଥାଏ ଯାହା ପୃଥିବୀର ଅର୍ଦ୍ଧାଂଶରେ ଦୃଶ୍ୟ ହୁଏ। ସମ୍ପୂର୍ଣ୍ଣ ଚନ୍ଦ୍ରଗ୍ରହଣ କେବଳ ପୃଥିବୀ ଗ୍ରହରେ ହିଁ ଦୃଶ୍ୟ ହୁଏ; ଅନ୍ୟ କୌଣସି ଗ୍ରହରେ ଦୃଶ୍ୟ ହୁଏ ନାହିଁ। ଚନ୍ଦ୍ରର ଉପଯୁକ୍ତ ଆକାର ଓ ଦୂରତା ହେତୁ ପୃଥିବୀର ଛାୟା ଚନ୍ଦ୍ର ଉପରେ ପଡ଼ି ଚନ୍ଦ୍ରକୁ ସମ୍ପୂର୍ଣ୍ଣ ଢାଙ୍କି ଦେଇପାରେ। ମାତ୍ର ଅନ୍ୟ କୌଣସି ଗ୍ରହରେ ଗ୍ରହର ଛାୟା ନିଜର ଚନ୍ଦ୍ରକୁ ସମ୍ପୂର୍ଣ୍ଣ ଢାଙ୍କିପାରେ ନାହିଁ। ନାସାର ସୂଚନା ଅନୁସାରେ, ଭବିଷ୍ୟତରେ ପୃଥିବୀରେ ଆଉ ସମ୍ପୂର୍ଣ୍ଣ ଚନ୍ଦ୍ରଗ୍ରହଣ କିମ୍ବା ରକ୍ତ ଚନ୍ଦ୍ରମା ଦେଖିବାକୁ ମିଳିବ ନାହିଁ। ଏହାର କାରଣ, ଚନ୍ଦ୍ର ପୃଥିବୀଠାରୁ କ୍ରମଶଃ ଦୂରେଇ ଦୂରେଇ ଯାଉଛି। ଏକ ଗଣନା ଅନୁସାରେ ଚନ୍ଦ୍ର ପୃଥିବୀଠାରୁ ବାର୍ଷିକ ୪ ସେ.ମି. ଦୂରକୁ ଘୁଞ୍ଚି ଘୁଞ୍ଚି ଯାଉଛି। ଏହି ଧାରା ଅବ୍ୟାହତ ରହିଲେ ଦିନ ଆସିବ, ପୃଥିବୀର ଗାଢ଼ ଛାୟା ଦୂରେଇ ଯାଉଥିବା ଚନ୍ଦ୍ରକୁ ଆଉ ସମ୍ପୂର୍ଣ୍ଣ ଢାଙ୍କିପାରିବ ନାହିଁ ଏବଂ ସମ୍ପୂର୍ଣ୍ଣ ଚନ୍ଦ୍ରଗ୍ରହଣ ଆଉ ଦେଖିବାକୁ ମିଳିବ ନାହିଁ।

ଏକ ସମ୍ପୂର୍ଣ୍ଣ ସୂର୍ଯ୍ୟୋପରାଗ ଓ ସମ୍ପୂର୍ଣ୍ଣ ଚନ୍ଦ୍ର ଗ୍ରହଣ ମଧ୍ୟରେ କିଛିଟା ପାର୍ଥକ୍ୟ ଅଛି। ଏକ ସମ୍ପୂର୍ଣ୍ଣ ସୂର୍ଯ୍ୟୋପରାଗ ପୃଥିବୀର କେବଳ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ଦୃଶ୍ୟ ହେଉଥିଲା ବେଳେ ସମ୍ପୂର୍ଣ୍ଣ ଚନ୍ଦ୍ରଗ୍ରହଣ ପୃଥିବୀ ସାରା ଦୃଶ୍ୟ ହୋଇଥାଏ। ଏକ ସମ୍ପୂର୍ଣ୍ଣ ସୂର୍ଯ୍ୟୋପରାଗ ମାତ୍ର ୧ କିମ୍ବା ୨ ମିନିଟ୍ ପାଇଁ ଦୃଶ୍ୟ ହେଉଥିଲା ବେଳେ ସମ୍ପୂର୍ଣ୍ଣ ଚନ୍ଦ୍ରଗ୍ରହଣ କିନ୍ତୁ ସର୍ବାଧିକ ଦୀର୍ଘ ୨ ଘଣ୍ଟା ପର୍ଯ୍ୟନ୍ତ ଦୃଶ୍ୟ ହୋଇଥାଏ; ଯେହେତୁ ଚନ୍ଦ୍ରର ଛାୟା ପୃଥିବୀର ଛାୟା ତୁଳନାରେ ଯଥେଷ୍ଟ ଛୋଟ। ପୁଣି ସମ୍ପୂର୍ଣ୍ଣ ସୂର୍ଯ୍ୟୋପରାଗକୁ ଖାଲି ଆଖିରେ ଦେଖିବା ନିରାପଦ ନ ଥିଲା ବେଳେ ସମ୍ପୂର୍ଣ୍ଣ ଚନ୍ଦ୍ରଗ୍ରହଣକୁ କିନ୍ତୁ ଖାଲି ଆଖିରେ ଦେଖିବା ସମ୍ଭବ ହୋଇଥାଏ।

ସୁତରାଂ ସମ୍ପୂର୍ଣ୍ଣ ଚନ୍ଦ୍ରଗ୍ରହଣ କିମ୍ବା ରକ୍ତ ଚନ୍ଦ୍ରମା ଏକ ନିଚ୍ଛକ ମହାକାଶୀୟ ଘଟଣା ହୋଇଥିବାରୁ ଆମେ ଏ ନେଇ କୌଣସି ଅନ୍ଧବିଶ୍ୱାସର ବଶବର୍ତ୍ତୀ ହେବା ଉଚିତ ନୁହେଁ। ଏହା ଏକ ବିରଳ ମହାକାଶୀୟ ଘଟଣା ହୋଇଥିବାରୁ ଏଥିରେ ନ ଡରି ବରଂ ଏହାକୁ ଆକାଶରେ ବୈଜ୍ଞାନିକ ଦୃଷ୍ଟିକୋଣରୁ ପର୍ଯ୍ୟବେକ୍ଷଣ କରିବା ଉଚିତ।

–ନିକୁଞ୍ଜ ବିହାରୀ ସାହୁ
ଏଜୁକେଶନ ଅଫିସର, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱର
ମୋ : ୮୯୧୭୬୩୭୯୭୪

ଧରିତ୍ରୀ 51 Years

ଧରିତ୍ରୀ
DHARITRI

www.orissakhabar.com/ www.dharitri.com | ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. | ଭୁବନେଶ୍ୱର, ସୋମବାର, ଅକ୍ଟୋବର ୬/୨୦୨୫ | Bhubaneswar, Monday, October 6/ 2025







# ପାକିସ୍ତାନକୁ ୮୮ ରନରେ ହରାଇଲା ଭାରତ

**କଲମ୍ବୋ,୫।୧୦**

ଚଳିତ ମହିଳା ଦିନିକିଆ କ୍ରିକେଟ ବିଶ୍ୱକପ୍‌ରେ ରବିବାର ଆର ପ୍ରେମଦାସା ଷ୍ଟାଡିୟମରେ ଖେଳାଯାଇଥିବା ଏକ ହାଇଭୋଲ୍ଟେଜ ମ୍ୟାଚ୍‌ରେ ଭାରତ ୮୮ ରନରେ ପାକିସ୍ତାନକୁ ପରାସ୍ତ କରିଛି। ଦିନିକିଆ ଫର୍ମାଟରେ ପାକିସ୍ତାନ ବିପକ୍ଷରେ ଏହା ଭାରତର ୧୨ତମ ବିଜୟ। ଭାରତୀୟ ଦଳ ଚଳିତ ବିଶ୍ୱକପ୍‌ରେ ଲଗାତର ଦ୍ୱିତୀୟ ବିଜୟ ସହ ପଏଣ୍ଟ ଟେବୁଲର ଶୀର୍ଷକୁ

**ଆଇସିସି ମହିଳା ବିଶ୍ୱକପ୍**

ଉନ୍ନୀତ ହୋଇଛି। ମ୍ୟାଚ୍‌ରେ ଭାରତ ପାଇଁ ଉଲ୍ଲେଖନୀୟ ବୋଲିଂ କରିଥିବା କ୍ରାନ୍ତି ଗୌଡ଼ଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି।

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୫୦ ଓଭରରେ ୨୪୭ ରନ କରି ଅଲଆଉଟ୍ ହୋଇଯାଇଥିଲା। ଦଳ ପାଇଁ ହର୍ଲିନ ଦେଓଲ ସର୍ବାଧିକ ୪୬ (୪ ଚୌକା ଓ ୧ ଛକା), ରିଚା ଘୋଷ ଅପରାଜିତ ୩୫ (୩ ଚୌକା ଓ ୨ ଛକା), ଜେମିମା ରୋଡ୍ରିଗୁଏଜ ୩୨ (୫ ଚୌକା) ଓ ପ୍ରତିକା ରାୱଲ ୩୧ (୫ ଚୌକା) ରନ କରିଥିଲେ। ପାକିସ୍ତାନ ପକ୍ଷରୁ ଡାଏନା ବେଗ ସର୍ବାଧିକ ୪ ଉଇକେଟ ନେଇଥିବା ବେଳେ ଅଧିନାୟିକା ଫାତିମା ସାନା ଓ ସାଦିଆ ଇକବାଲ ୨ ଲେଖାଏ ଉଇକେଟ ହାତେଇ ଥିଲେ। ଜବାବରେ ଆରମ୍ଭରୁ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବା ପାକିସ୍ତାନ ୪୩ ଓଭରରେ ୧୫୯ ରନରେ ଅଲଆଉଟ୍ ହୋଇଯାଇଥିଲା। ଦଳ ପାଇଁ ସିଦ୍ରା ଆମିନ ୮୧ (୯ ଚୌକା ଓ ୧ ଛକା) ଓ ନାଟାଲିଆ ପରଭେଜ ୩୩ (୪ ଚୌକା)ଙ୍କୁ ଛାଡ଼ି ଦେଲେ ଅନ୍ୟ କେହି ଦୁଇ ଅଙ୍କ ସ୍କୋର ଛୁଇଁ ପାରି ନ ଥିଲେ। ଭାରତ ଲାଗି କ୍ରାନ୍ତି ଓ ଦୀପ୍ତି ଶର୍ମା ୩ ଲେଖାଏ ଏବଂ ସ୍ନେହ ରାଣା ୨ ଉଇକେଟ ହାତେଇଥିଲେ। ଟସ୍ ବେଳେ କିମ୍ବା ମ୍ୟାଚ୍ ଶେଷ ହେବା ପରେ ଦୁଇ ଦଳର ଖେଳାଳିମାନେ ପରସ୍ପର ସହ ହାତ ମିଳାଇ ନଥିଲେ, ଯାହାକି ଆଶା କରାଯାଉଥିଲା।



ପ୍ଲେୟର ଅଫ୍ ଦି ମ୍ୟାଚ୍ କ୍ରାନ୍ତି ଗୌଡ଼।

**ସଂକ୍ଷିପ୍ତ ସ୍କୋର**

ଭାରତୀୟ ମହିଳା ଦଳ: ୫୦ ଓଭରରେ ୨୪୭/ଅଲଆଉଟ୍ (ହର୍ଲିନ ଦେଓଲ-୪୬, ରିଚା ଘୋଷ-୩୫*, ଜେମିମା ରୋଡ୍ରିଗୁଏଜ-୩୨, ଡାଏନା ବେଗ-୪/୬୯, ଫାତିମା ସାନା-୨/୩୮, ସାଦିଆ ଇକବାଲ-୨/୪୭)। ପାକିସ୍ତାନ: ୪୩ ଓଭରରେ ୧୫୯/ଅଲଆଉଟ୍ (ସିଦ୍ରା ଆମିନ-୮୧, ନାଟାଲିଆ ପରଭେଜ-୩୩, କ୍ରାନ୍ତି ଗୌଡ଼-୩/୨୦, ଦୀପ୍ତି ଶର୍ମା-୩/୪୫, ସ୍ନେହ ରାଣା-୨/୩୮)।

## ଟସ୍‌କୁ ନେଇ ଦ୍ୱନ୍ଦ୍ୱ

ମ୍ୟାଚ୍ ଆରମ୍ଭରୁ ଖୁବ ଦ୍ୱନ୍ଦ୍ୱ ଦେଖାଦେବା ସହ ଟସ୍ ବେଳେ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଥିଲା। ଭାରତୀୟ ଦଳର ଅଧିନାୟିକା ହରମନପ୍ରୀତ କୌର ଟସ୍ ପକାଇଥିବା ବେଳେ ଫାତିମା 'ଟେଲ' ବୋଲି ଡାକିଥିଲେ। ହେଲେ ମ୍ୟାଚ୍ ରେଫରି ଶାଣ୍ଡ୍ରେ ଫ୍ରିଜ୍ ଓ ଘୋଷକ ମେ ଜୋନ୍ସଙ୍କୁ 'ହେଡ୍' ବୋଲି ଶୁଣାଯାଇଥିଲା। ଟସ୍‌ରେ ହେଡ୍ ଆସିବା ପରେ ଫାତିମା ଟସ୍ ଜିତିଥିବା ନେଇ ଘୋଷକ ଜୋନ୍ସ କହିଥିଲେ। ପରେ ଫାତିମା ପ୍ରଥମେ ଫିଲ୍ଡିଂ କରିବେ ବୋଲି କହିଥିଲେ। କିନ୍ତୁ ହରମନପ୍ରୀତ ରେଫରିଙ୍କ ନିଷ୍ପତ୍ତି ଉପରେ ଆପତ୍ତି ଉଠାଇ ନ ଥିଲେ।

## ବାଧକ ସାଜିଲେ କୀଟ

ଭାରତୀୟ ଦଳ ବ୍ୟାଟିଂ କରୁଥିବା ବେଳେ ଗ୍ରାଉଣ୍ଡରେ କୀଟଙ୍କ ସଂଖ୍ୟା ବୃଦ୍ଧି ପାଇବାରୁ ମ୍ୟାଚ୍ ଦୁଇ ଥର ବାଧାପ୍ରାପ୍ତ ହୋଇଥିଲା। କୀଟଙ୍କ ସଂଖ୍ୟା ବୃଦ୍ଧି ଯୋଗୁ ଉଭୟ ଦଳର ଖେଳାଳିଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଶେଷରେ ଗ୍ରାଉଣ୍ଡ ଷ୍ଟାଫ ପେଷ୍ଟ କଣ୍ଟ୍ରୋଲ ସ୍ପ୍ରେ ବ୍ୟବହାର କରିଥିଲେ। ଏଥିଲାଗି ମ୍ୟାଚ୍ ୧୫ ମିନିଟ୍ ପାଇଁ ବାଧାପ୍ରାପ୍ତ ହୋଇଥିଲା।

# ହାତ ମିଳାଇଲେ ନାହିଁ

ପାକିସ୍ତାନ ବିପକ୍ଷ ମ୍ୟାଚ୍‌ରେ ଭାରତର ହାତ ନ ମିଳାଇବା ଧାରା ଜାରି ରହିଛି। ରବିବାର ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯାଇଥିବା ମହିଳା ଦିନିକିଆ ବିଶ୍ୱକପ୍ ମ୍ୟାଚ୍‌ରେ ଦୁଇ ଦଳର ଅଧିନାୟିକା ଯଥାକ୍ରମେ ହରମନପ୍ରୀତ କୌର ଓ ଫାତିମା ସାନା ଟସ୍ ବେଳେ ପରସ୍ପର ସହ ହାତ ମିଳାଇ ନ ଥିଲେ। ଆଇସିସି ମ୍ୟାଚ୍ ରେଫରି ଶାଣ୍ଡ୍ରେ ଫ୍ରିଜ ଦୁଇ ଦଳର ଅଧିନାୟିକାଙ୍କୁ



ଅଲଗା ଅଲଗା କରି ମ୍ୟାଚ୍ ପ୍ରୋଟୋକଲ ବୁଝାଇଥିଲେ। ତେବେ ପାକିସ୍ତାନ ଖେଳାଳିଙ୍କ ସହ ଭାରତୀୟ ଖେଳାଳି ହାତ ନ ମିଳାଇବା ଧାରା ଗତ ମାସରେ ଅନୁଷ୍ଠିତ ଏସିଆ କପ୍‌ରୁ ଆରମ୍ଭ ହୋଇଥିଲା। ପୂରା ଟୁର୍ନାମେଣ୍ଟରେ ଦୁଇ ଦଳ ପରସ୍ପରକୁ ଫାଇନାଲ ସମେତ ୩ ଥର ଭେଟିଥିଲେ। ହେଲେ ପ୍ରତ୍ୟେକ ଥର ଭାରତୀୟ ଦଳ ନୋ-ହ୍ୟାଣ୍ଡଶେକ ନୀତି ଆପଣେଇଥିଲା।








Authorized Dealers: Baripada: Aditya Hero, Ph: 7799766370, Bhadrak: Sanjib Hero, Ph: 9289922608, Cuttack: JMG Hero, Ph: 9289922178, Sunny Hero, Ph: 9289922697, Essen Hero, Ph: 9289923078, Jagatsinghpur: SUNNY AUTOBIKES , Ph: 9289233592, Bhubaneswar: Rohan Hero, Ph: 9289922474, Bharat Hero, Ph: 9289922180, DD Hero, Ph: 0674-2747448 / 9439650824, Arundhati Hero, Ph: 9289923183, Vishal Hero, Ph: 9289922984, Nayagarh: Bhagabati Hero, Ph: 9289922687, Puri: Sanjib Hero, Ph:9289923107,Chandikhol: S. K. Hero, Ph: 9289922900, , Jajpur Road: Soumik Hero, Ph: 9289922611 Authorized HeroSure Dealers: Bhubaneshwar: Arundhati Motobikes ,Ph- 7682841658 Associate Dealers: Telkoi:Panchamukhi Motors-9717004926, Barbil:Wheels Motors-9776931870 Rairangpur:Maa Sakambari Motors-7008581719, Mayurbhanj:Jk Motors-9040909925, Mayurbhanj:Mahaveer Motors-7326872255/9853290346, BasudevPur:Bidyalalita Automobile-9827487072, Kamrda:Siddhivinayak Motors-7208675074 , Rahama:Sarala Automobiles-9937018532, Kendrapara: Baishnabi Motors-9437000437 Pattamundai:Mishra Auto-9853843713, Narsinghpur:Ambika Motocorp-9861811411, Nimapara:Basudev Automobiles-9861020724, Pipili:Shri Ram Motors-9437110789, Balugaon: Mahamayee Motors-9437004624, Khurdha:Dinesh Trading Co.-9778097876, Sakhigopal:Sai Motors-9439765820, Begunia:Rashmi Automobiles-9178316145, Balipatna:M/S Jagannath Motors-7064309702, Chandpur:Apsara-9861418161, Khuakia:Binayak Automobiles-9090444379 Jajpur Town:Ayush Automobiles-9556189870, Champus: SK Motors- 9437200263, Banamalipur: Duladei Motors- 7735425890, Sunderpada:Basudev Motors- 6371525029, Nakhra: S.G. Automobiles- 9778779778, Balichandanpur: Tarini Motocorp- 9437118933, Nischitakoili: AJS Automobiles- 9439754039, , Katikata: Naaz Automobiles- 9866243937, Tangi: Sanam Motors- 9438703786, Turmunga: Maa Tarini Motors- 9777780823, Harichandanpur: Kalindi Motors- 9938989407, Anandapur: Gouranga Motors- 7008437346, Aul:Mohanty Motors-9937425871



1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ